
ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୫/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, January 15/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୫୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 53 ମୂଲ୍ୟ ₹୭/-

# ମଧ୍ୟାହ୍ନଭୋଜନରେ ମିଳିବ କ୍ଷୀର

ଭୁବନେଶ୍ୱର,୧୪।୧ (ଅନିଲ ଦାସ)



ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଏବେ ମଧ୍ୟାହ୍ନ ଭୋଜନରେ କ୍ଷୀର ଦେବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅଧୀନରେ ମୟୂରଭଞ୍ଜର ରାଇରଙ୍ଗପୁରରେ ପାଇଲଟ ପ୍ରୋଜେକ୍ଟ ଭାବେ ଏହାର ଶୁଭାରମ୍ଭ କରାଯାଇଛି। ଜିଲାର ୨୯ଟି ସ୍କୁଲରେ ୧୧୮୪ ପିଲାଙ୍କୁ ୨୦୦ ମିଲିଲିଟର ଲେଖାଏ ଭିଟାମିନ୍ ଏ' ଏବଂ ଡି' ଯୁକ୍ତ କ୍ଷୀର ଦେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପରେ ରାଜ୍ୟ ସରକାର ସମସ୍ତ ସ୍କୁଲରେ ଏହା ଲାଗୁ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ମଙ୍ଗଳବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ପିଲାଙ୍କୁ ପୋଷଣ ଓ ପ୍ରୋଟିନ୍ ଯୋଗାଇବାକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଛି। ଆଗାମୀ ଦିନରେ ସମଗ୍ର ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ୨୦୦ ମିଲିଲିଟର ଭିଟାମିନ ଏ' ଏବଂ ଡି' ଯୁକ୍ତ କ୍ଷୀର ଦେବାକୁ ସରକାର ଯୋଜନା କରୁଥିବା ମନ୍ତ୍ରୀ କହିଛନ୍ତି। ମୁଖ୍ୟତଃ ଗ୍ରାମାଞ୍ଚଳ ପିଲା ଉପଯୁକ୍ତ ପୋଷଣ ପାଇପାରୁ ନ ଥିବାରୁ ସେମାନଙ୍କର ଠିକ୍ ଭାବେ ବିକାଶ ହୋଇ ପାରୁନି। ସେମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ମଧ୍ୟାହ୍ନଭୋଜନରେ ମଧ ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଥିଲା। ମୟୂରଭଞ୍ଜରେ ଗୋ-ସମାବେଶ, ଓମ୍‌ଫେଡ୍‌କୁ ବିପଣନ ସହାୟତା ଏବଂ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଭିଡିଓ କନ୍‌ଫରେନ୍ସ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୟୂରଭଞ୍ଜର ୩ହଜାର ଚାଷୀଙ୍କୁ ଅଧିକ କ୍ଷୀର ଦେଉଥିବା ଗାଈ ପ୍ରଦାନ କରାଯାଇଛି। ମୟୂରଭଞ୍ଜରେ ଗୋକୁଳ ମିଶନ୍‌ର ମଧ ଶୁଭାରମ୍ଭ ହୋଇଛି। ପାଇଲଟ୍ ପ୍ରକଳ୍ପ ଭାବରେ ଏହାକୁ ମୟୂରଭଞ୍ଜ ଜିଲାରେ କାର୍ଯ୍ୟକାରୀ କରାଯିବ। ଏଥିରେ ୨ଟି ଗାଈ ପାଇଁ ୭୦ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ରାଜ୍ୟର ସମସ୍ତ ଜିଲାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମଧ ଲାଗୁ ହୋଇଛି। ରାଜ୍ୟ ସରକାର ୨୦୨୪ ନଭେମ୍ବର ୩୦ରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ଖର୍ଚ୍ଚ ଡିସେମ୍ବର ପହିଲାରୁ ପ୍ରଦାନ କରାଯାଉଛି । ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୭ ଟଙ୍କା ୬୪ ପଇସାକୁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି କରାଯାଇଛି। ପୂର୍ବରୁ ଛାତ୍ରୀଛାତ୍ରଙ୍କ ପାଇଁ ଏହି ଖର୍ଚ୍ଚ ୫ ଟଙ୍କା ୯୦ ପଇସା ଥିଲା। ସେହିପରି ଉଚ୍ଚ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଖର୍ଚ୍ଚ ୮ ଟଙ୍କା ୮୨ ପଇସା ଥିଲା। ରାଜ୍ୟ ସରକାରଙ୍କ ମଧ୍ୟାହ୍ନଭୋଜନରେ ଦୁଗ୍ଧକୁ ସାମିଲ କରିବା ନିଷ୍ପତ୍ତିକୁ ନିଖିଳ ଓଡିଶା ଦୁଗ୍ଧ ମହାସଂଘ ସ୍ୱାଗତ କରିଛି। ସଂଘର ସଭାପତି ରବି ବେହେରା କହିଛନ୍ତି ଯେ, ୨୦୧୫-୧୬ରୁ ମଧ୍ୟାହ୍ନ ଭୋଜନରେ କ୍ଷୀରକୁ ସାମିଲ କରିବାକୁ ଦାବି କରି ଆସୁଥିଲୁ। ତତ୍କାଳୀନ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଅଧ୍ୟକ୍ଷତାରେ ମଧ ନିଷ୍ପତ୍ତି ହୋଇଥିଲା। ତେବେ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ତାହା କାର୍ଯ୍ୟକାରୀ ହୋଇ ନ ଥିଲା। ବର୍ତ୍ତମାନ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଥିବାରୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ରାଜ୍ୟର ଦୁଗ୍ଧଚାଷୀ ଉପକୃତ ହୋଇ ପାରିବେ ବୋଲି ସେ କହିଛନ୍ତି।



# ରୁଷିଆ ସେନାରେ ଥିବା ସବୁ ଭାରତୀୟଙ୍କୁ ମୁକ୍ତକର

**ନୂଆଦିଲ୍ଲୀ,୧୪।୧**

ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପାଇଁ ଲଢୁଥିବା ଜଣେ କେରଳୀ ଯୁବକଙ୍କ ମୃତ୍ୟୁ ଓ ଅନ୍ୟ ଜଣେ ଆହତ ହେବା ଘଟଣାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମସ୍କୋ ନିକଟରେ ଉଠାଇଛି। ସେନାରେ ସାମିଲ ହୋଇଥିବା ସମସ୍ତ ଭାରତୀୟଙ୍କୁ ତୁରନ୍ତ ଫେରାଇଦେବା ପାଇଁ ନୂଆଦିଲ୍ଲୀ ରୁଷିଆ ସରକାରଙ୍କୁ କହିଥିବା ମନ୍ତ୍ରଣାଳୟ ମଙ୍ଗଳବାର



ବିନିଲ ଟି.ବି.

ସୂଚନା ଦେଇଛି। ଅନ୍ୟମାନଙ୍କୁ ତୁରନ୍ତ ଫେରାଇ ଅଣାଯିବ ବୋଲି

### ମସ୍କୋକୁ ଜଣାଇଲା ବହିର୍ବ୍ୟାପାର ମନ୍ତ୍ରଣାଳୟ

ମନ୍ତ୍ରଣାଳୟ ପ୍ରତିଶ୍ରୁତି ଦେଇଛି। କେରଳ ଥ୍ରୀଶୂର ଜିଲାର ବିନିଲ ଟି.ବି. ରୁଷିଆ ସେନାରେ ରହି ଯୁଦ୍ଧ କରୁଥିବାବେଳେ ପ୍ରାଣ ହରାଇଥିଲେ। ଏଥିସହିତ ତାଙ୍କ ସମ୍ପର୍କୀୟ ଜୈନ ଟି.କେ ଆହତ ହୋଇଥିଲେ। ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କୁ ବହୁବାର ନିବେଦନ କରାଯାଇଥଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ବୋଲି ବିନିଲଙ୍କ ସମ୍ପର୍କୀୟ କହିଛନ୍ତି। ଡ୍ରୋନ୍ ଆକ୍ରମଣ ଯୋଗୁ ଉଭୟ ଆହତ ହୋଇଥିବା କିଛିଦିନ ପୂର୍ବରୁ ପରିବାରକୁ ଖବର ମିଳିଥିଲେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା।

# କାଉନ୍‌ସେଲିଂ ନାଁରେ ୧୫ ବର୍ଷରେ ୫୦ ଯୁବତୀଙ୍କୁ ବଳାତ୍କାର

**ନାଗପୁର,୧୪।୧**

୧୫ ବର୍ଷରେ ଅନ୍ୟୁନ ୫୦ ଜଣ ନାବାଳିକା ଓ ଯୁବତୀଙ୍କୁ ବଳାତ୍କାର ଏବଂ ବ୍ଲାକ୍‌ମେଲିଂ କରିଥିବା ଅଭିଯୋଗରେ ଜଣେ ୪୭ ବର୍ଷୀୟ ମନସ୍ତତ୍ତ୍ୱବିତ୍‌ଙ୍କୁ ନାଗପୁରରୁ ଗିରଫ କରାଯାଇଛି। ରାଜେଶ ଧୋକେ ନାମକ ଏହି ମନସ୍ତତ୍ତ୍ୱବିତ୍ ୨ ପିଲାଙ୍କ ବାପା। ସେ କାଉନ୍‌ସେଲିଂ ଦେବା ବାହାନାରେ ଯୁବତୀମାନଙ୍କୁ ପ୍ରଲୋଭିତ କରାଇ ନିଜ କ୍ୟାମ୍ପରେ ବଳାତ୍କାର କରୁଥିଲେ। ରାଜେଶଙ୍କ ବିରୋଧରେ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନ ଏବଂ ଅନୁସୂଚିତ ଜାତି

### ମନସ୍ତତ୍ତ୍ୱବିତ୍ ଗିରଫ

ଓ ଜନଜାତି (ଅତ୍ୟାଚାର ପ୍ରତିକାର) ଆଇନ ଅନୁଯାୟୀ ୩ଟି ମାମଲା ରୁଜୁ ହୋଇଛି।

ପୋଲିସ କହିବା ଅନୁଯାୟୀ, ଭଣ୍ଡାରା ଏବଂ ଗୋଣ୍ଡିଆ ଭଳି ଗ୍ରାମାଞ୍ଚଳରେ ରାଜେଶ ବ୍ୟକ୍ତିତ୍ୱ ବିକାଶ କ୍ୟାମ୍ପ୍ ଆୟୋଜନ କରୁଥିଲେ। ସେହି କ୍ୟାମ୍ପରେ ଯୁବତୀଙ୍କୁ ବଳାତ୍କାର କରିବା ସହ ଯୌନ ନିର୍ଯାତନା ଦେଉଥିଲେ। ପୀଡ଼ିତା ଯେପରି ଘଟଣା ସମ୍ପର୍କରେ ପୋଲିସକୁ ନ ଜଣାଇବେ, ସେଥିପାଇଁ ସେ ସେମାନଙ୍କ ଫଟୋ ରଖି ବ୍ଲାକ୍‌ମେଲ୍ କରୁଥିଲେ। ଏପରିକି ପୀଡ଼ିତା ବିବାହ କରିବା ପରେ ମଧ୍ୟ ରାଜେଶ ସେମାନଙ୍କୁ ଧମକ ଦେଇ ବଳାତ୍କାର କରିଆସୁଥିଲେ ବୋଲି ପୋଲିସ କହିଛି। ସେ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳାଙ୍କୁ ଅସଦାଚରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ମହିଳାମାନଙ୍କ ପ୍ରତି ତାଙ୍କ ଅନୁପଯୁକ୍ତ ଆଚରଣର ଚିତ୍ର ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ଏହି କାରଣରୁ ସେ ଅନେକ ସମୟରେ ମାଡ଼ ଖାଇଥିଲେ ମଧ୍ୟ ତାଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ଘଟି ନ ଥିଲା।

## ହସ୍ପିଟାଲରେ ହୁଇଲ ଚେୟାର ନ ମିଳିବାରୁ ସ୍ୱାମୀଙ୍କୁ ପିଠିରେ କାନ୍ଧେଇ ନେଲେ



**କୋଲକାତା, ୧୪।୧**

ପଶ୍ଚିମବଙ୍ଗର ଉତ୍ତର ଦିନାଜପୁର ଜିଲା ରାଇଗଞ୍ଜ ମେଡିକାଲ କଲେଜରେ ସଳିତା ବର୍ମନ ନାମ୍ନୀ ଜଣେ ଗୃହିଣୀ ନିଜ ଅସୁସ୍ଥ ସ୍ୱାମୀ ପରିତୋଷ ବର୍ମନ(୫୧)ଙ୍କୁ ପିଠିରେ କାନ୍ଧେଇ ନେଉଥିବାର ଏକ ଭିଡିଓ ମଙ୍ଗଳବାର ଭାଇରାଲ ହୋଇଛି। ହସ୍ପିଟାଲ ପକ୍ଷରୁ ତାଙ୍କ ସ୍ୱାମୀଙ୍କ ପାଇଁ ହୁଇଲ୍ ଚେୟାର ଯୋଗାଇଦେବାକୁ ମନା କରାଯାଇଥିବା ସଳିତା କହିଛନ୍ତି।

# ଭୂକମ୍ପ ସତର୍କତା ପଦ୍ଧତି ବିକଶିତ କର



ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ୧୫୦ତମ ସ୍ଥାପନା ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ ଓ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର।

**ନୂଆଦିଲ୍ଲୀ, ୧୪।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ୧୫୦ତମ ସ୍ଥାପନା ଦିବସ ସମାରୋହରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ଦେଶର ପାଣିପାଗ ବିଜ୍ଞାନୀଙ୍କ

### ବୈଜ୍ଞାନିକଙ୍କୁ ମୋଦିଙ୍କ ପରାମର୍ଶ

ପକ୍ଷରୁ ବିକଶିତ ହୋଇଥିବା 'ମିଶନ ମୌସମ'କୁ ଲଞ୍ଚ୍ କରିଛନ୍ତି। ଦେଶକୁ ଭୂକମ୍ପ ନେଇ ସତର୍କତା କରାଉଥିବା ପଦ୍ଧତିକୁ ବିକଶିତ କରିବା ପାଇଁ ଏହି ଅବସରରେ ମୋଦି ଉପସ୍ଥିତ ପାଣିପାଗ ବିଜ୍ଞାନୀଙ୍କୁ ଆହ୍ୱାନ କରିଛନ୍ତି। ଏହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଦେଶ ସହୁଥିବା କ୍ଷତି ହ୍ରାସ ହୋଇପାରିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, କୌଣସି ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ପାଣିପାଗ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରିବା ପାଇଁ ପାଣିପାଗ ବିଭାଗର ଦକ୍ଷତାକୁ ବଢ଼ାଇବାକୁ ପଡ଼ିବ। ତେଣୁ ଏ ଦିଗରେ ବିଜ୍ଞାନର ଅଗ୍ରଗତି ଏବଂ ଏହାର ପୂର୍ଣ୍ଣ ସାମର୍ଥ୍ୟକୁ ବ୍ୟବହାର କରିବାର ଆବଶ୍ୟକତା ଥିବା ମୋଦି କହିଛନ୍ତି।

# ଯୁଦ୍ଧବିରତି ଚିଠା ଚୁକ୍ତିନାମା ଗ୍ରହଣକଲା ହମାସ୍

**କାଏରୋ,୧୪।୧**

ଗାଜାରେ ଯୁଦ୍ଧବିରତି ଏବଂ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଏକ ଚିଠା ରାଜିନାମାକୁ ହମାସ୍ ଗ୍ରହଣ କରିଛି। ବୁଝାମଣାରେ ଯଥେଷ୍ଟ ଅଗ୍ରଗତି ଘଟିଥିଲେ ମଧ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହୋଇ ନ ଥିବା ମଧ୍ୟସ୍ଥ କାତାର କହିଛି। ପ୍ରସ୍ତାବିତ ଚୁକ୍ତିନାମା ନକଲ ଆସୋସିଏଟେଡ୍ ପ୍ରେସ୍‌ର ହସ୍ତଗତ ହୋଇଥିବାବେଳେ ଇଜିପ୍ଟ ଏବଂ ହମାସ୍‌ର ଅଫିସିଆଲ ଏହାର ପ୍ରାମାଣିକତାକୁ ସ୍ପଷ୍ଟ କରିଛନ୍ତି।

୨୦୨୩ ଅକ୍ଟୋବର ୭ରୁ ୧୫ ମାସ ହେଲା ଇସ୍ରାଏଲ୍-ହମାସ୍ ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ଲାଗି ଆମେରିକା, ଇଜିପ୍ଟ ଏବଂ କାତାର ଦୀର୍ଘଦିନ ହେଲା ଉଦ୍ୟମ ଚଳାଇଆସୁଛନ୍ତି। ଏବେବି ପ୍ରାୟ ୧୦୦ ଇସ୍ରାଏଲୀ ପଣବନ୍ଦୀ ଗାଜାରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶଙ୍କ ମୃତ୍ୟୁ ଘଟିଥିବା ଇସ୍ରାଏଲୀ ସେନା ବିଶ୍ୱାସ କରୁଛି। ଆସନ୍ତା ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଯୁଦ୍ଧବିରତି ଚୁକ୍ତିନାମା ଚୂଡ଼ାନ୍ତ ହେବା ନେଇ ଅଧିକାରୀମାନେ ଆଶାବାଦୀ ରହିଛନ୍ତି।

## ଇସ୍ରାଏଲ ଆକ୍ରମଣରେ ୧୮ ମୃତ

**ଦେଇର୍ ଅଲ୍-ବଲାହ,୧୪।୧**

ଯୁଦ୍ଧବିରତି ଉଦ୍ୟମ ଜାରି ରହିଥିବା ସତ୍ତ୍ୱେ ଇସ୍ରାଏଲୀ ସେନା ଆକ୍ରମଣ ବନ୍ଦ କରିବା ନାଁ ଧରୁନାହିଁ। ସୋମବାର ରାତିରେ ଇସ୍ରାଏଲୀ ସେନା ଆକ୍ରମଣରେ ଗାଜାର ଅନ୍ୟୁନ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଓ ୪ ପିଲା ଅଛନ୍ତି। ୟେମେନ୍‌ରୁ ଇରାନ ସମର୍ଥିତ ହୁଟି ବିଦ୍ରୋହୀମାନେ ଇସ୍ରାଏଲ୍ ଉପରେ ଏକ ମିଶାଇଲ୍ ମାଡ଼ କରିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବ୍ରହ୍ମଗିରିର ସାଦ୍ୟାନ୍ତ

**ବ୍ରହ୍ମଗିରି,୧୪।୧**
**(ସ୍ୱାଧୀନ ଚମ୍ପତିରାୟ)**

ପାଠପଢ଼ା ସହ ଖବରକାଗଜର ଶିଶୁ ପୃଷ୍ଠା, ଶିଶୁ ପତ୍ରିକା ସମ୍ପାଦକ ଓ ଓଡ଼ିଆରେ ଗଳ୍ପ ଲେଖି ବ୍ରହ୍ମଗିରି ବ୍ଲକ ଅଧୀନ ବିଜିପୁର ଗ୍ରାମର ସାଦ୍ୟାନ୍ତ ଶତପଥୀ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ଶୁଭନାରାୟଣ ଶତପଥୀ ଓ ସୋନାଲି ହୋତାଙ୍କ ପୁତ୍ର। ସେ ବର୍ତ୍ତମାନ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି।




ସାଦ୍ୟାନ୍ତ ଶତପଥୀ

୨୦୨୩ରେ ତାଙ୍କ ଦ୍ୱାରା ଲିଖିତ ଓ ଲିପିକା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଓଡ଼ିଆ ଗଳ୍ପ ସଂକଳନ 'ସାଦ୍ୟାନ୍ତ ଗଳ୍ପମାଳା' ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ୮ ବର୍ଷ ବୟସରେ କୋଭିଡ୍ ଲକ୍ ଡାଉନ ସମୟରେ ସେ ଘରେ ରହି ଅନ୍‌ଲାଇନରେ ପାଠ ପଢ଼ିବା ସହିତ ଅବସର ସମୟରେ ଚିତ୍ରାଙ୍କନ, ଗଳ୍ପ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ପ୍ରଥମ ଓଡ଼ିଆ ଗଳ୍ପ 'ସିନୁ ଘରେ ବେଙ୍ଗ' ଅନ୍ୟତମ। ଇତିମଧ୍ୟରେ ତାଙ୍କ ରଚିତ ୧୫୦ରୁ ଊର୍ଦ୍ଧ୍ୱ ଚିତ୍ରାଙ୍କନ, ୫୦ରୁ ଊର୍ଦ୍ଧ୍ୱ ଇଂଲିଶ୍ ଓ ଓଡ଼ିଆ ଭାଷାରେ ଗଳ୍ପ କବିତା ବିଭିନ୍ନ ଖବରକାଗଜ ଓ ଶିଶୁ ପତ୍ରିକାରେ ପ୍ରକାଶିତ ହୋଇଛି। ଘର ଓ ପରିବେଶର ଘଟଣା ଦୁର୍ଘଟଣାରୁ ଶିକ୍ଷାଲାଭ କରି ଗଳ୍ପ କବିତା ରଚନା କରିଥିବା କୁହନ୍ତି ସାଦ୍ୟାନ୍ତ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ପରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ବ୍ରହ୍ମଗିରି ରାଜ୍ୟସଭା ସଦସ୍ୟ ଉପାସନା ମହାପାତ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୫/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, January 15/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 53 | ମୂଲ୍ୟ ₹୭/-



ମକର ସଂକ୍ରାନ୍ତିରେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ମେଟା: ଚିନ୍ତାରେ କେନ୍ଦ୍ର

## ଜୁକରବର୍ଗଙ୍କ ନିର୍ବାଚନୀ ମନ୍ତବ୍ୟ

**ନୂଆଦିଲ୍ଲୀ,୧୪।୧**

ଆମେରିକୀୟ ସୋସିଆଲ ମିଡିଆ ଜାଏଣ୍ଟ ମେଟା ସିଇଓ ମାର୍କ ଜୁକରବର୍ଗ ଜାନୁଆରୀ ୧୦ରେ ପୋଡ୍‌କାଷ୍ଟର ଜୋ ରୋଗାନ୍‌ଙ୍କୁ ସାକ୍ଷାତକାର ଦେଇ କହିଥିଲେ, ୨୦୨୪ ଅଧିକାଂଶ ଦେଶରେ ନିର୍ବାଚନର ବର୍ଷ ଥିଲା। ସରକାରଙ୍କ କୋଭିଡ୍ ପରିଚାଳନା ଓ ତତ୍ ପରବର୍ତ୍ତୀ ମୁଦ୍ରାସ୍ଫୀତି କିମ୍ବା ଆର୍ଥିକ ନୀତି ବିଶ୍ୱବ୍ୟାପୀ ନିର୍ବାଚନକୁ ପ୍ରଭାବିତ କରିଥିଲା। ଫଳରେ ଭାରତ ସମେତ କ୍ଷମତାରେ ଥିବା ଅନେକ ଦେଶର ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା କମିଥିଲା। ୨୦୨୪ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହରାଇଥିଲେ ମଧ୍ୟ ଶାସକ ମେଣ୍ଟ ବହୁମତ ବଜାୟ ରଖିପାରିଥିଲା। ଏଥିଯୋଗୁ ନରେନ୍ଦ୍ର ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପଥ ପରିଷ୍କାର ହୋଇଯାଇଥିଲା ବୋଲି ଜୁକରବର୍ଗ କହିଥିଲେ।




ମେଟା ସିଇଓ ମାର୍କ ଜୁକରବର୍ଗ

ଅନ୍ୟପକ୍ଷେ ଜୁକରବର୍ଗଙ୍କ ଏହି ମନ୍ତବ୍ୟକୁ ନେଇ ଭାରତର ସଂସଦୀୟ ସ୍ଥାୟୀ କମିଟି ତାଙ୍କୁ ସମନ ଜାରି କରିବାକୁ ଯାଉଛି। ଭୁଲ୍ ତଥ୍ୟ ପ୍ରସାର କରାଇଥିବାରୁ ମେଟାକୁ ସମନ କରାଯିବ ବୋଲି ଭାଜପା ଏମ୍‌ପି ତଥା ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସଂସଦୀୟ କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ ମଙ୍ଗଳବାର କହିଛନ୍ତି। ଏଥିସହ ସଂସଦୀୟ କମିଟି ଏବଂ ଦେଶବାସୀଙ୍କ ନିକଟରେ ମେଟା କ୍ଷମା ମାଗୁ ବୋଲି ଦୁବେ ଦାବି କରିଛନ୍ତି। ଏହାର ଦିନକ ପୂର୍ବରୁ ଜୁକରବର୍ଗଙ୍କ ଦାବିକୁ ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଖଣ୍ଡନକରି ଏହାକୁ 'ତଥ୍ୟଗତ' ଭୁଲ୍ ବୋଲି କହିଥିଲେ।

ଦେଖିବାକୁ ଗଲେ କୋଭିଡ୍ ପରିଚାଳନାରେ ବିଫଳତା କାରଣରୁ ଭାରତ ସରକାରଙ୍କ 'ପତନ' ଘଟିଥିଲା ବୋଲି ଜୁକରବର୍ଗ କୌଣସି ସ୍ଥାନରେ କହିନାହାନ୍ତି। ୨୦୨୪ରେ ଅନୁଷ୍ଠିତ ନିର୍ବାଚନରେ ଆମେରିକା, ବ୍ରାଜିଲ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ବ୍ରିଟେନ୍, ମେକ୍ସିକୋ, ଇଣ୍ଡୋନେସିଆ ଓ ପାକିସ୍ତାନରେ କ୍ଷମତାସୀନ ଦଳ ହାରିଯାଇଥିଲା। ଭାରତରେ ମଧ୍ୟ ଭାଜପାର ଆସନ ପୂର୍ବାପେକ୍ଷା ଯଥେଷ୍ଟ ହ୍ରାସ ପାଇଛି, ଯେଉଁଥିପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଆନ୍ଧ୍ରପ୍ରଦେଶ ☞ପୃଷ୍ଠା–୬

# ମାଟ୍ରିକ୍ ପ୍ରଶ୍ନପତ୍ରରେ ରହିବ ବାର୍‌କୋଡ୍

**କଟକ,୧୪।୧:(କାର୍ତ୍ତିକ ସାହୁ)**

ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚଳିତବର୍ଷ ନୂତନ ପଦକ୍ଷେପ ନିଆଯାଇଛି। ଏଥର ମାଟ୍ରିକ୍ ପରୀକ୍ଷା ପ୍ରଶ୍ନୋତ୍ତର ଖାତାରେ ବାର୍‌କୋଡ୍ ରହିବ, ଯଦ୍ୱାରା ପ୍ରଶ୍ନପତ୍ର ଭାଇରାଲ ହେଲେ ସେ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସହଜରେ ବୋର୍ଡ ମୁଖ୍ୟାଳୟରେ ଜାଣିହେବ। ଫଳରେ ଅତି ସହଜରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

ସୂଚନାନୁସାରେ, ଗତ ବର୍ଷରେ ପ୍ରଶ୍ନପତ୍ର ଭାଇରାଲକୁ ନେଇ ବୋର୍ଡକୁ ଦୁର୍ନାମ ମୁଣ୍ଡେଇବାକୁ ପଡ଼ିଛି। କେଉଁ ପରୀକ୍ଷାକେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଛି ତାହା ଜାଣିବା କଷ୍ଟସାଧ୍ୟ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବୋର୍ଡ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ନୂତନ ବ୍ୟବସ୍ଥାରେ ପ୍ରତି ପ୍ରଶ୍ନପତ୍ରରେ ବାର୍‌କୋଡ୍ ସହ ଏକ ସିକ୍ୟୁରିଟି କୋଡ୍ ମଧ୍ୟ ରହିବ। ସେହିପରି ନମ୍ବରିଂ କରାଯିବା ସହ ପ୍ରଶ୍ନପତ୍ରରେ ଏକ ୱାଟର ମାର୍କ ରହିବ, ଯଦ୍ୱାରା କେଉଁ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଛି, ତାହା ଜାଣିହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ**
ଟ୍ରମ୍ପ୍‌ଙ୍କ ହିସାବ

# ଖୁବ୍‌ଶୀଘ୍ର କେନ୍ଦୁଝରର ଷ୍ଟିଲ୍ ପ୍ଲାଣ୍ଟ ଏମ୍‌ଓୟୁ


**କେନ୍ଦୁଝର,୧୪।୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଖୁବ୍‌ଶୀଘ୍ର ଏମ୍‌ଓୟୁ ସ୍ୱାକ୍ଷରିତ ହେବ। ଆସନ୍ତା ୨୮ ଓ ୨୯ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହେବ ବୋଲି କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଝୁମ୍ପୁରାଠାରେ ନବ ନିର୍ମିତ ଏକ ସେତୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, କେନ୍ଦୁଝର ଜିଲାର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଜିଲାରେ ଖଣିଜ ସମ୍ପଦ ଭରପୂର ହୋଇ ରହିଥିବାରୁ ଖୁବ୍‌ଶୀଘ୍ର ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଚାଲୁ ରହିଛି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି। ଝୁମ୍ପୁରା–ଉଖୁଣ୍ଡା ରାସ୍ତାର କେନାଲ ଉପରେ ନିର୍ମିତ ସେତୁ ଦ୍ୱାରା

### ଝୁମ୍ପୁରାରେ ସେତୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଝୁମ୍ପୁରା ଓ ଶ୍ରୀରାମପୁର ଗ୍ରାମ ଯୋଡ଼ି ହୋଇ ଯୋଗାଯୋଗର ସୁବିଧା ହୋଇପାରିଛି। ଏହା ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ସହିତ ଦୈନିକ ୫ରୁ ୧୦ ହଜାର ଲୋକ ଉପକୃତ ହେବେ। ଏହି ସେତୁର ଦୈର୍ଘ୍ୟ ୬୭ ମିଟର ଓ ଆପ୍ରୋଚ ରୋଡ୍ ୧୭୫ ମିଟର ରହିଥିବା ସୂଚନା ମିଳିଛି।

(ଫଟୋ: ପୃଷ୍ଠା–୬)






# ପ୍ରଚ୍ଛଦପଟରେ ଦୀପାଳି-ଟଙ୍କଧର ବିବାଦ

ଝାରସୁଗୁଡ଼ା,୧୪।୧
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ଅନାସ୍ଥା ପ୍ରସ୍ତାବ ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆଲୋଚନା ଚାଲିଛି। କୃଷ୍ଣପ୍ରିୟାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସକାଶେ ଜିଲା ପ୍ରଶାସନ ନ ଶୁଣିବାରୁ ସୁଲେଇ ପଞ୍ଚାୟତ ସମିତି ସଭ୍ୟା ସବିତା ଅଗ୍ରୱାଲ ହାଇକୋର୍ଟ ଯାଇଥିଲେ। ଉଚ୍ଚ ନ୍ୟାୟାଳୟ ମାମଲାର ବିଚାର କରି ଦୀର୍ଘ ୪ ମାସ ପରେ ଅର୍ଥାତ୍ ଜାନୁଆରୀ ୧୦ ତାରିଖ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ହେବ ବୋଲି ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ୯ ତାରିଖ ରାତିରେ ଖେଳ ଆରମ୍ଭ କରିଥିଲେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ବିରୋଧୀ ଗୋଷ୍ଠୀ। ଅର୍ଥାତ୍ ଝାରସୁଗୁଡ଼ା ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ଏଥିରେ ମୁଣ୍ଡ ପୂରାଇଥିଲେ। ସୂଚନା ଦିଆଯାଇପାରେ ଯେ, ଦୀପାଳି ତାଙ୍କ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ପରିବାରକୁ ଦୀର୍ଘଦିନ ଅଜ୍ଞାତବାସରେ ରଖିଥିଲେ। ଟଙ୍କଧରଙ୍କ ଗୋଷ୍ଠୀ କାଳେ ସେମାନଙ୍କୁ ପ୍ରଭାବିତ କରିବେ, ସେଥିଲାଗି ଦୀପାଳି ଏଭଳି ପଦକ୍ଷେପ ନେଇଥିଲେ। ତେବେ ୮ ତାରିଖ ଲଇକେରା ଥାନାରେ ପଞ୍ଚାୟତ ପ୍ରତିନିଧି ନିଖୋଜ ଥିବା ନେଇ ଏକ ମାମଲା ଦାଏର ହୋଇଥିଲା। ତାହାକୁ ଆଧାର କରି ସ୍ଥାନୀୟ ପୋଲିସ କିର୍ମିରା ପଞ୍ଚାୟତ ପ୍ରତିନିଧିଙ୍କ ଉପରେ ନଜର ରଖିଥିଲା।

## କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନାସ୍ଥା ପ୍ରସଙ୍ଗ

ଅସଲ ରାଜନୀତି ହେଲା ଭୋଟ ଗ୍ରହଣ ପୂର୍ବଦିନ ସେହିସବୁ ସରପଞ୍ଚ ଓ ସମିତି ସଭ୍ୟଙ୍କ ବିଷୟରେ ସୁରାକ ମିଳିଲା ଯେ ସେମାନେ ଛତିଶଗଡ଼ ମହାସମୃଦ ଜିଲା ସରାଇପାଲିଠାରେ ରାଧିକା ହୋଟେଲରେ ଅଛନ୍ତି। ତେଣୁ ସେହି ପଞ୍ଚାୟତ ପ୍ରତିନିଧିଙ୍କୁ ଝାରସୁଗୁଡ଼ା ଓ ଛତିଶଗଡ଼ ପୋଲିସ ଅଟକ ରଖିଥିବା ସଂକ୍ରାନ୍ତ ଖବର ପାଇବା ପରେ ସ୍ୱର୍ଗତ ନବ ଦାସଙ୍କ ପୁଅ ବିଶାଳ ଦାସ ତାଙ୍କ ସହଯୋଗୀଙ୍କୁ ଧରି ସରାଇପାଲିରେ ପହଞ୍ଚିଥିଲେ। ସୂଚନା ଅନୁସାରେ, ସେହି ଦିନ ଜିଲା ଗୋଇନ୍ଦା ବ୍ୟୁରୋ (ଡିଆଇବି) ଓ ଟେଲିକମ୍ ବିଭାଗ ୧୨ଜଣଙ୍କ ଫୋନ୍ ଟ୍ରାକ୍ କରିବା ସହିତ ବିଶାଳଙ୍କ ଗାଡ଼ିକୁ ଟଙ୍କଧରଙ୍କ ଗୋଷ୍ଠୀର ୪ଟି ଗାଡ଼ି ପିଛା କରୁଥିଲା ବୋଲି ଜଣାପଡ଼ିଥିଲା। ବିଶାଳ ଓ ତାଙ୍କ ସହଯୋଗୀ ସରାଇପାଲି ରାଧିକା ହୋଟେଲରେ ପହଞ୍ଚିବା ପରେ ସେମାନଙ୍କୁ ପୋଲିସ କାବୁ କରି ନେଇ ବାହାରକୁ ଛାଡି ନ ଥିଲା। ୧୦ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଭୋଟ ହେବାର ଥିଲା। କିନ୍ତୁ କୌଣସି ପଞ୍ଚାୟତ ପ୍ରତିନିଧି ନ ପହଞ୍ଚିବାରୁ ଭୋଟ ବାତିଲ ହୋଇଥିଲା। ଏହାପରେ ପୋଲିସ ଅପରାହ୍ନ ୫ଟାରେ ସମସ୍ତଙ୍କୁ ଛାଡ଼ିବା ସହିତ ବିଶାଳ ଓ ତାଙ୍କ ସମର୍ଥକଙ୍କ ନାମରେ ଦଙ୍ଗାର ସଙ୍ଗିନ ମାମଲା ମଧ୍ୟ ରୁଜୁ କରିଥିଲା। ଫଳରେ ବିଜେଡି ନେତାମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ ଓ ଏପରିକି ଦଳୀୟ ସଭାପତି ନବୀନ ପଟ୍ଟନାୟକ ଏହି ଘଟଣାରେ ହସ୍ତକ୍ଷେପ କରିଥିଲେ। ଅନାସ୍ଥା ଭୋଟ ସ୍ଥଗିତ ହେବା ସତ୍ତ୍ୱେ ବିଜେଡି ଓ ଭାଜପା ନେତାମାନେ ପରସ୍ପରକୁ ଦୋଷାରୋପ କରିବାରେ ଲାଗିଛନ୍ତି।

## ସମର୍ଥକ କାହିଁକି ପାଲଟିଥିଲେ ବିରୋଧୀ

ପୁରୁଣା ଦିନକୁ ମନେପକାଇଲେ ବର୍ତ୍ତମାନର ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ସ୍ୱାମୀ ତେଜରାଜ ସାହୁ ଥିଲେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଏକାନ୍ତ ଅନୁଗତ। ୨୦୧୭ ପଞ୍ଚାୟତ ଭୋଟରେ ନବଙ୍କ ସହାୟତାରେ ତେଜରାଜ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ୨୦୨୨ ନିର୍ବାଚନରେ ମଧ୍ୟ ନବଙ୍କ ସମର୍ଥନରୁ ସ୍ୱାମୀଙ୍କ ପରେ ସ୍ତ୍ରୀ କୃଷ୍ଣପ୍ରିୟା ଅଧ୍ୟକ୍ଷା ପଦ ମଣ୍ଡନ କରିଥିଲେ। ପୋଲିସ ଗୁଳିରେ ନବଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ଉପନିର୍ବାଚନରେ ଦୀପାଳିଙ୍କୁ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ଓ ତାଙ୍କ ସ୍ୱାମୀ ସମର୍ଥନ କରି ତାଙ୍କୁ ବହୁତ ଭୋଟରେ ଆଗୁଆ ରଖିଥିଲେ। କିନ୍ତୁ ଏହାପରେ ୨୦୨୪ ସାଧାରଣ ନିର୍ବାଚନରେ ତେଜରାଜ ସାହୁଙ୍କ ସହ ଦୀପାଳିଙ୍କ ଅପଡ଼ ହୋଇଯାଇଥିଲା। ଆଲୋଚନା ହେଉଛି ଟଙ୍କଧର ତେଜରାଜଙ୍କୁ ହାତ କରି ଦୀପାଳିଙ୍କ ଭୋଟ କାଟିବା ଲକ୍ଷ୍ୟରେ ନୂଆ ଚାଲ ଖେଳିଥିଲେ। ଝାରସୁଗୁଡ଼ାରୁ ତେଜରାଜଙ୍କୁ କଂଗ୍ରେସରୁ ପ୍ରାର୍ଥୀ କରାଇବା ଲାଗି ଉଦ୍ୟମ କରାଯାଇଥିଲା, କିନ୍ତୁ ତାଙ୍କୁ ଟିକେଟ ମିଳି ନ ଥିଲା। ଏଭଳି ଘଟଣା ଦେଖି ଦୀପାଳି ଓ ତାଙ୍କ ଗୋଷ୍ଠୀ ତେଜରାଜଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ହେଲେ ତେଜରାଜ କୁହନ୍ତି, କମ୍ପାନୀର ପାଉଁଶ କିର୍ମିରା ଅଞ୍ଚଳରେ ଦୀପାଳି ପକାଇବାକୁ କହୁଥିଲେ। ସେଥିରେ ରାଜି ନ ହେବାରୁ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଦୀପାଳିଙ୍କ ଲୋକ ହଇରାଣ କଲେ। ଦୀପାଳିଙ୍କ କହିବା ଅନୁଯାୟୀ ତାଙ୍କ ପିତା ତେଜରାଜଙ୍କୁ ରାଜନୀତିକୁ ଆଣିଥିଲେ, କିନ୍ତୁ ସେ ତାଙ୍କ ପରିବାର ସହ ବିଶ୍ୱାସଘାତକତା କରିଛନ୍ତି। ପୁଣି ୨୦୨୪ ନିର୍ବାଚନରେ ତେଜରାଜ ଭାଜପା ପ୍ରାର୍ଥୀ ତଥା ବର୍ତ୍ତମାନର ଝାରସୁଗୁଡା ବିଧାୟକ ଟଙ୍କଧରଙ୍କୁ ସମର୍ଥନ କରିଥିଲେ। ରାଜନୈତିକ ବିଶେଷଜ୍ଞଙ୍କ ମତରେ ସେବେଠାରୁ ଦୀପାଳି ଓ ତେଜରାଜଙ୍କ ମଧ୍ୟରେ ଆହୁରି ଶତ୍ରୁତା ବଢ଼ି ଯାଇଥିଲା। ତେଣୁ ତେଜରାଜ ଟଙ୍କଧରଙ୍କ ଅତ୍ୟନ୍ତ ନିକଟତର ହୋଇଯାଇଥିଲେ। ଟଙ୍କଧରଙ୍କ ହାତରେ କୌଣସି ପଞ୍ଚାୟତ ସମିତି ଅଧ୍ୟକ୍ଷ ନ ଥିବା ବେଳେ କୃଷ୍ଣପ୍ରିୟା ତଥା ତାଙ୍କ ସ୍ୱାମୀ ଆସିବା ଦ୍ୱାରା ଟଙ୍କଧରଙ୍କ ସଙ୍ଗଠନ କିର୍ମିରା ପଞ୍ଚାୟତ ସମିତିରେ ମଜଭୁତ ହୋଇଥିଲା। ଏଭଳି ପରିପ୍ରେକ୍ଷୀରେ କୃଷ୍ଣପ୍ରିୟାଙ୍କୁ ଗାଦିଚ୍ୟୁତ କରିବା ଲାଗି ଦୀପାଳି ଲାଗି ପଡ଼ିଥିଲେ। ତେବେ ଆଗକୁ ଦୀପାଳି କେଉଁ ପ୍ରକାର ରଣନୀତି ଆପଣାଉଛନ୍ତି ଓ ଟଙ୍କଧର କିଭଳି ବାଟରେ ଚାଲୁଛନ୍ତି, ତାହାକୁ ନେଇ ଝାରସୁଗୁଡ଼ାବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।



ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଉପସ୍ଥିତିରେ ଭାଜପାର ପୂର୍ବତନ କାଉନସିଲର ରେଖା ଚୌହାନ ଓ କାଉନସିଲର ପ୍ରାର୍ଥୀ ବିନୟ ଚୌହାନ ଆପ୍‌ରେ ମଙ୍ଗଳବାର ଯୋଗ ଦେଇଛନ୍ତି।

# ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିପଡ଼ିଛି: ବିଜେଡି



ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ ମୁଦୁଲି ଓ ଲେନିନ୍ ମହାନ୍ତି।

ଭୁବନେଶ୍ୱର, ୧୪।୧(ଅନିଲଦାସ)

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ କର୍ତ୍ତବ୍ୟରତ ପୋଲିସ୍ ଅଧିକାରୀଙ୍କୁ ମାଡ଼ ମାରିବା ସହ ଭାଜପା କର୍ମୀଙ୍କୁ ବାଡ଼େଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଅରାଜକତା ଓ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହୋଇଛି ବୋଲି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି ।

ଶଙ୍ଖଭବନରେ ଏକ ଖବରଦାତା ସମ୍ମିଳନୀରେ ମୁଦୁଲି କହିଛନ୍ତି ଯେ, ନୂଆବର୍ଷରେ ନୂଆ ସରକାର ଓଡ଼ିଶାବାସୀଙ୍କୁ ଏକ ଅଲୋଡ଼ା ଉପହାର ଦେଇଛି। ସୋମବାର ନେମାଳଠାରେ ଆଇନମନ୍ତ୍ରୀଙ୍କ ଉପସ୍ଥିତିରେ ଆଇନକୁ ହାତକୁ ନେଇ ଶାସକ ଦଳ ବିଧାୟକ ସାରଦା ପ୍ରଧାନ ଜଣେ କର୍ତ୍ତବ୍ୟରତ ପୋଲିସ୍ ଅଫିସରଙ୍କୁ ଯେଉଁଭଳି ଭାବରେ ମାଡ଼ ମାରିଲେ ତାହା ଅତ୍ୟନ୍ତ ଲଜ୍ଜାଜନକ। ଭାଜପା କର୍ମୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ପିଟୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ କଟକରେ ଆୟୋଜିତ କେନ୍ଦ୍ରମନ୍ତ୍ରୀଙ୍କ ଏକ ସଭାରେ ପୋଲିସ ଉପସ୍ଥିତିରେ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କାର୍ଯ୍ୟକ୍ରମ ପରେ ଅଭିଯୁକ୍ତଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଳେଇ ନେବା ଦେଖିବାକୁ ମିଳିଛି। ବାଡ଼ ଯଦି କ୍ଷେତ ଖାଇବ ଆମେ କହିବା କାହାକୁ ବୋଲି ମୁଦୁଲି କହିଛନ୍ତି।

ମୁଖପାତ୍ର ଲେନିନ୍ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ଦିନ ଭୁବନେଶ୍ୱରର ଛାତି ଉପରେ ଜଣେ ପୋଲିସ୍ ମିତ୍ରକୁ ବର୍ବରୋଚିତ ଭାବେ ହତ୍ୟାକରି ମୁଣ୍ଡ ଗଣ୍ଡି ଅଲଗା କରିଦେବା, ରାଜ୍ୟରେ ଆଇନଶୃଙ୍ଖଳାର ବିକଳ ଚିତ୍ରକୁ ଦର୍ଶାଉଛି। ସ୍ୱଷ୍ଟ ଦିବାଲୋକରେ ଅପରାଧୀମାନେ ଅପରାଧ ଘଟାଇ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ଭାଜପା ସରକାରକୁ ଆସିବା ପରେ ଗତ ୭ମାସ ମଧ୍ୟରେ ପ୍ରାୟ ୧୩ ଶହରୁ ଊର୍ଦ୍ଧ୍ୱ ମହିଳା ବଳାତ୍କାର ଓ ହତ୍ୟାଭଳି ଅପରାଧର ଶିକାର ହୋଇଛନ୍ତି। ଆଇନମନ୍ତ୍ରୀଙ୍କ ଉପସ୍ଥିତିରେ ଶାସକ ଦଳର ବିଧାୟକଙ୍କ ଗୁଣ୍ଡାଗର୍ଦ୍ଦି ହେଉ ବା ୩୦୭ ଦଫାରେ ଅଭିଯୁକ୍ତଙ୍କୁ କେନ୍ଦ୍ରମନ୍ତ୍ରୀ କୋଳାଗ୍ରତ କରିବାରୁ ସ୍ୱଷ୍ଟ ପ୍ରତୀୟମାନ ହେଉଛି ଯେ, ଭାଜପା ନେତାମାନେ ଆଇନର ଊର୍ଦ୍ଧ୍ୱରେ ଏବଂ ଆଇନ ବ୍ୟବସ୍ଥା ପ୍ରତି ସେମାନଙ୍କର ସାମାନ୍ୟତମ ସମ୍ମାନ ନାହିଁ। ରାଜ୍ୟ ସରକାର ତୁରନ୍ତ ମାହାଙ୍ଗା ବିଧାୟକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଲେନିନ୍ କହିଛନ୍ତି।

## Business

# ରେପୋ ରେଟ୍‌ରେ ୦.୨୫% ହ୍ରାସ ଆଶଙ୍କା

ଭୁବନେଶ୍ୱର,୧୪।୧(ଅନୁରାଧା ମହାରଣା)




ଗୋଟିଏ ପଟେ ଦରବୃଦ୍ଧି ଓ ଅନ୍ୟପଟେ ଅର୍ଥ ବ୍ୟବସ୍ଥାରେ ସୁଧାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପାଇଁ ଚିନ୍ତାର କାରଣ ପାଲଟିଛି। ଅର୍ଥବ୍ୟବସ୍ଥାରେ ଗ୍ରାହକଙ୍କ ଚାହିଦା ଅଭାବ କାରଣରୁ କମ୍ପାନୀଗୁଡ଼ିକର ଆୟ ପ୍ରଭାବିତ ହେଉଛି। ଏହି କାରଣରୁ ଦେଶର ଅର୍ଥନୀତିରେ ମନ୍ଥର ଗତି ହେବା ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ସୁଧ ହାର(ରେପୋ ରେଟ୍) ହ୍ରାସ କରିବାକୁ ବଜାର ବିଶେଷଜ୍ଞ ତଥା ଗ୍ଲୋବାଲ ବ୍ରୋକ୍‌ରେଜ୍ ହାଉସ୍ ଆର୍‌ବିଆଇ ନିକଟରେ ଦାବି କରୁଛନ୍ତି। ଡଏଚ୍ ବ୍ୟାଙ୍କ ବିଶେଷଜ୍ଞମାନଙ୍କ ମତାନୁସାରେ, ଫେବୃଆରୀରେ ହେବାକୁ ଥିବା ପରବର୍ତ୍ତୀ ନୀତି କମିଟି ବୈଠକରେ ଆର୍‌ବିଆଇ ନୀତି ହାର ହ୍ରାସ ଚକ୍ରକୁ ୦.୨୫% ହ୍ରାସ କରିବା ଉଚିତ। ବିଶ୍ଳେଷକମାନେ କହିଛନ୍ତି, ସୁଧ ହାର ହ୍ରାସ କରିବା ଦ୍ୱାରା ଅଭିବୃଦ୍ଧି ଉପରେ ଅଧିକ ପ୍ରତିକୂଳ ପ୍ରଭାବ ପଡ଼ିବ। ଏଥିରେ ଯଦି ବିଳମ୍ବ ହୁଏ, ତେବେ ଆର୍‌ବିଆଇ ମଧ୍ୟ ପଛରେ ପଡ଼ିଯିବା ବିପଦ ରହିଛି। ଫେବୃଆରୀ ଏବଂ ଏପ୍ରିଲର ମୁଦ୍ରା ନୀତି ସମୀକ୍ଷାରେ ଆର୍‌ବିଆଇ ନୀତି ହାରକୁ ୦.୨୫ ପ୍ରତିଶତ ହ୍ରାସ କରିବ, ଯାହା ପ୍ରଥମାର୍ଦ୍ଧରେ ରେପୋ ହାରକୁ ୬%ରେ ପହଞ୍ଚାଇବ। ବିଶ୍ଳେଷକମାନେ କହିଛନ୍ତି , ଭାରତରେ ମୁଦ୍ରା ବିତରଣ ଅତି କମ୍‌ରେ ୩ଚତୁର୍ଥାଂଶ ସହିତ କାମକରେ। ତେଣୁ ଫେବୃଆରୀରୁ ହାର ହ୍ରାସ କରିବା ଆର୍‌ବିଆଇ ପାଇଁ ଉପଯୁକ୍ତ ସମୟ ବୋଲି ମତ ପ୍ରକାଶ ପାଇଛି। ସୁଧ ହାର ହ୍ରାସ କରିବାରେ ବିଳମ୍ବ ନ କରିବାକୁ ଆର୍‌ବିଆଇକୁ ପରାମର୍ଶ ଦିଆଯାଇଛି। ଯେତେ ଶୀଘ୍ର ସୁଧ ହାର ହ୍ରାସ ପାଇବ, ଅଭିବୃଦ୍ଧି ଉପରେ କମ୍ ପ୍ରଭାବ ପଡ଼ିପାରେ। ସୂଚନା ଥାଉକି,ଆର୍‌ବିଆଇ ର ପୂର୍ବତନ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଗତ ୧୧ଟି ନୀତି ସମୀକ୍ଷା ସମୟରେ ଆର୍‌ବିଆଇ ସୁଧ ହାରକୁ ସ୍ଥିର ରହିଛି। ତେବେ ଅଭିବୃଦ୍ଧି ବହୁ ତ୍ରୈମାସିକ ସ୍ତରରେ ଖସି ଆସିଛି ଏବଂ ଫେବୃଆରୀରେ ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଅଧୀନରେ ହେବାକୁ ଥିବା ପ୍ରଥମ ସୁଧ ହାର ସମୀକ୍ଷା ଉପରେ ସମସ୍ତଙ୍କ ନଜର ରହିଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୦ (୧୬୯.୬୨) ପଏଣ୍ଟ ବଢ଼ି ୭୬,୫୦୦ (୭୬,୪୯୯.୬୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୦ (୯୦.୧୦) ପଏଣ୍ଟ ବୃଦ୍ଧି ଘଟି ୨୩,୧୭୬ (୨୩,୧୭୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।

## ରିଲାଏନ୍ସ ଜୁଏଲ୍ସର ଡ୍ରିମ୍ ଡାଇମଣ୍ଡ ସେଲ୍

ମୁମ୍ବାଇ,୧୪।୧ (ଅଭୟ ଦାଶ)



ରିଲାଏନ୍ସ ଜୁଏଲ୍ସର ବହୁ ପ୍ରତୀକ୍ଷିତ ତଥା ବାର୍ଷିକ ଅଭିଯାନ 'ଡ୍ରିମ୍ ଡାଇମଣ୍ଡ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍ ଗ୍ରାହକଙ୍କୁ ହୀରାର କାଳଜୟୀ ଉତ୍କର୍ଷକୁ ପାଳନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୧୬ ପର୍ଯ୍ୟନ୍ତ ପରିଚାଳିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ସେଲ୍ ଉପରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଯୋଗାଇ ଦିଆଯାଉଛି। ଏପରିକି ହୀରା ମୂଲ୍ୟ ଓ ମେକିଂ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତର ରିହାତି ପ୍ରଦାନ କରିବା ସହିତ ଅଳଙ୍କାର ସଂଗ୍ରହରେ ଉଜ୍ଜ୍ୱଳିତ ହୀରାଗୁଡିକୁ ସାମିଲ କରିବା ପାଇଁ ଏହି ସେଲ୍ ଗ୍ରାହକଙ୍କୁ ଏକ ଉପଯୁକ୍ତ ସୁଯୋଗରେ ପରିଣତ କରୁଛି।

ସେହିଭଳି ଏକ ବିସ୍ତୃତ ଶୃଙ୍ଖଳାର ହୀରା ଅଳଙ୍କାର ସହ ଚଳିତ ବର୍ଷର ଏହି ଡ୍ରିମ୍ ଡାଇମଣ୍ଡ ସେଲ୍ ପ୍ରତ୍ୟେକ ଅବସରର ଆବଶ୍ୟକତାକୁ ପୂରଣ କରୁଛି। ବିଶେଷକରି ଷ୍ଟେଟ୍‌ମେଣ୍ଟ ବ୍ରାଇଡାଲ ସେଲ୍‌ରୁ ଆରମ୍ଭକରି ସୁନ୍ଦର ରିଙ୍ଗ୍, ସୂକ୍ଷ୍ମ ଇୟରରିଂ, ବହୁମୁଖୀ ବ୍ୟାଙ୍ଗେଲ୍ ଓ ଗ୍ରାଣ୍ଡ ନେକ୍‌ଲେସ୍ ପର୍ଯ୍ୟନ୍ତ ରିଲାଏନ୍ସ ଜୁଏଲ୍ସ ଡାଇମଣ୍ଡ ସେଲ୍ ପ୍ରତ୍ୟେକ ଷ୍ଟାଇଲ ଓ ଅବସର ପାଇଁ କିଛି ଚମତ୍କାର ଉତ୍ପାଦ ପ୍ରଦାନ କରୁଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଆମେ ହୀରାର କାଳଜୟୀ ଆକର୍ଷଣ ଓ ସେଗୁଡିକ ସୂଚିତ କରୁଥିବା ଭାବନାକୁ ଭଲ ଭାବେ ବୁଝିଛୁ।

ଡ୍ରିମ୍ ଡାଇମଣ୍ଡ ସେଲ୍‌କୁ ଏଭଳି ମୂଲ୍ୟବାନ୍ ରତ୍ନଗୁଡିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଯତ୍ନର ସହ ନିର୍ମାଣ କରାଯାଇଛି, ଯାହା ଗ୍ରାହକଙ୍କୁ ସ୍ୱତନ୍ତ୍ର ମୁହୂର୍ତ୍ତଗୁଡିକ ପାଳନ କରିବା ଏବଂ ସମୃଦ୍ଧତା ପାଇଁ ଏକ ଦୈନନ୍ଦିନ ଉତ୍କର୍ଷରେ ନିମଜ୍ଜିତ ହେବାକୁ ଅନୁମତି ଦେଉଛି। ଆମର ଅତୁଳନୀୟ ଅଫର ଓ ହୀରାର ଏକ ବିସ୍ତୃତ କଲେକ୍ସନ ସହ ଆମେ ଚଳିତ ସିଜନରେ ଆନନ୍ଦ ଓ ଉତ୍କର୍ଷ ବିସ୍ତାର କରିବା ପାଇଁ ଉତ୍ସାହିତ ରହିଛୁ।

## ଉତ୍ତର ଭାରତରେ ରାମରାଜ ଇନର ୱେର ରେଞ୍ଜ

ନୂଆଦିଲ୍ଲୀ,୧୪।୧




ଦେଶର ପାରମ୍ପରିକ ତଥା ସାଂସ୍କୃତିକ ପୋଷାକର ଏକ ପ୍ରମୁଖ ବା ପ୍ରିମିୟମ ବ୍ରାଣ୍ଡ୍ 'ରାମରାଜ କଟନ୍' ଉତ୍ତର ଭାରତ (ଉତ୍ତରାଞ୍ଚଳ ବଜାର)ରେ ବ୍ରାଣ୍ଡ୍‌ର ଇନର ୱେର ରେଞ୍ଜ ଯଥା ଭେଷ୍ଟସ, ବ୍ରିଫସ, ଟ୍ରଙ୍କସ ଏବଂ ବକ୍ସର୍ସ ବର୍ଗର ବିସ୍ତାରିତ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପୁରୁଷ ବର୍ଗର ପ୍ରମୁଖ ବସ୍ତ୍ର ତଥା ଉଚ୍ଚମାନର ଭେଷ୍ଟ, ବ୍ରିଫ୍, ଟ୍ରଙ୍କ୍ ଏବଂ ବକ୍ସର ଭାବେ ଜଣାଶୁଣା ଏହି ବ୍ରାଣ୍ଡ୍ ଦକ୍ଷିଣ ଭାରତରେ ନିଜକୁ ପ୍ରତିଷ୍ଠିତ କରିବା ପରେ ବର୍ତ୍ତମାନ ବ୍ରାଣ୍ଡ୍‌ର ବୃଦ୍ଧି ପାଉଥିବା ଚାହିଦା ଏବଂ ସମାନ ଗୁଣବତ୍ତାକୁ ନେଇ ଉତ୍ତର ଭାରତ (ଉତ୍ତରାଞ୍ଚଳ ବଜାର) ରେ ଏକ ପ୍ରିମିୟମ ଇନର ୱେର ବ୍ରାଣ୍ଡ୍ ଭାବେ ସଫଳତାର ସହିତ ବିସ୍ତାରିତ ହେବାକୁ ଯାଉଛି। ସେହିଭଳି ଏହି ଅଞ୍ଚଳ ଭିତରେ ଏକ ବିରାଟ ଉପସ୍ଥିତିକୁ ନେଇ ରାମରାଜ କଟନ୍‌ର ଇନର ୱେର ବ୍ରାଣ୍ଡ୍ ୩୦୦ରୁ ଅଧିକ ଏକ୍ସକ୍ଲୁସିଭ ଆଉଟଲେଟ ସହିତ ୧୫,୦୦୦ ରୁ ଊର୍ଦ୍ଧ୍ୱ ଖୁଚୁରା ସହଯୋଗୀଙ୍କ ଜରିଆରେ ବ୍ୟବସାୟ କରୁଛି। ଅପରପକ୍ଷରେ ଭାରତୀୟ କ୍ରିକେଟିୟର ଶ୍ରେୟସ ଆୟାରଙ୍କ ଦ୍ୱାରା ଅନୁମୋଦିତ ଏହି ବ୍ରାଣ୍ଡର ମାନକଶୈଳୀ ତଥା ବିଶ୍ୱସନୀୟତାକୁ ଧରି ରଖି ଗ୍ରାହକମାନଙ୍କ ମଧ୍ୟରେ ଏହା ବେଶ ଆଦୃତ ହୋଇପାରିଛି।ଏ ସମ୍ପର୍କରେ ରାମରାଜ କଟନର ଏମଡି ବି ଆର ଅରୁଣ ଈଶ୍ୱର କହିଥିଲେ, ରାମରାଜ ଇନର ୱେର ବେଶ ଅତୁଳନୀୟ, ଆରାମଦାୟକ, ସ୍ଥାୟୀ ଗୁଣବତ୍ତା ତଥା ସୁଲଭତାକୁ ପ୍ରାଥମିକାତ ପ୍ରଦାନ କରିବା ସହିତ ବ୍ରାଣ୍ଡର ଉତ୍ପାଦ ବିତରଣ ପାଇଁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଏକ ପାରମ୍ପରିକ ସମ୍ଭାର ପରି ଯାହା ଆଭ୍ୟନ୍ତରିଣ ପୋଷାକକୁ ପ୍ରିମିୟମ କିମ୍ବା ସଠିକ୍ ମୂଲ୍ୟ ଯୁକ୍ତ ବର୍ଗରେ ବିଭକ୍ତ କରିଥାଏ। ସେଥିପାଇଁ ରାମରାଜ ଏକ ନିଆରା ମଧ୍ୟମ ସ୍ଥାନ ପ୍ରଦାନକାରୀ ସହ ବିଭିନ୍ନ ଗ୍ରାହକ ଆଧାରର ଉଚ୍ଚ-ଗୁଣାତ୍ମକ ଉତ୍ପାଦ ପ୍ରଦାନର ଆବଶ୍ୟକତାକୁ ପୂରଣ କରିଥାଏ।

## ମହାକୁମ୍ଭ ସହ ଆର୍‌ସିପିଏଲ୍ ବୁଝାମଣା

ମୁମ୍ବାଇ,୧୪।୧





ଦୀର୍ଘ ୧୨ବର୍ଷ ପରେ ଚଳିତ ବର୍ଷ ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ କୁମ୍ଭମେଳା 'ମହାକୁମ୍ଭ' ନିକଟରେ ଆରମ୍ଭ ହୋଇଯାଇଛି। ଏପରିକି ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଆର୍‌ସିପିଏଲ୍) ଏବଂ ମହାକୁମ୍ଭ (ମହାକୁମ୍ଭ ଆୟୋଜକ କମିଟି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ମହାକୁମ୍ଭରେ ଆର୍‌ସିପିଏଲ୍ 'କ୍ୟାମ୍ପା ଆଶ୍ରମ' ନିର୍ମାଣ କରିଛି। ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଥିବା ବିଶ୍ରାମସ୍ଥଳ ଗୁଡିକରେ ତୀର୍ଥଯାତ୍ରୀମାନେ ବିଶ୍ରାମ ନେବା ସହ ସୁବିଧାରେ ଜଳପାନର ସୁବିଧା ମଧ୍ୟ ପାଇପାରିବେ। ଏପରିକି ତୀର୍ଥଯାତ୍ରୀମାନଙ୍କୁ ଏକ ନିରାପଦ ଏବଂ ଶାନ୍ତିପୂର୍ଣ୍ଣ ସ୍ଥାନ ଯୋଗାଇବା ପାଇଁ କ୍ୟାମ୍ପା ଆଶ୍ରମକୁ ସ୍ୱତନ୍ତ୍ର ଭାବେ ନିର୍ମାଣ (ପରିକଳ୍ପନା) କରାଯାଇଛି। ଏହା ବ୍ୟତୀତ ରିଲାଏନ୍ସ ମହାକୁମ୍ଭ ଅଞ୍ଚଳରେ ତୀର୍ଥଯାତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱଷ୍ଟ ଓ ସହଜରେ ପଢ଼ି ହେବା ଭଳି ସୂଚନା ଫଳକ (ସାଇନେଜ୍) ଏବଂ ଦିଗସୂଚକ ବୋର୍ଡ ସ୍ଥାପନ କରିଛି।

ଏ ସମ୍ପର୍କରେ ଆର୍‌ସିପିଏଲ୍‌ର ସିଇଓ କେତନ ମୋଦି କହିଛନ୍ତି, ପ୍ରୟାଗରାଜ ମହାକୁମ୍ଭ-୨୦୨୫ରେ ଆମର ଅଂଶଗ୍ରହଣ ଏହି ଭବ୍ୟ ଆଧ୍ୟାତ୍ମିକ ସମାବେଶର ଭାବନାକୁ ସମ୍ମାନ ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲାବେଳେ ଏକ ଘରୋଇ କମ୍ପାନୀ ଭାବେ ଆମେ ଭାରତୀୟ ପରମ୍ପରାଗୁଡିକ ସହ ଗଭୀର ଭାବେ ସଂଯୁକ୍ତ ହେଉଛୁ। ଏହି ପବିତ୍ର ଆୟୋଜନ ଅବସରରେ ଲୋକମାନଙ୍କ ସେବା ଦ୍ୱାରା ଆମେ ଭାରତୀୟ ଗ୍ରାହକଙ୍କ ପରମ୍ପରାକୁ ନୂଆ ରୂପ ମଧ୍ୟ ଦେଉଛୁ।

ସୂଚନାଯୋଗ୍ୟ, ମହାକୁମ୍ଭର ପବିତ୍ର ପର୍ବ ଆରମ୍ଭ ହୋଇଯାଇଛି। ପୌଷ ପୂର୍ଣ୍ଣିମାରେ ମହାକୁମ୍ଭର ପ୍ରଥମ ସ୍ନାନ ୨୦୨୫ ଜାନୁଆରୀ ୧୩ରେ ଅନୁଷ୍ଠିତ ହୋଇଯାଇଛି। ଦେଶର କୋଣ ଅନୁକୋଣରୁ ଭକ୍ତମାନେ ପ୍ରୟାଗରାଜକୁ ଆସିଛନ୍ତି। କୁମ୍ଭର ପ୍ରଥମ ଦିନ ସ୍ନାନ ପାଇଁ ତ୍ରିବେଣୀରେ ଶ୍ରଦ୍ଧାଳୁମାନଙ୍କ ସମାଗମ ଲାଗି ରହିଥିଲା। ଅପରପକ୍ଷରେ ଦୁନିଆର ସବୁଠୁ ବଡ ଆଧ୍ୟାତ୍ମିକ ସମାବେଶ ମଧ୍ୟରୁ ମହାକୁମ୍ଭ ଅନ୍ୟତମ ହୋଇଥିଲାବେଳେ ୨୦୨୫ ପ୍ରୟାଗରାଜରେ ଅଂଶଗ୍ରହଣ କରିବା ଏବଂ ସେବା କାର୍ଯ୍ୟ କରିବାର ସୌଭାଗ୍ୟ ଆମକୁ ମିଳିଛି ବୋଲି ରିଲାଏନ୍ସ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ମହାକୁମ୍ଭର ପ୍ରଥମ ଅମୃତ ସ୍ନାନ (ଶାହୀ ସ୍ନାନ) ୧୪ ଜାନୁଆରୀରେ ଅନୁଷ୍ଠିତ ହୋଇଯାଇଛି।

## ମୁଥୁଟ୍ ଫାଇନାନ୍ସକୁ ଗ୍ରେଡ୍ ପ୍ଲେସ୍ ଟୁ ୱାର୍କର ମାନ୍ୟତା

ନୂଆଦିଲ୍ଲୀ,୧୪।୧




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଫାଇନାନ୍ସିଆଲ ସର୍ଭିସ୍ ବ୍ରାଣ୍ଡ ମୁଥୁଟ୍ ଫାଇନାନ୍ସକୁ ନିକଟରେ ଆଉ ଏକ ସମ୍ମାନ 'ଗ୍ରେଡ୍ ପ୍ଲେସ୍ ଟୁ ୱାର୍କ'ର ମାନ୍ୟତା ମିଳିଛି। ଏପରିକି କ୍ରମାଗତ ୪ର୍ଥ ଥର ପାଇଁ କମ୍ପାନୀକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ସେହିଭଳି ଦେଶର ଏକ ବିଶ୍ୱସନୀୟ ଘରୋଇ ସଂସ୍ଥା ତଥା କାର୍ଯ୍ୟସ୍ଥଳୀ ଭାବେ ମୁଥୁଟ୍ ଫାଇନାନ୍ସ ପୂର୍ବ ପରି ମାନ୍ୟତା ବଜାୟ ରଖିବା ସହିତ ସବୁବର୍ଗର ଲୋକ ଓ ଗ୍ରାହକ ଏବଂ କର୍ମଚାରୀଙ୍କ ବିଶ୍ୱାସଭାଜନ ହୋଇପାରିଛି। ଉଲ୍ଲେଖଯୋଗ୍ୟ, ବୈଶ୍ୱିକ ସ୍ତରରେ ସଂସ୍ଥା (ଗ୍ରେଡ୍ ପ୍ଲେସ୍ ଅଫ୍ ୱାର୍କ) କାର୍ଯ୍ୟସ୍ଥଳର ପରମ୍ପରା, ସଂସ୍କୃତି ଓ କର୍ମଚାରୀ ଆତ୍ମତୃପ୍ତିକୁ ବିଚାରକୁ ନେଇ ସମ୍ପୃକ୍ତ କମ୍ପାନୀ ଏବଂ ସଂସ୍ଥାକୁ ଏହି ପ୍ରମାଣପତ୍ର ସଂସ୍ଥା ପକ୍ଷରୁ ଦିଆଯାଇଥାଏ।

ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍ କହିଥିଲେ, କମ୍ପାନୀ ଏହି ସଫଳତା ଓ ମାନ୍ୟତା ମିଳୁଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ୪ଥର ପାଇଁ ଆମକୁ ଏହି ପ୍ରମାଣପତ୍ର ଦିଆଯାଇଥିଲାବେଳେ ଆମର ସମସ୍ତ କର୍ମଚାରୀଙ୍କୁ ସମାନ ସୁଯୋଗ ଓ ସୁବିଧା ସାଙ୍ଗକୁ ବିଶ୍ୱାସ, ଭରସା ଏବଂ ଦାୟିତ୍ୱ ନିର୍ବାହକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ।




# ‘ବିଏସ୍‌କେୱାଇ’ ଦୁର୍ନୀତିର ତଦନ୍ତ ହେବ: ଆଇନ ମନ୍ତ୍ରୀ

## ଖାଲି ତଦନ୍ତ ଶବ୍ଦର ବ୍ୟବହାର ନ କରି ତଦନ୍ତ କରାନ୍ତୁ: ଭୂପିନ୍ଦର

ଭୁବନେଶ୍ୱର, ୧୪।୧ (ସୁନିତ୍ ମିଶ୍ର)

ପୂର୍ବ ସରକାର ସମୟରେ ରାଜ୍ୟରେ ଚାଲିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)କୁ ନେଇ ଭାଜପା ସରକାର ଅଭିଯୋଗ ଆଣିଛନ୍ତି। ଏହି ଯୋଜନାରେ କେତେ ଦୁର୍ନୀତି ହୋଇଛି ତା’ର ତଦନ୍ତ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଥିବା ବେଳେ ଏନେଇ ବିଜେଡି ପାଲଟା ଜବାବ ରଖିଛି। ଭାଜପା ରାଜ୍ୟରେ ସରକାରରେ ଅଛି ସେମାନେ ଯାହା ତଦନ୍ତ କରାଇବେ କରାନ୍ତୁ ବୋଲି ବିଜେଡି ଉତ୍ତର ରଖିଛି।

ଆଇନ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ହସ୍ପିଟାଲ ସଂଖ୍ୟା ବହୁଗୁଣିତ ହୋଇଛି। ଆୟୁଷ୍ମାନ୍ ଭାରତ ଯୋଜନା ସମ୍ପୂର୍ଣ୍ଣ ଇନ୍‌ସ୍ୟୁରାନ୍ସ ସ୍କିମ୍ ହୋଇଥିବା କାରଣରୁ ହସ୍ପିଟାଲଗୁଡ଼ିକରେ ଅତୀତରେ ଚାଲିଥିବା ବିଏସ୍‌କେୱାଇ କାର୍ଡ ଦେଖାଇ ଯେପରି ଲୋକମାନେ ପ୍ରତ୍ୟାଖ୍ୟାତ, ଶୋଷିତ ହେଉଥିଲେ ତାହା ହେବ ନାହିଁ। ବିଏସ୍‌କେୱାଇ କାର୍ଡରେ ହସ୍ପିଟାଲଗୁଡ଼ିକ ପୂର୍ବରୁ ମନଇଚ୍ଛା ବିଲ୍ କରୁଥିଲେ ସେମିତି ହେବ ନାହିଁ। ଗତ ସରକାରରେ ଏହି ଯୋଜନାରେ ଯେପରି ଅନେକ ଲୋକ ଦୁର୍ନୀତିରେ ସମ୍ପୃକ୍ତ ଥିଲେ ତା’ର ତଦନ୍ତ ହେବ। ଆୟୁଷ୍ମାନ ଯୋଜନାର ଇନ୍‌ସ୍ୟୁରାନ୍ସ ହୋଇଥିବାରୁ ଲୋକଙ୍କୁ ଉତ୍ତମ ସୁବିଧା ମିଳିବ। ଏଥିରେ ଅର୍ଥର ସୁଗମତା ମଧ୍ୟ ରହିବ। ଲୋକମାନେ ଏଥିରେ ଅଯଥାରେ ଶୋଷିତ ହେବେ ନାହିଁ। ସର୍ବଭାରତୀୟ ସ୍ତରରେ ଅନୁବନ୍ଧିତ ହସ୍ପିଟାଲଗୁଡ଼ିକରେ ଲୋକମାନେ ସାହାଯ୍ୟ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡିର ପୂର୍ବତନ ବିଧାୟକ ଭୂପିନ୍ଦର ସିଂହ କହିଛନ୍ତି, ଲୋକ ହେଉଛନ୍ତି ସରକାରର ସମ୍ପତ୍ତି। ଏ ସରକାର ଆୟୁଷ୍ମାନ୍ ଭାରତ ଯୋଜନାରେ ଅଧିକ ୫ ଲକ୍ଷ ଯୋଡ଼ି ମହିଳାଙ୍କୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ସୁବିଧା କରିଦିଅନ୍ତୁ। ପୁରୁଷମାନଙ୍କ ଲାଗି ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁବିଧା କରାଇବେ କି ନାହିଁ କୁହନ୍ତୁ। ପୂର୍ବରୁ ରାଜ୍ୟରେ ଯେତିକି ପରିବାରକୁ ସ୍ୱାସ୍ଥ୍ୟ କାର୍ଡ ଦେବାର ଆବଶ୍ୟକତା ଥିଲା ଆୟୁଷ୍ମାନ୍ ଭାରତ ସେତିକି ଲକ୍ଷ୍ୟ ପୂରଣ କରିପାରୁ ନ ଥିଲା। ଭାଜପା ସରକାର ଅନେକ ଯୋଜନା କାଟି ଦେଇଛନ୍ତି। ସରକାରକୁ ୭ ମାସ ହେଲାଣି, କିଛି ତଦନ୍ତ ଏଯାଏଁ ସେମାନେ କରିପାଲେନାହିଁ। ବର୍ତ୍ତମାନ ତ ସେମାନେ ସରକାରରେ ଅଛନ୍ତି, ଏବେ ସେମାନେ ବିଏସ୍‌କେୱାଇ କାର୍ଡରେ ଦୁର୍ନୀତି ହୋଇଥିଲା ବୋଲି ଯାହା କହୁଛନ୍ତି ତା’ର ତଦନ୍ତ କରାନ୍ତୁ ବୋଲି ଭୂପିନ୍ଦର କହିଛନ୍ତି।

# ‘ଆୟୁଷ୍ମାନ୍ ଭାରତ’ ଯୋଜନାର ସୁବିଧାରୁ ଲୋକଙ୍କୁ ବଞ୍ଚିତ ରଖିଥିଲା ପୂର୍ବ ସରକାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧ (ସୁନିତ୍ ମିଶ୍ର)

ଆୟୁଷ୍ମାନ୍ ଭାରତ ଯୋଜନା ଓଡ଼ିଶାରେ ଲାଗୁକରିବା ପାଇଁ ଏମ୍‌ଓୟୁକରି ଦିଲ୍ଲୀରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡିକୁ ଟାର୍ଗେଟ କରିଛନ୍ତି। ମଙ୍ଗଳବାର ବିମାନବନ୍ଦରଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୂର୍ବରୁ ଆୟୁଷ୍ମାନ୍ ଯୋଜନା ଭଳି ଏତେ ବଡ଼ ଯୋଜନାରୁ ଓଡ଼ିଶାବାସୀଙ୍କୁ ବିଜେଡି ସରକାର ବଞ୍ଚିତ ରଖିଥିଲେ। ପୂର୍ବ ସରକାରର ହୀନମନ୍ୟତା କାରଣରୁ ଏହା ରାଜ୍ୟରେ ଲାଗୁହୋଇପାରୁ ନ ଥିଲା। ରାଜ୍ୟ ବାହାରେ ଥିବା ଲୋକଙ୍କୁ ଏହି ସୁବିଧାରୁ ମଧ୍ୟ ବଞ୍ଚିତ ରଖାଯାଇଥିଲା। ହେଲେ ଏହାକୁ ଭାଜପା ସରକାର ଓଡ଼ିଶାରେ ଲାଗୁ କରିଛନ୍ତି। ଓଡ଼ିଶା ଲୋକମାନଙ୍କୁ ଏବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନ୍ୟାୟ ମିଳିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟର ସବୁ ପଞ୍ଚାୟତରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଖୋଲିବ। ଏହାଦ୍ୱାରା ଲୋକମାନେ ପୂର୍ଣ୍ଣାଙ୍ଗ ଚିକିତ୍ସା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ଏନ୍‌ଏମ୍‌ଙ୍କ ସହ ହେଲ୍‌ଥ ୱାର୍କର ରହିବେ। ଏଥିରେ ଯୋଗ ଶିକ୍ଷକ ମଧ୍ୟ ରହିବେ, ପୂର୍ଣ୍ଣ ଭିତ୍ତିଭୂମି ଏଥିଲାଗି ରହିବ। ଏହାଦ୍ୱାରା ଲୋକମାନେ ପୂର୍ଣ୍ଣାଙ୍ଗ ଚିକିତ୍ସା ପାଇପାରିବେ। ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନା ପାଇଁ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଏହି ଯୋଜନାରେ କୋଟିଏ ୩ ଲକ୍ଷ ଲୋକ ସାମିଲ ହେବେ। ବିଶେଷ ଭାବେ ୭୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକଙ୍କୁ ଏଥିରେ ନିରନ୍ତର ଚିକିତ୍ସା ସୁବିଧା ମିଳିବ। ସାରା ଦେଶରେ ୩୦ ହଜାରରୁ ଅଧିକ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ। ଆୟୁଷ୍ମାନ୍ ଭାରତରେ ପୁରୁଷଙ୍କୁ ୫ ଓ ମହିଳାଙ୍କୁ ୧୦ ଲକ୍ଷର ଚିକିତ୍ସା ସୁବିଧା ମିଳିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ କେନ୍ଦ୍ର ସହ ରାଜ୍ୟ ସରକାରଙ୍କ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ନୂଆ ଯୋଜନା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁମାନେ ଦିଶା ବନ୍ଦୀ ଥିଲେ ଅର୍ଥାତ୍ ୧୯୭୫ ମସିହାର ଜରୁରିକାଳୀନ ପରିସ୍ଥିତିରେ ଯେଉଁମାନେ ଜେଲ ଯାଇଥିଲେ ସେମାନେ ସମ୍ମାନ ଆଶାରେ ଥିଲେ। ସେମାନେ ମଧ୍ୟ ପେନ୍‌ସନ ପାଇବାକୁ ଆଶା କରିଥିଲେ। ତାହା କରାଯିବା ସହ ସେମାନଙ୍କ ପାଇଁ ରେଳରେ ଯିବା ଆସିବା ଲାଗି ବ୍ୟବସ୍ଥା ସହିତ ତାଙ୍କର ହେଲ୍‌ଥ ଇନ୍‌ସ୍ୟୁରାନ୍ସ ମଧ୍ୟ କରାଯିବ। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଯୋଜନାର ଲାଭ

ଭୁବନେଶ୍ୱର, ୧୪।୧ (ଅନିଲ ଦାସ)

ପୂର୍ବ ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ନାମ ପରିବର୍ତ୍ତନ କରାଯାଇ ଗୋପବନ୍ଧୁ ଜନ ଆରୋଗ୍ୟ ନାମରେ ନାମିତ କରାଯାଇଛି। ଆସନ୍ତା ଫେବୃଆରୀରୁ ଓଡ଼ିଶାରେ ବିଏସ୍‌କେୱାଇ ପରିବର୍ତ୍ତେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ହେବ। ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସୋମବାର ବୁଝାମଣା ପତ୍ର ସ୍ୱାକ୍ଷର(ଏମ୍‌ଓୟୁ) ହୋଇଛି। ଏବେ ତେବେ ବିଏସ୍‌କେୱାଇ ଯୋଜନାରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରୁଥିବା ବେଳେ ଆୟୁଷ୍ମାନ ଭାରତ ଯୋଜନାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ତେବେ ଏହି ଯୋଜନାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆୟୁଷ୍ମାନ ଭାରତ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀ ଚୟନ ସହିତ ଯୋଜନାର ଲାଭ ସମ୍ପର୍କରେ ନିମ୍ନରେ ଉଲ୍ଲେଖ କରାଗଲା।

### ଆୟୁଷ୍ମାନ ଭାରତ ଯୋଜନା

୧. ଆୟୁଷ୍ମାନ ଭାରତ ଯୋଜନା ୨୦୧୮ ସେପ୍ଟେମ୍ବର ୨୩ରୁ ଆରମ୍ଭ ହୋଇଛି।
୨. ୨୦୧୧ ସାମାଜିକ-ଅର୍ଥନୈତିକ ଜନଗଣନା ଆଧାରରେ ଅନଗ୍ରସର ଗରିବ ପରିବାରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।
୩. କାଗଜ ବିହୀନ, କ୍ୟାଶଲେସ୍ ସେବା ପ୍ରଦାନ କରୁଛି।
୪. ୨୯ ହଜାର ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି।
୫. ୧୦.୭୪ କୋଟି ପରିବାରର ପ୍ରାୟ ୫୦ କୋଟି ଲୋକଙ୍କୁ ମିଳିଛି ଚିକିତ୍ସା ସୁବିଧା।
୬. ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ଯାଏ ଚିକିତ୍ସା ସୁବିଧା।
୭. ଗୋଟିଏ ରାଜ୍ୟର ରୋଗୀ ସବୁ ରାଜ୍ୟରେ ଅନୁବନ୍ଧିତ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ।
୮. ରାଜ୍ୟଗୁଡ଼ିକ ସ୍ୱାଧୀନ ଭାବେ ଏହି ଯୋଜନାର ମୋଡାଲିଟି ପ୍ରସ୍ତୁତ କରିପାରିବେ।
୯. ପରିବାର ଆକାର ପାଇଁ କୌଣସି କଟକଣା ଓ ବୟସ ସୀମା ନାହିଁ।
୧୦. ଏଥିରେ ଝିଅ ଓ ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ଏହି ଯୋଜନାରେ ସ୍ୱତନ୍ତ୍ର ସୁବିଧା ମିଳିବ।
୧୧. ଏହି ଯୋଜନା ସମ୍ବନ୍ଧୀୟ କୌଣସି ସମସ୍ୟା ବିଷୟରେ ପବ୍ଲିକ ଗ୍ରୀଭାନ୍ସ ରିଡ୍ରେସାଲ ମେକାନିଜମ୍ ଜରିଆରେ ସମାଧାନ କରାଯାଇପାରିବ।
୧୨. ଜାତୀୟ ସ୍ତରରେ ଏହି ଯୋଜନା ନ୍ୟାଶନାଲ ହେଲ୍‌ଥ ଅଥରିଟି(ଏନ୍‌ଏଚ୍‌ଏ) ଦ୍ୱାରା କାର୍ଯ୍ୟକାରୀ ହେଉଛି।
୧୩. ଓଡ଼ିଶାରେ ଏହା ଲାଗୁ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୫ ଜାନୁଆରୀ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।
୧୪. ଓଡ଼ିଶାରେ ଉପକୃତ ହେବେ ୩.୫ କୋଟି ଲୋକ।
୧୫. ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କୁ ମାଗଣା ଚିକିତ୍ସା ସୁବିଧା ମିଳିବ।
୧୬. ଡିସ୍‌ଚାର୍ଜ ହେବା ପରେ ୧୫ ଦିନ ଯାଏ ମିଳିବ ଔଷଧ।
୧୭. ୧୯୪୯ ପ୍ରକାର ଚିକିତ୍ସା ସେବା ମିଳିବ।
୧୮. ଯୋଜନା ପାଇଁ କେନ୍ଦ୍ର ସରକାର ୬୦ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରୁଥିବାବେଳେ ପୂର୍ବ ଭାରତ ରାଜ୍ୟଗୁଡ଼ିକ ମାତ୍ର ୧୦ ପ୍ରତିଶତ ଖର୍ଚ୍ଚ ବହନ କରୁଛନ୍ତି।
୧୯. ଏହି ଚିକିତ୍ସା ପାଇବାକୁ ଆଗୁଆ ଖର୍ଚ୍ଚ ଜମା କରିବାକୁ ପଡ଼େ ନାହିଁ।
୨୦. ପ୍ରତ୍ୟେକ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ପ୍ରଦାନ କରାଯିବ।
୨୧. ଅନ୍‌ଲାଇନ ଜରିଆରେ ଆବେଦନ କରାଯାଇପାରିବ।
୨୨. ଇ-କେୱାଇସି ପାଇଁ ଆଧାର କାର୍ଡ ସଂଯୋଗ ବାଧ୍ୟତାମୂଳକ।

### ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

୧. ଏହି ଯୋଜନା ୨୦୧୮ ଅଗଷ୍ଟ ୧୫ରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା।
୨. ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଆର୍ଥିକ ଦୁର୍ବଳ ବର୍ଗ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।
୩. ରାଜ୍ୟ ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରୁଛନ୍ତି।
୪. ଏହି ଯୋଜନା କ୍ୟାଶଲେସ୍ ସେବା ପ୍ରଦାନ କରୁଛି। ରୋଗୀଙ୍କୁ କୌଣସି ଖର୍ଚ୍ଚ ଦେବାକୁ ପଡୁନାହିଁ।
୫. ୮ ହଜାର ୫୩୦ ସରକାରୀ ଓ ୯୭୯ ଘରୋଇ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି।
୬. ୧୧୯.୫ ଲକ୍ଷ ପରିବାରର ୪.୭୯ କୋଟି ହିତାଧିକାରୀଙ୍କୁ ମିଳୁଛି ଚିକିତ୍ସା ସୁବିଧା।
୭. ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଯାଏ ଚିକିତ୍ସା ଖର୍ଚ୍ଚ ମିଳୁଛି।
୮. ରାଜ୍ୟର ରୋଗୀ ଅନ୍ୟ ରାଜ୍ୟର ୯୭ଟି ଅନୁବନ୍ଧିତ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି।
୯. ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ହେଉଛି।
୧୦. ଚିକିତ୍ସା ପାଇଁ କୌଣସି ଆଗୁଆ ଫି’ ଜମା ଦେବାକୁ ପଡ଼େ ନାହିଁ।
୧୧. ରାଜ୍ୟ ସରକାର ବୀମା ପାଇଁ ସମସ୍ତ ପ୍ରିମିୟମ ଦିଅନ୍ତି।
୧୨. ହିତାଧିକାରୀଙ୍କୁ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ପ୍ରଦାନ କରାଯାଇଛି।
୧୩. କେବଳ ପଞ୍ଜୀକୃତ ସବୁ ବୟସର ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ମିଳୁଛି।
୧୪. ସରକାରୀ ଚାକିରିଆ, ଆୟକରଦାତା ଏବଂ ଉଚ୍ଚଆୟକାରୀଙ୍କୁ ଏହି ଯୋଜନାରୁ ବାଦ ଦିଆଯାଇଛି।
୧୫. ଇ-କେୱାଇସି ପାଇଁ ଆଧାର ବାଧ୍ୟତାମୂଳକ।

## ୩ ଜିଲାରେ ଘନକୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୧୪।୧ (ଅନୁରାଧା ମହାରଣା)

ରାଜ୍ୟରେ ରାତି ତାପମାତ୍ରା ବା ସର୍ବନିମ୍ନ ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇଛି। ମଙ୍ଗଳବାର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୦.୫ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ୧୭ ତାରିଖଠାରୁ ପରବର୍ତ୍ତୀ ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି। ବୁଧବାର କଳାହାଣ୍ଡି, କନ୍ଧମାଳ ଓ ଭଦ୍ରକରେ ଘନ କୁହୁଡ଼ି ସମ୍ଭାବନା ରହିଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା ରହିଛି।

## ବୁଗୁଡ଼ା-ବାଣିଗୋଚ୍ଛା ମଧ୍ୟରେ ସୁଡ଼ଙ୍ଗ ନିର୍ମାଣ ଶେଷ

ଭୁବନେଶ୍ୱର, ୧୪।୧ (ଅନୁରାଧା ମହାରଣା)



ନୟାଗଡ଼ ଜିଲାର ବାଣିଗୋଚ୍ଛା ଓ ଗଞ୍ଜାମ ଜିଲାର ବୁଗୁଡ଼ା ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ତିନିର ଖନନ କାର୍ଯ୍ୟ ଶେଷ ହୋଇଛି। ଖୋର୍ଦ୍ଧାରୋଡ - ବଲାଙ୍ଗୀର ନୂତନ ରେଳଲାଇନ ପ୍ରକଳ୍ପ ଅଧୀନରେ ୨୬୨୦ ମିଟର ଦୀର୍ଘ ଏବଂ ୨-ଡିଗ୍ରୀ କର୍ଭ ବିଶିଷ୍ଟ ଏହି ସୁଡ଼ଙ୍ଗ ଖନନ କାର୍ଯ୍ୟ ନୂତନ ଜ୍ଞାନକୌଶଳ ପଦ୍ଧତିରେ ସରିଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଖୋର୍ଦ୍ଧା ରୋଡ- ବଲାଙ୍ଗୀର ମଧ୍ୟରେ ଚାଲୁରହିଥିବା ସମଗ୍ର ରେଳ ଲାଇନ ପ୍ରକଳ୍ପରେ ସୁଡ଼ଙ୍ଗ ନମ୍ବର ତିନି ହେଉଛି ନୟାଗଡ଼ ଜିଲାର ସବୁଠାରୁ ଲମ୍ବା ସୁଡ଼ଙ୍ଗ ଏବଂ ଉକ୍ତ ପ୍ରକଳ୍ପର ଦ୍ୱିତୀୟ ଲମ୍ବା ସୁଡ଼ଙ୍ଗ। ଏହି ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସୂଚନା ଥାଉକି, ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳଲାଇନ ପ୍ରକଳ୍ପର ସମୁଦାୟ ଦୈର୍ଘ୍ୟ ୩୦୧ କି.ମି. ଥିବାବେଳେ ୨୧୫ କି.ମି. ରେଳଲାଇନ ସମ୍ପୂର୍ଣ୍ଣ ହୋଇଛି। ଉକ୍ତ ପ୍ରକଳ୍ପରେ ୭୫ କି.ମି. ମଧ୍ୟରେ ୭ଟି ସୁଡ଼ଙ୍ଗ ରହିଛି। ଏହି ୭ ସୁଡ଼ଙ୍ଗର ମୋଟ ଲମ୍ବ ୧୨.୭୬ କି.ମି.। ସମସ୍ତ ସୁଡ଼ଙ୍ଗ ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ଖୋର୍ଦ୍ଧାରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କି.ମି. ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୦୯ କି.ମି. ଅନ୍ତର୍ଭୁକ୍ତ। ଏହି ସୁଡ଼ଙ୍ଗଗୁଡ଼ିକ ମଧ୍ୟରୁ ସୁଡ଼ଙ୍ଗ ନମ୍ବର ତିନିର ଦୂରତା ୪.୮୮୫ କି.ମି. ଖନନ କାର୍ଯ୍ୟ ସମାପ୍ତ ହେବାକୁ ଥିବାବେଳେ ପୂର୍ବରୁ ସୁଡ଼ଙ୍ଗ ନମ୍ବର ଟି୧ର ଖନନ କାର୍ଯ୍ୟ ସରିଛି। ଏହି ପ୍ରକଳ୍ପ କାର୍ଯ୍ୟ ସରିବା ପରେ ଉକ୍ତ ରେଳଲାଇନ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଯାତ୍ରା ସମୟକୁ ବହୁ ପରିମାଣରେ ହ୍ରାସ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବଜାର ଚାହିଦା ସୃଷ୍ଟି କରି ଏହି ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ପାଗଳା କୁକୁର କାମୁଡ଼ାରେ ୭ ଗୁରୁତର

ଭୋଗରାଇ, ୧୪।୧ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କମର୍ଦ୍ଦା ବଜାରରେ ପାଗଳା କୁକୁର କାମୁଡ଼ାରେ ୭ ଜଣ ଗୁରୁତର ହୋଇଛନ୍ତି। କମର୍ଦ୍ଦା ବଜାରରେ ମଙ୍ଗଳବାର କେତେଜଣ ବ୍ୟକ୍ତି ପ୍ରାତଃ ଭ୍ରମଣ କରୁଥିବା ବେଳେ ଗୋଟିଏ ପାଗଳ କୁକୁର ଗୋଡ଼ାଇ ଗୋଡ଼ାଇ ଲୋକଙ୍କୁ କାମୁଡ଼ିଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମସ୍ତ ଗୁରୁତର ଆହତଙ୍କ ଘର କମର୍ଦ୍ଦା ଓ କାନପୁର ଗ୍ରାମରେ।




# ସ୍ନେହରେ ବନ୍ଧା ଏ ଜଗତ

## ଶିମିଳିପାଳର ପୋଷା ହାତୀ ମହିନ୍ଦ୍ରା ଓ ଶିବାନୀଙ୍କୁ ନେଇ ଚର୍ଚ୍ଚା

ବାରିପଦା, ୧୪।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଙ୍ଗଲ ହେଉ ଅଥବା ଜନପଦ, ସ୍ନେହରେ ବନ୍ଧା ଏ ଜଗତ। ବାସ୍ତବିକ୍ ଏହି ଉକ୍ତିର ସତ୍ୟତା ପ୍ରତିପାଦିତ ହୋଇଛି ଶିମିଳିପାଳ ଅଭୟାରଣ୍ୟରେ। ଶିମିଳିପାଳ ସୁରକ୍ଷାରେ ନିୟୋଜିତ ଫାଇଟର ହାତୀ ମହିନ୍ଦ୍ରାର ମୃତ୍ୟୁ ସମୟରେ ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଛି। ମନୁଷ୍ୟ ସମାଜ ଭଳି ଜୀବଜନ୍ତୁ ମଧ୍ୟ ଅନାବିଳ ସ୍ନେହ ବନ୍ଧନରେ ବାନ୍ଧି ହୋଇ ରହିବା ନଜରକୁ ଆସିଛି। ପୋଷା ହାତୀ ମହିନ୍ଦ୍ରା ଆଖି ବୁଜିବା ପୂର୍ବରୁ ତା’ ଔରସରୁ ଜନ୍ମ ଶିବାନୀ ୩ ଥର ଜଞ୍ଜିର ଛିଡ଼ାଇ ପାଖକୁ ପଳାଇଯାଇ ଗେଲ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ବିମୋହିତ କରିଛି।

ଶିମିଳିପାଳର ଚହଲା ରେଞ୍ଜ କାର୍ଯ୍ୟାଳୟ ପରିସରରେ ମହିନ୍ଦ୍ରା ସହ ଶିବାନୀ ରହୁଥିଲା। ମହାବଳ ବାଘୁଣୀ ଜିନ୍ନତର ଗତିବିଧି ପରଖିବା ପାଇଁ ଏହି ଦୁଇ ହାତୀଙ୍କୁ ସେଠାରେ ରଖାଯାଇଥିଲା। ତେବେ ଜିନ୍ନତ ଶିମିଳିପାଳ ଛାଡ଼ି ପଡ଼ୋଶୀ ରାଜ୍ୟକୁ ପଳାଇବାରୁ ଉଭୟ ହାତୀ ସେଠାରେ ରହୁଥିଲେ। ତେବେ ମହିନ୍ଦ୍ରା ଔରସରୁ ଜାତ ମାଈହାତୀ ଶିବାନୀ ଗୋଡ଼ରେ ଲାଗିଥିବା ଜଞ୍ଜିର ଛିଡ଼ାଇ ଦେଇଥିଲା। ଥରେ ନୁହେଁ ୩ ଥର ଚେନ୍ ଛିଡାଇ ମହିନ୍ଦ୍ରାର ଶେଷ ସମୟରେ ଛିଡ଼ା ହୋଇଥିଲା। ସ୍ନେହ, ମମତା ଟିକକ ପାଇବା ପାଇଁ ଶିବାନୀ ବାରମ୍ବାର ମହିନ୍ଦ୍ରା ନିକଟକୁ ଯାଇ ଦେହରେ ଘଷି ହୋଇ ଗେଲ ହୋଇଥିଲା। ଯାହାକୁ ଦେଖି ଗଜସାଥୀ ଓ ମହିନ୍ଦ୍ରାର ଚିକିତ୍ସା ଦାୟିତ୍ୱରେ ଥିବା କର୍ମଚାରୀମାନେ ହତବାକ୍ ହୋଇ ପଡ଼ିଥିଲେ। ଶିବାନୀର ମା’ ଶୋଭାର ମୃତ୍ୟୁ ପରେ ମହିନ୍ଦ୍ରାର ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ପରିବର୍ତ୍ତନ ଘଟିଥିଲା। ବାର୍ଦ୍ଧକ୍ୟ ଜନିତ କାରଣ, ଅତ୍ୟଧିକ ଶୀତ ଓ ରୋଗାକ୍ରାନ୍ତ ଯୋଗୁ ମହିନ୍ଦ୍ରା ପ୍ରାଣ ହରାଇଥିବା କୁହାଯାଉଛି। ତେବେ ଜୀବଜନ୍ତୁମାନଙ୍କ ଆଖିର ଠାଣି ଓ ଅଙ୍ଗଭଙ୍ଗୀକୁ ଦେଖି ଛୁଆମାନେ ସବୁ କଥା ବୁଝିପାରିଥାନ୍ତି। ଠିକ୍ ସେହିପରି ମହିନ୍ଦ୍ରାର ଶେଷ ସମୟରେ ଶିବାନୀ ମଧ୍ୟ ସବୁ କିଛି ଜାଣି ପାରିଥିଲା ବୋଲି ଆଲୋଚନା ହେଉଛି।

ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ମଣିଷର କଥାକୁ ଶୁଣି ବୁଝୁଥିବା ଏବଂ କାର୍ଯ୍ୟରେ ଲଗାଉଥିବା କଥା କହି ପାରୁ ନ ଥିବା ପ୍ରାଣୀଙ୍କ ପ୍ରତି ବିଭାଗୀୟ ପଦକ୍ଷେପରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆଗାମୀ ଦିନରେ ଶିମିଳିପାଳ ସୁରକ୍ଷା ଦିଗରେ ତାଲିମପ୍ରାପ୍ତ ହାତୀମାନଙ୍କୁ ଠିକ୍ ସୁବିଧା ଓ ଲାଳନପାଳନ କରାଗଲେ ବିଶ୍ୱସ୍ତ ପ୍ରାଣୀମାନେ ମନୁଷ୍ୟଠାରୁ ଢେର ଉଚ୍ଚରେ ରହି ନିଜର କାର୍ଯ୍ୟକୁ ଅନୁପାଳନ କରିପାରିବେ।

### ମହିନ୍ଦ୍ରା ଉଦ୍ଦେଶ୍ୟରେ ସ୍ମୃତିସ୍ତମ୍ଭ କରାଯାଉ

ବାରିପଦା, ୧୪।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଦନ୍ତାହାତୀ ମହିନ୍ଦ୍ରାକୁ ନେଇ ପ୍ରାଣୀପ୍ରେମୀମାନେ ସ୍ୱର ଉଠାଇଛନ୍ତି। ମହିନ୍ଦ୍ରାର ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ କରିବାକୁ ଦାବି କରିଛନ୍ତି। ସାରା ରାଜ୍ୟରେ ଥିବା ଜଙ୍ଗଲରେ କୌଣସି ମିଶନରେ ଦନ୍ତାହାତୀ ମହିନ୍ଦ୍ରାକୁ ଲୋଡ଼ା ହୋଇଥାଏ। ଜଙ୍ଗଲୀ ହାତୀ ଘଉଡାଇବାଠାରୁ ଆରମ୍ଭ କରି ଜୀବଜନ୍ତୁଙ୍କ ଚିକିତ୍ସା କ୍ଷେତ୍ରରେ ଏବଂ ବିଶେଷ କରି ପାଟ୍ରୋଲିଂ କାର୍ଯ୍ୟରେ ମହିନ୍ଦ୍ରାକୁ ନିୟୋଜିତ କରାଯାଏ। କାଠଚୋରଠାରୁ ଆରମ୍ଭ କରି ଶିକାରୀଙ୍କ ଅନୁପ୍ରବେଶକୁ ରୋକିବାରେ ମହିନ୍ଦ୍ରା ବିଶେଷ ଭୂମିକା ନିର୍ବାହ କରୁଥିଲା। ଏପରି କାର୍ଯ୍ୟ ପାଇଁ ମହିନ୍ଦ୍ରାକୁ ଅନ୍ୟତ୍ର ନେବା ସମୟରେ ମୟୂରଭଞ୍ଜ ଜିଲାବାସୀ ପ୍ରତିବାଦର ସ୍ୱର ଉଠାଇଛନ୍ତି। ମହିନ୍ଦ୍ରାକୁ ଅନ୍ୟ ସ୍ଥାନକୁ ନ ଛାଡ଼ିବାକୁ ଆନ୍ଦୋଳନ ମଧ୍ୟ କରିଥିବା ନଜିର ରହିଛି। ତେବେ ମହିନ୍ଦ୍ରାର ମୃତ୍ୟୁକୁ ନେଇ ବନ ବିଭାଗ ସମେତ ଜିଲାବାସୀ ଦୁଃଖ ପ୍ରକାଶ କରିଛନ୍ତି। ମହିନ୍ଦ୍ରାର ଏକ ସ୍ମୃତି ସ୍ତମ୍ଭ ସ୍ଥାପନ କରିବାକୁ ପରିବେଶବିତ ତଥା ପ୍ରାଣୀପ୍ରେମୀ ସଂଯୁକ୍ତା ବସା ଦାବି କରିଛନ୍ତି।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ।-ଶ୍ରୀମା

-ପୁଷ୍ୟାଭିଷେକ ଓ ରାଜାଭିଷେକ



# ଟ୍ରମ୍ପଙ୍କ ହିସାବ

ଜାନୁଆରୀ ୨୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଶପଥ ନେବେ । ଏହି ସମାରୋହକୁ ସେ କେତୋଟି ହାତଗଣତି ଦେଶର ମୁଖ୍ୟତଃ ଦକ୍ଷିଣପନ୍ଥୀ ନେତାମାନଙ୍କୁ ନିମନ୍ତ୍ରଣ କରିଛନ୍ତି, ଯେଉଁମାନଙ୍କର ବିଚାରଧାରା ଟ୍ରମ୍ପଙ୍କ ସହ ସମାନ। ଆମେରିକା ୧୭୭୬ରେ ଏକ ସ୍ୱାଧୀନ ରାଷ୍ଟ୍ର ହୋଇଥିଲା। ସେଥିପାଇଁ ସେହି ଦେଶକୁ ସର୍ବ ପୁରାତନ ଗଣତାନ୍ତ୍ରିକ ଦେଶ ବୋଲି କୁହାଯାଏ। ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଶପଥ ଗ୍ରହଣ ସମାରୋହକୁ ଚାଇନାର ମୁଖ୍ୟ ଶି ଜିନ୍‌ପିଙ୍ଗ୍ ନିମନ୍ତ୍ରିତ ହୋଇଥିଲେ ମଧ୍ୟ ନିଜେ ଯିବା ପରିବର୍ତ୍ତେ ତାଙ୍କ ପ୍ରତିନିଧିଙ୍କୁ ପଠାଇବେ। ଏହି ଉତ୍ସବର ଆକର୍ଷଣ ହେବାକୁ ଯାଉଛନ୍ତି ଇଟାଲୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଆର୍ଜେଣ୍ଟିନାର ରାଷ୍ଟ୍ରପତି ଜାଭିର ମିଲେଇ ଏବଂ ହଙ୍ଗେରୀର ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ। ଉଲ୍ଲେଖଯୋଗ୍ୟ ଯେ, ଇଟାଲୀ ଓ ରୁଷିଆ ମଧ୍ୟରେ ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଆର୍ଜେଣ୍ଟିନାର ମଧ୍ୟ ରୁଷିଆ ସହ ଦୀର୍ଘ ଦଶନ୍ଧି ଧରି ଐତିହାସିକ ଓ ବାଣିଜ୍ୟିକ ସମ୍ପର୍କ ଥିଲା । ଏହାବ୍ୟତୀତ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କର ଜଣେ ଦୃଢ଼ ସମର୍ଥକ ହେଉଛନ୍ତି ଓର୍ବାନ । ତେବେ ବ୍ରାଜିଲର ଏବକାର ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡି ସିଲ୍‌ଭାଙ୍କୁ ନିମନ୍ତ୍ରଣ କରା ନ ଯାଇ ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କୁ ଶପଥ ଗ୍ରହଣ ଉତ୍ସବର ଅତିଥି କରାଯାଇଛି, ଯିଏ କି ନିର୍ବାଚନରେ ହାରିବା ପରେ ଟ୍ରମ୍ପଙ୍କ ଭଳି ତାଙ୍କ ପରାଜୟକୁ ଅସ୍ୱୀକାର କରିଥିଲେ। ଏଥିସହିତ ମଧ୍ୟପ୍ରାଚ୍ୟରୁ ମୁସଲମାନ ଶରଣାର୍ଥୀ ଇଟାଲୀ ଓ ହଙ୍ଗେରୀକୁ ଅଧିକ ପରିମାଣରେ ଯାଉଥିବାରୁ ଏହି ନେତାମାନଙ୍କୁ ନିମନ୍ତ୍ରଣ ଦେଇ ଆସନ୍ତା ୪ ବର୍ଷ ପାଇଁ ଆମେରିକାର ରାଷ୍ଟ୍ରପତି ଭାବେ ଟ୍ରମ୍ପ୍ ଏକ ସ୍ୱଷ୍ଟ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଗୋଟିଏ ପଟେ ମୁସଲମାନ ଶରଣାର୍ଥୀଙ୍କୁ ଦମନ କରୁଥିବା ୟୁରୋପର ଏହି ଦେଶର ନେତାଙ୍କୁ ନିକଟତର କରିବାର ଉଦ୍ୟମ ସହିତ ଟ୍ରମ୍ପ୍ ଆହୁରି ମଧ୍ୟ କିଛି ଚେଷ୍ଟା କଲାଭଳି ମନେହେଉଛି। ଇଟାଲୀ ରାଜନୀତିରେ ରୁଷିଆର ପ୍ରଭାବକୁ ଦୂର କରିବା ସହିତ ଓର୍ବାନଙ୍କୁ ସାଙ୍ଗରେ ରଖିପାରିଲେ ହୁଏତ ଟ୍ରମ୍ପ୍ ଏକ ନୂଆ ରାଜନୀତି ନାଟୋ ମାଧ୍ୟମରେ ସୃଷ୍ଟି କରିପାରିବେ। ଏହି ଦୁଇଜଣଙ୍କୁ ନିମନ୍ତ୍ରଣ କରିବା ପଛରେ ନାଟୋକୁ ଶକ୍ତିଶାଳୀ କରିବା ସହିତ ଭ୍ଲାଡିମିର ପୁଟିନ୍‌ଙ୍କୁ ଏକଘରିଆ କରିବାର ଉଦ୍ୟମ ହେଉଥିବା ଭଳି ମନେହୁଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୟୁରୋପର ଅନ୍ୟ ୩ଟି ଦେଶ ଯଥା ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ ନାଟୋର ଶକ୍ତିଶାଳୀ ଅଙ୍ଗ ହୋଇଥିଲେ ମଧ୍ୟ ସେହି ଦେଶର ନେତୃବୃନ୍ଦ ନିମନ୍ତ୍ରିତ ହୋଇ ନାହାନ୍ତି। ଟ୍ରମ୍ପ୍‌ଙ୍କ ସହଯୋଗୀ ଏଲନ୍ ମସ୍କ ନିକଟରେ ଘୋଷଣା କରିଥିଲେ ଯେ, ଉଭୟ ବ୍ରିଟେନ ଏବଂ ଜର୍ମାନୀରେ ନୂଆ ସରକାର ଗଠନ ହେବା ଦରକାର। ବ୍ରିଟେନର ଲେବର ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମରଙ୍କ କେତେଗୁଡ଼ିଏ ପଦକ୍ଷେପ ବାମପନ୍ଥୀ ହୋଇଥିବା ଭଳି ମନେହେଉଛି। ସେହିଭଳି ଜର୍ମାନୀରେ ଏବେ ବାସ୍ତବରେ କୌଣସି ନେତା ଶକ୍ତିଶାଳୀ ହୋଇପାରୁ ନାହାନ୍ତି। ସେଠାରେ ସବୁ ଦଳ ଦୋଦୁଲ୍ୟମାନ ପରିସ୍ଥିତିରେ ପଡ଼ିଛନ୍ତି ଏବଂ ଜର୍ମାନୀରେ ଖୁବ୍‌ଶୀଘ୍ର ନିର୍ବାଚନ ହେବାର ସ୍ୱଷ୍ଟ ଜଣାପଡୁଛି। ଏହା ବ୍ୟତୀତ ଚାଇନାର ଶି ଜିନ୍‌ପିଙ୍ଗ୍‌ଙ୍କ ସମର୍ଥନରେ ରୁଷିଆର ଭ୍ଲାଡିମିର ପୁଟିନ୍ କ୍ଷମତାରେ ରହିପାରିଛନ୍ତି। ସେଥିପାଇଁ ଜିନ୍‌ପିଙ୍ଗ୍‌ଙ୍କୁ ନିମନ୍ତ୍ରଣ କରାଯାଇଥିବାର କାରଣ ସହଜରେ ବୁଝାପଡୁଛି। ଯଦି ଚାଇନା ଏବଂ ହଙ୍ଗେରୀ ଭଳି ଦେଶକୁ ପୁଟିନ୍‌ଙ୍କଠାରୁ ଅଲଗା କରିଦେଇପାରିବେ ତେବେ ଟ୍ରମ୍ପଙ୍କର କୂଟନୈତିକ ଚିନ୍ତାଧାରା ସଫଳ ହେଲା ବୋଲି କୁହାଯାଇପାରିବ।

ଅବଶ୍ୟ ଏହିସବୁ ଅନ୍ତର୍ଜାତୀୟ କୂଟନୈତିକ ଖେଳ ଭିତରେ ଭାରତର କୌଣସି ସ୍ଥାନ ରହିନାହିଁ। ଭାରତର ଆଭ୍ୟନ୍ତରୀଣ ଗଣମାଧ୍ୟମରେ ଅନେକ ପ୍ରଚାର କରାଯାଉଛି ଯେ, ଏହି ଦେଶର ଅନ୍ତର୍ଜାତୀୟ ଭାବମୂର୍ତ୍ତି ପ୍ରଥମଥର ପାଇଁ ଶକ୍ତିଶାଳୀ ହୋଇପାରିଛି। ଯେଉଁ ଭାରତୀୟମାନେ ଆନ୍ତର୍ଜାତିକ ବୈଦେଶିକ ନୀତି ସମ୍ପର୍କରେ ଜାଣିଛନ୍ତି କିମ୍ବା ବିଦେଶ ଯିବାର ସୁଯୋଗ ପାଉଛନ୍ତି ସେମାନେ ଜାଣିଛନ୍ତି ଯେ, ଭାରତର ଛବି ବିଦେଶରେ ଅତ୍ୟନ୍ତ ଦୁର୍ବଳ। ଏହି ଦେଶରୁ କେବଳ ଚାକିରି କରିବା ପାଇଁ କିଛି ପାଠୁଆ ବିଦେଶକୁ ଯାଆନ୍ତି ବୋଲି ଭାରତ ପରିଚିତ। ଏହା ବ୍ୟତୀତ ଯେଉଁ ଭାରତୀୟମାନେ ଆମେରିକାର ପ୍ରଶାସନିକ ସ୍ତରରେ ଗୁରୁତ୍ୱଲାଭ କରିଛନ୍ତି ସେମାନେ କେହି ନିଜକୁ ଭାରତୀୟ ବୋଲି କେବେହେଲେ ପରିଚୟ ଦିଅନ୍ତି ନାହିଁ। ଅର୍ଥାତ୍ ପ୍ରବାସୀ ଭାରତୀୟମାନେ ବିଦେଶରେ ଅଧିକାଂଶ ଚାକର ଭାବେ ପରିଚିତ ରହିଛନ୍ତି। ଏହି ଦେଶକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇବା ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରୁ ଅଶାନ୍ତ ସାମାଜିକ ପରିସ୍ଥିତି ଭାରତରେ ଲାଗିରହିଛି ବୋଲି ପର୍ଯ୍ୟଟକ ଆସୁନାହାନ୍ତି। ସମ୍ଭବତଃ ଟ୍ରମ୍ପଙ୍କ ପରାମର୍ଶଦାତାମାନେ ଭାରତ ଓ ତାହାର ନେତୃତ୍ୱଙ୍କୁ ଗୁରୁତ୍ୱ ଦେଉନାହାନ୍ତି। କାରଣ ଅନେକ ବର୍ଷ ବିତିଗଲେ ମଧ୍ୟ ଭାରତର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିନାହିଁ। ଏହି ବିଷୟକୁ ନାପସନ୍ଦ କରୁଥିବା ବ୍ୟକ୍ତି ଆଜିର ଆମେରିକୀୟ ଡଲାର ଏବଂ ଭାରତୀୟ ଟଙ୍କାର ବିଭେଦକୁ ଅନିଶା କରିବା ଦରକାର।

# ସମୟର ସ୍ୱରୂପ



ରିତେଶ କୁମାର ଶିଶୁ

କେବେ ଭାବିଛନ୍ତି, ଯଦି ସମୟକୁ ରୋକି ହୁଅନ୍ତା ଆଉ ପୁଣି ବିଗତ ସମୟକୁ ଫେରେଇ ଆଣି ହୁଅନ୍ତା, ଏ ସାରା ସଂସାରଟା କେତେ ବିଚିତ୍ର ଲାଗନ୍ତା ସତେ। ଜନ୍ମ ମରଣ ସବୁ ଖେଳଘର ପରି ଲାଗନ୍ତା । କିଏ ବାପା କିଏ ମାଆ କିଏ ପୁଅ କିଏ ଶାଶୁ କିଏ ଶ୍ୱଶୁର କିଛି ଜାଣିହୁଅନ୍ତା ନାହିଁ। ସାରା ସଂସାରର ନିୟମ ସବୁ ଓଲଟପାଲଟ ହୋଇଯାନ୍ତା। ହେଲେ ଆମ ପ୍ରଚଳିତ ସଂସାର ଏକ ଅଫେରା ନଈର ଚିର ପ୍ରବାହିତ ସ୍ରୋତ ପରି ଯାହା ଆମକୁ ଭସାଇ ନେଉଛି କେବଳ ଆଗକୁ ଆଉ ଆଗକୁ।

ତେବେ ସମୟ କ'ଣ ଏକ ଘଟଣାର ପ୍ରବାହ ମାତ୍ର ଯେପରି କି ଆମ ଜୀବନଚକ୍ର। ପୃଥିବୀର ନିଜ ଚାରିପଟେ ଘୂରିବା ସହିତ ସୂର୍ଯ୍ୟ ଚାରିପଟେ ଘୂର୍ଣ୍ଣନକୁ ନେଇ ତିଆରି ହୋଇଥିବା ବର୍ଷ, ମାସ, ଦିନ ରାତି ଆଦି କ'ଣ ବାସ୍ତବ ସମୟ ନା ମଣିଷ ନିଜ କାର୍ଯ୍ୟ ସାଧନ ପାଇଁ ପ୍ରଣିତ ଏକ ଏକକ ମାତ୍ର। ଯଦି ମାନବ ସମାଜ କେବେ ଅନ୍ୟ ଏକ ଗ୍ରହକୁ ସ୍ଥାନାନ୍ତରିତ ହୁଏ ସେହି ଗ୍ରହରେ ଘୂର୍ଣ୍ଣନର ମାପଦଣ୍ଡକୁ ନେଇ ସମୟର ଏକକ ବି ବଦଳି ଯିବ। ସେଠି ମଣିଷର ଆୟୁଷ ମଧ୍ୟ ସେହି ଅନୁଯାୟୀ ନିର୍ଦ୍ଧାରିତ ହେବ। କହିବା ବାହୁଲ୍ୟ ଯେ ସମୟ ମାନବକୃତ ଏକ ପରିମାପ, କିନ୍ତୁ ସମ୍ପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡ ପାଇଁ ଏହାର ସ୍ୱରୂପ କିପରି ? ଏ ପର୍ଯ୍ୟନ୍ତ ସମୟର ସବୁଠାରୁ ବୃହତମ ଏକକ ଆଲୋକ ବର୍ଷ ଯାହା ନକ୍ଷତ୍ରରୁ ନକ୍ଷତ୍ର ଏବଂ ନକ୍ଷତ୍ର ମଣ୍ଡଳରୁ (ଗାଲାକ୍ସି) ନକ୍ଷତ୍ର ମଣ୍ଡଳ ମଧ୍ୟରେ ଦୂରତାକୁ ମାପିବାରେ ବ୍ୟବହାର ହେଉଛି। ଅନ୍ୟପକ୍ଷରେ ସମୟର କ୍ଷୁଦ୍ରତମ ଏକକ ଆଟୋସେକେଣ୍ଡକୁ ମଣିଷ ପରମାଣୁ ମଧ୍ୟରେ ଥିବା ଅତିସୂକ୍ଷ୍ମ କଣିକାର ବେଗ ପରିବେଗ ମାପିବା ପାଇଁ ବ୍ୟବହାର କରୁଛି।

ତେବେ ସମୟର ଆରମ୍ଭ କେଉଁଠାରୁ ଓ ଏହା ସମାପ୍ତ କେଉଁଠି ହେବ, ସର୍ବୋପରି ସମୟର ସ୍ୱରୂପ କ'ଣ ଏହା ବୈଜ୍ଞାନିକମାନଙ୍କ ପାଇଁ ଏବେ ବି ଏକ ଗବେଷଣାର ବିଷୟ ହୋଇ ରହିଯାଇଛି। କିଏ କହୁଛି ବିଗ୍ ବ୍ୟାଙ୍ଗ୍‌ର ଆରମ୍ଭ ହିଁ ସମୟର ଆରମ୍ଭ ଅର୍ଥାତ୍ ବିଶ୍ୱର ବୟସ ୧୩.୯କୋଟି ବର୍ଷ ଓ ଏହା ନିରନ୍ତର ଅସୀମ ଭାବରେ ପରିବ୍ୟାପ୍ତ ହୋଇ ଚାଲିଥିବ। ଆମେ ଅନୁଭବ କରୁଥିବା ୩ଟି ଆୟାମ ଉପରେ କେତେକ ବିଜ୍ଞାନୀ ସମୟକୁ ଚତୁର୍ଥ ଆୟାମ ଭାବରେ ବିବେଚନା କରି ପଦାର୍ଥ ବିଜ୍ଞାନର ଅନେକ ତତ୍ତ୍ୱ ଓ ଗାଣିତିକ ସରଞ୍ଜାମମାନ ପ୍ରଦାନ କରିଛନ୍ତି। ବିଶ୍ୱ ବିଖ୍ୟାତ ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ ତାଙ୍କ ଆପେକ୍ଷିକ ତତ୍ତ୍ୱରେ ବର୍ଣ୍ଣନା କରି ମହାଶୂନ୍ୟ ଓ ସମୟକୁ ଏକ ନମନୀୟ ଚଦର ସଦୃଶ ତୁଳନା କରିଛନ୍ତି, ଯାହା ଉପରେ ବସ୍ତୁମାନେ ସେମାନଙ୍କ ଘନତ୍ୱ ଅନୁଯାୟୀ ଏକ ଖାତ ସଦୃଶ ଆକାର କରି ମାଧ୍ୟାକର୍ଷଣ ବଳରେ ଘୂରିବୁଲୁଛନ୍ତି। ଏହି ତତ୍ତ୍ୱ ଅନୁଯାୟୀ ଯେଉଁ ବସ୍ତୁର ଘନତା ଯେତେ ଅଧିକ ହେବ, ସେ ସେତେ ଗଭୀର ଖାତ କରି ଏହି ଚାଦର ଉପରେ ଗତି କରିବ ଓ ଏହି ଖାତର ଗଭୀରତା ଯେତେ ଅଧିକ ହେବ ତାହାର ମଧ୍ୟାକର୍ଷଣର



ଶକ୍ତି ସେତିକି ବଢିଯିବ, ଯାହାର ପ୍ରଭାବରେ ବସ୍ତୁର ଚାରିପଟର ଦୂରତା ସଙ୍କୁଚିତ ହୋଇଯିବା ସହିତ ସମୟ ବି ଧିମା ହୋଇଯିବ। ଏହି ମହାଶୂନ୍ୟ ଓ ସମୟର ଚାଦର ଉପରେ ବସ୍ତୁତ୍ୱ ହୀନ କଣିକା ଫୋଟନ୍ (ଆଲୋକ) ହିଁ କେବଳ ସର୍ବାଧିକ ବେଗରେ ଗତି କରିପାରିବ, ଯାହାର ବେଗର ସୀମା ସେକେଣ୍ଡକୁ ପ୍ରାୟ ୩ଲକ୍ଷ କିଲୋମିଟର । ଏହି ତତ୍ତ୍ୱ ଅନୁଯାୟୀ ଫୋଟନ କଣିକାଗୁଡ଼ିକ ସମୟର ଅଧୀନ ନୁହନ୍ତି କିନ୍ତୁ ଅନ୍ୟ କୌଣସି ବସ୍ତୁ ଏହି ଆଲୋକର ବେଗରେ ଗତି କଲେ ସମୟ ତା' ପାଇଁ ଧିମା ହୋଇଯିବ ଅର୍ଥାତ୍ ଆମେ ଯଦି ଆଲୋକର ବେଗରେ ଗତି କରିବା ତେବେ ଆମ ବୟସ ଅନ୍ୟମାନଙ୍କ ତୁଳନାରେ କମ୍ ହୋଇଯିବ। ମନେକରନ୍ତୁ, ଆମଠାରୁ ୨.୫୩୭ ଆଲୋକ ବର୍ଷ ଦୂରରେ ଥିବା ଏକ ନିକଟତମ ନକ୍ଷତ୍ରମଣ୍ଡଳ ଆଣ୍ଡ୍ରୋମେଡା ଗାଲାକ୍ସିକୁ ଆମେ ଏକ ଯାନରେ ଆଲୋକର ବେଗରେ ଯିବା ତେବେ ଆପେକ୍ଷିକ ତତ୍ତ୍ୱ ଅନୁସାରେ ଏହି ବେଗରେ ଗଲେ ଏତେ ବିଶାଳ ଦୂରତା ଅନେକ ଗୁଣା ସଙ୍କୁଚିତ ହୋଇଯିବ ଓ ଆମେ ମାତ୍ର କେତେ ଘଣ୍ଟାରେ ବା କିଛି ଦିନ ମଧ୍ୟରେ ସେଠାକୁ ଯାଇ ଫେରି ଆସିପାରିବା କିନ୍ତୁ ପୃଥିବୀକୁ ଫେରି ଆସିବା ବେଳକୁ ପୃଥିବୀରେ ୪କୋଟି ବର୍ଷ ଅତିବାହିତ ହୋଇଯାଇଥିବ। ହୁଏତ ସେତେବେଳକୁ ମଣିଷ ସଭ୍ୟତାର ବିବର୍ତ୍ତନ ହୋଇ ଆଉ ଅନ୍ୟ କୌଣସି ଜୀବର ବିକାଶ ଘଟିଥିବ ଅବା ମାନବ ସଭ୍ୟତା ବିଲୁପ୍ତ ହୋଇଯାଇଥିବ। ଅର୍ଥାତ୍ ବିଶ୍ୱରେ ସମୟ ସହିତ ବସ୍ତୁର ଘନତା ଓ ବେଗର ଅନେକ ସମ୍ପର୍କ ରହିଛି ଓ ଏହା ଆପେକ୍ଷିକ । ଆପେକ୍ଷିକ ତତ୍ତ୍ୱର ଏହି ନିୟମ ଅନୁଯାୟୀ ସମୟର ଆରମ୍ଭ ବିଗ୍ ବ୍ୟାଙ୍ଗ୍‌ରୁ ହୋଇଛି ଆଉ ଏହାର ଅନ୍ତ ବିଶ୍ୱର ସବୁଠାରୁ ଘନବସ୍ତୁ କୃଷ୍ଣ ଗର୍ତ୍ତ ବା ବ୍ଲାକ୍‌ହୋଲରେ ହୁଏ। ଅତି ସଘନ ବସ୍ତୁତ୍ୱ ଥିବାରୁ ବ୍ଲାକ୍‌ହୋଲର ମାଧ୍ୟାକର୍ଷଣ ଶକ୍ତିରୁ ସର୍ବାଧିକ ବେଗଗାମୀ ଆଲୋକ ବି ମୁକୁଳିପାରେ ନାହିଁ, ତେଣୁ ସମୟ ସେହିଠାରେ ଅଟକି ଯାଏ ଓ ଏହାର ଅନ୍ତ ଘଟେ। କେତେକ ବୈଜ୍ଞାନିକଙ୍କ ମତରେ ସାରା ବିଶ୍ୱର ସବୁ ଦୃଶ୍ୟମାନ ବସ୍ତୁ ଓ ସମୟ ଧୀରେ ଧୀରେ ବ୍ଲାକ୍‌ହୋଲମାନଙ୍କ ଶକ୍ତିଶାଳୀ ମାଧ୍ୟାକର୍ଷଣ ବଳ ମାଧ୍ୟମରେ ଶୋଷିତ ଓ ସମାପ୍ତ ହୋଇ ପୁଣି ଏକ ନୂତନ ବିଶ୍ୱ ସୃଷ୍ଟି କରିବେ। ଏହିପରି ସୃଜନ ଓ ବିନାଶର ଏକ ଚକ୍ର ସର୍ବଦା ଚାଲୁରହିବ।

କେତେକ ବିଜ୍ଞାନୀଙ୍କ ମତରେ ବିଶ୍ୱବ୍ରହ୍ମାଣ୍ଡରେ ସମୟର କୌଣସି ଅସ୍ତିତ୍ୱ ନାହିଁ ବରଂ ଏହା ଏକ ମାୟା । ଏହି ତତ୍ତ୍ୱକୁ ନେଇ ହଲିଉଡ୍‌ରେ ଅନେକ ଚଳଚ୍ଚିତ୍ର ମଧ୍ୟ ତିଆରି କରାଯାଇଛି, ଯେଉଁଥିମଧ୍ୟରୁ ମାଟ୍ରିକ୍ସ ଓ ମାଟ୍ରିକ୍ସ ରିଭୋଲ୍ୟୁଶନ ଅନ୍ୟତମ। ତେବେ ସମୟର ବାସ୍ତବତା କ'ଣ ? ଅନ୍ୟ ଦୃଷ୍ଟିରେ ଦେଖିଲେ ସମୟ ଆଧୁନିକ ମନୁଷ୍ୟକୃତ ଏକ ଏକକ, ଯାହାର ବାସ୍ତବତା କେବଳ ମଣିଷ ସଭ୍ୟତା ଥିବା ପର୍ଯ୍ୟନ୍ତ ରହିଥିବ କିନ୍ତୁ ତାହା ପରେ ସମୟ କହିଲେ ଆଉ କି ପ୍ରୟୋଜନ ଥିବ। ଅତଏବ ମାନବ ସଭ୍ୟତା ପରି ଏକ ସଜୀବ ଅନୁଶୀଳନକ୍ଷମ ଚେତନା ସହିତ ସମୟର ଆଧାର ପର୍ଯ୍ୟବସିତ। ପ୍ରତ୍ୟେକ ମଣିଷ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ ଏକ ଘଟଣାର ପ୍ରବାହ ମାତ୍ର। ବ୍ୟକ୍ତିର ଜନ୍ମ ପୂର୍ବରୁ ଓ ମୃତ୍ୟୁ ପରେ ତାହା ପାଇଁ ସମୟର ସ୍ୱରୂପ କିଛିନାହିଁ, ହଁ ପଠନ ଓ ଶ୍ରବଣ ମାଧ୍ୟମରେ କିଛି ବିଗତ ସମୟର ଇତିହାସ ତାହାକୁ ଗୋଚର ହୋଇପାରେ କିନ୍ତୁ ଭବିଷ୍ୟତ ସମୟ ବିଷୟରେ ସେ ସମ୍ପୂର୍ଣ୍ଣ ଅଗୋଚର ଓ ସମୟ ଉପରେ ଆମର କୌଣସି କର୍ତ୍ତୃତ୍ୱ ନାହିଁ। ମଣିଷ ପାଇଁ ସମୟର ସବୁଠାରୁ ବିଚିତ୍ର ପ୍ରକୃତି ହେଉଛି ଯେ ଏହା ଅଫେରା, ଯାହା ଥରେ ବିତିଗଲେ ଆଉ ଫେରି ଆସେନା ଓ ଭବିଷ୍ୟତ ସମୟ ସର୍ବଦା ଅଗୋଚର।

ବିଶ୍ୱ ବ୍ରହ୍ମାଣ୍ଡରେ ବସ୍ତୁର ବିପରିତଧର୍ମୀ ଏକ ପ୍ରତିବସ୍ତୁର ଅସ୍ତିତ୍ୱ ଥିବାର କେତେକେ ମତ ଦିଅନ୍ତି, ଯେଉଁ ତତ୍ତ୍ୱ ଅନୁଯାୟୀ ଆମ ବିଶ୍ୱର ଏକ ପ୍ରତିରୂପ ବିଶ୍ୱ ବି ଥାଇପାରେ। ବିରାଟ ବିଶ୍ୱର ଅନ୍ୟ କେଉଁ ଏକ କୋଣରେ ଏକ ପ୍ରତିରୂପ ବିଶ୍ୱରେ ଅନ୍ୟ କେଉଁ ଏକ ଗ୍ରହରେ ଆମର ଏକ ପ୍ରତିରୂପ ଥାଇପାରେ ଯାହା ଆମେ ଯେତେବେଳେ ଶୋଇଯାଉ ଜାଗ୍ରତ ଓ ଚେତନଶୀଳ ହୁଏ ଏବଂ ଆମେ ଯେତେବେଳେ ଜାଗ୍ରତ ରହୁ ତାହା ଶୋଇଯାଏ ଓ ଅବଚେତନ ସ୍ତରକୁ ଚାଲିଯାଏ। ବ୍ରହ୍ମାଣ୍ଡର ମହାଚେତନା ଏହି ପ୍ରତିରୂପର ଯୋଗସୂତ୍ର ରୂପରେ କାମ କରୁଥାଇପାରେ। ଏହି ପରିପ୍ରେକ୍ଷୀରେ ସମୟ ଆମ ପାଇଁ ଜାଗ୍ରତ ଓ ସୁସୁପ୍ତ ଅବସ୍ଥାର ଏକ ପ୍ରହେଳିକାମୟ ଲୁଚକାଳି ଖେଳ ଭଳି, ଯେଉଁଥିରେ ଆମକୁ ଆମ ନିଦ୍ରା ପର ଅଚେତନ ବ୍ରହ୍ମାଣ୍ଡର ରହସ୍ୟ ଅଗୋଚର ହିଁ ରହେ।

ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଆମେ ବିଶ୍ୱ ଭିତରେ ଅଛେ ଓ ବିଶ୍ୱ ଆମ ଭିତରେ ଅଛି ଠିକ୍ ସେହିପରି ଆମେ ସମୟ ଭିତରେ ଅଛେ ଓ ସମୟ ଆମ ଭିତରେ ଅଛି। ତେବେ ସମୟ ଓ ମହାଶୂନ୍ୟର ଏହି ପ୍ରବାହମାନ ସ୍ରୋତ ଭିତରେ କିଏ ପ୍ରବାହିତ ହେଉଛି ; ନା ସମୟ ନା ମହାଶୂନ୍ୟ ନା ଆମ ଜୀବନଚକ୍ର, ବାସ୍ତବରେ ଏସବୁ ଭିତରେ ଜ୍ଞାନ ହିଁ ପ୍ରବାହମାନ ହୋଇ ବିକଶିତ ହେଉଛି।

**ଦଧିବାବନପୁର, କଟକ**
**ମୋ: ୮୦୧୮୮ ୩୪୭୩୪**

# ବନରୁ ଜୀବନ



ପ୍ର. ଅଜୟ କୁମାର ପାତ୍ର

ପରିବର୍ତ୍ତନର ବିରାଟ କଳାବାଦଲ ଆଜି ସାରା ବିଶ୍ୱର ଭାଗ୍ୟାକାଶକୁ ଆଚ୍ଛାଦିତ କରିଛି। କ୍ରମାଗତ ବୃଦ୍ଧି ପାଉଥିବା ତାପମାତ୍ରା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖିବାକୁ ମିଳିଛି। ପରିବେଶ ପ୍ରଦୂଷଣ ଓ ତାପମାତ୍ରାର ଅସ୍ୱାଭାବିକ ବୃଦ୍ଧି କାରଣରୁ ଭୂପୃଷ୍ଠରୁ ତଥା ଜଳଭାଗରୁ ଅନେକ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିବାବେଳେ ଆହୁରି ଅନେକ ପ୍ରଜାତି ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଛନ୍ତି। ଦୁଃଖର ବିଷୟ ଯେ ଦ୍ରୁତ ଶିଳ୍ପାୟନ, ଜନସଂଖ୍ୟା ବୃଦ୍ଧି, ବହୁଳ ନଗର-ନଗରୀ ଆବିର୍ଭାବ, କୀଟମରା ଔଷଧର ଅବାଧ ତଥା ବିଶୃଙ୍ଖଳିତ ବ୍ୟବହାର, ଜମି ଅଧିଗ୍ରହଣ ତଥା ଅଖଣ୍ଡ ପଶୁପକ୍ଷୀ ଶିକାର ଓ ଜଙ୍ଗଲପୋଡ଼ି ଆଦି ପ୍ରକୃତିବିରୋଧୀ କାର୍ଯ୍ୟକଳାପ ଯୋଗୁ ଜଙ୍ଗଲର ଆବାସସ୍ଥଳ ସଙ୍କୁଚିତ ହୋଇ ପ୍ରାୟ ୧୯ ପ୍ରତିଶତକୁ ଖସିଆସିଛି, ଯାହା ଫଳରେ ବିଶ୍ୱ ପ୍ରତି ଘୋର ବିପତ୍ତି ସୃଷ୍ଟି ହୋଇଛି।

ନିକଟରେ ଆମେରିକା ଏବଂ ବ୍ରିଟେନ୍‌ର ପରିବେଶ ବିଜ୍ଞାନୀଙ୍କର ଏକ ଦଳ ପକ୍ଷରୁ ଆମାଜନ ଜଙ୍ଗଲ ଉପରେ କରାଯାଇଥିବା ଅନୁଧ୍ୟାନ ରିପୋର୍ଟରେ ଏକ ଚମକପ୍ରଦ ତଥ୍ୟ ପ୍ରକାଶ ପାଇଛି ଯେ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପାୟନ କାରଣରୁ ବୃକ୍ଷଗୁଡ଼ିକ ଲମ୍ବାରେ ବଢିବା ସହିତ ସେଗୁଡ଼ିକର ମୋଟେଇ ମଧ୍ୟ ବୃଦ୍ଧି ପାଉଛି। ପୂର୍ବରୁ ଏହା କେବଳ ସୀମିତ ପ୍ରଜାତିର ବୃକ୍ଷ କ୍ଷେତ୍ରରେ ଦେଖିବାକୁ ମିଳୁଥିବା ବେଳେ ସମ୍ପ୍ରତି ତାହା ଅନ୍ୟାନ୍ୟ ପ୍ରାୟ ସମସ୍ତ ପ୍ରଜାତି କ୍ଷେତ୍ରରେ ପରିଲକ୍ଷିତ ହେଉଛି। ରିପୋର୍ଟରେ କୁହାଯାଇଛି ଯେ କମ୍ ବୟସରେ ବୃକ୍ଷଗୁଡ଼ିକ ଶୀଘ୍ର ବଢିବା ଓ ସର୍ବାଧିକ ଉଚ୍ଚତା ଓ ଆକାରରେ ପହଞ୍ଚିବା ପରେ ସେଗୁଡ଼ିକର ମୃତ୍ୟୁ ଘଟୁଛି। ତେବେ ଏହା ସେମାନଙ୍କର ଚୂଡ଼ାନ୍ତ ନିର୍ଣ୍ଣୟ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଜଣେ ପରିବେଶ ବିଜ୍ଞାନୀ ହିସାବରେ ନିଜର ଗବେଷଣାଲବ୍ଧ ଜ୍ଞାନରୁ ଏହାର ଠିକ୍ କାରଣ ଅବତାରଣା କରାଯାଇପାରେ ଯେ ପ୍ରଥମତଃ ଆମାଜନ୍ ଜଙ୍ଗଲ ବା ହିମାଳୟ ପାଦଦେଶର ଜଙ୍ଗଲ କଥା କୁହନ୍ତୁ ବିଗତ ଷାଠିଏ ବର୍ଷ ତଳର ଘଞ୍ଚ ଜଙ୍ଗଲ ଆଜି ମଣିଷ ଦ୍ୱାରା ଧ୍ୱଂସ ପାଇଛି। ଜଙ୍ଗଲରେ ଘନତ୍ୱ ଆଶାତୀତ ଭାବରେ ହ୍ରାସ ପାଇଛି। ଜଙ୍ଗଲ ଧ୍ୱଂସ ପାଇବା ସହିତ ଦ୍ରୁତ ଜନସଂଖ୍ୟା ବୃଦ୍ଧି କାରଣରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ଆଶାତୀତ ଭାବରେ ବୃଦ୍ଧି ପାଇଛି ଓ ଅମ୍ଳଜାନର ମାତ୍ରା ସେହି ତୁଳନାରେ ହ୍ରାସ ପାଉଛି। ଫଳରେ ବିଜବିକ୍ଷେପ ଓ ପରାଗ ସଂଗମ ପ୍ରକ୍ରିୟା ବାଧାପ୍ରାପ୍ତ କାରଣରୁ ଅଧିକ ଶିଶୁବୃକ୍ଷ ସୃଷ୍ଟିରେ ବାଧା ସୃଷ୍ଟି ହେଉଛି। ପଶୁ-ପକ୍ଷୀଙ୍କ ମଳ ମୃତ୍ତିକାକୁ ଉର୍ବର କରିବା ସହିତ ବୃକ୍ଷକୁ ଉପଯୁକ୍ତ ଖାଦ୍ୟ ଯୋଗାଇଥାଏ। ଉପଯୁକ୍ତ ପୋଷଣ ଅଭାବରୁ ପ୍ରାଥମିକ ଅବସ୍ଥାରେ ଯଦିଓ ଦ୍ରୁତ ଅଭିବୃଦ୍ଧି ଘଟୁଛି ପରମୁହୂର୍ତ୍ତରେ ପୋଷଣ ଅଭାବରୁ ଶୀଘ୍ର ମୃତ୍ୟୁ ଘଟୁଛି। ଏହା ବୃକ୍ଷର ସହଳ



ମୃତ୍ୟୁର ଅନ୍ୟ ଏକ କାରଣ ହୋଇପାରେ। ବିଗତ ପ୍ରାୟ ୬୦ ବର୍ଷ ପୂର୍ବରୁ ଭୂ-ପରିବେଶ ବ୍ୟବସ୍ଥାନୁଯାୟୀ ପ୍ରାୟ ଏକ ତୃତୀୟାଂଶ ମଣିଷକୃତ ଅଙ୍ଗାରକାମ୍ଳ ନିର୍ଗମନକୁ ବୃକ୍ଷ ସ୍ୱ-ଭାଶ୍ଲେଷଣ ପ୍ରକ୍ରିୟା ମାଧ୍ୟମରେ ରୋକିପାରିଥିଲା। ମାତ୍ର ଚଳିତ ଦଶନ୍ଧିଗୁଡ଼ିକରେ ଆଶାତୀତ ଜଙ୍ଗଲ ଧ୍ୱଂସ, କାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ, ଜନସଂଖ୍ୟା ବୃଦ୍ଧିଜନିତ ନିଃଶ୍ୱାସରେ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବା ଆଦି ବିଭିନ୍ନ କାରଣରୁ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ବୃଦ୍ଧି ପାଇଥିବାରୁ ତାହା ବିଶ୍ୱସ୍ତରରେ ବାୟୁମଣ୍ଡଳର ତାପମାତ୍ରା ଶତକଡ଼ା ୧.୫ ବା ଅଧିକ ବୃଦ୍ଧି ଘଟାଇ ବିଶ୍ୱତାପନ ବୃଦ୍ଧି ଭଳି ବିଷମ ପରିସ୍ଥିତି ସୃଷ୍ଟି କରିଛି।

ବର୍ତ୍ତମାନ ଭାରତର ଜଙ୍ଗଲ ପଟ୍ଟଚିତ୍ର ଉପରେ ସଂକ୍ଷିପ୍ତ ଦୃଷ୍ଟି ପକାଇବା। ଡେରାଡୁନ୍ ସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ୧୯୮୭ ପରଠାରୁ ପ୍ରତି ଦୁଇବର୍ଷରେ ଭାରତରେ ତଥା ଅନ୍ୟାନ୍ୟ ରାଜ୍ୟରେ ଜଙ୍ଗଲର ସ୍ଥିତି ଉପରେ ଏକ ରିପୋର୍ଟ ପ୍ରକାଶ କରି ଆସୁଛି। ସରକାରୀ ରେକର୍ଡ ଅନୁଯାୟୀ ତିନି ପ୍ରକାର ଜଙ୍ଗଲ ରହିଛି ଯଥା: ସଂରକ୍ଷିତ ଜଙ୍ଗଲ, ରକ୍ଷିତ ଜଙ୍ଗଲ ଏବଂ କୌଣସି ଶ୍ରେଣୀଭୁକ୍ତ ହୋଇ ନ ଥିବା ଜଙ୍ଗଲ। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି, ଯଦି ଦେଶର ମୋଟ ନଥିପତ୍ର ଭୁକ୍ତ ୭,୭୫,୨୮୮ ବର୍ଗ କି.ମି. ଜଙ୍ଗଲ ଜମିରୁ କେବଳ ମାତ୍ର ୫,୧୬,୬୦୦ ବର୍ଗ କି.ମି. ଜମିରେ ଜଙ୍ଗଲ ରହିଛି, ତେବେ ବଳକା ୨,୫୮,୨୮୪ ବର୍ଗ କି.ମି. ଜମି ଗଲା କୁଆଡ଼େ? ସେ ଜମିର ବର୍ତ୍ତମାନ ସ୍ଥିତି କ'ଣ, ତାହା ଏକ ବିରାଟ ପ୍ରଶ୍ନବାଚୀ।

ଓଡ଼ିଶାର ମୁଖ୍ୟ ଜଙ୍ଗଲ ସମ୍ପଦ ମଧ୍ୟରେ ରହିଛି 'ହେନ୍ତାଳ ବନ'। ହେନ୍ତାଳ ବନ କହିଲେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ, ନଦୀ ମୁହାଣ, ଉପକୂଳବର୍ତ୍ତୀ ଦ୍ୱୀପାଞ୍ଚଳରେ ଦେଖାଯାଉଥିବା ଏବଂ ଲୁଣପାଣିକୁ ସହନ କରିପାରୁଥିବା ଗ୍ରୀଷ୍ମମଣ୍ଡଳୀୟ ଲୁଣା ଜଙ୍ଗଲକୁ ବୁଝାଏ। ଏହା ଓଡ଼ିଶା ଉପକୂଳର ଜୈବବିବିଧତା (୫୫ ପ୍ରକାରର ପ୍ରଜାତି) ବଢାଇବା ସହିତ ଉପକୂଳର ସାମୂହିକ ସୁରକ୍ଷାର 'ରକ୍ଷାକବଚ' ଭଳି କାଳକାଳରୁ କାର୍ଯ୍ୟକରି ଆସୁଛି। ସୁଉଚ୍ଚ ଘାସ ସମେତ ବିବିଧ ବିରଳ ପ୍ରଜାତିର ସବୁଜ ଉଦ୍ଭିଦ, ଗୁଳ୍ମ ଓ କଣ୍ଟାବୃକ୍ଷ ଦେଖାଯାନ୍ତି ଏଇ ବଣରେ। ଏହି ବୃକ୍ଷଗୁଡ଼ିକର ଅଙ୍ଗାରକାମ୍ଳ ଧାରଣ କରିବାର କ୍ଷମତା ଯଥେଷ୍ଟ ଅଧିକ ଥିବାରୁ ଜୀବଜଗତ ନିମନ୍ତେ ବେଶ୍ ଉପକାରୀ। ଉପକୂଳବର୍ତ୍ତୀ ଜିଲା ଯଥା: ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରର ସମୁଦ୍ରତଟ ଅଞ୍ଚଳରେ ଏହି ହେନ୍ତାଳ ବନ ଦେଖାଯାଏ। ଦୁର୍ଭାଗ୍ୟର ବିଷୟ ଯେ ଅବାରିତ ଗଛକଟା, ପ୍ରଦୂଷଣ ଓ ଜଳର ସାନ୍ଦ୍ରତା ବୃଦ୍ଧି ଯୋଗୁ ହେନ୍ତାଳ ଜୈବମଣ୍ଡଳ ଅସୁରକ୍ଷିତ ହୋଇପଡ଼ିଛି। ଯଦି ଏହାର ସୁରକ୍ଷା ଠିକ୍ ସମୟରେ କରା ନ ଯାଏ ଏହି ଦୁର୍ଲଭ ଅଞ୍ଚଳ ତା'ର ଅସ୍ତିତ୍ୱ ହରାଇବ। ବୃକ୍ଷର ସୁରକ୍ଷା ସହିତ ଜଙ୍ଗଲର ଅଭିବୃଦ୍ଧିରେ ସମଗ୍ର ମାନବ ଜାତି ସହଯୋଗର ହାତ ବଢାଇବା ଉଚିତ। ବୃକ୍ଷ ପୂଜା, ବୃକ୍ଷ ସ୍ତୁତି ଆମର ଆଜିର ଗୁରୁମନ୍ତ୍ର ହେବା ଉଚିତ। ଋଗ୍‌ବେଦ କହେ, 'ଔଷଧୀରିତି ମାତରସ୍ତଦ୍ୱୋ ଦେବୀରୂପ ଦ୍ରୁବେ। 'ଅର୍ଥାତ୍ ହେ ବୃକ୍ଷ! ମାନବର ଦିବ୍ୟମାତା ରୂପରେ ମୁଁ ତୁମର ସ୍ତୁତିଗାନ କରୁଛି।'

**ପରିବେଶ ବିଜ୍ଞାନୀ**
**ମୋ:୯୪୩୮୬୨୧୩୯୧**

## ଏଇ ଭାରତରେ

କେବଳ ଶିକ୍ଷାଦାନରେ ସୀମିତ ନ ରହି ସ୍କୁଲର କଳେବର ବଦଳାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି ମଧ୍ୟପ୍ରଦେଶର ଜଣେ ଶିକ୍ଷକ। ରାଜଗଡ଼ର ମୋହନପୁର କଲୋନୀରେ ଥିବା ଇଣ୍ଟିଗ୍ରେଟେଡ ମିଡିଲ ସ୍କୁଲର ଶିକ୍ଷକ ଗୋପାଳ ବାଲୱାଲାଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ଗୋପାଳ ତାଙ୍କ ସଞ୍ଚିତ ଟଙ୍କାରୁ ଖର୍ଚ୍ଚକରି ସ୍କୁଲରେ ରଙ୍ଗ ଦେଇଛନ୍ତି, ଏହାସହ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ସ୍କୁଲରେ ଏକ ଲାଇବ୍ରେରି ଓ ବଗିଚା କରିପାରିଛନ୍ତି। ଏହି ଲାଇବ୍ରେରିରେ ୨୦୦୦ରୁ ଅଧିକ ବହି ରହିଛି। ଏସବୁ କାର୍ଯ୍ୟ ପାଇଁ ସେ ମୋଟ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମୋହନପୁର ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତଙ୍କ ପାଇଁ ମୋହପୁର କଲୋନୀ କରାଯାଇ ସେଠାରେ ଏହି ସ୍କୁଲ ଖୋଲାଯାଇଥିଲା। ହେଲେ ସ୍କୁଲର ରକ୍ଷଣାବେକ୍ଷଣ ପ୍ରତି କାହାରି ଦୃଷ୍ଟି ନଥିଲା। ସେ ସମୟରେ ସେହି ସ୍କୁଲରେ ମାତ୍ର ୨୩ ଜଣ ପିଲା ପଢୁଥିଲେ। ୨୦୧୮ରେ ଗୋପାଳ ଭାଲୱାଲ ସ୍କୁଲରେ ଶିକ୍ଷକ ଭାବେ ଯୋଗ ଦେବା ପରେ ତାହାର ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିଥିଲା। ସ୍କୁଲକୁ ଆକର୍ଷଣୀୟ କରାଯିବା ପରେ ଏବେ ସେଠାରେ ୧୦୦ରୁ ଅଧିକ ପିଲା ପଢୁଛନ୍ତି।

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ
ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର,
କରିଛି ତାକୁ ମଉନ ମୂକ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | 7 | 3 | 1 | | | | | |
| | | | | | 8 | | | |
| | | | | 9 | | | | 7 |
| | 4 | | 3 | | | | | |
| | | 9 | | | | | | 6 |
| 5 | | 1 | | 6 | 2 | | 8 | |
| | | | | 3 | | | 9 | |
| 6 | | | | 8 | 4 | | | |
| | | 2 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 4 | 1 | 6 | 8 | 2 | 9 | 5 |
| 1 | 6 | 9 | 5 | 3 | 2 | 4 | 7 | 8 |
| 8 | 5 | 2 | 9 | 7 | 4 | 6 | 3 | 1 |
| 6 | 4 | 7 | 8 | 1 | 5 | 3 | 2 | 9 |
| 5 | 9 | 3 | 2 | 4 | 7 | 8 | 1 | 6 |
| 2 | 8 | 1 | 6 | 9 | 3 | 5 | 4 | 7 |
| 4 | 1 | 8 | 3 | 5 | 9 | 7 | 6 | 2 |
| 3 | 2 | 6 | 7 | 8 | 1 | 9 | 5 | 4 |
| 9 | 7 | 5 | 4 | 2 | 6 | 1 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପର୍ଯ୍ୟଟନ ସ୍ଥଳୀର ବିକାଶ ହେଉ

ମହାଶୟ,

ଯଦି ପ୍ରକୃତରେ ଓଡ଼ିଶା ସରକାର ପର୍ଯଟନ ଏବଂ ଓଡ଼ିଶାର ପର୍ଯ୍ୟଟନସ୍ଥଳଗୁଡ଼ିକର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ତତ୍ପର ତେବେ କେବଳ ଭୁବନେଶ୍ୱର ଓ ତାହାର ଆଖାପାଖି ଅଞ୍ଚଳକୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତକରାଇ ପଠାଇବାରେ ଯେ ଓଡ଼ିଶା ପର୍ଯ୍ୟଟନର ବିକାଶହେବ ଏହା ଚିନ୍ତାକରିବା ଅନୁଚିତ। କାରଣ ପୁରୀ ,କୋଣାର୍କ ,ନନ୍ଦନକାନନ , ଖଣ୍ଡଗିରି ଓ ଭୁବନେଶ୍ୱର ଭିତରେ ଥିବା ଅନେକ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ । ଖଣ୍ଡଗିରି ଓ ଉଦୟଗିରିରେ ମାଙ୍କଡ଼ ଓ ଛେଳି ଏତେ ଅପରିଷ୍କାର କରିଛନ୍ତି ଯେ ସଫେଇ କର୍ମଚାରୀମାନେ ନିୟମିତ ନ ଆସିବାରୁ ସ୍ଥିତି ବିଗିଡ଼ିଯାଉଛି । କୋଣାର୍କ ଓ ପୁରୀରେ ଉଠାଦୋକାନୀମାନେ ପୂରା ମନ୍ଦିର ଚାରିପଟେ ଘେରାଉକରି ରଖିଛନ୍ତି । ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା ନୀତିରେ ପର୍ଯ୍ୟଟନ ବିଭାଗ ଚାଲିଛି । ଓଡ଼ିଶାକୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଆଧୁନିକତାର ସ୍ପର୍ଶଦେବା ସହ ଗମନାଗମନ ସୁବିଧା ସହିତ ପାରିପାର୍ଶ୍ୱିକ ଉନ୍ନତି ଅତ୍ୟନ୍ତ ଆବଶ୍ୟକ । ପଶ୍ଚିମବଙ୍ଗର ସୁନ୍ଦରବନ ପରି ଆମ ରାଜ୍ୟର ଭିତରକନିକା ଓ ପୁରୀ ଜିଲାର ଅସ୍ତରଙ୍ଗ ନିକଟସ୍ଥ ଗଙ୍ଗଦେବୀ ମୁହାଣରେ ପର୍ଯ୍ୟଟକମାନେ ରହିବା ପାଇଁ ସରକାର କେତେଗୋଟି କଟେଜ ନିର୍ମାଣ କରିଛନ୍ତି । ଏହାକୁ ଦେଶୀ ବା ବିଦେଶୀ ଯେକୌଣସି ପର୍ଯ୍ୟଟକ ଦେଖିଲେ ନିଶ୍ଚିତ ଭାବରେ ଆକର୍ଷିତ ହେବେ ।

**-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବୈତରଣୀରେ ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

ପାଟଣା,୧୪।୧
(ବୀରକିଶୋର ଦାଶ)

■ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କଲେ
■ ଭାଜପା ନେତାଙ୍କ ଘରେ ଖାଇଲେ ମକରର ଛାଙ୍କଲ ପିଠା

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଦେଇ ପ୍ରବାହିତ ବୈତରଣୀ ନଦୀ ପରମେଶ୍ୱର ମହାଦେବ ମନ୍ଦିର ସଂଲଗ୍ନ ଅନସୂୟା ଘାଟରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମକର ବୁଡ଼ ପକାଇଛନ୍ତି। ମଧ୍ୟାହ୍ନ ୧୨ଟା ୧୫ ମିନିଟରେ ସେ ୭ ଥର ବୁଡ଼ ପକାଇବା ସହ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ସେଠାକାର ପୋଲ ଉପରେ ଉପସ୍ଥିତ ଅନେକ ହଜାର ଲୋକଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ।

ବୁଡ଼ ପକାଇବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ମହାଦେବଙ୍କୁ ଦର୍ଶନ କରି ରାଜ୍ୟ ଓ କେନ୍ଦୁଝରବାସୀଙ୍କ ସୁଖ, ସମୃଦ୍ଧି ପାଇଁ ପ୍ରାର୍ଥନା ସହ ଜିଲାକୁ କିଭଳି ଶିଳ୍ପ ଆସିବ ସେଥିପାଇଁ ଠାକୁରଙ୍କୁ ଜଣାଇଲେ। ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ ନେଇ କାର୍ଯ୍ୟ କରାଯାଉଛି। ବିକାଶ ତ୍ୱରାନ୍ୱିତ ହେଉଛି। ଓଡ଼ିଶା ଆୟୁଷ୍ମାନ ଯୋଜନା ସହ ଯୋଡ଼ି ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଏମ୍ଓୟୁ କରାଯାଇଛି। ଏହି ଯୋଜନାରେ ୧ କୋଟି ୩ ଲକ୍ଷ ଲୋକ ସାମିଲ ହୋଇ ଚିକିତ୍ସା ସୁବିଧା ପାଇବେ। ଏହାବ୍ୟତୀତ ଓଡ଼ିଶାର ୭୦ ବର୍ଷରୁ ଊର୍ଦ୍ଧ୍ୱ ୨୩ ଲକ୍ଷ ବରିଷ୍ଠ ନାଗରିକ ଆୟୁଷ୍ମାନ ଯୋଜନାରେ ଉପକୃତ ହେବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ବରିଷ୍ଠ ଭାଜପା ନେତା କମଳାକାନ୍ତ ଦାଶ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସବିର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବତନ ପାଟଣା ବିଧାୟକ ହୃଷୀକେଶ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ଶିଳ୍ପପତି ବିବେକାନନ୍ଦ ଦାଶ, ପରମେଶ୍ୱର ମନ୍ଦିର ଟ୍ରଷ୍ଟି ଶ୍ରୀମନ୍ତ ତ୍ରିପାଠୀ, ଆନନ୍ଦେଶ୍ୱର ମନ୍ଦିର କମିଟି ସଭାପତି ଅଜୟ କୁମାର ଦାଶ, କମିଟିର ଯୁଗଳ କିଶୋର ଦାଶ, ଶିକ୍ଷକ ସଂଘ ପକ୍ଷରୁ କମଳାକାନ୍ତ ପତି ଓ ବୀର ମୋହନ ଦ୍ୱିବେଦୀ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, ସଂଗଠନ, ଭାଜପାର ବରିଷ୍ଠ ନେତା, ବୁଦ୍ଧିଜୀବୀ ଫୁଲତୋଡ଼ା ଦେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

ବୈତରଣୀ ନଦୀ ସଂଲଗ୍ନ ପରମେଶ୍ୱର ମହାଦେବଙ୍କ ଦର୍ଶନ ପରେ ପୁରାତନ ଆନନ୍ଦେଶ୍ୱର ଶିବ ମନ୍ଦିରକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ୯ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ଥିଲେ। ଜିଲାପାଳ ବିଶାଲ ସିଂ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଆରକ୍ଷୀ ଅଧୀକ୍ଷକ କୁଶଲକର ନୀତିନ ଦାଗୁଡୁ, ଡିଏଫ୍ଓ ଧନରାଜ ହନୁମନ୍ତ, ଉପଜିଲାପାଳ ଉମାଶଙ୍କର ଦଳେଇ, ଘଟଗାଁ ଏସ୍ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳା ତଦାରଖ କରିଥିଲେ। ମାଜିଷ୍ଟ୍ରେଟ ଭାବେ ସାହାରପଡ଼ା ତହସିଲଦାର ରଞ୍ଜିତ ମହାନ୍ତ ଉପସ୍ଥିତ ଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସଡ଼କପଥରେ ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ବାସିନ୍ଦା ତଥା କେନ୍ଦୁଝର ଏମ୍ପି ଅନନ୍ତ ନାୟକଙ୍କ ଜିଲା ପ୍ରତିନିଧି ହରି ମହାନ୍ତଙ୍କ ଘରେ କୁଡୁମୀ ସମ୍ପ୍ରଦାୟ ମକରର ସ୍ୱତନ୍ତ୍ର ଛାଙ୍କଲ ପିଠା, ଚକୁଳି, ପୁରି ଓ ତରକାରି ଖାଇ ସଡ଼କ ପଥରେ କେନ୍ଦୁଝର ଗସ୍ତ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଡ଼ ପକାଉଛନ୍ତି।

# ତଟରକ୍ଷୀ ବାହିନୀ ପାଇଁ ଟ୍ରେନିଂ ଜାହାଜ ନିର୍ମାଣ ଆରମ୍ଭ




ଭୁବନେଶ୍ୱର,୧୪।୧
(ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ପାଇଁ ଏକ ଟ୍ରେନିଂ ଜାହାଜ (ୟାର୍ଡ ୧୬୧୦୧)ର କିଲ୍ ସ୍ଥାପନ ସମାରୋହ ମୁମ୍ବାଇର ମାଜାଗନ ଡକଶିପ୍ ବିଲ୍ଡର୍ସ ଲିମିଟେଡ୍ (ଏମ୍ଡିଏଲ୍)ରେ ଅନୁଷ୍ଠିତ ହେବା ସହ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୭,୫୦୦ ସାମୁଦ୍ରିକ ମାଇଲ ପରିସର ସହିତ ଏହି ଜାହାଜରେ ସମୁଦ୍ରରେ ଉଚ୍ଚମାନର ତାଲିମ ଅଭିଜ୍ଞତା ନିଶ୍ଚିତ କରିବା ପାଇଁ ଟ୍ରେନିଂ ବ୍ରିଜ୍, ଚାର୍ଟ ହାଉସ୍ ଏବଂ କ୍ୟାଡେଟ୍ଙ୍କ ପାଇଁ ସ୍ୱତନ୍ତ୍ର ଶ୍ରେଣୀଗୃହ ଭଳି ସୁବିଧା ଉପଲବ୍ଧ ହେବ। ସମୁଦ୍ରକୂଳରେ ମହିଳା ଅଧିକାରୀଙ୍କ ସମେତ ୭୦ ଜଣ ଅଣ୍ଡର-ଟ୍ରେନିଂ ଅଫିସରଙ୍କ ପ୍ରଶିକ୍ଷଣରେ ମଧ୍ୟ ଏହି ଜାହାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଜାହାଜର ଲମ୍ବ ୧୦୭ ମିଟର ହୋଇଥିବାବେଳେ ସର୍ବାଧିକ ୨୦ ନଟ୍ ବେଗ ହାସଲ କରିବାରେ ସକ୍ଷମ ହେବ। ଏଥିରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉନ୍ନତ ବୈଷୟିକ ପ୍ରଣାଳୀ ମଧ୍ୟ ରହିବ, ଯେଉଁଥିରେ ଏଆଇ ଆଧାରିତ ପୂର୍ବାନୁମାନ ରକ୍ଷଣାବେକ୍ଷଣ ବ୍ୟବସ୍ଥା, ବହୁମୁଖୀ ଡ୍ରୋନ, ଇଣ୍ଟିଗ୍ରେଟେଡ୍ ବ୍ରିଜ୍ ସିଷ୍ଟମ ଏବଂ ଇଣ୍ଟିଗ୍ରେଟେଡ୍ ପ୍ଲାଟ୍ଫର୍ମ ପରିଚାଳନା ବ୍ୟବସ୍ଥା ରହିବ। ଏହି ଜାହାଜ ନିର୍ମାଣ ପାଇଁ ଚୁକ୍ତିନାମା ୨୦୨୩ ଅକ୍ଟୋବରରେ ଚୂଡ଼ାନ୍ତ ହୋଇଥିବାବେଳେ ଏହା ସ୍ୱଦେଶୀ ଭାବେ ପରିକଳ୍ପିତ, ବିକଶିତ ଏବଂ ନିର୍ମାଣ କରାଯାଉଛି। ଏହି ଅବସରରେ ଇନ୍ସପେକ୍ଟର ଜେନେରାଲ ଏଚ୍.କେ. ଶର୍ମା, ଡେପୁଟି ଡାଇରେକ୍ଟର ଜେନେରାଲ (ସାମଗ୍ରୀ ଓ ରକ୍ଷଣାବେକ୍ଷଣ), ଏମ୍ଡିଏଲ୍ର ନିର୍ଦ୍ଦେଶକ (ଜାହାଜ ନିର୍ମାଣ)ଙ୍କ ସମେତ ଆଇସିଜି ଏବଂ ଏମ୍ଡିଏଲ୍ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଦର୍ଶନ କରି କ୍ଷମାପ୍ରାର୍ଥନା କଲେ କଂସ ମହାରାଜ


ଭୁବନେଶ୍ୱର ପ୍ରଧାନ ସମୁଦ୍ରରେ ବୁଡ଼ ପକାଇବା ସହ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି।

ପୁରୀ,୧୪।୧
(ଅଜିତ୍ କୁମାର ମହାନ୍ତି)

ବରଗଡ଼ଠାରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପୌଷ ପୂର୍ଣ୍ଣିମା ଅବସରରେ କଂସବଧ ସହ ଶେଷ ହୋଇଛି। ପରେ କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁଙ୍କୁ ଗାଳି କରିବା ସହ ଶ୍ରୀକୃଷ୍ଣ ଭକ୍ତଙ୍କୁ ଅତ୍ୟାଚାର କରିଥିବା କାରଣରୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଓ ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଶରଣରେ କ୍ଷମା ପ୍ରାର୍ଥନା କରିଛନ୍ତି। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ଧନୁଯାତ୍ରା ସମୟରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଅନେକ କଟୁକଥା କହିବା ସହ ମାରିବା ନିମନ୍ତେ ଉଦ୍ୟମ କରିଥିଲେ। ତେଣୁ ଧନୁଯାତ୍ରା ସରିବା ପରେ କଂସ ଅଭିନୟ କରିଥିବା ପ୍ରଧାନ ମଙ୍ଗଳବାର ପୁରୀ ଆସି କ୍ଷମାପ୍ରାର୍ଥନା କରିଛନ୍ତି।

ପ୍ରଧାନ କହିଛନ୍ତି, ପ୍ରଥମେ ସେ ଗୋବର୍ଦ୍ଧନ ମଠ ଯାଇଥିଲେ। ସେଠାରୁ ସମୁଦ୍ରକୁ ଯାଇ ବୁଡ଼ ପକାଇବା ସହ ପଇତା ବିସର୍ଜନ କରି ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଓ ନମସ୍କାର କରିଥିଲେ। ପରେ ମଠକୁ ପୁନର୍ବାର ଯାଇଥିଲେ। ଗୁରୁଜୀ କୁମ୍ଭମେଳା ନିମନ୍ତେ ଯାଇଥିବାରୁ ଗୁରୁଜୀଙ୍କ ଆସନଙ୍କୁ ଦର୍ଶନ କରି ମୁଣ୍ଡିଆ ମାରିଥିଲେ। ପରେ ସେଠାରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅଭିନୟରେ କରିଥିବା ପାପର କ୍ଷମା ପାଇଁ ପ୍ରାର୍ଥନା କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ସୋର, ୧୪।୧(ଜନ୍ମେଜୟ ମିଶ୍ର)

ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଯୁବକଙ୍କୁ ପଶ୍ଚିମବଙ୍ଗ ପୋଲିସ ସୋରରୁ ଗିରଫ କରିଛି। ପଶ୍ଚିମବଙ୍ଗର ଦେବେନ୍ଦ୍ର ମାଇତି ଗତ ମାର୍ଚ୍ଚରେ ପୂର୍ବମେଦିନୀପୁର କୋଲାଘାଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ କୋଲାଘାଟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୧୯୮/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଦେବେନ୍ଦ୍ରଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ସୋମବାର ରାତିରେ ସୋରରେ ପହଞ୍ଚିଥିଲା। ବିଳମ୍ବିତ ରାତିରେ ସୋର ପୋଲିସ ସହଯୋଗରେ ଦେବେନ୍ଦ୍ରଙ୍କୁ ସୋର ଥାନା ଅଧୀନ ଛପୋଲିଆଠାରୁ ଗିରଫ କରିଥିଲା। ନାବାଳିକା ଜଣଙ୍କ ଫେରାର ହୋଇଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ସୋର ଡାକ୍ତରଖାନାରେ ଦେବେନ୍ଦ୍ରଙ୍କ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟରେ ହାଜର କରାଇ ପଶ୍ଚିମବଙ୍ଗ ପୋଲିସ ନେଇଯାଇଥିବା ଜଣାପଡ଼ିଛି।

# ମାର୍ଚ୍ଚ ୨ରେ ଚୌରସିୟା ସମାଜ ପକ୍ଷରୁ ସମୂହ ବିବାହ

ଭୁବନେଶ୍ୱର,୧୪।୧
(ଅନୁରାଧା ମହାରଣା)

କାନପୁରସ୍ଥିତ ଅଖିଳ ଭାରତୀୟ ଚୌରସିୟା ସମାଜ ପକ୍ଷରୁ ମାର୍ଚ୍ଚ ୨ରେ ୨୪ତମ ପରିବାର ମିଳନ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି। କାନପୁର ମୋତିଝିଲସ୍ଥିତ ଲାଜପତ ଭବନରେ ଏହି କାର୍ଯ୍ୟକ୍ରମ ହେବାକୁଥିବାବେଳେ ଦେଶବିଦେଶରୁ ୧୬ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବ ବୋଲି ଚୌରସିଆ ସମାଜ ଆୟୋଜନ ସମିତିର ଅଧ୍ୟକ୍ଷ କମଳ କିଶୋର ଚୌରସିୟା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରୀଛାତ୍ର, ସାମାଜିକକର୍ମୀ ତଥା ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କେପି ସମୂହ ସହଯୋଗରେ ସମୂହ ବିବାହର ଆୟୋଜନ କରାଯାଇଛି। ଯୌତୁକ ଭଳି କୁତ୍ସିତ ପ୍ରଥାର ବିଲୋପ ଉଦ୍ଦେଶ୍ୟରେ ଏହି ସମୂହ ବିବାହ କରାଯାଉଥିବାବେଳେ ଇଚ୍ଛୁକ ବ୍ୟକ୍ତି ଉକ୍ତ ଉତ୍ସବ ପାଇଁ ଫେବୃଆରୀ ୧୫ ସୁଦ୍ଧା ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ଉତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚୌରସିୟା ସମାଜ ଅଧ୍ୟକ୍ଷଙ୍କ ସମେତ କୋଷାଧ୍ୟକ୍ଷ କୈଳାଶ, ସଂଯୋଜକ ଅମିତ କୁମାର ଚୌରସିୟା, ବିବାହ ସଂଯୋଜକ ରାମ ଖିଲାବନ ପ୍ରମୁଖ ଉପସ୍ଥିତ ଥିଲେ।


ଚୌରସିୟା ସମାଜର ଅଧ୍ୟକ୍ଷ କମଳ କିଶୋର ଚୌରସିୟା (ମଝି), ଆନନ୍ଦ କୁମାର ଚୌରସିୟା (ପୂର୍ବତନ ଅଧ୍ୟକ୍ଷ) ଏବଂ କୈଳାସ ଚୌରସିୟା।

# କୁମ୍ଭମେଳାରେ ଉଦ୍‌ବୋଧନ ଦେବେ ନବରଙ୍ଗପୁରର ବୈଜ୍ଞାନିକ କାହ୍ନୁଚରଣ

ନବରଙ୍ଗପୁର, ୧୪।୧
(ସଦାଶିବ ପ୍ରହରାଜ)

ଉତ୍ତର ପ୍ରଦେଶର ପ୍ରୟୋଗରାଜଠାରେ ୧୩ ତାରିଖରୁ କୁମ୍ଭମେଳା ଆରମ୍ଭ ହୋଇଛି। ଏଠାରେ ନବରଙ୍ଗପୁର ସହରର ଇଚ୍ଛାବତିଗୁଡ଼ା ସାହିର ବରିଷ୍ଠ ବୈଜ୍ଞାନିକ କାହ୍ନୁଚରଣ ବକ୍ତାଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। କୁମ୍ଭ ଗ୍ଲୋବାଲ ସମିତି ତଥା ପୂର୍ବତନ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଆମନ୍ତ୍ରଣ କ୍ରମେ ସେ ଏଠାରେ ଯୋଗଦେବେ। ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନ, ସମନ୍ୱିତ ଶକ୍ତି ପ୍ରବାହ, ପୃଥିବୀ ପୃଷ୍ଠରେ ସବୁଜ ବଳୟ ନଷ୍ଟଜନିତ ମାନବକୃତ ବାୟୁ ପ୍ରଦୂଷଣ ଯୋଗୁ ମାନବ ସମାଜ ଆଗାମୀ ଦିନରେ ଯେଉଁ ଆହ୍ୱାନଗୁଡିକର ସମ୍ମୁଖୀନ ହେବ ଶୀର୍ଷକରେ ଉଦ୍‌ବୋଧନ ଦେବେ। ସୂଚନାନୁଯାୟୀ, ନିରଞ୍ଜନ ପଟ୍ଟନାୟକ ଓ ବିଷ୍ଣୁପ୍ରିୟାଙ୍କ ପୁଅ କାହ୍ନୁଚରଣ ବରିଷ୍ଠ ବୈଜ୍ଞାନିକଭାବେ ୟୁକେର ହାଉ୍ଲି ଓ ଏକ୍ସଟର ସହରରେ ଥିବା ମେଟ(ଏମ୍ଇଟି) କାର୍ଯ୍ୟାଳୟରେ କାର୍ଯ୍ୟରତ। ସେ ଏହିଭଳି ଅନେକ ଅନ୍ତର୍ଜାତିକ ଆଲୋଚନାଚକ୍ରରେ ଭାଗନେଇ ପ୍ରଶଂସା ପାଇଛନ୍ତି। କାହ୍ନୁଙ୍କ ବଡ଼ଭାଇ ରାଜୀବଲୋଚନ ପଟ୍ଟନାୟକ ହାଇକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ।


ବୈଜ୍ଞାନିକ କାହ୍ନୁଚରଣ ପଟ୍ଟନାୟକ

ଟିକସଦାତାଗଣ ଧ୍ୟାନ ଦିଅନ୍ତୁ
ଆୟକର ବିଭାଗ ଦ୍ୱାରା
ବିବାଦରୁ ବିଶ୍ୱାସ ଯୋଜନା ୨୦୨୪
ର ପ୍ରମୁଖ ତାରିଖଗୁଡ଼ିକୁ ୩୧ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି
ପ୍ରମୁଖ ତାରିଖ
ଅପିଲର ମୀମାଂସା ପାଇଁ ସ୍ୱଳ୍ପତର ରାଶି ପୈଠ କରିବା ଲାଗି ଏହି ଯୋଜନା ଅଧୀନରେ ତା୩୧।୦୧।୨୦୨୫ରିଖ କିମ୍ବା ତାହା ପୂର୍ବରୁ ନିଜର ଘୋଷଣାନାମା ଦାଏର କରନ୍ତୁ।
ତା୦୧।୦୨।୨୦୨୫ରିଖ କିମ୍ବା ତା'ପରେ ଘୋଷଣାନାମା ଦାଏର କରାଗଲେ ମୀମାଂସା ରାଶି ଉଚ୍ଚତର ହୋଇଯିବ।




ଅନ୍ତର୍ଭୁକ୍ତ ବିବାଦ
ନିମ୍ନ ସମ୍ବନ୍ଧୀୟ ସମସ୍ତ ବିବାଦ (କେତେକ ଅପବର୍ଜନ ଅଧୀନ):
• ଟିକସ • ଜରିମାନା • ସୁଧ • ଫି • ଟିଡିଏସ୍ କିମ୍ବା ଟିସିଏସ୍

ଯୋଗ୍ୟତା
- ଏପରି ଅପିଲ/ରିଟ୍ ଯାହା ତା୨୨।୦୭।୨୦୨୪ କିମ୍ବା ତାହା ପୂର୍ବରୁ ଦାଏର ହୋଇଥିବ ଏବଂ ତା୨୨।୦୭।୨୦୨୪ରିଖ ସୁଦ୍ଧା ବିଚାରାଧୀନ ରହିଥିବା ଅପିଲ/ରିଟ୍
- ଏପରି ଟିକସଦାତା ଯେଉଁମାନେ ବିବାଦ ସମାଧାନ ପ୍ୟାନେଲ୍ (ଡିଆର୍ପି) ନିକଟରେ ଆପତ୍ତି ଦାଏର କରିଥିବେ ଏବଂ ଡିଆର୍ପି ତା୨୨।୦୭।୨୦୨୪ରିଖ କିମ୍ବା ତାହା ପୂର୍ବ ସୁଦ୍ଧା କୌଣସି ନିର୍ଦ୍ଦେଶନାମା ଜାରି କରି ନ ଥିବ
- ଏପରି ଟିକସଦାତା ଯେଉଁମାନଙ୍କର ମାମଲାରେ ଡିଆର୍ପି ନିର୍ଦ୍ଦେଶନାମା ଜାରି କରିଥିବ କିନ୍ତୁ ମୂଲ୍ୟାୟନ ଅଧିକାରୀ ତା୨୨।୦୭।୨୦୨୪ରିଖ କିମ୍ବା ତାହା ପୂର୍ବ ସୁଦ୍ଧା ମୂଲ୍ୟାୟନ ସମ୍ପୂର୍ଣ୍ଣ କରି ନ ଥିବେ
- ଏପରି ଟିକସଦାତା ଯେଉଁମାନେ ଅଧିନିୟମର ଧାରା ୨୬୪ ଅଧୀନରେ ସଂଶୋଧନ ପାଇଁ ଆବେଦନ ଦାଏର କରିଥିବେ ଏବଂ ଏପରି ଆବେଦନ ତା୨୨।୦୭।୨୦୨୪ରିଖ ସୁଦ୍ଧା ବିଚାରାଧୀନ ରହିଥିବ

ଯୋଜନା ସମ୍ବନ୍ଧରେ ଅଧିକ ସୂଚନା ପାଇଁ www.incometax.gov.in ପରିଦର୍ଶନ କରି ବିଭାଗ ଦ୍ୱାରା ଜାରି କରାଯାଇଥିବା ଏଫ୍ଏକ୍ୟୁଗୁଡ଼ିକୁ ଦେଖନ୍ତୁ
CBC 15401/13/0012/2425
ଏଫ୍ଏକ୍ୟୁ ପାଇଁ
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ
ସର୍କୁଲାର ପାଇଁ
@IncomeTaxIndia @incometaxindia.official @IncomeTaxIndiaOfficial @incometaxindiaofficial @Income Tax India Official

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହ୍ୟୁମାନ ପୋଟେନସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ରୂପାନ୍ତର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ବନ୍ଧୁମିଳନ ଉତ୍ସବ, ସ୍ଥାନ: କେଦାରଗୌରୀ ରିସର୍ଟ, ସମୟ: ମଧ୍ୟାହ୍ନ ୧୨ଟା।
- କଳମଛାଡ଼ ଆନ୍ଦୋଳନ ବାବଦରେ ପ୍ରତିବାଦ, ସ୍ଥାନ: ରାଜ୍ୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନ, ୟୁନିଟ୍-୪, ସମୟ: ଅପରାହ୍ନ ୨ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଉତ୍କଳ ଓପନ ଟେନିସ ଖବରଦାତା ସମ୍ମିଳନୀ, ସ୍ଥାନ: ୫ମ ମହଲା, କମର୍ସିଆଲ ବିଲ୍ଡିଂ, ଏସପ୍ଲାନେଡ ମଲ୍, ସମୟ: ଅପରାହ୍ନ ୪ଟା।
- ଆଇନା ପକ୍ଷରୁ ଫିଲ୍ମ 'ଧ୍ୱନି', ସ୍ଥାନ: ହୋଟେଲ ସୂର୍ଯ୍ୟାଂଶ, ସମୟ: ଅପରାହ୍ନ ୪ଟା।
- ବିଜେଇଏମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ 'ତମେ ଚାଲିଗଲା ପରେ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ତ୍ରିଧାରା ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସର, ସମୟ: ପୂର୍ବାହ୍ନେ ୧୧ଟା ୩୦।
- ଶରତ ସାହିତ୍ୟ ଟ୍ରଷ୍ଟର ବିଂଶତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଉଦ୍‌ଘାଟନ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ପଞ୍ଚାୟତ ସମିତିସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ସ୍ଥାନ: ପଞ୍ଚାୟତ ସମିତି ପରିସର, ବୋଲଗଡ଼, ସମୟ: ସକାଳ ୯ଟା।

## ବାଲେଶ୍ୱର
- ବ୍ୟାସକବି ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ସମାରୋହ ଓ ପରିଷଦର ୭୮ତମ ବାର୍ଷିକୋତ୍ସବର ତୃତୀୟ ଉତ୍ସବ ଉପଲକ୍ଷେ ଛାତ୍ର ଓ ଯୁବପିଢ଼ିଙ୍କୁ ସମର୍ପିତ କାର୍ଯ୍ୟକ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ, ସମୟ: ଅପରାହ୍ନ ୩ଟା।
- ଫକୀରମୋହନଙ୍କ ଜୀବନୀ ଆଧାରିତ ନାଟକ, ନୃତ୍ୟନାଟିକା ପରିବେଷଣ, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ-ସନ୍ଧ୍ୟା ୭ଟା।
- ବର୍ଦ୍ଧିତ ଭତ୍ତା ବଣ୍ଟନ ଉତ୍ସବ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩୪ତମ ଏଫ୍‌ଏଫ୍‌ଟିଏ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଫିସାରି ପଡ଼ିଆ, ବାହାବଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓମ୍ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ଦ୍ୱିତୀୟ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- 'କୋଶମ୍ବ -୨୦୨୫'ର ତୃତୀୟ ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ମକର ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯଜ୍ଞ ଆରମ୍ଭ, ସ୍ଥାନ: ସାତଭଉଣୀ ପୀଠ, ଭଦ୍ରକ, ସମୟ: ସକାଳ ୮ଟା।
- ମା' ବନ୍ଧନାୟକାଣୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅଣ୍ଡରାଇ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ସାମାଜିକ ସୁରକ୍ଷା ପେନ୍‌ସନ୍ ବୃଦ୍ଧି କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ବର୍ଦ୍ଧିତ ପେନସନ ଯୋଜନାର ଶୁଭାରମ୍ଭ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦ୍ୱାରଶୁଣୀ ସଂଘର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ଶୀର୍ଷାପାଳ, ମୋରଡ଼ା ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା,ସ୍ଥାନ: ସିଂହଟିଆ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ମକର ମେଳା ଓ ଟୁସୁ ପର୍ବ, ସ୍ଥାନ: ବୁଢ଼େଇରଣା ମଠ, ଶିଆଳିଘାଟୀ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ବାର୍ଷିକ ଉତ୍ସବର ଦ୍ୱିତୀୟ ଦିନ, ସ୍ଥାନ:ମା' ହାତୀଟପ କମିଟି ଏବଂ ଐଶାନ୍ୟକୋଣ କମିଟି,ତଳସାହି, ଚିତ୍ରଡ଼ା, ମୋରଡା ବ୍ଲକ, ସମୟ:ଅପରାହ୍ନ ୩ଟା।

## ଗଞ୍ଜାମ
- ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡା ବଳଦେବ ଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ,ସ୍ଥାନ: ଖଲ୍ଲିକୋଟ,ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ବାର୍ଷିକ ଉତ୍ସବ, ସ୍ଥାନ: ଦାରିଙ୍ଗବାଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା୩୦।
- ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ସାମାଜିକ ସୁରକ୍ଷା ପେନସନ ପ୍ରଦାନ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- ଶ୍ରୀଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ସାମାଜିକ ସୁରକ୍ଷା ଭତ୍ତା ସଚେତନତା ସଭା, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ସମାଜସେବୀ ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଷୋଡ଼ଶ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧର୍ମଶାଳା ବ୍ଲକ, ଜାରକାସ୍ଥିତ କଳିଙ୍ଗ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ୨ୟ ଦିବସରେ ୟୁନାଇଟେଡ କ୍ଲବ ଗଣ୍ଡରପୁର ବନାମ ସମ୍ବଲପୁର ଫୁଟବଲ ଏକାଡେମୀ, ସ୍ଥାନ: ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଖଲିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଲିସାହି ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଯାତ୍ରାର ୨ୟ ଦିବସ, ସ୍ଥାନ:ଗୋଡିପଡ଼ା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ନୂଆଗାଁ ବ୍ଲକ ସଦ୍‌ଭାବନା କକ୍ଷ, ସମୟ:ଅପରାହ୍ନ ୩ଟା।
- ଶରଣକୁଳ ବ୍ଲକ ପାଇଁ ବୈଠକ, ସ୍ଥାନ:ଶରଣକୁଳ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ।
- ମକର ମେଳା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ତେନ୍ତୁଳିଆପଲ୍ଲୀ, ସମୟ:ସନ୍ଧ୍ୟା ୭ଟା୩୦।

## ରାୟଗଡ଼ା
- ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ବନ୍ଧୁମିଳନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରପୁର ବ୍ଲକର ପିସ୍କାପାଙ୍ଗା, ବାଙ୍ଗରୋଡା, ଦଳଗଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା।

## ନବରଙ୍ଗପୁର
- ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ସହାୟତା, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦। ସ୍ଥାନ : ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ପୁଷ ପୁନି ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ
- ବରିଷ୍ଠ ନାଗରିକଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ସକାଳ ୯ଟା ୩୦।
- କର୍ମଶାଳା ଓ ଆଲୋଚନା ଚକ୍ର, ସ୍ଥାନ: ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ନିଖିଳ ଉତ୍କଳ ଖଡୁରା ସମାଜର ସାଧାରଣ ବୈଠକ, କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ହୋଟେଲ ଇମ୍ପେରୀୟଲ ଇନ୍, ସେମିଳିଗୁଡା, ସମୟ: ସନ୍ଧ୍ୟା ୬ଟା ୩୦ ।
- ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ସମ୍ବଲପୁରୀ ଧନୁଯାତ୍ରାର ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଧନୁଯାତ୍ରା ଗୋପପୁର କମିଟି ପକ୍ଷରୁ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁରସ୍ଥିତ ସମଲେଶ୍ୱରୀ ମନ୍ଦିର, ସମୟ : ସକାଳ ୯ଟା ।
- ୩୨ତମ ଖଣ୍ଡୋକଟା ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଖଣ୍ଡୋକଟା ଧନୁଯାତ୍ରା ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମକର ମିଳନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ, ସ୍ଥାନ : ଠେମରା ଗ୍ରାମ, ସମୟ : ସକାଳ ୯ଟା ।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ : ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ।
- ମକର ମିଳନ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଠେମରା ଗ୍ରାମ, ସମୟ : ଅପରାହ୍ନ ୨ଟା ।
- ବିଶ୍ୱାମ୍ ଚେତନା ପରିଷଦ ଆୟୋଜିତ ଶ୍ରୀମଦ୍ ଭାଗବତ ସାଧ୍ୟାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୫ଟା ୩୦ରୁ ରାତି ୮ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରାର ଉଦ୍‌ଘାଟନ ଉତ୍ସବ, ସ୍ଥାନ : ଗଙ୍ଗାଧର ମୁକ୍ତମଞ୍ଚ, ସମୟ: ସନ୍ଧ୍ୟା ୬ଟା ।

## ସୁବର୍ଣ୍ଣପୁର
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆଁଗଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ବାଗବର ହନୁମାନ ଛକ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ବୃଦ୍ଧା, ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭତ୍ତା ବଣ୍ଟନର ଶୁଭାରମ୍ଭ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ୨ୟ ଦଧି ବାମନ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ୧୪ ତମ ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଟେଭାପଦର,ବୀରମହାରାଜପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ଉଲୁଣ୍ଡା ବ୍ଲକ ଧର୍ମଶାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୫ଟା।
- ତରଭା ରୁଗୁଡିପାଲି ତ୍ରିବେଣୀ ଛକରେ ମକର ମେଳାର ଦ୍ୱିତୀୟ ସନ୍ଧ୍ୟା। ସ୍ଥାନ: ତ୍ରିବେଣୀ ଛକ , ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ବାର୍ଦ୍ଧକ୍ୟ, ବିକଳାଙ୍ଗ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ସାଙ୍କେତିକ ଭାଷା, ମୋ ଭାଷା କାର୍ଯ୍ୟକ୍ରମ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦ମିନିଟ୍।
- ଜିଲାସ୍ତରୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ସ୍ୱଂସିଦ୍ଧା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ସନ୍ଥ ଭୀମ ଭୋଇଙ୍କ ଭଜନ ପରିବେଷଣ, ସ୍ଥାନ: ପଣ୍ଡରି ମହିମା ମଠ, ସମୟ: ସକାଳ ୮ଟା।
- ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଦ୍ୱାରା ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଯାନ୍ତ୍ରିକ ବିଦ୍ୟାଳୟ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଦ୍ୱିଦିବସୀୟ ୬୬ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ:ଏ.ଏଲ ନାୟାର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବର୍ଦ୍ଧିତ ପେନସନ ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ:ପୂର୍ବାହ୍ନ୧୦ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ: ସଦ୍‌ଭାବନା ଭବନ, ସୁନ୍ଦରଗଡ, ସମୟ:ଅପରାହ୍ନ ୪ଟା।


## ରାଉରକେଲା
- ବେଦବ୍ୟାସ ସଂସ୍କୃତ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକାଶ ସ୍ମାରକୀ ଅଲ ଓଡ଼ିଶା କ୍ରିକେଟ ମ୍ୟାଚ୍, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଭିନବ ଉଦୟ ପକ୍ଷରୁ ବୈଠକ, ସ୍ଥାନ: ଛେଣ୍ଡ କଳିଙ୍ଗ ବିହାର, ସମୟ: ଅପରାହ୍ନ ୪ଟା।
- ସ୍ୱାମୀ ବିବେକାନନ୍ଦ ଓ ବିଶ୍ୱଧର୍ମ ମହାସଭା କାର୍ଯ୍ୟକ୍ରମ, ସ୍ଥାନ: ଜେଲ୍ ରୋଡ୍ ଶ୍ରୀଧର ସ୍ମୃତିବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ବ୍ୟାସ କବି ଫକୀର ମୋହନ ଜୟନ୍ତୀ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସେକ୍ଟର-୭ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼
- ବର୍ଦ୍ଧିତ ଭତ୍ତା ବିତରଣ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମକର ଯାତ୍ରା ଉତ୍ସବ ଅବସରରେ ପ୍ରସାଦ ସେବନ, ସ୍ଥାନ: ତଅଲା ସାହି, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମକର ଯାତ୍ରା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତଅଲା ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପୂଜା, ସ୍ଥାନ: ମଠସାହି, ଭାଗବତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ଉତ୍ସବର ଦୀକ୍ଷା ଗ୍ରହଣ, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଟାଉନଶିପ ପରିସର, ସମୟ: ଅପରାହ୍ନ ୧ଟା ୩୦।

## ନୂଆପଡ଼ା
- ୧୫ତମ ବାଗମୁଡିଏନ କପ୍ କ୍ରିକେଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ୪୩ ତମ କମ୍ବାଇନେଟ ବାର୍ଷିକ ଆଥ୍‌ଲେଟିକ ମିଟ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୮ଟା ୩୦।
- ୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜନ ଓ ଦେବଦମ୍ପତି ସମ୍ମିଳନୀ, ସ୍ଥାନ: ଖଡିଆଳ ବ୍ଲକ ଡୁକଲା ଗାଁ, ସମୟ: ପୂର୍ବାହ୍ନ ୯ଟା ୩୦।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସଦର ବ୍ଲକ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୧୮ତମ ରୋୟଲ କପ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରୀ ଗାଁ ଖେଳପଡିଆ, ସମୟ: ସକାଳ ୯ଟା।

## ବୌଦ୍ଧ
- ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଳେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୨ଟା୩୦।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଳ ମାଙ୍କଡ଼ ଥାଇ**
**ଖତାଇ ହୁଅଇ କେତେ,**
**କରଗତ କରି ମାରଗତ କଲେ**
**ସଲାମ କରଇ କେତେ !**

ବନ୍ୟ ପଶୁଙ୍କୁ ଶିକ୍ଷା ଦେଲେ ସେ ମନୁଷ୍ୟର ବଶୀଭୂତ ହୁଏ। ଏହା ମାଙ୍କଡ଼ର ସ୍ୱଭାବ ହୋଇଥିବାବେଳେ ପରୋକ୍ଷରେ କିଛି ମନୁଷ୍ୟର ମଧ୍ୟ ଏପରି ସ୍ୱଭାବ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢେଙ୍ଗା ମୁଣ୍ଡରେ ଠେଙ୍ଗା।**

ସାଧାରଣତଃ ପରିବାରର ବା କୌଣସି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥାଏ। ଏପରି ମୁରବି ଶ୍ରେଣୀର ବ୍ୟକ୍ତିଙ୍କୁ ଏଥିନିମନ୍ତେ ଉତ୍ତରଦାୟୀ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ପ୍ରଥମ ପୃଷ୍ଠାରୁ...




କେନ୍ଦୁଝର ଜିଲା ଝୁମ୍ପୁରାଠାରେ ନବ ନିର୍ମିତ ସେତୁ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

## ମେଟା: ଚିନ୍ତାରେ ...

ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଗୁରୁତ୍ୱପୂର୍ଣ୍ଣ ସହଯୋଗ ନେବାକୁ ପଡ଼ିଲା। ମେଟା ଅଧୀନ ଫେସ୍‌ବୁକ୍‌ର ବିଶ୍ୱର ସର୍ବାଧିକ୩୭୮.୦୩ନିୟୁତ ୟୁଜର୍ସଭାରତରେ ଅଛନ୍ତି। ଏହା ପରେ ୧୯୩.୮ ନିୟୁତ ୟୁଜର୍ସ ସହ ଆମେରିକା ଦ୍ୱିତୀୟ ସ୍ଥାନରେ ଥିବାବେଳେ ଇଣ୍ଡୋନେସିଆ, ବ୍ରାଜିଲ, ମେକ୍ସିକୋ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମରେ ରହିଛନ୍ତି। ତେବେ ସଂସଦୀୟ କମିଟିର କ୍ଷମା ଦାବି ପରେ ଫେସ୍‌ବୁକ୍ ସମେତ ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍‌ସଆପ୍ ଓ ଥ୍ରେଡ୍ସ ୟୁଜର୍ସଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠିଛି। ତାହା ହେଲା, ଜୁକରବର୍ଗ କ୍ଷମା ନ ମାଗିଲେ ଭାରତ ସରକାର ମେଟା କମ୍ପାନୀ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି। ଫେସ୍‌ବୁକ୍‌କୁ ଦେଶରେ ବ୍ଲକ୍ କରାଗଲେ ଚାଇନା ଭଳି ଭାରତର ନିଜସ୍ୱ ସୋସିଆଲ ମିଡିଆ ସାଇଟ୍ ନ ଥିବାରୁ ୟୁଜର୍ସ ଅନ୍‌ଲାଇନ୍‌ରେ ଅଭିବ୍ୟକ୍ତି ପରିପ୍ରକାଶରୁ ବଞ୍ଚିତ ହୋଇପାରନ୍ତି। ଅତୀତରେ ସୋସିଆଲ ମିଡିଆ ପଲିସିକୁ ନେଇ ଟୁଇଟର (ବର୍ତ୍ତମାନର ଏକ୍ସ) ସହ କେନ୍ଦ୍ର ସରକାରଙ୍କ ବିବାଦ ଦେଖାଦେଇଥିଲା। ବେଙ୍ଗାଲୁରୁର ଅପ୍ରମେୟ ରାଧାକୃଷ୍ଣନ୍‌ଙ୍କ 'କୁ' କୁ ସରକାର ଓ ଶାସକ ଦଳରେ ଥିବା ଅନେକ ନେତା ସମର୍ଥନ କରି ଏହି ସାଇଟ୍‌କୁ ଆପଣାଇଥିଲେ। କିନ୍ତୁ ୨୦୨୪ ଜୁଲାଇରେ ସହଯୋଗୀଙ୍କଠାରୁ ଆର୍ଥିକ ସହାୟତା ନ ମିଳିବାରୁ ଏହାକୁ ବନ୍ଦ କରିବାକୁ ପଡ଼ିଥିଲା। ଏଭଳି ସ୍ଥିତିରେ ଜୁକରବର୍ଗଙ୍କ ମନ୍ତବ୍ୟ ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମାନସିକ ଶିଥିଳତା ସହ ଅସ୍ଥିରତା ଭିତରେ ଦିନଟି ଅତିବାହିତ ହେବ। ନୀଚାଂଶରେ ରହିଥିବା ମଙ୍ଗଳଙ୍କ କୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିପାରେ। ଆତ୍ମୀୟସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯାଇପାରନ୍ତି। ଆର୍ଥିକ ଉନ୍ନତି ସହ ଶିକ୍ଷା, ସନ୍ତାନ, ଲେଖାପଢ଼ା କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ବୃଷ**
ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବଢ଼ିବ। ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ବିବାଦୀୟ ମନ୍ତବ୍ୟ ଦେବେ। ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ ରହି କାମ କରିବା ହେତୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତା, ପ୍ରଶାସନ, ସଂଗଠନ, ରାଜନୀତିରେ ଲକ୍ଷ୍ୟ ହାସଲ କରିବେ।

**ମିଥୁନ**
ଆଜି ଯେତିକି ଅର୍ଥ ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହେବେ। କାହାର ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ମାତ୍ର ବ୍ୟବସାୟ, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ବାକ୍‌ସଂଯମ ଅଭାବରୁ ବିବାଦ ଭିତରକୁ ଟାଣି ହୋଇପାରନ୍ତି। କୌଣସି ବନ୍ଧୁ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ଏବଂ ସଂଗଠନରେ ଅଭିଯୋଗର ସମ୍ମୁଖୀନ ହେବେ। ଘରୋଇ କଥାରେ ମତ ପାର୍ଥକ୍ୟ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ।

**ସିଂହ**
ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଦୂରସ୍ଥାନକୁ ଯିବାପାଇଁ ବାଧ ହେବେ। ପଦସ୍ଥବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭକରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେଇପାରିବେ। କୌଣସି ଲୋକର ଚାପର ପ୍ରଭାବରୁ ଆର୍ଥିକ, ମାନସିକ ଓ ସାମାଜିକ ସ୍ତରରେ କ୍ଷତିଗ୍ରସ୍ତ ହୋଇପାରନ୍ତି।

**କନ୍ୟା**
ଆଜି କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ଶାନ୍ତି ପାଇପାରିବେ ନାହିଁ। ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ ଅନ୍ୟଥା କଳହର ଆଶଙ୍କା ରହିଛି। ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ।

**ତୁଳା**
ଆର୍ଥିକ ଉନ୍ନତି ସହ ବୈଷୟିକ ସୁଖ, ସମୃଦ୍ଧି ଯୋଗୁ ଆତ୍ମତୃପ୍ତି ଲାଭ କରିପାରନ୍ତି। ବନ୍ଧୁଙ୍କଠାରୁ ବାଧିଲା ଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି କୁଆଡ଼େ ମିଳାଇ ଯାଇପାରେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ଆଜିର ପାରିବାରିକ ସ୍ଥିତି କେତେକାଂଶରେ ବିବାଦୀୟ ରହିପାରେ।

**ବିଛା**
ଅନ୍ୟମାନଙ୍କ ମନଧରି ଯେତେ କାମ କଲେ ମଧ୍ୟ ସେମାନଙ୍କୁ ମନେଇବାରେ ସଫଳ ହେବେନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟା ଓ କର୍ମକ୍ଷେତ୍ରରେ ଅସନ୍ତୋଷ ମଧ୍ୟରେ ବିଚଳିତ ହେବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତାରେ ଜୟଯୁକ୍ତ ହେବେ।

**ଧନୁ**
ସମ୍ପର୍କୀୟଙ୍କ ଆତ୍ମୀୟତା ସଙ୍ଗକୁ ବହୁତ ଦିନରୁ ରହିଥିବା ଅଭିଳାଷ ପୂରଣ ହେତୁ ମନ ଖୁସି ରହିବ। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବାକୁ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମରେ ଉନ୍ନତି କରିବେ। ଆଜି ଯାନବାହନ ଚଳାଚଳରେ ସତର୍କତା ଅବଲମ୍ବନ କରିବା ଭଲ।

**ମକର**
କର୍ମକ୍ଷେତରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଭାବାବେଗକୁ ରୋକିପାରିବେ ନାହିଁ। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖିବାକୁ ମିଳିବ। ପ୍ରଶାସନିକ କ୍ଷେତ୍ରରେ, କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟରେ ସାମୟିକ ଭାବରେ ଦ୍ୱନ୍ଦ୍ୱ ଦୂର ହୋଇପାରେ। ପ୍ରତ୍ୟୁଷ ଯାତ୍ରାରେ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହେବ।

**କୁମ୍ଭ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦକୁ ଟାଣି ହୋଇପାରନ୍ତି। ଗତକାଲିର ଘଟଣାକୁ ନେଇ ଆଜି ମନ ଭାରାକ୍ରାନ୍ତ ରହିପାରେ। ଆପଣଙ୍କ ଆନୁଷ୍ଠାନିକ କାମରେ ଦକ୍ଷତା ଅବଲୋକନ କରି ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କରେ ଭଙ୍ଗା ପଡ଼ିଯାଇପାରେ।

**ମୀନ**
ଆଜି ଦିନଟିରେ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବ। ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ତଥାପି ରହିବ। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଜାନୁଆରୀ ୧୫ ତାରିଖ, ଭାରତୀୟ ସେନାଦିବସ, ଶ୍ରୀନଅରରେ ଉତ୍ସବ, ପୁଷ୍ୟାଭିଷେକ, ମାଘ କୃଷ୍ଣ ଦ୍ୱିତୀୟା ବୁଧବାର, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ.୧୦.୨୯ମି. ଗତେ ଅଶ୍ଳେଷା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୭ମି. ଗତେ ଘ. ୦୭.୫୫ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୬ମି. ଗତେ ଘ.୦୧.୧୮ମି. ମଧ୍ୟେ ରାହୁକାଳ।

# ସଂଗୃହୀତ ରକ୍ତର ହେବ ଡିଏନ୍‌ଏ ଟେଷ୍ଟ

**ରାଜଧାନୀ ରାସ୍ତାରେ ସହଦେବଙ୍କୁ ହତ୍ୟା ଘଟଣା**
**ଅଭିଯୁକ୍ତ ସୁଶାନ୍ତ, ରମାଙ୍କୁ ଧରିପାରୁନି ପୋଲିସ**

ଭୁବନେଶ୍ୱର,୧୪।୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ରାସ୍ତା ତଥା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ରେଳ ଲାଇନ ଓଭରବ୍ରିଜ ଉପରେ ଗତ ୮ ତାରିଖ ସକାଳ ସମୟରେ ପୂର୍ବତନ ପୋଲିସ ମିତ୍ର ତଥା ସଫେଇ କର୍ମଚାରୀ ସଂଘର ସଭାପତିଙ୍କୁ ମାରଣାସ୍ତ୍ରରେ ବାଡେଇ ହତ୍ୟା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିସାରିଛି । ମାତ୍ର ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ ନାୟକ ଏବଂ ରମା ନାୟକଙ୍କୁ ଘଟଣାର ୭ ଦିନ ପରେ ବି ପୋଲିସ ଧରିବାରେ ବିଫଳ ହୋଇଛି। ଅପରପକ୍ଷେ ଅଭିଯୁକ୍ତମାନେ ମାରଣାସ୍ତ୍ର ଦ୍ୱାରା ହତ୍ୟା କରିବାରୁ ସହଦେବଙ୍କ ଶରୀରରୁ ପ୍ରବଳ ରକ୍ତ ବାହାରିବା ସହ ଅଭିଯୁକ୍ତଙ୍କ ପୋଷାକରେ ଲାଗିଥିଲା। ହତ୍ୟାକାଣ୍ଡ ସ୍ଥାନରୁ ରକ୍ତ ନମୁନା ସଂଗ୍ରହ କରି ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ରାଜ୍ୟ ଫରେନ୍‌ସିକ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଇଛି। ତେଣୁ ଘଟଣାସ୍ଥଳରୁ ମିଳିଥିବା ରକ୍ତର ଛିଟା ଓ ଅଭିଯୁକ୍ତଙ୍କ କପଡ଼ାରେ ଲାଗିଥିବା ରକ୍ତର ମେଳ କରାଯିବା ପାଇଁ ସଂଗୃହୀତ ରକ୍ତର ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ହତ୍ୟା କରିଥିବା ସ୍ଥାନରେ କୌଣସି ସିସିଟିଭି ଫୁଟେଜ ନ ଥିବା ସହ ଅଭିଯୁକ୍ତମାନେ ମୁହଁ ସହ ଶରୀରର ସବୁ ଅଙ୍ଗ ଢାଙ୍କି ହୋଇଥିବାରୁ ଡିଏନ୍‌ଏ ଟେଷ୍ଟ କୋର୍ଟରେ ଦୋଷୀ ସାବ୍ୟସ୍ତ କରାଇବାରେ ଅନ୍ୟତମ ବଳିଷ୍ଠ ପ୍ରମାଣ ହୋଇପାରିବ ବୋଲି ପୋଲିସ କହିଛି। ସୂଚନାନୁସାରେ, ଝିଅକୁ ସ୍କୁଲରୁ ଛାଡ଼ି ସହଦେବ ସ୍କୁଟି ଯୋଗେ ରସୁଲଗଡ଼ ଦେଇ ଯାଉଥିବା ବେଳେ ଓଭରବ୍ରିଜ ଉପରେ ବ୍ୟକ୍ତିଗତ ଶତ୍ରୁତାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତମାନେ ହତ୍ୟା କରି ଦୟାନଦୀରେ ମାରଣାସ୍ତ୍ର ଫୋପାଡ଼ି ନୟାଗଡ଼ ଫେରାର ହୋଇଯାଇଥିଲେ। ଏହି ମାମଲାରେ ପୋଲିସ ଲକ୍ଷ୍ମୀଧର ନାୟକ ଓ ତାଙ୍କ ସ୍ତ୍ରୀ ଲିପିକା ନାୟକ, ରାକେଶ ନାୟକ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକ ଏବଂ ଅନ୍ୟଜଣେ ତାଙ୍କର ସହଯୋଗୀ ରକି ନାୟକଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କଠାରୁ ରକ୍ତ ଲଗା ମାରଣାସ୍ତ୍ର, ରକ୍ତ ଭିଜାଥିବା ପୋଷାକ ଜବତ ମଧ୍ୟ କରିସାରିଛି।

# ଲଜ୍ଜା: ନାବାଳିକା ଝିଅ ଗର୍ଭବତୀ, ବାପା ଗିରଫ

ବେଲପଡ଼ା,୧୪।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି, ଯାହାକି ସଭ୍ୟ ସମାଜ ପାଇଁ କଳଙ୍କ ପାଲଟିଛି । ଜଣେ ବ୍ୟକ୍ତି ନିଜ ଝିଅ ସହ ଶାରୀରିକ ସମ୍ପର୍କ ରଖି ତାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଛନ୍ତି। ଏଭଳି ଲଜ୍ଜାଜନକ ଖବର ଜଣାପଡ଼ିବା ପରେ ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ବେଲପଡ଼ା ଥାନା ଅଞ୍ଚଳର ଅଭିଯୁକ୍ତ ବ୍ୟକ୍ତି ଜଣକ ପୂର୍ବରୁ ପୁଣେ ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ରହିବା ସମୟରେ ସେଠିକାର ଜଣେ ଯୁବତୀଙ୍କୁ ଭଲପାଇ ସ୍ୱାମୀ ସ୍ତ୍ରୀ ଭାବରେ ରହୁଥିଲେ। ତାଙ୍କର ୩ ଝିଅ ଏବଂ ୩ ପୁଅ ଅଛନ୍ତି। ତେବେ ୭ ବର୍ଷ ତଳେ କୌଣସି କଥାକୁ ନେଇ ସ୍ତ୍ରୀ ସହ ଗଣ୍ଡଗୋଳ କରି ସାନ ଝିଅକୁ ଧରି ସେ ବେଲପଡ଼ା ଅଞ୍ଚଳକୁ ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ ଝିଅକୁ ସ୍ଥାନୀୟ ସ୍କୁଲରେ ନାମ ଲେଖାଇ ଥିଲେ। ନିଜେ ମୂଲ ଲାଗିବା ସହ ନିଜର ଥିବା ଅଳ୍ପ ଜମିରେ ଚାଷ କରି ଚଳୁଥିଲେ। ସେହି ଚାଷ ଜମିରେ କୁଡ଼ିଆ କରି ବାପଝିଅ ରହୁଥିଲେ। ତେବେ ଗତ କିଛିଦିନ ହେବ ସେହି ଜମି ବାଟ ଦେଇ କେହି ଯିବା ଆସିବା କରିଲେ ଅଭିଯୁକ୍ତ ବାପା ଗାଳିଗୁଲଜ କରିବା ସହ ଟାଙ୍ଗିଆ ଧରି ଗୋଡ଼ାଉ ଥିଲେ। ତାଙ୍କର ଏପରି ଅସ୍ୱାଭାବିକ ବ୍ୟବହାରରେ ଗାଁ ଲୋକେ ସନ୍ଦେହ କରିଥିଲେ। ପରେ ନାବାଳିକା ଝିଅ ଗର୍ଭବତୀ ଥିବାର ଜାଣି ଗାଁ ଲୋକେ ବେଲପଡ଼ା ସିଡିପିଓଙ୍କୁ ଜଣାଇଥିଲେ। ସିଡିପିଓ ବିଦ୍ୟୁତ୍‌ପ୍ରଭା ନାଗ ଏନେଇ ସୋମବାର ଥାନାରେ ଏତଲା ଦେଇଥିଲେ। ପରେ ପୋଲିସ ସହାୟତାରେ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇ ବଲାଙ୍ଗୀରସ୍ଥିତ ବାଲ ସୁଧାର ଗୃହକୁ ପଠାଯାଇଥିଲା। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ବାପାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ବେଲପଡ଼ା ପୋଲିସ ବିଏନ୍‌ଏସ୍‌ର ଦଫା ୬୪(୨) ଏବଂ ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା(ନଂ. ୧୪/୨୦୨୫) ରୁଜୁ କରିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚାଲିଥିବା ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ବ୍ୟବସାୟୀଙ୍କୁ ଭୁଜାଲିରେ ହାଣି ଲୁଟ୍

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଧର୍ମଶାଳା–ଯାଲୋଏ ରାସ୍ତାରେ ଭୁଜାଲିରେ ହାଣି ଯୁବ ବ୍ୟବସାୟୀ ନୀଳାମ୍ବର ମହାପାତ୍ର(୩୩)ଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ମଙ୍ଗଳବାର ରାତି ୭ଟା୩୦ରେ ଏହି ଘଟଣା ଘଟିଛି। ବୀରମହାରାଜପୁର ଥାନା ଲେହେଡ଼ିର ନୀଳାମ୍ବର ମହାପାତ୍ର ଧର୍ମଶାଳା ଛକରେ ଖୋଲିଥିବା ଜନସେବା କେନ୍ଦ୍ର ବନ୍ଦ କରି ଟଙ୍କା ଓ ଲାପ୍‌ଟପ ଧରି ବାଇକ୍‌ରେ ନିଜ ଘରକୁ ଫେରୁଥିଲେ। ଅଳ୍ପ ଦୂର ଯିବା ପରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଭୁଜାଲିରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରି ଲାପ୍‌ଟପ୍, ମୋବାଇଲ୍ ଓ ଟଙ୍କା ଲୁଟି ନେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବିକଳରେ ନୀଳାମ୍ବର ଧର୍ମଶାଳା ଛକକୁ ଆସି ଘଟଣା ବିଷୟରେ ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଲୁଟେରାମାନେ ଫେରାର ହୋଇଯାଇଛନ୍ତି। ହିକୁଡ଼ି ଫାଣ୍ଡି ପୋଲିସ, ବୀରମହାରାଜପୁର ଆଦର୍ଶ ଥାନା ପୋଲିସ ଓ ସୋନପୁର ଥାନା ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ରାସ୍ତାଗୁଡ଼ିକୁ ସିଲ୍ କରିବା ସହ ତନାଘନା ଜାରି ରଖିଛନ୍ତି। ତେବେ ଘଟଣାସ୍ଥଳରୁ ପୋଲିସକୁ ଏକ ଅଫୁଟା ଗୁଳି ମିଳିଥିବା ବେଳେ କିଛିଦୂରରୁ ନୀଳାମ୍ବରଙ୍କ ମୋବାଇଲ ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।


ଯୁବ ବ୍ୟବସାୟୀଙ୍କ ମୁଣ୍ଡରେ ଷ୍ଟିଚ୍ ପକାଯାଉଛି।

# ୧୫ ଦିନରେ ୧୯ କୋଟିର ମାଦକ ଦ୍ରବ୍ୟ ଜବତ

**ବେଆଇନ ମଦ କାରବାର ବିରୋଧରେ ଅବକାରୀ ବିଭାଗର ଚଢ଼ାଉ**

ଭୁବନେଶ୍ୱର,୧୪।୧(ସୂର୍ଯ୍ୟକାନ୍ତ ବେହେରା): ରାଜ୍ୟରେ ଚୋରା ମଦ ଚାଲାଣ ସହ ଅପମିଶ୍ରିତ ମଦ କାରବାର ବଢ଼ିବାରେ ଲାଗିଛି। ଗତ ୧୫ ଦିନ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ହୋଇଥିବା ଚଢ଼ାଉରୁ ଏହା ଜଣାପଡ଼ିଛି। ଗତ ଡିସେମ୍ବର ୨୮ରୁ ଜାନୁଆରୀ ୧୨ ପର୍ଯ୍ୟନ୍ତ ସାରା ରାଜ୍ୟରେ ଚୋରା ଓ ନକଲି ମଦ ତଥା ଅନ୍ୟାନ୍ୟ ମାଦକ ଦ୍ରବ୍ୟର ପ୍ରସ୍ତୁତି, ଚାଲାଣ ଏବଂ ବିକ୍ରି ବିରୋଧରେ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନରେ ସମୁଦାୟ ୪୦୧୩ଟି ମାମଲା ରୁଜୁ କରାଯାଇଥିବାବେଳେ ୨୧୭୬ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ମୋଟ ୧,୬୯,୫୬୪ ଲିଟର ଚୋରା ଦେଶୀମଦ, ୧୭,୧୧,୫୭୦ କି.ଗ୍ରା. ପୋଚ, ୭୪୫୧ ଲିଟର ଶୁଳ୍କ ପୈଠ ହୋଇଥିବା ମଦ, ୨୭୯୪ ଲିଟର ନକଲି/ଶୁଳ୍କ ପୈଠ ହୋଇ ନ ଥିବା ବିଦେଶୀ ମଦ ଜବତ କରାଯାଇଛି। ଏତଦ୍‌ବ୍ୟତୀତ ୧୬, ୯୩୭ କିଗ୍ରା ମହୁଲ ଫୁଲ, ୮୮୪ କି.ଗ୍ରା. ଗଞ୍ଜେଇ, ୨,୬୯୭ ଗ୍ରାମ୍ ହେରୋଇନ, ୨୧ ଲିଟର କଫସିରପ, ୨୨୭ଟି ଦୁଇଚକିଆ ଏବଂ ୩୧ଟି ତିନିଚକିଆ/ ଚାରିଚକିଆ ଯାନ ମଧ୍ୟ ଜବତ କରାଯାଇଛି। ଜବତ ଜିନିଷର ଆନୁମାନିକ ମୂଲ୍ୟ ୧୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅବକାରୀ କମିଶନର ନରସିଂହ ଭୋଳ କହିଛନ୍ତି, ବେଆଇନ ମଦ ବିରୋଧରେ ନିରନ୍ତର ଚଢ଼ାଉ ଜାରି ରହିବ ଏବଂ ମଦ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାମାନେ ନକଲି ବା ଭେଜାଲ ମଦ ବିକ୍ରୟ କରିବେ, ସେମାନଙ୍କର ଲାଇସେନ୍ସ ରଦ୍ଦ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଗାଡ଼ି ମାଲିକଙ୍କ ଜାଣତରେ କିମ୍ବା ତାଙ୍କ ସହମତିରେ ବେଆଇନ ଭାବେ ମଦ ପରିବହନରେ ବ୍ୟବହୃତ ଗାଡ଼ିକୁ ବାଜ୍ୟାପ୍ତି କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ସ୍ୱାମୀଙ୍କ ପରେ ଶାଶୂ, ଶ୍ୱଶୁର ଜେଲ ଗଲେ

ଦିଗପହଣ୍ଡି,୧୪।୧(ଅଶେଷ ନାଥ ମିଶ୍ର)– ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଏସ. ଗୋପାଳପୁର ଗ୍ରାମରେ ଗତ ଡିସେମ୍ବର ୨୪ରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେ ହେଉଛନ୍ତି ଗ୍ରାମର ବିକ୍ରମ ବରାଡଙ୍କ ସ୍ତ୍ରୀ ନିଶା ପ୍ରଧାନ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଦିଗପହଣ୍ଡି ଥାନା ଭୁଣ୍ଟୁଣ୍ଡା ଗ୍ରାମର ମା' କୁମାରୀ ପ୍ରଧାନ ପାଟପୁର ଥାନାରେ ଏତଲା ଦେଇଥିଲେ। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ନଂ. ୫୮୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ନିଶାଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିଲା। ଏହାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମଙ୍ଗଳବାର ଆଇଆଇସି ବେହେରା ମାମଲାର ତଦନ୍ତ କରି ନିଶାଙ୍କ ଶାଶୁ ଭାସିନୀ ବରାଡ଼ ଏବଂ ଶ୍ୱଶୁର ଭଗବାନ ବରାଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ପୋଲିସ ପୂର୍ବରୁ ନିଶାଙ୍କ ସ୍ୱାମୀ ବିକ୍ରମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# କୌରଗୁଛା ଜଙ୍ଗଲରୁ ୪ କି.ଗ୍ରା. ଆଇଇଡି ଜବତ



ମାଲକାନଗିରି,୧୪।୧(ଦୁର୍ଯ୍ୟୋଧନ ପାତ୍ର)–ଛତିଶଗଡ଼ର ବିଜାପୁର ଜିଲାରେ ତଲାସି ବେଳେ ମାଓବାଦୀ ଖଞ୍ଜିଥିବା ଏକ ୪ କି.ଗ୍ରା. ଓଜନର ଆଇଇଡି ବୋମାକୁ ଯବାନମାନେ ମଙ୍ଗଳବାର ନିଷ୍କ୍ରିୟ କରିଛନ୍ତି । ପାମେଡ୍ ଥାନା ଅଞ୍ଚଳର ଥିବା କୌରଗୁଛା ଜଙ୍ଗଲ ଅଞ୍ଚଳରେ ସିଆର୍‌ପିଏଫ୍ ଯବାନମାନେ ମାଓବାଦୀ ଦମନ ନିମନ୍ତେ ତଲାସି କରୁଥିଲେ। ଏହି ସମୟରେ ଯବାନମାନେ ଜଙ୍ଗଲରେ ଏକ ଆଇଇଡି ବୋମା ଖଞ୍ଜା ଯାଇଥିବା ଦେଖିବାକୁପାଇ ଏହାକୁ ନିଷ୍କ୍ରିୟ କରିଥିଲେ।

# ଯୁବତୀ ଯୁବକଙ୍କ ଆତ୍ମହତ୍ୟା

ବାଙ୍କୀ,୧୪।୧ (ଶୁଭେନ୍ଦୁ ମହାପାତ୍ର): ପ୍ରେମିକଙ୍କ ଆତ୍ମହତ୍ୟା ଖବର ଶୁଣି ପ୍ରେମିକା ରଶିରେ ଝୁଲିପଡ଼ିଥିବା ଚର୍ଚ୍ଚା ହେଉଛି। ଏଭଳି ଅଭାବନୀୟ ଘଟଣା କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅନୁଆରୀ ପଞ୍ଚାୟତ ଅଧୀନ କୁରୁମଚଇନି ଗ୍ରାମରେ ଘଟିଛି। ଏହି ଗ୍ରାମର ରଞ୍ଜନ କୁମାର ସେଠ(୨୦) ସୋମବାର ମଧ୍ୟରାତ୍ରିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ଏହି ଖବରପାଇ ସ୍ଥାନୀୟ ପଞ୍ଚାୟତ ଅନ୍ତର୍ଗତ ବାଇଗେଣୀ ଗ୍ରାମର ଜଣେ ଯୁବତୀ ମଙ୍ଗଳବାର ଭୋର୍ ସମୟରେ ଘର ଭିତରେ ରଶିରେ ଝୁଲିପଡ଼ିଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଥାନାରେ ୨ଟି ପୃଥକ୍ ଅପମୃତ୍ୟୁ ମାମଲା(ନଂ.୩/୨୫ ଓ ୪/୨୫) ରୁଜୁ କରିଛି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଏହି ଘଟଣା ସମ୍ପର୍କରେ ମୃତକଙ୍କ ପରିବାର ଲୋକେ କିଛି କହି ନ ଥିବାବେଳେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ରଞ୍ଜନ ବାଙ୍କୀ କଲେଜର ଯୁକ୍ତ ୨ ଶ୍ରେଣୀର ଛାତ୍ର। ଉକ୍ତ ଯୁବତୀ ମଧ୍ୟ ଏହି କଲେଜର ଯୁକ୍ତ ୩ କଳା ଶେଷବର୍ଷର ଛାତ୍ରୀ ଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ମାତ୍ର ପରିବାର ଲୋକେ ସେମାନଙ୍କ ପ୍ରେମକୁ ସ୍ୱୀକୃତି ଦେଉ ନ ଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ଉଭୟେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏସମ୍ପର୍କରେ ବାଙ୍କୀ ଥାନା ଅଧିକାରୀ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି, ଏନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ। ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



# ବିସ୍ଫୋରକ ସାମଗ୍ରୀ ସହ ୩ ମାଓବାଦୀ ଗିରଫ

ମାଲକାନଗିରି,୧୪।୧(ଦୁର୍ଯ୍ୟୋଧନ ପାତ୍ର)–ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ବିସ୍ଫୋରକ ସାମଗ୍ରୀ ସହ ୩ ମାଓବାଦୀଙ୍କୁ ବିଜାପୁର ପୋଲିସ ଗିରଫ କରିଛି । ସେମାନେ ହେଲେ ରାଜୁ ପୁନେମ, ମାଡବି ଭୀମା ଓ ଉଇକା ରାମୁ। ବିଜାପୁର ଜିଲା ପୋଲିସ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ଅଭିଯାନରେ ତରେମ ଥାନାରୁ ୨୧୦ କୋବ୍ରା ଏବଂ ସିଆର୍‌ପିଏଫ୍ ୧୫୩ ବାହିନୀ ତରେମରୁ ବୁଢ଼ଗିଚେରୁ ଅଭିମୁଖେ ବାହାରିଥିଲେ। ଡୁରେମ ଓ ବୁଢଗିଚେରୁ ମଧ୍ୟରେ ଥିବା ଜଙ୍ଗଲରେ ୩ ଜଣ ବ୍ୟକ୍ତି ଉକ୍ତ ସ୍ଥାନରୁ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ଯବାନମାନେ ସେମାନଙ୍କୁ ଗିରଫ କରିଥିଲେ। ଏଥିସହ ତାଙ୍କ ନିକଟରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ଏହି ୩ ଜଣ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତଲାସି କରିବାରୁ ଏମାନଙ୍କ ନିକଟରୁ ଗୋଟିଏ ୫ କି.ଗ୍ରା.ଟିଫିନ ବୋମା, କଡେକ୍ସ ତାର, ବିଦ୍ୟୁତ୍ ତାର, ବ୍ୟାଟେରି ଓ ମାଓବାଦୀ ପୁସ୍ତିକା ଜବତ ହୋଇଛି। ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT HIRING**
Big MNC Company is Looking some **Professional Business Manager** and **Business Leader Position** in Bhubaneswar and Cuttack. (Need Any Industry: Ex. In Banking, Insurance and Financial Service, Self Employed Real Estate and Marketing). ✆ 9346615307

**URGENT REQUIRED**
One teacher for our Upper Primary school in Nabarangpur District. Qualification : B.A./B.Sc. BED with 2 years experience.
**Contact Mobile No. - 9040268680,**
e-mail : nuhassbbsr@gmail.com / nuhassbbsr@rediffmail.com

**WANTED**
**Medical Representative Area Sales Manager**
for all over the **Orissa** to Launch **Psychiatric Company.** Please send resume on whatsapp only
**Subhash Kelkar** (Director)
9923000311


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ/ଏସ୍‌ଡି ଏବଂ ଆର୍‌ଏସ୍‌ପି, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ ଇ–ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଇ-ସିଓଏନ୍-ଆର୍‌ଏସ୍‌ପି-୧-୨୦୨୫; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥ (ନିର୍ମାଣ) ସଡ଼କ ସୁରକ୍ଷା ପ୍ରକଳ୍ପ, ମୁଖ୍ୟାଳୟ ଏବଂ କ୍ଷେତ୍ର ୟୁନିଟ୍ ନିମନ୍ତେ ସାଧାରଣ ପରାମର୍ଶଦାତାଙ୍କ ନିଯୁକ୍ତି; **ଆନୁମାନିକ ମୂଲ୍ୟ:** ₹୧୧,୭୦,୯୭,୪୧୬; **ବିଡ୍ ଅମାନତ:** ₹୭,୩୫,୫୦୦.୦୦; **ସମାପ୍ତି ଅବଧି:** ୩୬ ମାସ; **ପ୍ରାକ୍-ବିଡ୍ ବୈଠକ:** ତାରିଖ: ୨୮।୦୧।୨୦୨୫ ସମୟ: ୧୨.୦୦ ଘଟିକା **ସ୍ଥାନ:** ମୁଖ୍ୟ ପ୍ରଶାସନିକ ଅଧିକାରୀ (ସିଓଏନ୍), ଆର୍‌ଏସ୍‌ପିଙ୍କ କାର୍ଯ୍ୟାଳୟ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩; **ବନ୍ଦ ହେବାର ତାରିଖ ଓ ସମୟ:** ତା୧୮।୦୨।୨୦୨୫ରିଖ ୧୨.୦୦ ଘଟିକା (ଆଇଏସ୍‌ଟି) ସୁଦ୍ଧା; ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଦ୍ର: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1013)

GOVERNMENT OF ODISHA No.A-
**DEPARTMENT OF WATER RESOURCES**
**Office of the Superintending Engineer**
**U.K. Head Works Division, Kolabnagar (K), PIN- 764011**
**e-Procurement Notice - SE-UKHWD-11/ 2024-25 Dated 13.01.2025 (ONLINE)**

| | | | |
|---|---|---|---|
| 1 | Name of work | : | Civil works |
| 2 | No. of work | : | 10 (Ten) Nos. |
| 3 | Approximate value of work | : | 5.29 lakhs to 19.82 lakhs |
| 4 | Class of contractor | : | Registered & licenced contractors of 'C' & 'D' class |
| 5 | Period of completion | : | 02 (Two) calendar months |
| 6 | Date & time of availability of bid documents online | : | 15.01.2025 at 11.00 hours to 24.01.2025 upto 17.30 hours |
| 7 | Date & place of opening of bid online | : | 27.01.2025 (10.30 hours) at Office of the Superintending Engineer, UKHWD, Kolab Nagar |
| 8 | Name of the officer inviting bids | : | Superintending Engineer, UKHWD, Kolab Nagar |

Further details can be seen from the e-procurement portal http://tendersodisha.gov.in. Addendum/ corrigendum/ cancellation, if any, required will be published in Govt. website only.
**Sd./- Superintending Engineeer,**
**Upper Kolab Head Works Division, Kolabnagar**
OIPR-32015/11/0021/2425

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GAJAPATI, PARLAKHEMUNDI**
e-mail: rwd_gajapati@yahoo.co.in
**NATIONAL COMPETITIVE BIDDING THROUGH e-Procurement** No.O-1203
**Identification No. Online Tender -11/GJP/2024-25**

| | | | |
|---|---|---|---|
| 1 | Name of the work | : | Building works |
| 2 | Total No. of work | : | 05 (Five) No. of building works |
| 3 | Estimated cost | : | Rs.20.24 lakhs to 33.67 lakhs |
| 4 | Class of contractor | : | 'C' & 'B' class contractor |
| 5 | Period of completion | : | Furnished in Annexure |
| 6 | Availability of tender online for bidding | : | 20.01.2025 at 10.00 A.M. to 28.01.2025 upto 5.30 P.M. |
| 7 | Date and time of opening of tender | : | 29.01.2025 at 11.30 A.M. |
| 8 | Place of opening | : | As per Annexure |

Further details can be seen from the Website www.tenderorissa.gov.in
**Sd./- SUPERINTENDING ENGINEER**
**R.W. DIVN., GAJAPATI**
OIPR-25158/11/0012/2425

No.N-169
**STATE SELECTION BOARD**
**DEPARTMENT OF HIGHER EDUCATION**
**GOVT. OF ODISHA**
**BHUBANESWAR -09**
**NOTICE**
**No. 51/SSB Date-13.01.2025**

It is for information of all candidates who have applied for the Non-Teaching Posts (Laboratory Assistant-cum-Store Keepers) in Government Degree Colleges, Odisha (Advertisement No. 03/2024) that, the written examination will be held on **23.01.2025 (Thursday) from 11:00 A.M. to 1:00 P.M.** The candidates are advised to download their revised **"Hall Tickets (Admit Cards)"** and **"Instruction to candidates"** from the website of the State Selection Board (www.ssbodisha.ac.in) from 17.01.2025 onwards by entering their **Date of Birth and Mobile number**.
**Sd./- Secretary**
OIPR-11015/11/0018/2425

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ)
ବନ୍ଧାଗୁଡା ଶାଖା-୮୦୩୨
ସ୍ଥାନ- ମେଇନ ରୋଡ୍, ପୋଷ୍ଟ- ବନ୍ଧାଗୁଡା, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ପିନ୍ କୋଡ୍- ୭୬୧୧୦୬
ଇମେଲ୍ ଆଇଡି: ugb8032@ukgb.in

**ସୁନା ଋଣ ଅଳଙ୍କାରର ନିଲାମ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**

ନିମ୍ନଲିଖିତ ଋଣଗ୍ରହୀତାମାନେ ଋଣକୁ ଶୁଝିବାରେ ବିଫଳ ହୋଇଛନ୍ତି ଏବଂ ବାରମ୍ବାର ସ୍ମରଣ କରାଯିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁନା ଅଳଙ୍କାରଗୁଡ଼ିକୁ ମୁକୁଳାଇ ନାହାନ୍ତି । ନିମ୍ନ ତାଲିକାଭୁକ୍ତ ଋଣଗ୍ରହୀତାଙ୍କ ଋଣ ଖାତା ଅଧୀନରେ ବନ୍ଧକ ରଖାଯାଇଥିବା ସୁନା ଗହଣା/ଅଳଙ୍କାରଗୁଡ଼ିକୁ ସର୍ବସାଧାରଣରେ (ଭୌତିକ) ନିଲାମ ଜରିଆରେ **ତା୦୧।୦୨।୨୦୨୫ରିଖ ଅପରାହ୍ନ ୨.୦୦ ଘଟିକାରେ** ବିକ୍ରି କରିଦିଆଯିବ ।
**ନିୟମ ଓ ସର୍ତ୍ତାବଳୀ:** i) ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ନିଲାମ ତାରିଖର ମଧ୍ୟାହ୍ନ ୧୨.୦୦ ଘଟିକା ପୂର୍ବରୁ ଟ.୧୦୦୦୦/- ପରିମାଣର ଅର୍ଥରାଶି ଜମା କରିବାକୁ ଅନୁରୋଧ । ii) କୌଣସି କାରଣ ନ ଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ । iii) ସଫଳ ବିଡର, ନିଲାମର ଘୋଷଣା କରିବା ପୂର୍ବରୁ କୌଣସି କାରଣ ନ ଦର୍ଶାଇ ଯେକୌଣସି ସମୟରେ ନିଲାମ ପ୍ରକ୍ରିୟା/ଟେଣ୍ଡରକୁ ବାତିଲ କରିବା ପାଇଁ ବ୍ୟାଙ୍କ ସ୍ୱାଧୀନ ରହିବ । iv) ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଯଦି ନିଲାମ ସେହି ଦିନ ସମ୍ପୂର୍ଣ୍ଣ ନ ହୁଏ, ତେବେ ତାହାକୁ ପରବର୍ତ୍ତୀ ଦିବସରେ ସମାନ ନିୟମ ଓ ସର୍ତ୍ତାବଳୀରେ ସଞ୍ଚାଳନ କରାଯିବ । v) ଯଦି ଗ୍ରାହକଙ୍କ ଦେହାନ୍ତ ହୋଇଯାଇଥାଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ନୋମିନି/ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ଲାଗୁ ହେବ । ଏତଦ୍ୱାରା ଋଣଗ୍ରହୀତାମାନଙ୍କୁ ନିଲାମ ତାରିଖ ପୂର୍ବରୁ ମୂଳ ରାଶି ସହିତ ଅଦ୍ୟାବଧି ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ପୈଠ କରିବା ପାଇଁ ସୂଚିତ କରିଦିଆଯାଉଛି, ଅନ୍ୟଥା ବନ୍ଧକ ସୁନା ଅଳଙ୍କାରଗୁଡ଼ିକୁ ବିକ୍ରି କରିଦିଆଯିବ ଏବଂ ଅବଶିଷ୍ଟ ବକେୟା ଦେୟ (ଯଦି ଥାଏ)କୁ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ । କୌଣସି ପ୍ରଶ୍ନ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ସହ ଯୋଗାଯୋଗ କରନ୍ତୁ ।

| କ୍ର.ସଂ. | ଶାଖା | ଖାତା ନଂ. | ଗ୍ରାହକଙ୍କ ନାମ ଓ ଠିକଣା | ସମୁଦାୟ ଓଜନ (ଗ୍ରାମ୍) |
|---|---|---|---|---|
| ୧ | ବନ୍ଧାଗୁଡା | ୮୪୦୪୯୦୨୬୯୭୧ | ଶ୍ରୀ ଲକ୍ଷ୍ମଣ ପଣ୍ଡା, ପିତା– ଗଙ୍ଗାଧର ପଣ୍ଡା, ସ୍ଥାନ: ବାଦଗଡ଼, ପୋଷ୍ଟ: ବନ୍ଧାଗୁଡ଼ା, ଜିଲ୍ଲା: ଗଞ୍ଜାମ | ୨୩.୯୦୦ |
| ୨ | | ୮୪୦୫୨୭୭୪୧୨୭ | ଶ୍ରୀମତୀ କାମିନୀ ସ୍ୱାଇଁ, ସ୍ୱା.: ତ୍ରିଲୋଚନ ସ୍ୱାଇଁ, ସା/ପୋ– କୁଲାଗଡ଼, ଜିଲ୍ଲା– ଗଞ୍ଜାମ | ୧୬.୬୩୦ |

କୌଣସି ପ୍ରଶ୍ନ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ସମ୍ପୃକ୍ତ ଶାଖା ସହିତ ଯୋଗାଯୋଗ କରନ୍ତୁ ।
**ସ୍ୱା./- ଶାଖା ପ୍ରବନ୍ଧକ**

GOVT. OF ODISHA
**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, CUTTACK**
**AT/P.O.- NAYABAZAR, DISTRICT: CUTTACK- 753004**
**Phone No. (0671) 2952638 E-mail ID: eeagril.cuttack@gmail.com**
**e-Procurement Notice : Dated 13.01.2025** No.L-145
**Bid Identification No.EE (AGRIL) Cuttack Division-07/2024-25**

The Executive Engineer (Agril.), Agril. Engg. Division, Cuttack, Odisha on behalf of the Governor of Odisha invites percentage rate bids in single cover system from the eligible class of contractors through e-procurement in ONLINE MODE only in the website **"www.tendersodisha.gov.in"**, for civil works / buildings in the district of Cuttack as detailed below:

| Sl. No. | Nos. of the work /nature of work for which tender invited | Approximate estimated cost put to tender (Excluding G.S.T.) (Rs. Lakh) | Cost of bid documents (in Rs.) | EMD in (Rs.) | Class of contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Total one work / Civil construction works / Electrical works / Beautification, landscaping and MCM Cladding works | 33.48 | Rs.6000.00 | 1% of the amount put to tender | 'B' & 'C' with valid MV/ HT Electrical licence | 150 days |

1. Date & time of availability of bid document in the portal : 15.01.2025 at 10.00 A.M. to 28.01.2025, 5.30 P.M.
2. Last date / time for receipt of bids in the portal : 28.01.2025 upto 5.30 P.M.
3. Date of submission of original bid documents in the tender box: 15.01.2025, 10.00 A.M. to 29.01.2025 upto 5.30 P.M.
4. Date & time of opening of original documents & verification : 30.01.2025 at 11.00 A.M.
5. Date & time of opening of Online bids: 30.01.2025 at 2.00 P.M. onwards.

The bidders have to participate in **ONLINE bidding only** in the e-Procurement website: https://tendersoridha.gov.in with matching class DSC. Any addendum / corrigendum / cancellation of tender / other details of the DTCN can also be seen in the said website. Authority reserves the right to reject / accept any or all of the tenders, increase / decrease the quantities of works without assigning any reason thereof.
OIPR-01447/11/0007/2425 **Sd./- Executive Engineer (Agril.), Agril. Engg. Division, Cuttack**

**Department of Social Security & Empowerment of Persons with Disabilities**
Lokaseva Bhavan, Red Building, BBSR - 751001
Tel : 0674-2390116
Mail : ssepdodisha@gmail.com / ssepdsec.od@nic.in
**No. 403 Dt. 10.01.2025**

**No.gg** : Department of Social Security & Empowerment of Persons with Disabilities, Government of Odisha invites fresh proposals for **Bayojyestha Samman Award** for the year 2024 from Senior Citizens/ Persons and Institutions for their outstanding achievement in the following categories for welfare of Senior Citizens.

1. Lifetime Achievement (Humanities)
2. Lifetime Achievement (in the field of aging)
3. Lifetime Achievement (Sports & Adventure)
4. Iconic Lady
5. Award for Courage & Bravery
6. Best Institution for providing services to Senior Citizens and Awareness Generation
7. Best District providing services and facilities to Senior Citizens
8. Best Urban Local Body in providing services and facility to Senior Citizens
9. Best Police Station ensuring safety/security of Senior Citizens
10. Best organization in promoting wellbeing of Senior Citizens
11. Best individual effort in services to the aged

These proposals are in addition to the proposals submitted by districts earlier in the month of October, 2024, hence the persons/institutions applied earlier need not be apply again. The detailed guidelines and format for application are available in the Department website www.ssepd.gov.in. and Office of the District Social Security Officer in each district. Persons/Institutions are required to submit proposal by 31st **January, 2025** to concerned quarters.
**Sd./-**
**Director, SSEPD**
**OIPR-46001/11/0028/2425**

**OFFICE OF THE PANCHAYAT SAMITI, JASHIPUR, MAYURBHANJ**
At/P.O./P.S.: Jashipur, District: Mayurbhanj, Odisha - 757091
**No. i-415** Tel./Fax: 06797-232435, E-Mail: ori-jashipur@nic.in
**DTCN No. 01/2024-25** **Dated: 09.01.2025**

1. The Block Development Officer, Jashipur invites sealed tender in offline/online mode on percentage rate basis for **06 (Six) Nos. of Construction Works** as mentioned in the DTCN from eligible Civil Contractors of the State PWD (R&B)/ Water Resource/Rural Works/M.I./C.P.W.D.
2. No. of Work : 06 (Six) Nos.

| Name of the Work | Value of Work |
|---|---|
| A. Construction of GPLF Office Building with Market Complex at Astakuanr GP | Rs.23,66,254/- |
| B. Construction of GPLF Office Building with Market Complex at Barehipani GP | Rs.23,41,959/- |
| C. Construction of GPLF Office Building with Market Complex at Durdura GP | Rs.22,82,885/- |
| D. Construction of GPLF Office Building with Market Complex at Gudgudia GP | Rs.22,91,860/- |
| E. Construction of GPLF Office Building with Market Complex at Jashipur GP | Rs.22,55,959/- |
| F. Construction of GPLF Office Building with Market Complex at Podagarh GP | Rs.23,05,078/- |

3. Cost of Tender Paper : Rs.6,000/- per unit for each work respectively.
4. Class of Contractors : "B & C" Contractors
5. Date & time of available the tender document (DTCN & BOQ) : In District NIC Website **(www. mayurbhanj. odisha.gov.in)** from Dt.16.01.2025 to Dt.24.01.2025 till 04.00 P.M. (On Working days only)
6. Last date of Receipt of Bids : Dt.24.01.2025 upto 04.00 P.M.
7. Mode of Receipt : Through Speed Post/Regd. Post only and Tender Box
8. Date of Tender Opening : Dt.27.01.2025 at 11.00 A.M.

# For more details, visit our District Administration website **(www.mayurbhanj.odisha.gov.in)**.
# All amendments, time extension, clarification etc. will be uploaded in the website only. Bidders should regularly visti the above website to keep themselves updated.

**OIPR-19279/11/0001/2425** **Sd./- Block Development Officer, Jashipur**

## ସଂକ୍ଷେପରେ

### ତାମିଲନାଡୁରେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଲୋଇସିଂହା,୧୪।୧(ସୁଶାନ୍ତ ବାରିକ)

ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଥିବା ବଲାଙ୍ଗୀର ଜିଲା ଦାଦନ ଶ୍ରମିକଙ୍କ ଯନ୍ତ୍ରଣା ସରୁନି। ଗତ ୧୧ ତାରିଖ ଦିନ ଚେନାଇ ପେରାମ୍ବୁର ଷ୍ଟେସନ ନିକଟ ରେଳ ଧାରଣାରୁ ବଲାଙ୍ଗୀର ହାତାଶାଳପଡାର ୨ ଜଣ ଯୁବକଙ୍କ ମୃତଦେହ ଜବତ ହୋଇଥିଲା। ଏହାର ଦୁଇଦିନ ପରେ ତାମିଲନାଡୁ ତିରୁପୁର ସ୍ଥିତ ବିଜୟ ଭେଲ୍ଲା ସ୍ପିନିଂ ମିଲରେ କାମ କରୁଥିବା ଲୋଇସିଂହା ଥାନା ରାମପୁର ଗ୍ରାମର ଦାଦନ ଶ୍ରମିକ ଗଙ୍ଗା ସାହୁଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେଠାକାର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା। ସାଙ୍ଗରେ କେବଳ ସ୍ତ୍ରୀ ରହିଛନ୍ତି। ବୁଧବାର ଗାଁରେ ମୃତଦେହ ପହଞ୍ଚିବ ବୋଲି ପରିବାର ସୂତ୍ରରୁ ଜଣାପଡିଛି। ଗଙ୍ଗାଙ୍କ ଘର ଲୋଇସିଂହା ଥାନା ଆଗଲପୁର ବ୍ଲକ ଦେନ୍ଦ୍ରା ପଞ୍ଚାୟତ ରାମପୁର ଗ୍ରାମରେ ସ୍ତ୍ରୀ ଯଶୋଦା(୩୦), ପୁଅ ସୁଜଳ ସାହୁ (୧୩), ମା' ଓ ଭଉଣୀଙ୍କୁ ନେଇ ପରିବାର। ପୁଅ, ମା' ଓ ଭଉଣୀଙ୍କୁ ଘରେ ଛାଡି ଗଙ୍ଗା ତାଙ୍କ ସ୍ତ୍ରୀ ସହିତ ତାମିଲନାଡୁକୁ ଦାଦନ ଖଟି ଯାଇଥିଲେ। ୬ ମାସ ହେଲା ସେମାନେ ତାମିଲନାଡୁର ଉକ୍ତ ମିଲରେ କାମ କରୁଥିଲେ। ଗଙ୍ଗା ସୋମବାର କାମ ସାରି ରାତିରେ ଘରକୁ ଫେରି ଅସୁସ୍ଥ ଅନୁଭବ କରିଥିଲେ। ସ୍ତ୍ରୀ ଯଶୋଦା କେତେଜଣଙ୍କ ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଗଙ୍ଗାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ କମ୍ପାନୀ କୌଣସି ଆର୍ଥିକ ସହାୟତା ନ ଦେଇ ଏକ ଆମ୍ବୁଲାନ୍ସରେ ଓଡ଼ିଶାକୁ ପଠାଇ ଦେବାର ବ୍ୟବସ୍ଥା କରିଥିବା ସର୍ଦ୍ଦାର୍କୟ ଭାଇ ମନୋଜ ସାହୁ ଅଭିଯୋଗ କରିଛନ୍ତି।



### ପଧାନ ବଂଶଧରଙ୍କ କୁଳ ମହୋତ୍ସବ

ଲୋଇସିଂହା,୧୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଖେଳପଡିଆରେ କୁଲତା ସମାଜ ବାରଙ୍ଗପଲିଆ ପଧାନ ବଂଶଧରଙ୍କ କୁଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, କଳାହାଣ୍ଡି ଜିଲାରୁ ପଧାନ ବଂଶଧର ଲୋକ ଯୋଗ ଦେଇଥିଲେ। ପରିବାର ମଧରେ ଭାତୃତ୍ୱ ବଜାୟ ରଖି ସୁସ୍ଥ ସମାଜ ଗଠନ ଉପରେ ଆଲୋଚନା କରାଯିବା ସହିତ ଭବଷ୍ୟତ ପୀଢିର ଉନ୍ନତ ଶିକ୍ଷା,ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପର୍ଶୁ ପଧାନ, ଯୁଧିଷ୍ଠିର ପଧାନ, ଗଣେଶ ପଧାନ, ବେଦପତି ପଧାନ, ଆନନ୍ୟ ପଧାନ, ଗୁଣସାଗର ପଧାନ, ଇଶ୍ୱର ପଧାନଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଜୁନ୍ ସୁଦ୍ଧା ମେଗା ପାନୀୟ ପ୍ରକଳ୍ପ କାମ ଶେଷ କର: ଜିଲାପାଳ

ବଲାଙ୍ଗୀର, ୧୪।୧ (ବୀରେନ୍ଦ୍ର କୁମାର ଖାଙ୍କର)


ବଲାଙ୍ଗୀର ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଗୁଡିକ ଉପରେ ସ୍ୱତନ୍ତ୍ର ସମୀକ୍ଷା କରିଛନ୍ତି ଜିଲାପାଳ ଗୌରବ ଶିୱାଜୀ ଇସଲୱାର। ବିଶେଷକରି ସୋମବାର ଦିନ ସେ ଜିଲାର ଗୁଡଭେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପଗୁଡିକର ସ୍ୱତନ୍ତ୍ର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ବ୍ଲକର ୮୦ଟି ଗାଁକୁ ଯେଉଁ ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ହେବ ତାହାର ସମୀକ୍ଷା କରିଥିଲେ। ଜିଲାପାଳ ଇସଲୱାର ଗୁଡଭେଲା ବ୍ଲକର ଗୁଡଭେଲା, ତେନ୍ତୁଳିଖୁଣ୍ଟି, କେନ୍ଦୁଘାଟ ଓ ଅନ୍ୟ ଗାଁର ପାନୀୟ ଜଳ ପ୍ରକଳ୍ପ, ଇନ୍ଟେକ ୱେଲ୍, ଜଳ ବିଶୋଧନ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହି ଅବସରରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୌପ୍ୟ ରଞ୍ଜନ ବେହେରା, ନିର୍ମାଣକାରୀ ସଂସ୍ଥା ମେସର୍ସ ମେଘା ଇଞ୍ଜିନିୟରିଂ ଏଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍‌ର ଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ଅଧୀକ୍ଷଣ ଯନ୍ତ୍ରୀ ରୌପ୍ୟ ରଞ୍ଜନ ଇନ୍‌ଟେକ ୱେଲ୍ ଓ ଜଳ ବିଶୋଧନ ପ୍ଲାଣ୍ଟର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ମାଣକାରୀ ସଂସ୍ଥାର ଯନ୍ତ୍ରୀ ଇନ୍‌ଟେକ ୱେଲ୍ ଓ ଜଳ ବିଶୋଧନ ପ୍ଲାଣ୍ଟର ସାମ୍ପ୍ରତିକ ସ୍ଥିତି ଉପରେ ସୂଚନା ଦେଇଥିଲେ। ଆସନ୍ତା ଜୁନ ୨୦୨୫ ସୁଦ୍ଧା ଏହି ମେଗା ପାନୀୟ ଜଳ ପ୍ରକଳ୍ପର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ମେଗା ପ୍ରକଳ୍ପ ସହ ଇନ୍‌ଟେକ୍ ୱେଲ ଓ ଅନୁସଙ୍ଗିକ କାର୍ଯ୍ୟ ସବୁକୁ ଜୁନ୍ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୨୦୨୫ ସୁଦ୍ଧା ଲୋକେ ଯେପରି ଏହି ପ୍ରକଳ୍ପରୁ ପାନୀୟ ଜଳ ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଇସଲୱାର ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଖରାଦିନରେ ଅନେକ ସ୍ଥାନରେ କିଭଳି ଲୋକେ ପାଣି ପାଇବେ ସେ ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁଡଭେଲା ବ୍ଲକ ଦେଇ ତେଲନଦୀ, ରାହୁଲ ଓ ଖଡଙ୍ଗ ନଦୀ ବୋହି ଯାଇଛି। ତେବେ ଖରାଦିନରେ ଏହି ଅଞ୍ଚଳ ଲୋକେ ଅତ୍ୟଧିକ ଜଳକଷ୍ଟ ଭୋଗିଥାନ୍ତି। ଏହି ବ୍ଲକର ୧୩ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୮୦ଟି ଗାଁର ଜନସାଧାରଣଙ୍କ ଜଳକଷ୍ଟ ଦୂର କରିବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଜିଲାପାଳ ନିଜେ ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିବା ପରେ ଏହି ପ୍ରକଳ୍ପ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ଲୋକେ ଆଶା କରିଛନ୍ତି।



ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଗୁଡଭେଲାସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

### ଗୁଡଭେଲା ବ୍ଲକ୍‌ରେ ଉପକୃତ ହେବେ ୮୦ ଗାଁର ଜନସାଧାରଣ

# ସୁକତେଲ ମହୋତ୍ସବ ଉଦ୍‌ଯାପିତ



ସୁକତେଲ ମହୋତ୍ସବ ଉଦ୍‌ଯାପନୀ ସଭାରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର,୧୪।୧ (ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗାଁର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ତିନିଦିନ ଧରି ଚାଲିଥିବା ସୁକତେଲ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ସଂଯୋତ କଳା କେନ୍ଦ୍ରର ମଦ୍ଦୁଆଶାଲ୍, ପଞ୍ଚରଶି, ଡାଲଖାଇ ଲୋକନୃତ୍ୟ ଓ ଲୋକଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଲୋକନୃତ୍ୟକୁ ସଙ୍ଗୀତା ଦାଶ ନିର୍ଦ୍ଦେଶନା ଦେଇଥିଲେ। ଏଠାରେ ପ୍ରଦର୍ଶିତ ଦଣ୍ଡନୃତ୍ୟ, ରାମଲୀଳା, ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ବହୁ କଳାକାର ଯୋଗ ଦେଇଥିଲେ। ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ମୁରଲୀଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୂଦନ ନାୟକ ଉପସ୍ଥିତି ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଭାବେ ଭାଜପା ନେତା ଓ ସଙ୍ଗଠକ ଗୋପାଳଜୀ ପାଣିଗ୍ରାହୀ, ଅମରଜିତ ପଟେଲ ଓ ପୁରୁଷୋତ୍ତମ ପଟେଲ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଉପଜିଲାପାଳ ଆଲୋକ ରଞ୍ଜନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଓ ଲୋକ କଳାକାର ଗୋଲାପ ବାଗ ମଞ୍ଚାସୀନ ଥିଲେ। ଲୋକ କଳା ପାଇଁ ମଞ୍ଚ ଯୋଗାଇ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ କଳାକାର ଦଣ୍ଡ ଶିରୋମଣି ସାନନ୍ଦ ସିକା, ସାମାଜିକ କର୍ମୀ ଲୋକନାଥ କୁମୁରା, ଅନିବେଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଡୁଙ୍ଗୁରିପାଲି ପୁନର୍ବାସ କଲୋନୀ, ଘୁଙ୍ଗୁରୁ କଳା ପରିଷଦ, କଣ୍ଠଶିଳ୍ପୀ ପ୍ରତାପ ସାହୁ ଲୋକ କଳା ପରିବେଷଣ କରିଥିଲେ। ଆୟୋଜକ କମିଟି ସଭାପତି ବିଧୁଭୂଷଣ ସିଂଦେଓ, ସମ୍ପାଦକ ମନ୍ମୟ ଆନନ୍ଦ ତ୍ରିପାଠୀ, ଆବାହକ ଚିଙ୍କୁ ପ୍ରଧାନ, ସଂଯୋଜକ କଳା ସଙ୍ଗଠକ ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠୀ, ସଞ୍ଜୟ ଆନନ୍ଦ ତ୍ରିପାଠୀ, ସତ୍ୟ ଗହୀର, ସୁବଳ ଗୁରହାଣ୍ଡି, ସୁରେଶ ମେହେର, ହାଡିବନ୍ଧୁ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଯୁବ ଦିବସ ପାଳିତ

ଲୋଇସିଂହା,୧୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏଥିରେ ଅଧକ୍ଷ ପରମେଶ୍ୱର ସିଂ ଓ ବରିଷ୍ଠ ଅଧାପକ ଝସକେତନ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଅଧାପକ ସରୋଜ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମକର ସଂକ୍ରାନ୍ତିରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ,୧୪।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ମକର ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ଶ୍ରଦ୍ଧାଳୁମାନେ ସକାଳୁ ପାପନାଶିନୀ ଝରଣାରେ ସ୍ନାନ କରି ଲମ୍ବା ଧାଡ଼ିରେ ରହି ଠାକୁର ଦର୍ଶନ କରିଥିଲେ। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପାଟଣାଗଡ଼ ଉପ ଜିଲାପାଳ ସୁନିଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତବସ୍ତ୍ର ବଣ୍ଟନ

କଣ୍ଟାବାଞ୍ଜି,୧୪।୧(ଗୁରୁ ଦୟାଳ ହଂସ)

ରାଜ୍ୟ ସାମ୍ବାଦିକ ସଂଗଠନ (ଏସ.ୟୁ.ଜେ) କଣ୍ଟାବାଞ୍ଜି ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ କଣ୍ଟାବାଞ୍ଜି ଏନଏସି ଅନ୍ତର୍ଗତ ସମସ୍ତ ମନ୍ଦିର ସାମ୍ନାରେ ବସିଥିବା ଗରିବ ଲୋକଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା । ରାଜ୍ୟ ସାମ୍ବାଦିକ ସଂଗଠନର ବଲାଙ୍ଗୀର ଜିଲା ଉପ ସଭାପତି ତଥା ସମାଜସେବୀ ରୋହନ କୁମାର ମହତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ସାମ୍ବାଦିକ ତୁଳସୀ ରାମ ଜଗତ, ମୋହନ ସୁନା , ଅମ୍ରିତା ଛତ୍ରିଆ ,ଯୁଗଳ କିଶୋର ଶବର, ବିକାଶ ଶର୍ମା, ମୀନକେତନ ନିଆଲ, ରାକେଶ ସରାଫ, ଉଷା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଭଡ଼ା ଘରେ ଚାଲିଛି ସେବା ସମବାୟ ସମିତି

ଲାଠୋର,୧୪।୧(ଭୁବନେଶ୍ୱର ବାରିକ)ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଞ୍ଚାୟତ ସଦର ଗ୍ରାମରେ ଥିବା ପ୍ରାଥମିକ ସେବା ସମବାୟ ସମିତି ର ନିଜସ୍ୱ ଗୃହ ନ ଥିବା ହେତୁ ଦୀର୍ଘବର୍ଷ ହେଲା ଭଡ଼ାରେ ଚାଲୁଛି । ସ୍ଥାୟୀ ଘର ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି । ୧୯୭୧ ମସିହାରୁ ସ୍ଥାପିତ ଉକ୍ତ ସେବା ସମବାୟ ସମିତି ଉପରେ ବଡ଼ଡକଲା ଏବଂ ଢୋଲମାନ୍ଦଲ ପଞ୍ଚାୟତର ବିଭିନ୍ନ ଗ୍ରାମର ୧୯୨ ଚାଷୀ ନିର୍ଭର କରି ଆସୁଛନ୍ତି । ସେମାନଙ୍କ ସୁବିଧା ପାଇଁ ଆଜିଯାଏ ଗୃହ ନିର୍ମାଣ କରାଯାଇ ପାରିନାହିଁ । ମାସିକ ୨ ହଜାର ଟଙ୍କା ଭଡ଼ାରେ ଚାଲିଥିବା ସମିତି କାର୍ଯ୍ୟାଳୟକୁ ଚାଷୀମାନେ ବିଭିନ୍ନ କାମରେ ଆସିଲେ ଜାଗା ଅଭାବ ହେତୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୨୦୧୪ ମସିହାରୁ ଏଠାରେ ସରକାରୀ ଧାନ ମଣ୍ଡି ଖୋଲିବା ଦିନଠାରୁ ଚାଷୀଙ୍କ ସମସ୍ୟା ସଙ୍ଗୀନ ହୋଇ ପଡୁଛି । ଗୋଦାମ ଗୃହର ଅଭାବ କାରଣରୁ ଧାନକୁ ପଲିଥିନ ଢାଙ୍କି ରଖିବାକୁ ପଡୁଛି । ଏହିସବୁ ସମସ୍ୟା ନେଇ ଟିଟିଲାଗଡ ଉପଜିଲାପାଳ ଏବଂ ଏଆରସିଏସଙ୍କୁ ବାରମ୍ବାର ଚିଠି କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ । ଏପରି କି ସମିତିର ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରି ସମସ୍ତ କାଗଜପତ୍ର କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟକୁ ପଠାଇ ଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ପୂର୍ବତନ ସମିତି ସଭାପତି ନିତ୍ୟାନନ୍ଦ ବେହେରା ଏବଂ ବର୍ତ୍ତମାନର ସଭାପତି ଲଳିତ ମାଝୀ ପ୍ରକାଶ କରିଛନ୍ତି । ତେବେ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେବା ସମବାୟ ସମିତି ନିଜସ୍ୱ ଗୃହ ଏବଂ ଗୋଦାମ ଗୃହ ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତର ୬ ବର୍ଷ ପରେ ବି ଭାଗ୍ୟ ବଦଳିନି

ବଲାଙ୍ଗୀର,୧୪।୧ (ବୀରେନ୍ଦ୍ର କୁମାର ଖାଙ୍କର)

### ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ସ୍ଥିତି

୨୦୧୯ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ବହୁ ବିଳମ୍ବିତ ଖୋର୍ଦ୍ଧାରୋଡ–ବଲାଙ୍ଗୀର ରେଳପଥର ବଲାଙ୍ଗୀର ପଟରୁ ବିଚ୍ଛୁପାଲି ପର୍ଯ୍ୟନ୍ତ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ୬ ବର୍ଷ ପୁରିବାକୁ ବସିଛି। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ପ୍ରକଳ୍ପର ଶେଷ ଧାର୍ଯ୍ୟ ସମୟ ସୀମା ଡିସେମ୍ବର ୨୦୨୪ରୁ ଡିସେମ୍ବର ୨୦୨୬କୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପୂର୍ବତଟ ରେଳ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମାଣ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ପ୍ରଦାନ କରିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

ତଥ୍ୟରେ କୁହାଯାଇଛି ଯେ, ସମୁଦାୟ ୩୦୧ କିଲୋମିଟର ଲମ୍ବ ରେଳପଥରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୯୮ କିଲୋମିଟର ରେଳପଥ ନିର୍ମାଣ କରାଯାଇ ପରୀକ୍ଷା ନିରୀକ୍ଷା ଶେଷ ହୋଇଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ପ୍ରାୟ ୧୦୧ କିଲୋମିଟରର ବୌଦ୍ଧରୁ ପୁରୁଣାକଟକ ୨୬.୮୮ କିଲୋମିଟର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଦଶପଲ୍ଲାରୁ ପୁରୁଣା କଟକ ୭୫ କିଲୋମିଟର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯଦି ଜମି ଅଧିଗ୍ରହଣ ଠିକ୍‌ଠାକ୍ ଚାଲୁ ରହେ ଏହି ପ୍ରକଳ୍ପକୁ ୨୦୨୬ ଡିସେମ୍ବରରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ପ୍ରକଳ୍ପ ମଞ୍ଜୁରୀ ପାଇବାର ତିନି ଦଶକରୁ ଅଧିକ ସମୟ ଅତିବାହିତ ହୋଇଯାଇଥିଲେ ମଧ ଜମି ଅଧିଗ୍ରହଣ ସମ୍ପୂର୍ଣ ହୋଇନାହିଁ । ବର୍ତ୍ତମାନ ମଧ ଘରୋଇ ଜମି ୭୭ ଏକର, ସରକାରୀ ଜମି ୨୨୬ ଏକର ଅଧିଗ୍ରହଣ ହୋଇନାହିଁ। ଜଙ୍ଗଲ ଜମି ପ୍ରାୟ ୧୪୬୯ ଏକରକୁ ଷ୍ଟେଜ ୨ କ୍ଲିୟରାନ୍ସ ମିଳିନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଗତ ୫ ବର୍ଷରେ ରେଳପଥକୁ ୪୩୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ମାତ୍ର ୨୩୩୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରେଳମନ୍ତ୍ରୀ ଓଡିଶାରୁ ନିର୍ବାଚିତ ପ୍ରତିନିଧି ହୋଇଥିଲେ ମଧ ରେଳ ବିଭାଗର ପୁରୁଣା ଅଭ୍ୟାସରେ ପରିବର୍ତ୍ତନ ହୋଇନାହିଁ ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ୬ ବର୍ଷ ପରେ ମଧ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ସମ୍ପୂର୍ଣ୍ଣ ଟ୍ରାକରେ ରେଳ ଚଳାଚଳକୁ ନେଇ ବର୍ତ୍ତମାନ ମଧ ଧାର୍ଯ୍ୟ ସମୟ ନିଶ୍ଚିତ କରାଯାଇ ପାରିନାହିଁ ବୋଲି ପଣ୍ଡା କହିଛନ୍ତି।

# ଯୋଗୀସର୍ଡାକୁ ମାସେ ହେଲା ଜଳ ଯୋଗାଣ ବନ୍ଦ

ଲୋଇସିଂହା,୧୪।୧(ସୁଶାନ୍ତ ବାରିକ)

ହର୍ ଘର ନଳ ଯୋଜନାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗାଁର ପ୍ରତ୍ୟେକ ଘରକୁ ଜଳ ଯୋଗାଣ ପାଇଁ ପାଇପ ସଂଯୋଗ କାମ ଚାଲିଛି। ଇତିମଧରେ ଗୋଟିଏ ମାସରୁ ଅଧିକ ସମୟ ହେଲା କାମକୁ ଠିକାଦାର ବନ୍ଦ କରି ଦେଇଛନ୍ତି। ଠିକାଦାରଙ୍କ ଦେଖାନାହିଁ। ପାଇପ ସଂଯୋଗ କାମ ଅଧାପନ୍ତରିଆ ହୋଇଥିବାରୁ ଗ୍ରାମରେ ପାଇପ ଜଳ ଯୋଗାଣ ବନ୍ଦ ହୋଇ ପଡିଛି। ଗ୍ରାମବାସୀ ପାଇପ ଜଳ ପାଇବାରୁ ବଞ୍ଚିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପ୍ରାୟ ଗୋଟିଏ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ଛେଲବାହାଲସ୍ଥିତ ସୁକତେଲ ନଦୀରୁ ଯୋଗୀସର୍ଡାକୁ ପାଇପ ଜଳ ଯୋଗାଣ ହୋଇ ଆସୁଛି। ଲୋକେ ଷ୍ଟାଣ୍ଡପୋଷ୍ଟ ଯୋଗେ ପାଣି ପାଉଥିଲେ। ବର୍ତ୍ତମାନ ସମୟରେ କେନ୍ଦ୍ର ସରକାରଙ୍କ ହର୍ ଘର ନଳ ଯୋଜନାରେ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ ପାଇଁ କାମ ଚାଲିଛି। ବସ୍ତିରେ ଯାଇଥିବା ପୁରୁଣା ପାଇପ ଲାଇନରୁ ଘରକୁ ଘର ପାଇପ ସଂଯୋଗ କାମ ଚାଲିଛି। ଏହି କାମ ସମ୍ପୂର୍ଣ୍ଣ ହୋଇନାହିଁ। ହେଲେ ପ୍ରାୟ ଏକ ମାସରୁ ଅଧିକ ସମୟ ହେଲା କାମ ବନ୍ଦ କରି ଠିକାଦାର ଅନ୍ୟତ୍ର ଚାଲିଯାଇଛନ୍ତି।

# ରାଜ୍ୟସ୍ତରୀୟ ବଡ଼ଟିକା କପ୍: ବିଏଫ୍‌ସି କୁଟିଣ୍ଡା ଚାମ୍ପିୟନ

ଲୋଇସିଂହା, ୧୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା କ୍ରୀଡା ସଂଘ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଗତ ୬ ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ବଡଟିକା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩–୦ଗୋଲରେ ସମ୍ବଲପୁର ଏଫ.ସିକୁ ହରାଇ ବି.ଏଫ.ସି କୁଟିଣ୍ଡା ଦଳ ପ୍ରଥମ ବଡଟିକା କପ୍ ହାତେଇଛି। ସ୍ଥାନୀୟ ଧରଣୀଧର ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଏ ଗ୍ରୁପରୁ ବି.ଏଫ.ସି କୁଟିଣ୍ଡା ଓ ବି ଗ୍ରୁପରୁ ସମ୍ବଲପୁର ଏଫ.ସି ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳରେ କୁଟିଣ୍ଡା ଦଳ ପ୍ରଥମାର୍ଦ୍ଧରେ ୧ ଗୋଲ ଏବଂ ଦ୍ୱିତୀୟାର୍ଦ୍ଧରେ ୨ ଗୋଲ ସ୍କୋର କରିଥିଲା। ଫାଇନାଲରେ ବି.ଏଫ.ସି କୁଟିଣ୍ଡା ଦଳ ଏକତରଫା ପ୍ରଦର୍ଶନ କରିଥିବା ବେଳେ ସମ୍ବଲପୁର ଏଫ.ସି ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଫଳରେ ୩–୦ ଗୋଲରେ ସମ୍ବଲପୁର ଏଫ.ସିକୁ ହରାଇ ବି.ଏଫ.ସି କୁଟିଣ୍ଡା ଚାମ୍ପିୟନ ହୋଇଛି। କୁଟିଣ୍ଡା ଦଳର ବିନି କିଷାନ ମ୍ୟାନ ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ଅଫ୍ ଦ ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡା ସଂଘର ସଭାପତି ବି.ଧରୁଆ ଅଧକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ଗୀତାଞ୍ଜଳୀ ଦାଶ ମୁଖ୍ୟଅତିଥି, ଏମପି ପ୍ରତିନିଧି ଉମେଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା।

# ଉତ୍ତରାଖଣ୍ଡକୁ ହରାଇ ରାଞ୍ଚି ସେର୍‌ସା ବିଜୟୀ

ପାଟଣାଗଡ,୧୪।୧ (ସଚ୍ଚିଦାନନ୍ଦ ମହାକୁର)

### ପାଟଣା କପ କ୍ରିକେଟ ଟୁର୍ନାମେଣ୍ଟ

ପାଟଣାଗଡ ଏନଏସିସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଉତ୍ତରାଖଣ୍ଡ ଓ ରାଞ୍ଚି ସେରସା ମଧରେ ଖେଳ ଅନୁଷ୍ଠିତ ହୋଇଥିଲା । ଉତ୍ତରାଖଣ୍ଡ ଦଳ ଟସ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା । ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ୨୯.୧ ଓଭରରେ ୯ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରିଥିଲା । ଜବାବରେ ଉତ୍ତରାଖଣ୍ଡ ଦଳ ୨୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ କରି ପରାଜିତ ହୋଇଥିଲା । ରାଞ୍ଚି ସେରସା ଦଳର ଉତ୍କର୍ଷ କୁମାର ୬ ଓଭର ବୋଲିଂ କରି ୩୨ ରନ ବିନିମୟରେ ଗୋଟିଏ ମେଡେନ ସହ ୬ ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାଜେନ୍ଦ୍ର ସେଠ ଓ ପୃଥ୍ୱିରାଜ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ । ଅଧାପକ ସନ୍ତୋଷ ନାୟାର ଓ ଜେମିନି ଚିରଗୁଣ ଧାରା ବିବରଣୀ କରିଥିଲେ ।




ଜଣେ ଖେଳାଳି ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଦୁର୍ଦ୍ଦିନରେ ପରିବାର, ୨ ପୁଅଙ୍କ ଚିକିତ୍ସା ପାଇଁ ଅର୍ଥାଭାବ

ସଇଁତଲା,୧୪।୧(ରାଖାଲ ପ୍ରସାଦ ଶତପଥି)

- ଚିକିତ୍ସା ପାଇଁ ବିକିଦେଲେ ଜମି
- ସହାୟତା ପାଇଁ ନିବେଦନ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ଡୁଙ୍ଗୁରୀପାଲି ପଞ୍ଚାୟତ ଅନ୍ତର୍ଗତ ଟୁର୍ଚ୍ଚାଉପେର ଗ୍ରାମରେ ପରିବାର ସହ ବସବାସ କରନ୍ତି ବାହାଦୂର ସାହୁ। ପରିବାର କହିଲେ ସ୍ତ୍ରୀ ବୈଦେହୀ ସାହୁ ଓ ଦୁଇ ପୁଅ ପୂର୍ଣ୍ଣଚନ୍ଦ୍ର ଓ ଚକ୍ରଧର। ହେଲେ ପୁଅ ଦୁହେଁ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ।

ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ର ଓ ଚକ୍ରଧର ୧୦ରୁ ୧୨ ବର୍ଷ ହେବା ପର୍ଯ୍ୟନ୍ତ ପାଠ ପଢୁଥିଲେ। କିନ୍ତୁ ହଠାତ୍ ପରିବାର ପ୍ରତି ମାଡ଼ି ଆସିଲା ଘୋର ବିପଦ। ଦୁଇ ପୁଅଙ୍କ ହାତ ଗୋଡ଼ ହଠାତ୍ ଅଚଳ ହୋଇଯିବାରୁ ଚଲାବୁଲା କରିପାରିଲେ ନାହିଁ। ଯେଉଁ ବୟସରେ ସ୍କୁଲ ଯିବା ଓ ସାଙ୍ଗସାଥୀଙ୍କ ସହ ଖେଳିବା କଥା ସେହି ବୟସରେ ରୋଗରେ ଆକ୍ରାନ୍ତ ହେବାରୁ ସେମାନଙ୍କୁ ଖଟ ଉପରେ ପଡ଼ି ରହିବାକୁ ପଡିଲା। ଦୁଇ ପୁଅଙ୍କ ଏପରି ଅବସ୍ଥା ଦେଖି ବାପା ବାହାଦୂର ସେମାନଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇଲେ। ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଲେ। ସେଠାକୁ ଯାଇ ଚିକିତ୍ସା କରିବା ପରେ ମଧ ସମାନ ଅବସ୍ଥା। ପରେ ରାୟପୁର, ବିଶାଖାପାଟଣା, ବିଷମକଟକ, ଓଲଟପୁର, କଟକରେ ଥିବା ଡ଼ାକ୍ତରଖାନାକୁ ନେଇ ଚିକସ୍ତା କରାଇଥିଲେ। କିନ୍ତୁ ଠିକ୍ ଭାବରେ ରୋଗ ଚିହ୍ନଟ ହୋଇ ପାରିଲା ନାହିଁ। ଏ ଡ଼ାକ୍ତରଖାନାରୁ ସେ ଡ଼ାକ୍ତରଖାନାକୁ ନେଇ ଚିକିତ୍ସା କରିବାରେ ପରିବାର ପାଖରେ ଥିବା ସମସ୍ତ ସମ୍ବଳ ସରିଯାଇଥିଲା। ନିଜ ପାଖରେ ଥିବା ୨ ଏକର ଜମିକୁ ମଧ ବାହାଦୂର ବିକ୍ରୟ କରି ଦୁଇ ପୁତ୍ରଙ୍କ ଚିକିତ୍ସା ପାଇଁ ଟଙ୍କା ଯୋଗାଡ଼ କରିଥିଲେ। ତାହା ମଧ ଖର୍ଚ୍ଚ ହୋଇଗଲା। ଦୀର୍ଘ ୧୦ ବର୍ଷ ହେବ ପୁଅମାନଙ୍କ ଚିନ୍ତା କରି ବାହାଦୂର ନିଜେ ବର୍ତ୍ତମାନ କିଡ୍‌ନୀ ଓ ଅନ୍ୟ ରୋଗରେ ଆକ୍ରାନ୍ତ। ତଥାପି ଦୁଇ ପୁଅଙ୍କ ରୋଗ ଭଲ କରିବା ଆଶାରେ ନିଜ ରୋଗ ବିଷୟରେ ଭୁଲି ପ୍ରତ୍ୟହ ମୂଲ ଲାଗିବାକୁ ଯାଉଛନ୍ତି। ଯାହା ରୋଜଗାର ହେଉଛି ସେଥିରେ ପୁଅଙ୍କ ପାଇଁ ଔଷଧ କିଣି ଦେଉଛନ୍ତି। ଅନ୍ୟପକ୍ଷରେ ରୋଗ ବିଷୟରେ ଠିକ୍ ଜଣା ନ ପଡ଼ିବାରୁ ଦୁଇ ପୁଅ ଘରେ ରହୁଛନ୍ତି। ସେମାନଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ଦେବାକୁ ବାହାଦୂର ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନ, ଉପ–ଜିଲାପାଳ, ଜିଲାପାଳ, ତତ୍କାଳୀନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ପାଖରେ ଗୁହାରି କରିଥିଲେ। କିନ୍ତୁ ସହାୟତା ନ ମିଳିବାରୁ ଭାଗ୍ୟକୁ ଆଦରି ପଡି ରହିଛନ୍ତି। ଏ ବିଷୟରେ କିଛି ବର୍ଷ ତଳେ ଦୈନିକ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ କେତେଜଣ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେଥିରେ ବାହାଦୂର ନିଜ ପୁଅଙ୍କୁ ବିଶାଖାପାଟଣାସ୍ଥିତ ଏକ ଡ଼ାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। କିନ୍ତୁ ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ଦୁଇ ପୁଅଙ୍କୁ ନିଜ ଘରକୁ ଫେରାଇ ଆଣିଥିଲେ। ବର୍ତ୍ତମାନ ଏହି ପରିବାରକୁ ପଞ୍ଚାୟତ ତରଫରୁ ଭତ୍ତା ଏବଂ ଚାଉଳ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ଭଳିଆ ହୋଇଛି। ରୋଗିଣା ଦୁଇ ପୁଅଙ୍କ ଔଷଧ ଖର୍ଚ୍ଚ ତଥା ଚଳିବା ପାଇଁ ରୋଗାକ୍ରାନ୍ତ ବାହାଦୂର ମୂଲ ଲାଗିବାକୁ ଯାଉଥିବା ବେଳେ ତାଙ୍କ ସ୍ତ୍ରୀ ଛୁଆଙ୍କର ଯତ୍ନ ନେବାକୁ ଘରେ ରହୁଛନ୍ତି। ବଡ଼ ପୂର୍ଣ୍ଣଚନ୍ଦ୍ର ଏବେ ୨୧ ବର୍ଷ ବୟସର ହୋଇଥିବା ବେଳେ ତାହାର ଓଜନ ବଢ଼ିଯାଇଛି। ସେ ଖଟରୁ ଉଠି ଚାଲି ପାରୁନାହାନ୍ତି। ତାକୁ ନେବା , ଆଣିବା ପାଇଁ ଦୁଇ ତିନି ଜଣଙ୍କ ଦରକାର ପଡୁଛି। ସେହିପରି ସାନ ପୁଅ ଚକ୍ରଧରଙ୍କୁ ୧୮ ବର୍ଷ ହୋଇଥିବାବେଳେ ସେ ମଧ ଖଟରୁ ଉଠି ପାରୁନାହାନ୍ତି। ଫଳରେ ସେ ଖଟରେ ଶୋଇ ରହୁଛନ୍ତି। ଚକ୍ରଧରଙ୍କୁ କେବଳ ସାଗୁ କିମ୍ବା ହର୍ଲିକ୍ସ ପାଣିରେ ମିଶାଇ ପିଇବାକୁ ଦେଲେ ସେ ପିଇ ପାରୁଥିବା ବେଳେ ଅନ୍ୟ ଖାଦ୍ୟ ପଦାର୍ଥ ଖାଇପାରୁନାହାନ୍ତି। ପ୍ରଶାସନିକ ଅଧିକାରୀ ଓ କୌଣସି ସହୃଦୟ ବ୍ୟକ୍ତି ଏହି ପରିବାରକୁ ସହାୟତାର ହାତ ବଢାଇବା ପାଇଁ ସ୍ଥାନୀୟ ସରପଞ୍ଚ ଗଜପତି ସାହୁ ଓ ଗ୍ରାମବାସୀ ନିବେଦନ କରିଛନ୍ତି।



ସାନପୁଅ ପାଖରେ ବାପା ବାହାଦୂର ଓ ମା' ବୈଦେହୀ ।

## ସଂକ୍ଷେପରେ

### ଅନାଥାଶ୍ରମର ନୂତନ ପରିଚାଳନା କମିଟି ଗଠନ

**ଝାରବନ୍ଧ, ୧୪।୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲିରେ ଥିବା ଲକ୍ଷ୍ମୀ ନାରାୟଣ ଅନାଥ ଆଶ୍ରମର ନୂତନ ପରିଚାଳନା କମିଟି ମଙ୍ଗଳବାର ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ରୋହିତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଅନେକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ଆଶ୍ରମର ସୁପରିଚାଳନା ପାଇଁ ମତ ପ୍ରଦାନ କରିଥିଲେ। ଚଳିତବର୍ଷ ପାଇଁ ସତ୍ୟମ୍ ପ୍ରଧାନ ସଭାପତି, ସନତ ସିଂ ବରିହା ଉପସଭାପତି, ସମ୍ପାଦକ ସତ୍ୟାନନ୍ଦ ପ୍ରଧାନ, ସହସମ୍ପାଦକ ଦେବରାଜ ପ୍ରଧାନ, ଯୋଜନା ସଂଯୋଜକ ମନୋଜ ପ୍ରଧାନ, ପଦ୍ମାଳୟା ପ୍ରଧାନ, କ୍ଷୀରସାଗର ବରିହା, ଅନିଲ ଭୋଇ, ଫୁଲବାବୁ କୁମ୍ଭାର ସଦସ୍ୟ ଅଛନ୍ତି। ହରିହର ସାହୁ, କୃଷ୍ଣଚନ୍ଦ୍ର ମାଝୀ, ସୁରେନ୍ଦ୍ର ଭୋଇ, ରାକେଶ ଅଗ୍ରୱାଲ, ଦିବ୍ୟକିଶୋର ପ୍ରଧାନ, ଲୋକନାଥ ସାହୁ, ମଧୁବନ ପ୍ରଧାନ ସର୍ବସମ୍ମତି କ୍ରମେ ଉପଦେଷ୍ଟା ମଣ୍ଡଳୀ ଭାବେ ଚୟନ ହୋଇଛନ୍ତି।

### ସପ୍ତଦୀପା ସାହିତ୍ୟ ସଂସଦର ମକର ମିଳନ, ସାରସ୍ୱତ ଆସର

**ଅମରପାଲି, ୧୪।୧(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସପ୍ତଦୀପା ସାହିତ୍ୟ ସଂସଦର ମକର ମିଳନ, ସାରସ୍ୱତ ସମାରୋହ ଓ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ଆର୍ତ୍ତତ୍ରାଣ ବାବୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ଉପ ସଭାପତି ଲକ୍ଷ୍ମୀନାରାୟଣ ସାହୁ ଅତିଥି ସ୍ୱାଗତ କରିଥିବା ବେଳେ ଡ.ଅନିରୁଦ୍ଧ କୁରୁକୁରିଆ ଓ ଅଧ୍ୟାପିକା ସନ୍ତୋଷିନୀ ନାୟକ କବିତା ସଂଯୋଜନା କରିଥିଲେ। କବି ରଞ୍ଜିତା ପଣ୍ଡା, ଅନ୍ତର୍ଯ୍ୟାମୀ ଗୁରୁ, ଆନନ୍ଦ ପଧାନ, ମେଘନାଦ ଭୋଇ, ଅକ୍ଷୟ ରାଏ, ତନ୍ମୟବାଆ ମିଶ୍ର, ଡ.ରାଧେଶ୍ୟାମ ମିଶ୍ର, ବାବୁଲାଲ ମନ୍ତ୍ରୀ, ଭିକାରୀ ଚରଣ ସେଠୀ, ଡ.ପ୍ରଫୁଲ୍ଲ ସାହୁ, ସନ୍ତୋଷିନୀ ସାମନ୍ତରା, ଆର୍ତ୍ତତ୍ରାଣ ଖୁଁଟିଆ, ଗୋବିନ୍ଦ ସେଠୀ, ବାସୁଦେବ ରଥ,ବିଜୟ ହୋତା,ପ୍ରହଲ୍ଲାଦ ନାଏକ,ଡ.ଶୁଭେନ୍ଦୁ ମେହେର, ମନରଞ୍ଜନ ଦାଶ, ଦେବେନ୍ଦ୍ର ନାଏକ, କନ୍ଧୁଧର ସୁନା, ଯୁଧିଷ୍ଠିର ଖମାରୀ, ସନ୍ତୋଷିନୀ ନନ୍ଦ, ହୃଷୀକେଶ ଚାନ୍ଦ, ସୁରୁ ସାହୁ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସନ୍ତୋଷ ଅଦାବର, ସୁଶାନ୍ତ ଭୁଏ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

# ଧନୁଯାତ୍ରାରୁ ନିଖୋଜ ଯୁବତୀଙ୍କୁ ଗଣବଳାତ୍କାର ସନ୍ଦେହ

**ବରଗଡ଼, ୧୪।୧(ପ୍ରେମାନନ୍ଦ ଖମାରୀ)**

- ୪୮ ଘଣ୍ଟା ମୃତ୍ୟୁ ସହ ସଂଗ୍ରାମ ପରେ ଜଙ୍ଗଲରୁ ଉଦ୍ଧାର
- ବୁର୍ଲାରେ ପୀଡ଼ିତା ଚିକିତ୍ସାଧୀନ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଧନୁଯାତ୍ରା ସରିବା ପରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗତ ରବିବାର ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆସି ନିଖୋଜ ହୋଇଥିବା ଜଣେ ଯୁବତୀ(୨୪)ଙ୍କୁ ମଙ୍ଗଳବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ବରଗଡ଼ ଜିଲା କୁର୍ଲା ଗ୍ରାମ ନିକଟ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଦୀର୍ଘ ୪୮ ଘଣ୍ଟା ମୃତ୍ୟୁ ସହ ସଂଗ୍ରାମ ପରେ ଯୁବତୀଙ୍କୁ ଉଦ୍ଧାର କରାଯାଇ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ବୁର୍ଲା ଡାକ୍ତରଖାନା ଶଲ୍ୟ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ପୀଡ଼ିତା ସଂଜ୍ଞାହୀନା ଥିବା ଯୋଗୁ ତାଙ୍କ ବୟାନ ମିଳିପାରି ନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ଅପହରଣ କରି କିମ୍ବା ଅନ୍ୟ କୌଣସି ସ୍ଥାନକୁ ନେବା ପରେ ସେଠାରେ ଗଣବଳାତ୍କାର କରାଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଗଣବଳାତ୍କାର ନେଇ ନିଖୋଜ ଯୁବତୀଙ୍କ ପରିବାର କିମ୍ବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କଠାରୁ ସେଭଳି କିଛି ସୂଚନା ମିଳି ନାହିଁ ବୋଲି ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

ପ୍ରକାଶ ଯେ, ପୀଡ଼ିତା ଗତ ୧୨ତାରିଖରେ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସିଥିଲେ, କିନ୍ତୁ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିବାରୁ ପୀଡ଼ିତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିଲା। ଫଳରେ ସେମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପୀଡ଼ିତାଙ୍କ ପତ୍ତା ମିଳି ନଥିଲା। ଅନ୍ୟପଟେ କିଛି ସମୟ ପରେ ପୀଡ଼ିତାଙ୍କ ନମ୍ବରରୁ ତାଙ୍କ ପରିବାରଙ୍କ ଅନ୍ୟଜଣେ ସଦସ୍ୟଙ୍କୁ କେହିଜଣେ ଫୋନ କରିଥିଲେ ଏବଂ ଯୁବତୀ ଜଣକ କୁର୍ଲା ଜଙ୍ଗଲରେ ପଡ଼ିଥିବା ସୂଚନା ଦେଇଥିଲେ। ଏହାପରେ ପରିବାର ଲୋକେ ବରଗଡ଼ ଥାନାକୁ ଜଣାଇଥିଲେ। ଏହାସତ୍ତ୍ୱେ କିଛି ଖୋଜଖବର ମିଳି ନଥିଲା। ଅପରପକ୍ଷେ ମଙ୍ଗଳବାର ସକାଳେ ଯୁବତୀ ଜଣକ କୁର୍ଲା ଜଙ୍ଗଲ ଭିତରେ ପଡ଼ିଥିବା ନେଇ ଜଣେ ଯୁବକ ଫୋନ କରିଥିଲେ। ତାଙ୍କ ସୂଚନାକୁ ଆଧାର କରି ପରିବାର ଲୋକେ ଘଟଣାସ୍ଥଳରୁ ଯୁବତୀଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିବା କହିଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

# ପୀଡ଼ିତାଙ୍କୁ ଭେଟିଲେ ପୌରାଧ୍ୟକ୍ଷା



ବୁର୍ଲା ଡାକ୍ତରଖାନାରେ ପୀଡ଼ିତାଙ୍କୁ ବରଗଡ଼ ପୌରାଧ୍ୟକ୍ଷା ଭେଟୁଛନ୍ତି।

**ବରଗଡ଼, ୧୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ କୁର୍ଲା ଗ୍ରାମ ନିକଟ ଜଙ୍ଗଲରୁ ମଙ୍ଗଳବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ନିଖୋଜ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଧନୁଯାତ୍ରା ଦେଖିବାକୁ ଆସି ଗତ ୧୨ତାରିଖରୁ ନିଖୋଜ ଥିବା ଏହି ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ସାଧାରଣରେ ଆଲୋଚିତ ହେଉଛି। ଧନୁଯାତ୍ରା ସମୟରେ ଏଭଳି ଏକ ଅଭାବନୀୟ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିପକାଇଛି। ଘଟଣା ଜାଣିବା ପରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପହଞ୍ଚି ପୀଡ଼ିତାଙ୍କୁ ଭେଟିଛନ୍ତି। ଏଥିସହିତ ତାଙ୍କ ପରିବାର ଲୋକଙ୍କୁ ଭେଟି ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ତଥା ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ ଦାବିରେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପୌରାଧ୍ୟକ୍ଷା ମାଝୀ କହିଛନ୍ତି।

# ନୃସିଂହନାଥରେ ବୁଡ଼ ପକାଇଲେ ଧନୁଯାତ୍ରା କଳାକାର



ପାପନାଶିନୀ ଝରଣାରେ ଥିବା ଗୋକୁଣ୍ଡ ଘାଟରେ ବୁଡ଼ ପକାଇ କଳାକାରମାନେ କ୍ଷମା ପ୍ରାର୍ଥନା କରୁଛନ୍ତି।

**ପାଇକମାଳ, ୧୪।୧(ବଡ଼ ଶତପଥୀ)**

ବରଗଡ଼ରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଧନୁଯାତ୍ରା ୩ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ଯାଏ ମହାଡ଼ମ୍ବରରେ ପାଳିତ ହୋଇଥିଲା। ବିଶ୍ୱର ସର୍ବବୃହତ୍ ମୁକ୍ତ ଖୋଲାରଙ୍ଗ ମଞ୍ଚ ଧନୁଯାତ୍ରା ମହୋତ୍ସବରେ ଭଗବାନ କୃଷ୍ଣ, ବଳରାମ, ଦେବକୀ, ବାସୁଦେବଙ୍କୁ ମହାରାଜ କଂସ, ତାଙ୍କ ପାତ୍ରମନ୍ତ୍ରୀ, ସୈନ୍ୟସାମନ୍ତ, ପାରିଷଦଗଣ ଅନେକ ଅତ୍ୟାଚାର କରି କଟୁ କଥା କହିଥିଲେ, ଏପରି କି ଭଗବାନ କୃଷ୍ଣ ଓ ବଳରାମଙ୍କୁ ମାରିବା ପାଇଁ ଗୋପପୁରରୁ ମଥୁରାକୁ ଡକାଇ ଥିଲେ। ମହାରାଜ କଂସଙ୍କ ମୃତ୍ୟୁ ପରେ କଂସ ଭୂମିକାରେ ଅଂଶଗ୍ରହଣ କରିଥିବା ଭୁବନେଶ୍ୱର ପ୍ରଧାନ ପୁରୀ ମହୋଦଧିକୁ ପାପ ମୋଚନ ପାଇଁ ବୁଡ଼ ପକାଇବାକୁ ଯାଇଥିବା ବେଳେ, ଅନ୍ୟ ପାତ୍ର ମନ୍ତ୍ରୀ, ପରିଷଦଗଣ ତାଙ୍କର ପାପ ମୋଚନ ପାଇଁ ମଙ୍ଗଳବାର ନୃସିଂହନାଥ ମନ୍ଦିର ଆସି ପାପ ନାଶିନୀ ଝରଣାରେ ଥିବା ଗୋକୁଣ୍ଡ ଘାଟରେ ବୁଡ଼ ପକାଇ ପାପ ଖଣ୍ଡନ ପାଇଁ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରି କ୍ଷମା ପ୍ରାର୍ଥନା କରିଛନ୍ତି। ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଥିବା କଳାକାରମାନେ ହେଲେ ଗୋଲାପ ଚନ୍ଦ୍ର ଦାଶ, ନନ୍ଦିଘୋଷ ମହାପାତ୍ର, ଦେବାନନ୍ଦ ନାୟକ, ଦେବକାନ୍ତ ବନଛୋର, ପିଣ୍ଟୁ ସାହୁ, ରୁଦ୍ରପ୍ରତାପ ହୃଷୀକେଶ ରଣା, ମୁନେଶ ଚାନ୍ଦ ଆଚାର୍ଯ୍ୟ, ପ୍ରହଲ୍ଲାଦ କୁମାର ମାହାଣା, ବୃନ୍ଦାବନ ପ୍ରଧାନ, ଭଗବାନ ପାଣ୍ଡେ, ପ୍ରକାଶ ପାତ୍ର, ମନୋଜ କୁମାର ସାହୁ ପ୍ରମୁଖ କଳାକାରମାନଙ୍କୁ ପାଇକମାଳ ଖବରଦାତାମାନେ ତଥା ମନ୍ଦିର କର୍ମଚାରୀମାନେ ସ୍ୱାଗତ କରିଥିଲେ। ସେମାନେ ବୁଡ଼ ପକାଇବା ପରେ ଭଗବାନ ନୃସିଂହ ନାଥଙ୍କୁ ଦର୍ଶନ କରାଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକ, ଗାନ୍ଧିବାଦୀ ଉପେନ୍ଦ୍ର ମହାପାତ୍ରଙ୍କ ପରଲୋକ

**ସୋହେଲା, ୧୪।୧(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ଗାନ୍ଧିବାଦୀ ତଥା ସର୍ବୋଦୟ କର୍ମୀ ଉପେନ୍ଦ୍ର ମହାପାତ୍ର(୮୬)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠପୁତ୍ର ତପୋବନ୍ତ ଓ ତାଙ୍କ ସ୍ତ୍ରୀ ସୁଜାତା, ନୀତି ନାତୁଣୀ ଓ ସାନ ପୁଅ ରୁକ୍ମଣ ଉପସ୍ଥିତ ଥିଲେ। ମହାପାତ୍ର ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ହୀରାପାଲି ଗ୍ରାମରେ ଅବସର ଗ୍ରହଣ କରିଥିଲେ। ସେ ନବକୃଷ୍ଣ ଚୌଧୁରୀଙ୍କ ଚମ୍ପଡ଼ିମୁଣ୍ଡା ଜୀବନ ବିଦ୍ୟାଳୟରେ ରହି ୮ମ ଶ୍ରେଣୀରେ ପାଠ ପଢ଼ିଥିଲେ। କୋରାପୁଟର ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀଙ୍କ ସହିତ ସର୍ବୋଦୟ କାମ କରିଥିଲେ। ସେ ଆଜୀବନ ଖଦି ବସ୍ତ୍ର ପରିଧାନ କରି ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ କରିଥିଲେ। ପାଇକମାଳଠାରେ ଥିବା ମଦନ ସାହୁଙ୍କ ନିଃସର୍ଗ ନିବାସର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। କିଛି ବର୍ଷ ସର୍ବୋଦୟ କର୍ମୀ ଭାବରେ ସେ କାମ କରିଥିଲେ। ଉତ୍କଳ ସ୍ମାରକ ନିଧିର ସେ କାର୍ଯ୍ୟକାରିଣୀ ସଦସ୍ୟ ତଥା ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟିର ସେ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ବଡ଼ପୁଅ ତପୋବନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗ ନେଇ ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ପ୍ରକାଶ ଚନ୍ଦ୍ର ଦେବତା, ଡା. ଶିଶିର କୁମାର ସାହୁ ଶୋକ ପ୍ରକାଶ କରିଛନ୍ତି।

# ପ୍ରଥମ ସେମିଫାଇନାଲରେ କଟକ ବିଜୟୀ




କଟକ ଦଳର ଜ୍ୟୋତି ରଞ୍ଜନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ପଦ୍ମପୁର, ୧୪।୧(ପ୍ରଦୀପ୍ତ ଦାଶ)**

**ବୋଡ଼ାସମ୍ବର କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ**

ବରଗଡ଼ ଜିଲା ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡ଼ିଆଠାରେ ୨୯ତମ ସର୍ବଭାରତୀୟ ବୋଡ଼ାସମ୍ବର କ୍ରିକେଟ୍ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର କ୍ୟୁସିଆଇ ୱାରିୟର ଛତିଶଗଡ଼ ଓ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସନି ତିୱାରୀ ୭୨ ବଲରେ ୯୭ ରନ କରିଥିଲେ। ଜବାବରେ କଟକ ଦଳ ୩୨.୪ ଓଭରରେ ୪ ଉଇକେଟ ହରାଇ ୨୨୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। କଟକ ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ଦଳାଇ ୯୩ ବଲରେ ୧୧୬ ରନ ସଂଗ୍ରହ କରିଥିଲେ, ଫଳରେ ୬ ଉଇକେଟରେ କଟକ ଦଳ ବିଜୟୀ ହୋଇଥିଲା। ସେମିଫାଇନାଲ ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ଥାନାଧିକାରୀ ମମତା ନାୟକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧାମୋହନ ପାଣିଗ୍ରାହୀ ଯୋଗଦାନ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବରେ କଟକ ଦଳର ଜ୍ୟୋତିରଞ୍ଜନ ଦଳାଇଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ଶ୍ୟାମସୁନ୍ଦର ପଣ୍ଡା ଏବଂ ବିଶ୍ୱଜିତ ପୁରୋହିତ ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ରୋହିଣୀ ପାଣ୍ଡେ, କୁମାର ଆନନ୍ଦ ଓ ପ୍ରକାଶ ପାତ୍ର ପ୍ରମୁଖ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି 'ବି' ପୁଲ୍‌ର ପ୍ରଥମ ମ୍ୟାଚ ରକେଟ ଇଣ୍ଟରନ୍ୟାଶନାଲ ନାଗପୁର ଓ ବ୍ଲୁ ଡାଇମଣ୍ଡ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ।



ବନ ବିଭାଗ ଅଧିକାରୀଙ୍କୁ ଉତ୍ୟକ୍ତ ଲୋକେ ଘେରିଛନ୍ତି।

# ହାତୀ ଆକ୍ରମଣରେ ଛେଳିଚରାଳି ଗୁରୁତର

**ଅମରପାଲି, ୧୪।୧(ପୀତାମ୍ବର ସାହୁ)**

- ବନ ବିଭାଗ ଅଧିକାରୀଙ୍କୁ ଘେରିଲେ ଲୋକେ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ଗ୍ରାମର ଜଣେ ଛେଳି ଚରାଳି ଦନ୍ତା ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ପିତାମହୁଲ ଗ୍ରାମର ଭରଦ୍ୱାଜ ମହାକୁର(୫୨)। ମଙ୍ଗଳବାର ସକାଳୁ ସେ ଗ୍ରାମ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ମଧ୍ୟାହ୍ନରେ ଛେଳିସବୁ ଘରକୁ ଆସିଥିଲେ ମଧ୍ୟ ଭରଦ୍ୱାଜ ଆସି ନ ଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଜଙ୍ଗଲକୁ ଯାଇ ଭରଦ୍ୱାଜଙ୍କ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୌଦ୍ଧ ମେଡ଼ିକାଲ ନିଆ ଯାଇଥିଲା। ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଖବର ପାଇ ବୀରମହାରାଜପୁର ଏସିଏଫ ତଥା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଅବିନାଶ ବରିହା, ଦୁରଦୁରା ବନପାଳ ଲିଙ୍ଗରାଜ ନାଏକ ଏବଂ ସୁବଳୟା ପୋଲିସ ଘଟଣାସ୍ଥଳକୁ ଯାଇଥିଲେ। ମାତ୍ର ସେଠାରେ ଉତ୍ୟକ୍ତ ଲୋକେ ବନ ବିଭାଗ ଅଧିକାରୀଙ୍କୁ ଘେରି କ୍ଷତିପୂରଣ ଦାବି କରିଥିଲେ। ଆହତଙ୍କୁ ଯଥାଶୀଘ୍ର ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବାକୁ ବନ ବିଭାଗ ଲିଖିତ ପ୍ରତିଶ୍ରୁତି ପ୍ରଦାନ ପରେ ଲୋକେ ସେମାନଙ୍କୁ ଛାଡିଥିଲେ। ଆହତ ଭରଦ୍ୱାଜଙ୍କ ସ୍ତ୍ରୀ, ଦୁଇ ପୁଅ ଓ

### ୪୧ ୟୁନିଟ୍ ରକ୍ତ ସଂଗୃହୀତ

**ସରଣ୍ଡା, ୧୪।୧(ଯୁଧିଷ୍ଠିର ମହାପାତ୍ର)** ବରଗଡ଼ ଜିଲା ଅତାବିରା ବିଧାନସଭା ଭେଡେନ ବ୍ଲକ ଅନ୍ତର୍ଗତ ପୁଡାପାଲି ଗ୍ରାମରେ ମଙ୍ଗଳବାର ମକରସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମକର ଉତ୍ସବରେ ମା' ମାହେଶ୍ୱରୀ ସେନା ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୁହାଖଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ମୀରା ମହାକୁର, ସମିତି ସଭ୍ୟା ପଙ୍କଜିନୀ ପଶାୟତ, ଜୁମାଲ ପରିଷଦ,ବରଗାଁ କେନ୍ଦ୍ର ସଭାପତି ଧ୍ୱଜରାଜ ମହାକୁର ଓ ରାଜ୍ୟ ପରିଷଦ ସଭ୍ୟ ଜିତେନ୍ଦ୍ରୀୟ ବେହେରାଙ୍କ ଉପସ୍ଥିତିରେ ଶିବିରଟି ଉଦ୍‌ଘାଟିତ ହୋଇଥିଲା। ପଦମପୁର ରକ୍ତଭଣ୍ଡାରର ଡାକ୍ତର, ଟେକ୍‌ନିସିଆନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ୬ ମହିଳା ଓ ୩୫ ପୁରୁଷଙ୍କଠାରୁ ମୋଟ ୪୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ମା' ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ଓ ପୁଡାପାଲି ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଶିକ୍ଷକ ପ୍ରିମିୟର ଲିଗ୍ କ୍ରିକେଟ୍: ଇଲାଇଟ୍ ଇଗଲ୍ ଚାମ୍ପିୟନ

**ବରଗଡ଼, ୧୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ଶିକ୍ଷକ ସଂଘ ଆନୁକୂଲ୍ୟରେ ନୂଆଗଡ଼ ହାଇସ୍କୁଲ ପଡ଼ିଆରେ ଶିକ୍ଷକ ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ତେଜାଗୋଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାନନ୍ଦ ବିଶି, କନକବିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣକେଦାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଭଟଲି ବ୍ଲକ ଶିକ୍ଷକ ସଂଘର ୪ଦଳ ଇଲାଇଟ୍ ଇଗଲ, ଇଲାଇଟ୍ ଏଭିଭର୍ସ, ରୋୟାଲ ରେଞ୍ଜର୍ସ, ଥଣ୍ଡର୍ସ ଷ୍ଟ୍ରାଇକର୍ସ ଦଳର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଇଲାଇଟ୍ ଏଭିଭର୍ସ ଏବଂ ଇଲାଇଟ୍ ଇଗଲ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଇଲାଇଟ୍ ଇଗଲ ୭ ଉଇକେଟ୍‌ରେ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲା। ଜୟପ୍ରକାଶ ପ୍ରଧାନ, ଶଶୀଭୂଷଣ ଭୋଇ, ସନ୍ଦୀପ ସାହୁ ପ୍ରମୁଖ ଅମ୍ପାୟାରଭାବେ ମ୍ୟାଚ ପରିଚାଳନା କରିଥିଲେ। ଅଶୋକ ସାହୁ ସ୍କୋରର ଦାୟିତ୍ୱରେ ଥିଲେ।



ଚାମ୍ପିୟନ ଦଳର ଖେଳାଳିମାନେ।

# ନୃସିଂହନାଥରେ ବୁଡ଼ ପକାଇବାକୁ ଭକ୍ତଙ୍କ ଭିଡ଼

**ପାଇକମାଳ, ୧୪।୧(ବଡ଼ ଶତପଥୀ)**



ଭଗବାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ଧାଡ଼ିରେ ଠିଆ ହୋଇଛନ୍ତି।

ପଶ୍ଚିମ ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଥିବା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ନୃସିଂହନାଥ ମନ୍ଦିରରେ ମଙ୍ଗଳବାର ମକର ସଂକ୍ରାନ୍ତି ମହା ସମାରୋହରେ ପାଳିତ ହୋଇଯାଇଛି। ଭୋରରୁ ଭକ୍ତମାନେ ନୃସିଂହ ନାଥ ପହଞ୍ଚି ମକର ବୁଡ଼ ପକାଇ ଥିବା ବେଳେ ପାପନାଶିନୀ ଝରଣାର ଚାଳଧାର ଘାଟରେ, ଭୀମଧାର ଘାଟରେ ପାଞ୍ଚପାଣ୍ଡବ ଘାଟ ଗୁଡ଼ିକରେ ତଥା ସର୍ବୋପରି ଗୋକୁଣ୍ଡ ଘାଟରେ ହଜାର ହଜାର ଭକ୍ତମାନେ ଗାଧୋଇ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରି ମହା ପୁଣ୍ୟ ଅର୍ଜନ କରିଛନ୍ତି। ପ୍ରବଳ ଭିଡ଼ ଯୋଗୁ ଭଗବାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କୁ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡ଼ିଥିଲା। ନୃସିଂହନାଥ ନିକଟରେ ଥିବା ଅନ୍ୟତମ ଶୈବ ପୀଠ ଗୁପ୍ତେଶ୍ୱର ମନ୍ଦିରରେ ଏକ ହୋମଯଜ୍ଞର ସତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ମକର ସଂକ୍ରାନ୍ତି ଉପଲକ୍ଷେ ଅନୁଷ୍ଠିତ ଏକ ମକର ମିଳନ ଉତ୍ସବରେ ଗୁପ୍ତେଶ୍ୱର ପୀଠର ପରିଚାଳନା କମିଟି ସଭାପତି ଅନନ୍ତରାମ ଧରୁଆ ଅଧ୍ୟକ୍ଷତା

### ମକର ସଂକ୍ରାନ୍ତି ପାଳିତ

କରିଥିଲେ। ସାମ୍ବାଦିକ କୁଞ୍ଜ ବିହାରୀ ସାହୁ ପରିଚାଳନା କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ବିକ୍ରମ ସରାଫ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସଂଗ୍ରାମୀ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯୋଧନ ପୁଟା, ଖବରଦାତା ଧୀରେନ ମହାନ୍ତି, ସୁରଥ କୁମାର ସାହୁ, ମଧୁସୂଦନ ସେଠ, ରମେଶ ବାରିକ, ମୋତିରାମ ବାଗ, ସରପଞ୍ଚ ଦିଲ୍ଲୀପ ବେହେରା, ସାମାଜିକ କର୍ମୀ ଦେବାର୍ଚ୍ଚନ ସାହୁ, ଟାଇଲ ଚନ୍ଦ୍ର ଭୋଇ ପ୍ରମୁଖ ଯୋଗ ଥିଲେ। ମଙ୍ଗଳବାର ଏଠାରେ ପୂଜା ପଣ୍ଡିତ ଭାବରେ ପ୍ରିୟବ୍ରତ ଶାସ୍ତ୍ରୀ ହୋମ ଯଜ୍ଞ ସମ୍ପାଦନା କରୁଥିବା ବେଳେ ପୂଜାକର୍ତ୍ତା ଭାବେ ନବୀନ ସାହୁ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସାହୁଙ୍କ ଦ୍ୱାରା ସମ୍ପାଦନା କରାଯାଇଥିଲା। ମନ୍ଦିର ପୂଜକ ଅନିରୁଦ୍ଧ ମଲ୍ଲିକ ଗୁପ୍ତେଶ୍ୱର ବାବାଙ୍କ ପୂଜାନୀତି କରିଥିଲେ। ଏହି ଅବସରରେ ଗୁପ୍ତେଶ୍ୱର ପରିସର ରେ ପଣସ ଗଛ ଲଗାଯାଇଥିଲା। ସେହିପରି ନୃସିଂହନାଥ ସ୍ଥିତ ଭାଗବତତତ୍ତ୍ୱ ଯୋଗାଶ୍ରମରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏଠାରେ ଜଗଦିଶ ବିଶି ଓ ତାଙ୍କ ସହ ଧର୍ମଣୀ ଷଷ୍ଠ ବିଶି କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ ଓ ହୋମ ଯଜ୍ଞ କରାଯାଇ ମକର ଚାଉଳ ପ୍ରସାଦ ସହ ଅନ୍ନ ପ୍ରସାଦ ବହୁତ ଭକ୍ତ ମାନଙ୍କୁ ଦିଆଯାଇଥିଲା।

## ଇଣ୍ଡୋ ଇଂଲିଶ ସ୍କୁଲର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୧୪।୧(ଦିନେଶ ମିଶ୍ର): ରାଉରକେଲା ଓରାମପଡାସ୍ଥିତ ଇଣ୍ଡୋ ଇଂରାଜୀ ସ୍କୁଲର ୫୨ତମ ପ୍ରତିଷ୍ଠା ଦିବସ ଅଧକ୍ଷା ମଞ୍ଜୁ ମୁଖାର୍ଜୀଙ୍କ ସଭାପତିତ୍ୱରେ ସୋମବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ପି. କେ. ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଷ୍ଠାର ସହ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏକାଡେମିକ୍ ମୁଖ୍ୟ ଡ. କେ. ବିଶ୍ୱନାଥ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ପରେ ମୁଖ୍ୟ ଅତିଥି ବିଦ୍ୟାଳୟ ପରିସରରେ ଲାଗିଥିବା ୨୬ଟି ଫେଟେ ଷ୍ଟଲକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ। ଏଥିରେ ବିଦ୍ୟାଳୟର ହଜାରେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀଙ୍କ ସହ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦିକା କାଞ୍ଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୫୦କୋଟିରେ ହେବ ନବକଳେବର

ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ) ରାଉରକେଲା ନ୍ୟୁ ବସ୍‌ଷ୍ଟାଣ୍ଡରୁ ବ୍ୟାପକ ରାଜସ୍ୱ ଆଦାୟ କରୁଛନ୍ତି। ଏହାସତ୍ତ୍ୱେ ବସ୍‌ଷ୍ଟାଣ୍ଡର ଉଚିତ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପ୍ରାୟ ୫୦କୋଟି ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡର ନବକଳେବର ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ୧୯୯୦ ମସିହାରୁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ଅଧୀନରେ ବିଶ୍ରା ଛକସ୍ଥିତ ନ୍ୟୁ ବସ୍‌ଷ୍ଟାଣ୍ଡ ପରିଚାଳିତ ହୋଇଆସୁଛି। ବସଷ୍ଟାଣ୍ଡରେ ୧୦୦ରୁ ଊର୍ଦ୍ଧ୍ୱ ବସ ରହଣି ସୁବିଧା ରହିଛି। ୭ଏକର ବିଶିଷ୍ଟ ବସଷ୍ଟାଣ୍ଡରେ ହକି ବିଶ୍ୱକପ୍ ପୂର୍ବରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା।


ରାଉରକେଲା ନ୍ୟୁ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଟ୍ରାଫିକ୍‌ରେ ଫସି ରହିଛନ୍ତି।

**ରାଉରକେଲା ନ୍ୟୁ ବସଷ୍ଟାଣ୍ଡ**

ଏଠାରେ ଉନ୍ନତମାନ ରାସ୍ତା, ପାର୍କିଂ ସ୍ଥଳ, ମାର୍କେଟ କମ୍ପ୍ଲେକ୍ସ, ବସ ଚାଳକମାନଙ୍କ ଆବାସ, ଦୂର ଯାତ୍ରୀଙ୍କ ପାଇଁ ଆଶ୍ରୟ କେନ୍ଦ୍ର, ପାଣି ଗାଳିଚା, ଉଦ୍ୟାନ ଓ ଆଲୋକ ତୋରଣ ଆଦି ନିର୍ମିତ ହୋଇଥିଲା। ମାତ୍ର ହକି ବିଶ୍ୱକପ୍ ପରେ ରକ୍ଷଣାବେକ୍ଷଣ ଅଭାବରୁ ବସଷ୍ଟାଣ୍ଡର ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ଲକ୍ଷ ଲକ୍ଷ ଯାତ୍ରୀ ବସଷ୍ଟାଣ୍ଡରେ ନାନା ସମସ୍ୟା ଭୋଗୁଛନ୍ତି। ବସ୍‌ଷ୍ଟାଣ୍ଡକୁ ପ୍ରବେଶ ପାଇଁ ତିନୋଟି ପଥ ରହିଛି। ମାତ୍ର ପ୍ରବେଶ ପଥ ମୁଖ୍ୟମାର୍ଗ ସଂଲଗ୍ନରେ ରହିଥିବାରୁ ବସଷ୍ଟାଣ୍ଡ ମଧ୍ୟକୁ ବସ୍‌ଗୁଡିକ ପ୍ରବେଶ କରିବା ବେଳେ ବାହାରେ ଓ ଭିତରେ ଟ୍ରାଫିକ ଜାମ୍ ଲାଗି ରହୁଛି। ଏହି ଟ୍ରାଫିକ୍ ଜାମ୍ ଦ୍ୱାରା ଅନେକ ସମୟରେ ଯାତ୍ରୀମାନେ ବସକୁ ଧରି ପାରୁନାହାନ୍ତି। ବସଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ପରିସ୍ରାଗାର ବ୍ୟବସ୍ଥା ମଧ ହୋଇନାହିଁ। ଏଣୁ ତୁରନ୍ତ ନ୍ୟୁ ବସଷ୍ଟାଣ୍ଡର ପୁନରୁଦ୍ଧାର କରିବାକୁ ଦାବି ହେଉଛି।

ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ଆର୍‌ଡିଏ ମୁଖ୍ୟ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ଆରଡିଏ, ଆର୍‌ଏମ୍‌ସି ଓ ସ୍ମାର୍ଟସିଟି ପକ୍ଷରୁ ପ୍ରାୟ ୫୦କୋଟି ଟଙ୍କା ବ୍ୟୟରେ ନ୍ୟୁ ବସଷ୍ଟାଣ୍ଡର ନବକଳେବର ହେବ। ବସଷ୍ଟାଣ୍ଡର ଅବ୍ୟବସ୍ଥା ଉପରେ ସମୀକ୍ଷା ହୋଇସାରିଛି। ଖୁବ୍‌ଶୀଘ୍ର ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ଯେଭଳି ସମସ୍ତ ସୁବିଧା ଉପଲବ୍ଧ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## କେନ୍ଦ୍ରୀୟ ଦୋଳ ମେଳଣ ସମିତିର ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମିତିର କର୍ମକର୍ତ୍ତାଗଣ।

ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିର ପରିସରରେ କେନ୍ଦ୍ରୀୟ ଦୋଳ ମେଳଣ ସମିତିର ପ୍ରସ୍ତୁତି ଓ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମିତିର ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସମିତିର ପ୍ରତିଷ୍ଠାତା ସଦସ୍ୟ ସୁଶାନ୍ତ କୁମାର ପ୍ରଧାନ ଆଗାମୀ ମାର୍ଚ୍ଚ ୧୬ ତାରିଖରେ ପାଳିତ ହେବାକୁ ଥିବା ୧୧ତମ ଦୋଳ ଉତ୍ସବ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସମିତି କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ ୨୦୨୪ର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମେଳଣ ସମିତି ସଭାପତି ବିରାଜ ମୋହନ ବିଶ୍ୱାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ବେହେରା, ଗୁରୁ ଚରଣ ବେହେରା, ଗଙ୍ଗାଧର ନାୟକ, ପ୍ରଶାନ୍ତ କୁମାର ସାମଲ, ହୃଷୀକେଶ ଓଝା, ଧବଳେଶ୍ୱର ବିଶ୍ୱାଳ, ଗୁରୁ ଚରଣ ନନ୍ଦ, ସୁଶୀଲ ଦାଶ, ପରୀକ୍ଷିତ ମହାରଣା, ନାରାୟଣ ଚନ୍ଦ୍ର ମହନ୍ତ, ନିତ୍ୟାନନ୍ଦ ଜେନା, ଅଜୟ କୁମାର ବଳିୟାରସିଂ, ଅଧୀର କୁମାର ସେଠୀ, ଶ୍ରୀକାନ୍ତ କୁମାର ମହାନ୍ତି, ଅମର ପ୍ରଧାନ ପ୍ରମୁଖ ନିଜ ମତ ରଖିଥିଲେ। ବରିଷ୍ଠ ସଦସ୍ୟ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍-ବାଇକ୍ ଧକ୍କା: ଜଣେ ମୃତ

ହେମଗିର,୧୪।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ ବାଲିଚୁଆଁଠାରେ ବାଇକ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ଘର କୁଲାବିରା ହୋଇଥିବା ବେଳେ ତାଙ୍କ ନାଁ ଜଣାପଡିନାହିଁ। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖବର ଲେଖାହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ମିଳିଥିବା ସୂଚନା ଅନୁସାରେ, ୨ ଜଣ ଯୁବକ ବାଇକ୍ ଯୋଗେ ବାଲିଚୁଆ ଆସି ଘରକୁ ଫେରୁଥିବା ସମୟରେ ସେହିପଟୁ ଆସୁଥିବା ଏକ ପାଉଁଶ ବୋଝେଇ ଟ୍ରକ୍ ସହ ଧକ୍କା ହୋଇଥିଲା। ବାଇକରେ ଥିବା ଜଣେ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ଆହତଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଧାମରା ସଂଘର ୩୬ତମ ବାର୍ଷିକୋତ୍ସବ


ଅତିଥିମାନେ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।

ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡସ୍ଥିତ ଧାମରା ସଂଘ ପକ୍ଷରୁ ମଙ୍ଗଳବାର ପାରମ୍ପରିକ ମକର ମିଳନ ସହ ୩୬ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସମାରୋହରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମେ ଇତିହାସକୁ ଭୁଲିଯିବା ଠିକ୍ ନୁହେଁ। ଯେଉଁ ବ୍ୟକ୍ତିତ୍ୱମାନେ ଏହି ଅନୁଷ୍ଠାନକୁ ଗଢିବାର ସ୍ୱପ୍ନ ଦେଖିଥିଲେ ତାକୁ ଅନୁଷ୍ଠାନର କର୍ମକର୍ତ୍ତା ଆଗେଇ ନେବାକୁ ଯେଉଁ ଉଦ୍ୟମ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି ସେ କହିଥିଲେ। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସମ୍ମାନୀତ ଅତିଥି, ଡାଲମିଆ ସିମେଣ୍ଟ ଭାରତ ଲିଃର ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରି ଭୂଷଣ ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଧାମରା ସଂଘର ସାମାଜିକ କାର୍ଯ୍ୟ, ସାହିତ୍ୟ, ସଂସ୍କୃତି ଓ ସଭ୍ୟତାର ଉତ୍‌ଥାନ ନେଇ ଚାଲିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଂଘର ସହ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସମ୍ପାଦକ ଭଗବାନ ଚନ୍ଦ୍ର ରାଉତ ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାପତି ପ୍ରଶାନ୍ତ କୁମାର ବେହେରା ସଂଘର ୩୬ବର୍ଷ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ହୋଇଥିବା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହାପରେ ବିଭିନ୍ନ ପରୀକ୍ଷାର କୃତୀ ଶିକ୍ଷାର୍ଥୀଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଧାମରା ସଂଘର ବାର୍ଷିକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଶେଷରେ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରହଦୋଷ କହି ମହିଳାଙ୍କଠୁ ସୁନା ଅଳଙ୍କାର ଲୁଟ୍

ରାଉରକେଲା,୧୪।୧(ଦିନେଶ ମିଶ୍ର)

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବିର୍ସାଡାହାର ଅଞ୍ଚଳର ଜଣେ ମହିଳାଙ୍କଠାରୁ ମଙ୍ଗଳବାର ସୁନା ଅଳଙ୍କାର ଲୁଟ୍ ଅଭିଯୋଗ ହୋଇଛି। ଏ ନେଇ ଉଦିତନଗର ପୋଲିସ ଏକ ମାମଲା (ନଂ.୪/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ବିର୍ସାଡାହାର ଅଞ୍ଚଳର କିରଣ ଅଗ୍ରୱାଲ ମକର ସଂକ୍ରାନ୍ତିରେ ଶ୍ୟାମ ମନ୍ଦିରକୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କୁ ପିଛା କରି ପ୍ରଥମେ ଏକ କ୍ଲିନିକ୍‌ର ଆଡ୍ରେସ୍ ପଚାରିଥିଲେ। ପରେ ମହିଳା ଜଣଙ୍କୁ ଗ୍ରହଦୋଷ ଥିବାବେଳେ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ଆଗକୁ ବିପଦ ଅଛି ବୋଲି କହିଥିଲେ। ଏହି କଥା ମହିଳା ଜଣଙ୍କ ଶୁଣି ତାଙ୍କର ପରିଚୟ ପଚାରିବାରୁ ସେମାନେ ଭବିଷ୍ୟଦ୍ରଷ୍ଟା ବୋଲି ଦର୍ଶାଇ ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ ଏବଂ ତାଙ୍କ ଘରର ରିଷ୍ଟ ଖଣ୍ଡନ ପାଇଁ ବେକରୁ ସୁନାଚେନ୍ ଓ ହାତ ମୁଦିକୁ ଖୋଲିଦେବାକୁ କହିଥିଲେ। ମହିଳା ଜଣଙ୍କ ବିଶ୍ୱାସ କରି ପିନ୍ଧିଥିବା ସୁନାଚେନ୍ ଓ ମୁଦିକୁ ଖୋଲି ଉଭୟଙ୍କୁ ଦେବା ପରେ ତାଙ୍କୁ ୫୧ ପାଦ ଆଗକୁ ଚାଲିବାକୁ କହି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଧରି ସେଠାରୁ ଚମ୍ପଟ ମାରିଥିଲେ। ପରେ ମହିଳା ପରିବାର ଲୋକେ ଏ ନେଇ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ଲାଠିକଟା ତହସିଲ ବିଜୟୀ

ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)

ପବିତ୍ର ମକର ସଂକ୍ରାନ୍ତୀ ଅବସରରେ ରାଉରକେଲା ତହସିଲ ଏବଂ ଲାଠିକଟା ତହସିଲ କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆରଜିଏଚ୍ ନିକଟ ଲାଇଫ ଲାଇନ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୧୨ଓଭର ବିଶିଷ୍ଟ ଏହି ମ୍ୟାଚରେ ରାଉରକେଲା ତହସିଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୪ଉଇକେଟ ବିନିମୟରେ ୮୪ରନ ସଂଗ୍ରହ କରିଥିଲା। ଜବାବରେ ଲାଠିକଟା ତହସିଲ ଦଳ ୧୦ଓଭର ୪ଟି ବଲରେ ୫ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ରାଉରକେଲା ତହସିଲର ବଡବାବୁ ଅଶୋକ କୁମାର ତ୍ରିପାଠୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।


ପଡ଼ିଆରେ ଉଭୟ ଦଳର ଖେଳାଳି।

## ଜଙ୍ଗଲ ଭ୍ୟୁ ପଏଣ୍ଟ ଉଦ୍‌ଘାଟିତ

ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନ ବରସୁଆ ଲୁହାଖଣି (ବିଆଇଏମ୍) ପ୍ରକୃତିକୁ ଉପଭୋଗ କରିବା ପାଇଁ ଟେନ୍‌ସା ଟାଉନଶିପ୍‌ରେ ଏକ ମନୋରମ ଜଙ୍ଗଲ ଭ୍ୟୁ ପଏଣ୍ଟ ବିକଶିତ କରିଛି। ବିଆଇଏମ୍ ଟିଆଇଏମ୍ ବିଭାଗର ସିଜିଏମ୍ ହିମାଂଶୁ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଆଇଏମ୍, କେଆଇଏମ୍‌ର ଏଚ୍‌ଆର ବିଭାଗ ଜିଏମ୍ ଏନ୍. ସି. ପଣ୍ଡା, ବିତ୍ତ ଓ ଲେଖା ବିଭାଗ ଜିଏମ୍ ପରିମଳ ବଂଶଲ, ଅନ୍ୟ ବରିଷ୍ଠ ଅଧିକାରୀ, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍ ଏବଂ ଜନସାଧାରଣ ଉପସ୍ଥିତ ରହିଥିଲେ। ଏହି ପ୍ରୟାସ ବିଆଇଏମ-ଟିଆଇଏମ ସିଭିଲ ବିଭାଗ ଦ୍ୱାରା ସମ୍ପାଦିତ କରାଯାଇଥିଲା।



ଅତିଥିଙ୍କ ଦ୍ୱାରା ଭ୍ୟୁ ପଏଣ୍ଟ ଉଦ୍‌ଘାଟିତ ହେଉଛି।

## ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟ, ସଫେଇ ସେବା

ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)

ଦକ୍ଷିଣ-ପୂର୍ବ ରେଲୱେ ଚକ୍ରଧରପୁର ରେଳମଣ୍ଡଳ ଅଧୀନ ରେଳ କର୍ମଚାରୀଙ୍କ ରହିବା ପାଇଁ ରାଉରକେଲାରେ ଏକ କଲୋନି କରାଯାଇଛି। ଏହି କଲୋନିର କର୍ମଚାରୀ ଏବଂ ସେମାନଙ୍କ ପରିବାର ଲୋକଙ୍କୁ ମିଶାଇ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଲୋକମାନଙ୍କ ରକ୍ତଚାପ, ଡାଇବେଟିସ, ମଳମୂତ୍ର ପରୀକ୍ଷା ପାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଲ୍ୟାବ୍ ସୁବିଧା ଏଯାଏଁ ହୋଇପାରିନାହିଁ। ଜଣେ ଫାର୍ମାସିଷ୍ଟ ଓ ଜଣେ ଏମ୍‌ଓଙ୍କ ସମେତ ଆଉ କିଛି ଡାକ୍ତରୀ ଦଳ ସହଯୋଗରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ରେଲୱେ କଲୋନିର ଜିଲେବି ଘାଟ, ରିମ୍‌ଝିମ୍ ଆଦି ବସ୍ତିରେ



ରେଳ କର୍ମଚାରୀମାନେ ପିଲାଛୁଆ ଧରି ରହୁଥିବା ବେଳେ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସେବା ନ ପାଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ କର୍ମଚାରୀମାନେ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଲ୍ୟାବ୍ ଓ ଲ୍ୟାବ୍ ଆସିଷ୍ଟାଣ୍ଟ ରହିଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଫାର୍ମାସିଷ୍ଟ

**ରାଉରକେଲା ରେଲୱେ କଲୋନୀ**

ନରସିଂହ ପ୍ରସାଦ ପାଢୀ କହିଛନ୍ତି। ସେହିପରି କଲୋନିରେ ସଫେଇ ଓ ସାନିଟାଇଜ ପାଇଁ ସଫେଇ କର୍ମଚାରୀ ନିୟୋଜିତ କରାଯାଇଥିଲେ ମଧ ତାହା ପର୍ଯ୍ୟାପ୍ତ ନୁହେଁ। ଫଳରେ କଲୋନିରେ ସଫେଇ ଏକପ୍ରକାର ଠପ୍ ପଡିଯାଇଛି। ଏଠାରେ ୩୧ଜଣ କର୍ମଚାରୀଙ୍କ ବଦଳରେ ୩ଜଣରେ ସଫେଇ କାମ ଚାଲିଛି। ସେହିପରି ଏ ନେଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡିଏମ୍‌ଓ ଡାକ୍ତର ପ୍ରକାଶ କୁମାରଙ୍କୁ ପଚାରିବାରୁ ସେ କହିଥିଲେ, ରେଲୱେ କଲୋନି ସ୍ୱାସ୍ଥ୍ୟକେନ୍ଦ୍ରରେ ସାନିଟାଇଜ ବିଭାଗ ସଫେଇ କର୍ମଚାରୀ ପଦବୀ ପୂରଣ ପାଇଁ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଆର୍‌ଏମ୍‌ସିକୁ ଜଣାଇ ଆସୁଛୁ। ମାତ୍ର ସମସ୍ୟାର ସମାଧାନ ହେଉନାହିଁ ବୋଲି ସେ କହିଥିଲେ।

## ଲାଠିକଟା ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି


ଅଧିକାରୀମାନେ ଅଭିଯୋଗଗୁଡିକର ଶୁଣାଣି କରୁଛନ୍ତି।

ରାଉରକେଲା, ୧୪।୧(ସଙ୍ଗୀତା ଜେନା)

ଲାଠିକଟା ବ୍ଲକ ପରିସରରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଓ ରାଉରକେଲା ଡିଆଇଜି ବ୍ରିଜେଶ ରାୟ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୩ଟି ସାମୂହିକ ରହିଥିଲା। ୭ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପଞ୍ଜୀକୃତ ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ରାସ୍ତାଘାଟ, ପେନସନ, ବିଦ୍ୟୁତ୍, ବ୍ରିଜ୍, ଆବାସ, ରାସନ୍ କାର୍ଡ, ପାନୀୟ ଜଳ ସମସ୍ୟା ରହିଥିଲା। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଲାଠିକଟା ବିଡିଓ ମାନସ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ପରେ ଜିଲାପାଳ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରି ଅଗ୍ରଗତି ସମୀକ୍ଷା କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଆଲୋଚନା

ରାଉରକେଲା,୧୪।୧(ଦିନେଶ ମିଶ୍ର)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଅଧକ୍ଷା ଶର୍ମିଷ୍ଠା କବି ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ମୁଖ୍ୟ ଅତିଥି, ବେଦବ୍ୟାସ ସଂସ୍କୃତ କଲେଜର ଅଧକ୍ଷ ଡ. ଉମାକାନ୍ତ ପଣ୍ଡା ମୁଖ୍ୟ ବକ୍ତା, ପ୍ରାଧ୍ୟାପକ ଡକ୍ଟର ସଂଯୁକ୍ତା ପତି ସମ୍ମାନିତ ଅତିଥି ଏବଂ ଅବସରପ୍ରାପ୍ତ ମହାପ୍ରବନ୍ଧକ କୁମର ବେହେରା ଓ ସାଧାରଣ ସମ୍ପାଦିକା ଶିକ୍ଷୟିତ୍ରୀ ନିରୁପମା ପତି ବରେଣ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସୁନ୍ଦରଗଡ ଜିଲାର କଟାରୁ, ବେଦବ୍ୟାସ, ବଣେଇ, କୁଆଁରମୁଣ୍ଡା ଓ ଛେଣ୍ଡ ଚିନ୍ମୟ ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ନିରୂପମା ପାଣି ସଭା ପରିଚାଳନା କରିଥିଲେ। ଗୌରୀ ନାଗ, ଚିନ୍ମୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର କର୍ମକର୍ତ୍ତା ସହଯୋଗ କରିଥିଲେ। ସମ୍ପାଦିକା ନିରୂପମା ପତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀଗଣ।

## ଓଡ଼ିଆ ଭାଷାର ସେନାପତି ଥିଲେ ଫକୀର ମୋହନ

ରାଉରକେଲା,୧୪।୧(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ବ୍ୟାସଭବନ ପରିସରରେ ସୁବର୍ଣ୍ଣରେଖା ଅନୁଷ୍ଠାନର ୨୭ତମ ବାର୍ଷିକୋତ୍ସବ ଓ ଫକୀର ମୋହନ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ୟୁଜିଆଇର ଅଧକ୍ଷା ପ୍ରଗତି ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସେନାପତି ଥିଲେ ଫକୀର ମୋହନ। ଫକୀର ମୋହନ ସେନାପତି କହିଲେ ଖାଲି ଯେ ବାଲେଶ୍ୱର ଜିଲାକୁ ବୁଝାଏ ତାହା ନୁହଁ ବରଂ ସାରା ରାଜ୍ୟରେ ଓଡିଆ ଭାଷାର ପ୍ରସାର ଓ ପ୍ରଚାରର ସେ ସ୍ରଷ୍ଟା ଥିଲେ ବୋଲି ନାୟକ କହିଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ସମ୍ମାନିତ ଭାବେ ଯୋଗଦେଇ ସୁବର୍ଣ୍ଣରେଖା ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଡକ୍ଟର ଅରବିନ୍ଦ ଗିରି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଫକୀର ମୋହନଙ୍କ ଜୀବନୀ ଓ ଭାଷା ସାହିତ୍ୟ ପ୍ରତି ତାଙ୍କର ଅବଦାନ ଉପରେ ଆଲୋଚନା କରିଥିଲେ। ଡାକ୍ତର ସାନ୍ତ୍ୱନା ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପାଦକ ପ୍ରଦୀପ ନାୟକଙ୍କ ପ୍ରକାଶିତ 'ସୁବର୍ଣ୍ଣରେଖା' ସ୍ମରଣିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଆଇନଜୀବୀ କଲ୍ୟାଣ କମଳ ପଣ୍ଡା, ବରିଷ୍ଠ ଦନ୍ତ ଚିକିତ୍ସକ ଡାକ୍ତର ନୀରଜକାନ୍ତ ବେହେରା ଏବଂ ଡକ୍ଟର ଅରବିନ୍ଦ ଗିରିଙ୍କୁ ସୁବର୍ଣ୍ଣରେଖା-୨୦୨୫ ସମ୍ମାନରେ



ଉତ୍ସବରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

**ସୁବର୍ଣ୍ଣରେଖାର ବାର୍ଷିକୋତ୍ସବ**

ସମ୍ମାନିତ କରାଯାଇଥିଲା। ସେହିଭଳି ଭଗବାନ ବେହେରାଙ୍କୁ ସୁବର୍ଣ୍ଣରେଖା ସହଯୋଗୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଏଥିସହ ୧୯ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ନିର୍ଦ୍ଦେଶକ ମହେନ୍ଦ୍ର ମହାଲିକଙ୍କ ରଚିତ 'ରେବତୀ ଲେଖୁଛି ଲୁହରେ ଚିଠି' ନାଟକ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁବ୍ରତ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ବନ ବିହାରୀ ରଣା, କମଳାକାନ୍ତ ପ୍ରଧାନ, ଛବିରାଣୀ ପ୍ରଧାନ, ଅଜିତ ମହାପାତ୍ର, କନକଲତା ଜେନା, ମାନସୀ ପାତ୍ର, ଅନୀଲ କୁମାର ଦାସ, ସୁମନ ଦତ୍ତ ସହଯୋଗ କରିଥିଲେ। ଶେଷରେ ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୂର୍ବତନ ଇଓଙ୍କ ସମେତ ୪ଜଣଙ୍କୁ ଜାମିନ

**ଝାରସୁଗୁଡ଼ା ପୌର ପରିଷଦ ମଶାତେଲ ଦୁର୍ନୀତି ଘଟଣା**

ଝାରସୁଗୁଡ଼ା,୧୪।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌର ପରିଷଦ ମଶାତେଲ ଦୁର୍ନୀତି ଘଟଣାରେ ପୂର୍ବତନ ଇଓଙ୍କ ସମେତ ଅନ୍ୟ ୩ଜଣଙ୍କୁ ହାଇକୋର୍ଟରେ ଜାମିନ ମଞ୍ଜୁର ହୋଇଛି। ସୋମବାର ମାମଲାର ଶୁଣାଣି କରି ହାଇକୋର୍ଟ ଝାରସୁଗୁଡା ପୌର ପରିଷଦ ପୂର୍ବତନ ଇଓ ମନୋଜ ତାଣ୍ଡି, ସାନିଟାରୀ ଇନ୍ସପେକ୍ଟର ବିକାଶ ଚନ୍ଦ୍ର ପଶାୟତ, ସାନିଟାରୀ ଏକ୍ସପାର୍ଟ ବିଶ୍ୱରଞ୍ଜନ ସାହୁ ଓ ମଶା ତେଲ ଯୋଗାଣକାରୀ ସଂସ୍ଥା ଫ୍ୟୁଜନ ଗ୍ରୁପ୍‌ର ଆଶୁତୋଷ ଶର୍ମାଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ପ୍ରତି ଆବେଦନକାରୀଙ୍କୁ ୪୦ ହଜାର ଟଙ୍କାର ବେଲବଣ୍ଡରେ ଛାଡ଼ିଥିବା ସହିତ ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀଙ୍କ ସହାୟତା ପାଇଁ ଥାନାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉ କି ଗତ ଡିସେମ୍ବର ୧୩ ତାରିଖରେ ମଶା ତେଲ ଦୁର୍ନୀତି ମାମଲାରେ ପ୍ରାୟ ୬୧ ଲକ୍ଷ ୪୪ ହଜାର ୬୦୦ ଟଙ୍କାର ଦୁର୍ନୀତିର ତଦନ୍ତ କରି ଦୁର୍ନୀତି ନିବାରଣ ବିଭାଗ ଉପରୋକ୍ତ ୪ଜଣଙ୍କୁ ଗିରଫ କରିଥିଲା।

### କୁମୁରାଡିହିରେ ବଡ଼ଦେଓଙ୍କ ବାର୍ଷିକ ପୂଜା

କୋଲାବିରା,୧୪।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ କୁମୁରାଡ଼ିହି ଗ୍ରାମରେ ଷଡ଼ବଂଶୀୟ ଗୋଣ୍ଡ ସମାଜର ଆରାଧ ଦେବତା ପ୍ରଭୁ ବଡ଼ଦେଓ ଜଂଘାଲିଙ୍ଗାଙ୍କ ବାର୍ଷିକ



ପୂଜା ମହୋତ୍ସବ ଗତ ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ସମାରୋହରେ ପାଳିତ ହୋଇଛି। ପ୍ରଥମ ଦିନରେ ଜଘା ଦେବଙ୍କ ସ୍ନାନ ପରେ ପୂଜା ମଣ୍ଡପରେ ବିଜେ କରି ଗୋଣ୍ଡ ସମାଜର ଛଅ ଦେଓ ଭାଇ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ କୈଳାସ କୁମୁରା ଓ ରାଜକୁମାର ଭୋଇ ଠାକୁରଙ୍କ ପୂଜା ସମ୍ପାଦନ କରିଥିଲେ। ଉତ୍ସବରେ ଷଡ଼ବଂଶୀୟ ଗୌଣ୍ଡ ସମାଜ ଜୟପୁର ଇଷ୍ଟେଟର ଉପସଭାପତି ରଞ୍ଜନ ସିଂ ନାଏକ, ନୀଳାମ୍ବର ନାଏକ, କୋଲାବିରା ଆଞ୍ଚଳିକ କୋଷାଧ୍ୟକ୍ଷ ଦେବାନନ୍ଦ ନାଏକ, କୁକେରମା କୋଷାଧ୍ୟକ୍ଷ ଦେବାନନ୍ଦ ନାଏକ, କୁକେରମା ଆଞ୍ଚଳିକ କମିଟି ସଭାପତି ଲୀଳା ସାଗର ନାଏକ, କିର୍ମିରା ଆଞ୍ଚଳିକ କମିଟି ସଭାପତି ସମ୍ପାଦକ ପଦ୍ମଲୋଚନ ନାଏକ, କମିଟି ସଭାପତି କ୍ଷୀତିଚନ୍ଦ୍ର ନାଏକ ପ୍ରମୁଖଙ୍କ ସହ ଗୋଣ୍ଡ ସମାଜର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ପୂଜାର ୨ୟ ଦିବସରେ ପ୍ରଭୁ ଜଂଘା ବଡ଼ଦେଓଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମ କୁମୁରାଡିହି ଗ୍ରାମ୍ୟ କମିଟି ପରିଚାଳନା କରିଥିଲେ।

# ଉତ୍ତ୍ୟକ୍ତ ଲୋକଙ୍କ ସାଢ଼େ ୪ ଘଣ୍ଟା ରାସ୍ତାରୋକୋ

## ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଦେବଗଡ଼,୧୪।୧(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଙ୍ଘାପସି ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରୀରେ କୁନୀ ବେହେରା (୫୦) ମହିଳାଙ୍କୁ ଦନ୍ତା ହାତୀ ଆକ୍ରମଣ କରିଥିଲା। ମଙ୍ଗଳବାର ପ୍ରତ୍ୟୁଷରେ ତାଙ୍କର ମୃତ୍ୟୁ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କଙ୍କ ପରିବାରକୁ କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ବନ ବିଭାଗରେ ନିଯୁକ୍ତି ପ୍ରଦାନ ଏବଂ ଉକ୍ତ ଅଞ୍ଚଳରୁ ତୁରନ୍ତ ହାତୀ ଘଉଡାଇବା ଦାବିରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ସନ୍ଧ୍ୟାରେ ଦେବଗଡ଼ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଅରୁଣ ବେହେରା, ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ଓ କୁଣ୍ଢେଇଗୋଲା ଥାନା ଅଧିକାରୀଣୀ ସରସ୍ୱତୀ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ପରିବାର ଲୋକଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ସହିତ ଅଧିକ କର୍ମଚାରୀ ନିୟୋଜିତ କରି ଉକ୍ତ ଅଞ୍ଚଳରୁ ହାତୀ ଘଉଡଇବା ପାଇଁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଅପରାହ୍ନ ପ୍ରାୟ ୪ଟା ୩୦ରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ସଂଘାପଶି ଗ୍ରାମର ଦିଗାମ୍ବର ବେହେରାଙ୍କ ବାଡିରେ ପଶି ମକା ଗଛ ନଷ୍ଟ କରୁଥିଲା। ଏହାର ଶବ୍ଦ ଶୁଣି ଦିଗାମ୍ବରଙ୍କ ସ୍ତ୍ରୀ କୁନୀ ଘରୁ ବାହାରି ବାଡି ପଟକୁ ଆସିଥିବା ବେଳେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡି ଦେଇଥିଲା। ଫଳରେ କୁନୀ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚଢେଇମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରାୟ ସମସ୍ତ ଗ୍ରାମର ଗ୍ରାମବାସୀ କୁଣ୍ଢେଇଗୋଳା ଛକରେ ରୁଣ୍ଡ ହେବା ସହ ମୃତଦେହ ରଖି ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରିଆମାଳ-ଅନୁଗୋଳ ମଧ୍ୟରେ ଯୋଗାଯୋଗ ବାଧାପ୍ରାପ୍ତ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ତେବେ ଅପରାହ୍ନ ପ୍ରାୟ ୪ଟା ୩୦ଟାରେ ଦେବଗଡ଼ ବନ ସଂରକ୍ଷକ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ଉକ୍ତ ଅଞ୍ଚଳରେ ହାତୀ ପଲ ରହିଥିବା ବେଳେ ରିଆମାଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଫରେଷ୍ଟ ସେକ୍ସନର କର୍ମଚାରୀଙ୍କୁ ଉକ୍ତ ଅଞ୍ଚଳରେ ନିୟୋଜିତ କରାଯାଇ ହାତୀ ପଲ ଘଉଡାଇବା ପାଇଁ ଚେଷ୍ଟା କରାଯାଉଥିବା ଜଣାପଡିଛି।

# ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଲା ଜିଲା ଠିକାଦାର ସଂଘ



ବିଧାୟକଙ୍କୁ ଜିଲା ଠିକାଦାର ସଂଘ ଭେଟୁଛି।

## ସ୍ଥାନୀୟ ଠିକାଦାରମାନଙ୍କ ପ୍ରତି ଅନ୍ୟାୟ ଅଭିଯୋଗ

ଦେବଗଡ଼,୧୪।୧(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଠିକାଦାରମାନଙ୍କ ପ୍ରତି ଅନ୍ୟାୟ ଅଭିଯୋଗ କରାଯାଉଛି। ଦେବଗଡ଼ ଜିଲା ଏ' ଓ ବି' କ୍ଲାସ ଠିକାଦାର ସଂଘ ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ) ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ କରିବା ସହ ସୋମବାର ଦେବଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସମାଧାନ ଦାବି କରିଥିଲା। ଏଥିସହ ସଂଘ ପକ୍ଷରୁ ସ୍ମାରକପତ୍ରର ନକଲ ଦେବଗଡ଼ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ପୂର୍ତ୍ତ ବିଭାଗ ସଚିବ ଓ ମୁଖ୍ୟଯନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ଜିଲା ବାହାର ଠିକାଦାରମାନଙ୍କୁ ୬ କୋଟି ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ କାର୍ଯ୍ୟରେ ଭାଗ ନେବା ପାଇଁ ଅନୁମତି ନ ଦେବାକୁ ସ୍ମାରକପତ୍ର ଜରିଆରେ ନିବେଦନ କରାଯାଇଥିଲା। ମଙ୍ଗଳବାର ସଂଘ ସଭାପତି ଇଂ. ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ସର୍କିଟ ହାଉସରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ସାକ୍ଷାତ କରି ଏହି କ୍ରମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ନିମନ୍ତେ ଦାବି କରିଥିଲେ। ସ୍ମାରକପତ୍ର ଗ୍ରହଣ କରିବା ପରେ ବିଧାୟକ ବିଶ୍ୱାଳ ସାଧ୍ୟ ମତେ ସେମାନଙ୍କ ଦାବି ପୂରଣ ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ବରିଷ୍ଠ ଠିକାଦାର ଇଂ. ଅଜୟ କୁମାର ପ୍ରଧାନ, ଇଂ.ନିହାର ରଞ୍ଜନ ପଟେଲ, ଅନୁପମ ମୋଦୀ, ଇଂ.ଶିବାନନ୍ଦ ଗଡନାୟକ, ଇଂ.ଆଲୋକ ରଞ୍ଜନ ପ୍ରଧାନ, ଇଂ.ସ୍ୱସ୍ତିକ ମହାପାତ୍ର, ଇଂ. ଆଲୋକ ଗୁରୁ, ନିରୁପମ ପାଣିଗ୍ରାହୀ, ପ୍ରତାପ କୁମାର ଦେବ, ମୁକେଶ ମହାପାତ୍ର ଓ ଅରବିନ୍ଦ ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାର୍ବଜନୀନ ଗଣେଶ ମେଳା କମିଟିର କାର୍ଯ୍ୟକାରୀ ବୈଠକ



ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଦେବଗଡ଼,୧୪।୧(ଶଶାଙ୍କ ଶେଖର ଝାଙ୍କର)

- ଗଣେଶଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ, ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ
- ରାଜସ୍ଥାନରୁ ଆସିବ ଗଣେଶ ପ୍ରତିମୂର୍ତ୍ତି

ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ସାର୍ବଜନିନ ଗଣେଶ ମେଳା କମିଟି କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସ୍ଥାୟୀ ମଣ୍ଡପ ନିର୍ମାଣ ଓ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସମେତ ଏଥି ନିମନ୍ତେ ପାଣ୍ଠି ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମଣ୍ଡପ ଓ ମୂର୍ତ୍ତି ନିର୍ମାଣ ପାଇଁ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ବ୍ୟକ୍ତିଗତ ଭାବେ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ସେହିପରି ଜଣାଶୁଣା ବ୍ୟବସାୟୀ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ ୧ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନୋଜ କୁମାର ପାଢୀ, କମିଟି ସଭାପତି ଉମାଶଙ୍କର ସାହୁ, ଜୟଭଗବାନ ଅଗ୍ରୱାଲା ଓ ଶଶାଙ୍କ ଶେଖର ଝାଙ୍କର ପ୍ରମୁଖ ମଣ୍ଡପ ନିର୍ମାଣ ଉଦ୍ଦେଶ୍ୟରେ ଅର୍ଥ ପ୍ରଦାନ ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଘୋଷଣା କରିଥିଲେ। କମିଟି ସଭାପତି ସାହୁ ଓ ସମ୍ପାଦକ ସୁରଞ୍ଜିତ ମହାପାତ୍ରଙ୍କ ସମେତ ୬ଜଣଙ୍କୁ ନେଇ ଏକ ପ୍ରତିନିଧି ଦଳ ଗଠନ କରାଯିବା ସହ ରାଜସ୍ଥାନ ଯାଇ ମୂର୍ତ୍ତି ଚୟନ ପାଇଁ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ବାହାରର କୌଣସି ବିଜ୍ଞ, ଅଭିଜ୍ଞ ଓ କୁଶଳି ଆର୍କିଟେକ୍ଟଙ୍କ ପରାମର୍ଶ ଅନୁଯାୟୀ ମଣ୍ଡପ ନିର୍ମାଣ ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟି ଉପସଭାପତି ଜନ୍ମଜୟ ନାୟକ, ସାର୍ବଜନିନ ଗଣେଶ ମେଳା କମିଟି ପୂର୍ବତନ ସଭାପତି ସୁଶୀଳ କୁମାର କପରଦାର, ସିଦ୍ଧାର୍ଥ ଗୁରୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପବନ କୁମାର ଗୋଏଲ, ମୋହନ ଅଗ୍ରୱାଲା, ସଞ୍ଜୀବ ଅଗ୍ରୱାଲା, କ୍ଷୀତିଶ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ଭୋଇ ଓ ସୁଜିତ କୁମାର ପାତ୍ରଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲୋକେ ମନେଇଲେ 'ପୁଷପୁନି', 'ଛେର୍‌ଛେରା'

କୋଲାବିରା,୧୪।୧(ଚିନ୍ମୟ କୁମାର ବହିଦାର)

ପଶ୍ଚିମ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରା ମଧ୍ୟରେ ପୁଷପୁନି ବା ଛେରଛେରା ଅନ୍ୟତମ। ଏହା କୃଷି ସମ୍ବନ୍ଧିତ ଏକ ସାମାଜିକ ପର୍ବ ହୋଇଥିବା ବେଳେ କ୍ଷେତର ଫସଲ ଘରକୁ ଆସିଛି, ଚାରିପଟେ ଗେଣ୍ଡୁଫୁଲ, ଶୋରିଷ ଫୁଲର ମହକ। ତାଛଡା ପୂର୍ବ ପରମ୍ପରା ଅନୁସାରେ ଗୋତିପ୍ରଥାରୁ ଏହି ଦିନ ଲୋକେ ନିସ୍ତାର ପାଇଥାନ୍ତି। ବର୍ଷକର ଚାଷ କାମର ମଧ୍ୟ ସମାପ୍ତି ଘଟିଥାଏ। ଆଉ ସାହୁକାର ପାଖରେ ନୂତନ କୃଷି ଶ୍ରମିକ ନିୟୋଜିତ ହେବା ପୂର୍ବରୁ କିଛିଦିନ ଏହାକୁ ଉପଭୋଗ କରିବାକୁ ଜାତିଜାତିକା ଖାଦ୍ୟ ସହ ନାଚ, ଗୀତ, ବାଦ୍ୟ ଆଉ ଖେଳର ଆସର ଜମିଥାଏ। ଆଜିର ଆଧୁନିକ ଯୁଗରେ ଆଉ ସେହି ପୁରୁଣା ପରମ୍ପରା ଦେଖାଯାଉନାହିଁ। ଆଉ ଦାଣ୍ଡ ଦୁଆରେ ବାଡି ଖଣ୍ଡେ ଦରି ତଳେ ବାଡେଇ ବାଡେଇ ଛରେ ଛେରାର ସୁନ୍ଦର ଗୀତ ଛେର ଛେର ଛେର ଛେରା ଇ ଘରର ବୁଢି କାହିଁଗଲା, ଲିଆ ଖାଇ ଖାଇ ଛେରେଇ ହେଲା ଶୁଭୁନି। ଅବଶ୍ୟ କେତେକ ଯୁବକ ଏକତ୍ରିତ ହୋଇ ଗାଁର ଘରେ ଘରେ ବୁଲି ଛେରଛେରା ଗୀତ ଗାଇ ଚାଉଳ, ପଇସା, ପନିପରିବା ସଂଗ୍ରହ କରି ଶେଷରେ ସମସ୍ତେ ମିଳିମିଶି ସଂଗ୍ରହ ହୋଇଥିବା ଜିନିଷରେ ଗାଁ ଶେଷମୁଣ୍ଡରେ ଭୋଜି ଭାତ କରିଥିଲେ।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଚିନ୍ମୟ ବିଦ୍ୟାଳୟର ସଫଳତା



କୃତୀ ପ୍ରତିଯୋଗୀମାନେ।

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର)

ରାଉରକେଲାଠାରେ ଚିନ୍ମୟ ମିଶନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଦେବଗଡ଼ ଚିନ୍ମୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ଦେବଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ ପ୍ରତିଯୋଗିତାର କ' ବିଭାଗରେ ୟୁକେଜିର ଛାତ୍ରୀ ଇପସିତା କପରଦାର ପ୍ରଥମ ଓ ଆରୋଷି ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗ' ବିଭାଗରେ ତୃତୀୟ ଶ୍ରେଣୀ ଛାତ୍ରୀ ସିଦ୍ଧିପ୍ରଜ୍ଞା ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ଆୟାଂଶୁ ସାହୁ, କୃଷ୍ଣା ପ୍ରିୟଦର୍ଶିନୀ ନାୟକ, ସମୃଦ୍ଧି ରଥ ଓ ମେହେକ ପୃଷ୍ଟି ସାନ୍ତ୍ୱନା ମୂଳକ ପୁରସ୍କାର ହାସଲ କରିଥିବା ଜଣାପଡିଛି। କୃତୀ ପ୍ରତିଯୋଗୀମାନଙ୍କୁ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀନି ତନିଷ୍ଠାନନ୍ଦ ଦେବଗଡ ଚିନ୍ମୟ ବିଦ୍ୟାଳୟ ସମ୍ପାଦକ ପ୍ରଭୂଦତ ମିଶ୍ର, ଶିକ୍ଷୟିତ୍ରୀ ଜ୍ୟୋସ୍ନା ଦେବୀ ଓ ଅନିତା ବରାଳଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମକର ସଂକ୍ରାନ୍ତିର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀଙ୍କ ଯୋଗଦାନ

ଝାରସୁଗୁଡ଼ା,୧୪।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଜର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଥମେ ବେଲପାହାଡ ଗୁମାଡେରାସ୍ଥିତ ଜଗନ୍ନାଥ ମନ୍ଦିର ଓ ପରେ ପିଲିକାନି ଗ୍ରାମରେ ମକର ସଂକ୍ରାନ୍ତି ପୂଜା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାପରେ ସାଙ୍ଗଠନିକ କାର୍ଯ୍ୟକ୍ରମରେ ନବନିର୍ବାଚିତ ମଣ୍ଡଳ ସଭାପତି ଓ ମଣ୍ଡଳ ପ୍ରତିନିଧିମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧନା ଜଣାଇଥିଲେ। ବନ୍ଧବାହାଲ ମଣ୍ଡଳ ସଭାପତି ରତ୍ନାକର ପଧାନ, ପ୍ରତିନିଧି ବିଜୟ ସେଠ, ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁ, ପ୍ରତିନିଧି କ୍ଷିତିଭୂଷଣ ପଧାନ, ପଞ୍ଚଗାଁ ମଣ୍ଡଳ ସଭାପତି ସୁଶାନ୍ତ କୁମାର ଚଇନି, ପ୍ରତିନିଧି ସଞ୍ଜୟ ଭୋଇ, ବେଲପାହାଡ ମଣ୍ଡଳ ସଭାପତି ମୋନାଲିସା ମୋଡକ, ପ୍ରତିନିଧି କୈଳାସ ନାଏକ ଓ ରାଜପୁର ମଣ୍ଡଳ ସଭାପତି ସୁଶାନ୍ତ କିଷାନ ଓ ପ୍ରତିନିଧି ପିଣ୍ଟୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ଉତ୍ତରୀୟ ଓ ଫୁଲ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମଲ ନାଏକ, କୋଷାଧ୍ୟକ୍ଷ ରାଜ୍ୟ ଆଦିବାସୀ ମୋର୍ଚ୍ଚା କମିଟି, ରଘୁନନ୍ଦନ ପଣ୍ଡା, ଆଲୋକ କୁମାର ସାହୁ, ତପନକାନ୍ତ ଜେନା, ଉତ୍ତମ ନେଗୀ, ଚକାନନ୍ଦ ସା, ଜିଲା ସାଧାରଣ ସମ୍ପାଦକ, ହେମନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଶିରିଡି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

ବ୍ରଜରାଜନଗର,୧୪।୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଶିରିଡି ସାଇବାବା ଟ୍ରଷ୍ଟ ଦ୍ୱାରା ଶିରିଡି ବାବାଙ୍କ ପାଲିଙ୍କି ଶୋଭାଯାତ୍ରା ସହର ପରିକ୍ରମା କରିଛି। ସକାଳ ୬ଟାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ବାବାଙ୍କ ଆଳତି ଓ ପୂଜାର୍ଚ୍ଚନା କରାଯାଇଥିଲା। ସହସ୍ରାଧିକ ଭକ୍ତଙ୍କ ସମାଗମରେ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଯାଉଥିବା ସମୟରେ ପ୍ରତ୍ୟେକ ଜାଗାରେ ଭକ୍ତମାନେ ବାବାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ବଜାର୍‌ଠାରେ ବାବାଙ୍କ ମଧ୍ୟାହ୍ନ ଭୋଗ ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରାରେ ପଞ୍ଜାବୀ ନାଚ, ଘଣ୍ଟ ବାଦ୍ୟ ସଙ୍କୀର୍ତ୍ତନ, ଝୁମରା ବାଦ୍ୟ ଆଦି ସାମିଲଥିଲା। ପୂର୍ବତନ ଉପନାଗପାଳ ଜୟନ୍ତ ଦୀକ୍ଷିତ, କ୍ଷୀରୋଦ ରାଉତ, ଦିଲୀପ କାରିଗର, ଏନଲିଙ୍ଗ ରାଜ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

# ସ୍ୱାମିଜୀଙ୍କ ବିଚାର, ଆଦର୍ଶକୁ ଯୁବସମାଜ ଆପଣାନ୍ତୁ

ଝାରସୁଗୁଡ଼ା,୧୪।୧(ଆଶିଷ ରଞ୍ଜନ ଦାଶ)

- ସ୍ୱାମୀ ବିବେକାନନ୍ଦ, ବ୍ୟାସକବି ଫକୀର ମୋହନଙ୍କୁ ଶ୍ରଦ୍ଧାଞ୍ଜଳି
- ଜାତୀୟ ଯୁବ ଦିବସ ଉପଲକ୍ଷେ

ଝାରସୁଗୁଡ଼ା ଡିଏଭି ସ୍କୁଲ ପକ୍ଷରୁ ଜାତୀୟ ଯୁବ ଦିବସ ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଓ ଓଡ଼ିଶାର ବରପୁତ୍ର ତଥା ବିଶିଷ୍ଟ ଔପନାସିକ ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି। ବିଶ୍ୱକୁ ଜୟ କରିବା ପାଇଁ ବିବେକାନନ୍ଦଙ୍କ ଅସ୍ତ୍ର ଥିଲା ଶିକ୍ଷା ଏବଂ ଶାନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଏବଂ ଚିନ୍ତାଧାରାକୁ ସମ୍ମାନ ଜଣାଇବା ପାଇଁ ଡିଏଭି ପବ୍ଲିକ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ସମସ୍ତଙ୍କୁ ସ୍ୱାମୀଜୀଙ୍କ ବିଚାର ଓ ଆଦର୍ଶକୁ ଜୀବନରେ ଆପଣେଇବାକୁ ଯୁବସମାଜକୁ ଆମନ୍ତ୍ରଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭାଙ୍ଗୀ ଦାସ ବିବେକାନନ୍ଦଙ୍କ ବିଷୟରେ ନିଜ ବିଚାର ରଖିଥିଲେ ଓ ବିଷ୍ଣୁପ୍ରିୟା ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଓଡ଼ିଆ ଭାଷାର ଶ୍ରେଷ୍ଠ ଔପନ୍ୟାସିକ ତଥା ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଫକୀର ମୋହନଙ୍କ ଫଟୋରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ପଲେଇ ସଭା ପରିଚାଳନା କରିଥିବା ବେଳେ ଆଲୋକ ପ୍ରଧାନ ଫକୀର ମୋହନଙ୍କ ଚିନ୍ତାଧାରା ଓ ଆଦର୍ଶବାଦ ବିଚାର ରଖିଥିଲେ। ସତ୍ୟନାରାୟଣ ଜେନା କବିତା ପାଠ କରିଥିଲେ। ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ମକରଧ୍ୱଜ ପାହାଡ଼ରେ ଉଡ଼ିଲା ମାନସିକ ଧ୍ୱଜା

## ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ

ଦେବଗଡ଼,୧୪।୧(ଶଶାଙ୍କ ଶେଖର ଝାଙ୍କର)



ମକର ସଂକ୍ରାନ୍ତି ପର୍ବ ଉପଲକ୍ଷେ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ଥିବା ମକର ଧ୍ୱଜ ଶୃଙ୍ଗରେ ମକର ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଧ୍ୱଜ ଗିରି ଶୃଙ୍ଗ ଲୋକାରଣ୍ୟ ହୋଇଉଠିଥିଲା। ହଜାର ହଜାର ଶ୍ରଦ୍ଧାଳୁ ପାହାଡ ପାଦ ଦେଶରୁ ପାୟ ୪ କି.ମି. ଉପରେ ପର୍ବତାରୋହଣ ପରେ ମକର ଧ୍ୱଜ ଗିରିଶୃଙ୍ଗରେ ପହଞ୍ଚି ପୂଜାର୍ଚ୍ଚନା ପରେ ଉକ୍ତ ପର୍ବତରେ ମାନସିକ ଧାରିମାନେ ଧ୍ୱଜା ବାନ୍ଧିଥିଲେ। ଏହି ମକର ଧ୍ୱଜ ପୂଜା ବହୁ ପୁରାତନ ହୋଇଥିଲେ ମଧ୍ୟ ଗତ କିଛି ବର୍ଷ ହେବ ଏହା ଦେବଗଡ଼ ଜିଲାରେ ଏକ ନୂତନ ପରମ୍ପରା ଭାବେ ଦେଖାଦେଇଛି। ପୂର୍ବେ କାଠ କାଟିବାକୁ ଯାଉଥିବା ଲୋକମାନେ ପର୍ବତ ଶିଖରରେ ଥିବା ଉଚ୍ଚ ଶୃଙ୍ଗକୁ ମହାଦେବ ଓ ତଳେ ଏକ ବରଗଛକୁ ମା'ଙ୍କ ଆସ୍ଥାନ ରୂପେ ପୂଜା କରୁଥିଲେ। ସେ ଆମର ଅନ୍ନଦାତା ଓ ରକ୍ଷାକର୍ତ୍ତା ବୋଲି ଭାବୁଥିଲେ। ମକର ସଂକ୍ରାନ୍ତିରେ ସେଠାକୁ ଯାଇ ପତାକା ଲଗାଇ ପୂଜା କରୁଥିଲେ। ଯାହାକି ଏବେ ଏକ ମେଳାରେ ପରିଣତ ହୋଇଛି। ହଜାର ହଜାର ମହିଳା, ପୁରୁଷ, ଯୁବତୀଯୁବକ ଓ ଛୋଟ ଛୋଟ ପିଲା ମଧ୍ୟ ପାହାଡ ଚଢ଼ି ଯାଇଥିବା ଦେଖିବାକୁ ମିଳିଛି। ବହୁ ଜଣ ନୂଆ ବସ୍ତ୍ର ପରିଧାନ କରି ଘରେ ପିଠା ପଣା ଖାଇ ମକର ଧ୍ୱଜ ଗିରିଶୃଙ୍ଗ ଅଭିମୁଖେ ଯାତ୍ରା କରିଥିଲେ। ସମସ୍ତ ଲୋକ ପର୍ବତାରୋହଣ କରି ମକରର ମଜା ନେଉଥିବା ଦେଖିବାକୁ ମିଳିଥିଲା। ପୂଜକ ସୁଦୀପ୍ତ ବେହେରା ଭୋରରୁ ପର୍ବତ ଶିଖରରେ ଠାକୁରଙ୍କ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ପର୍ବତ ଶିଖରରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାନୀୟ ଶ୍ରୀଶ୍ରୀ ମକର ଧ୍ୱଜା ବାବା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାହାଡ଼ ଉପରେ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। କମିଟି ସଭାପତି ଅତିଲ ଖଡ଼ିଆ, କୋଷାଧ୍ୟକ୍ଷ ସୁମନ୍ତ ସଂଖାରି, ସମ୍ପାଦକ ରୀଙ୍କୁ କେରକେଟା, କପିଳ ବେହେରା, ତପନ ଖଡ଼ିଆ, ମୁନା ମିସ୍ତ୍ରୀ, ମହେଶ ଦେବ, ନରେଶ ମୁଣ୍ଡା, ସୋନୁ ସାହୁ, ମୋତିଲାଲ ମିସ୍ତ୍ରୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ପାହାଡ ଉପରୁ ପୂଜକ ଆଜ୍ଞାମାଳ ନେଇ ଆସିବା ପରେ ଭଜନ କୀର୍ତ୍ତନ ସହ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ତଅାଁଳା ସାହିର ଶଙ୍କର ମଧୁସୂଦନ କ୍ଲବ ପକ୍ଷରୁ ଶିବଶଙ୍କରଙ୍କ ପୂଜା ଆରମ୍ଭ ହୋଇଥିଲା। ପୂଜାର ସଭାପତି ସୁଶାନ୍ତ ବେହେରା, ଗୋଲବଦନ ବେହେରା, ଗଙ୍ଗା ବେହେରା, ପ୍ରଶାନ୍ତ ବେହେରା ତଥା ସଭ୍ୟମାନେ ଦାୟିତ୍ୱ ତୁଲାଇଥିଲେ।

## ସଂକ୍ଷେପରେ

### ରାଜକୋଟ୍‌ରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କର୍ଲାମୁଣ୍ଡା,୧୪।୧(ପ୍ରଦୀପ କୁମାର ସାହୁ):** ରାଜକୋଟ୍ ସହରରେ ରହି ଦାଦନ ଶ୍ରମିକ (ଦିନମଜୁରିଆ) ଭାବେ କାମ କରୁଥିବା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡ଼ା ପଞ୍ଚାୟତ ଯୋଗିପଲା ଗ୍ରାମର ଆକାଶ



ଛତ୍ରିଆ (୨୬)ଙ୍କ ସୋମବାର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ପରିବାରବର୍ଗ ଖବର ପାଇବା ପରେ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟିହୋଇଛି। ତେବେ ବୁଧବାର ଗାଁକୁ ଶବ ଫେରିବାକୁ ଥିବା ପରିବାର ଲୋକେ କହିଛନ୍ତି। ଆକାଶ ପରିବାରର ଏକମାତ୍ର ରୋଜଗାରିଆ ହୋଇଥିବା ବେଳେ ଏବେ ୪ବର୍ଷ ଓ ୨ବର୍ଷର ୨ ଝିଅଙ୍କ ସହ ସ୍ତ୍ରୀ ଓ ମା'ବାପା ଅସହାୟ ହୋଇପଡିଛନ୍ତି। ଏହି ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଏହି ପରିବାର ପାଇଁ ସରକାରଙ୍କ ପକ୍ଷରୁ ଯାହାସବୁ ସୁବିଧା ଥିବ ଯୋଗାଇବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଜନ୍ମମାଟିକୁ ଫେରିଲା ସିଆର୍‌ପିଏଫ୍ ଯବାନଙ୍କ ମୃତଦେହ

**ନର୍ଲା/ରୂପ୍ରାରୋଡ,୧୪।୧ (ସଞ୍ଜୀବ ଦାସ/ସନ୍ତୋଷ ପାତ୍ର):** ଶ୍ରୀନଗରସ୍ଥିତ କୋଇନିଖାନ ୧୬୧ ବାଟାଲିୟନରେ କାର୍ଯ୍ୟରତ ଥିବା ସିଆର୍‌ପିଏଫ୍ ଯବାନ ଭାସ୍କର ଜଡ଼ା(୩୦)ଙ୍କ ମୃତଦେହ ମଙ୍ଗଳବାର ନିଜ ଭିଟାମାଟି କଳାହାଣ୍ଡି ଜିଲାର ନର୍ଲାକୁ ଫେରିଛି। ସୂଚନା ଅନୁସାରେ ନର୍ଲା ସହରର ଶମ୍ଭୁ ଜଡ଼ାଙ୍କ ବଡ଼ପୁଅ ଭାସ୍କର ସିଆର୍‌ପିଏଫ୍ ଯବାନ ଭାବେ ଶ୍ରୀନଗର ୧୬୧ ବାଟାଲିୟନରେ କାର୍ଯ୍ୟରତ ଥିଲେ। ହେଲେ ଗତ ୧୨ ତାରିଖ ଅପରାହ୍ନ ୩ଟା ସମୟରେ କୌଣସି କାରଣବଶତଃ ନିଜ ସର୍ଭିସ୍ ରାଇଫଲ ଗୁଳିରେ ସେ ମୃତ୍ୟୁବରଣ କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ନର୍ଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସିଆର୍‌ପିଏଫ୍ ଉଚ୍ଚପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଯବାନଙ୍କ ମୃତଦେହ ଶ୍ରୀନଗରଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଓ ସେଠାରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗାଁ ମାଟିକୁ ଫେରିଛି। ଯବାନଙ୍କ ମୃତ ଶରୀରକୁ ସାଥୀ ଯବାନ ସଲାମୀ ଦେଇ ପରିବାରକୁ ହସ୍ତାନ୍ତର କରିଛନ୍ତି। ମୃତଦେହକୁ ନର୍ଲା ସହର ପରିକ୍ରମା କରାଯାଇ ସାନ୍ଧୁଲ ନଦୀ କୂଳରେ ଅନ୍ତିମ ସଂସ୍କାର କରାଯାଇଛି।

### କୁର୍ଶୁର୍ଲାରେ ମକର ମେଳା ଆରମ୍ଭ

**କର୍ଲାମୁଣ୍ଡା,୧୪।୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ କୁଶୁର୍ଲା ଗ୍ରାମସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଶୈବପୀଠରେ ଅଞ୍ଚଳର ୪୬ଖଣ୍ଡ ଗ୍ରାମବାସୀଙ୍କ ସହଯୋଗରେ ମକରମେଳା ସୋମବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରଭୁ ହରଗୌରୀଙ୍କ ପୂଜାର୍ଚ୍ଚନା ସହିତ ମକର ସଂକ୍ରାନ୍ତି ହୋମ ସହ ମକରମେଳା ଚାଉଳ ଭୋଗ ଲାଗିଥିଲା। ପରେ ଉପସ୍ଥିତ ଭକ୍ତମାନେ ଏହି ମକର ଚାଉଳକୁ ପ୍ରସାଦ ଭାବେ ଗ୍ରହଣ କରିଥିଲେ। ଅପରାହ୍ନରେ ହରଗୌରୀଙ୍କୁ ରଥାରୁଢ଼ କରି ନଗର ପରିକ୍ରମା କରାଯାଇଥିଲା। ଆସନ୍ତା ୧୮ତାରିଖରେ ଚଣ୍ଡିପୂଜା ସହ ବୋଦାବଳୀ ଦେଇ କାର୍ଯ୍ୟକ୍ରମ ଶେଷ ହେବ। କାର୍ଯ୍ୟକ୍ରମରେ କମିଟି ସଭାପତି ଜଗତରାମ ଭୋଇ, ସମ୍ପାଦକ ସୁଶାନ୍ତ ଜାନୀଙ୍କ ସହ ଅନ୍ୟ ନେତୃବୃନ୍ଦ ସହଯୋଗ କରୁଛନ୍ତି।



କଳାହାଣ୍ଡି ଉତ୍ସବ ଅବସରରେ ଅତିଥିଙ୍କ ଦ୍ୱାରା ନିଶାନ ପୁସ୍ତକ ଉନ୍ମୋଚନ କରାଯାଉଛି।

# ସଂସ୍କୃତି, ପ୍ରଗତିର ଅନନ୍ୟ ମାଟି ହେଉଛି କଳାହାଣ୍ଡି

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ**

**ଭବାନୀପାଟଣା,୧୪।୧ (ଉତ୍ତମ କୁମାର ଦାଶ)**

ସାରା ଦେଶ ବୁଲିଲେ ଯାହା ପାଇବେ କେବଳ କଳାହାଣ୍ଡି ମାଟିରେ ସେସବୁ ରହିଛି। ସମଗ୍ର ଦେଶର କଳା, ସଂସ୍କୃତି, ଐତିହ୍ୟ ସମେତ ଜୀବନଚର୍ଯ୍ୟାର ବିବିଧତାରେ ପରିପୂର୍ଣ୍ଣ ଏ ମାଟି। ସଂସ୍କୃତି ଓ ପ୍ରଗତିର ଅନନ୍ୟ ମାଟି ହେଉଛି କଳାହାଣ୍ଡି ବୋଲି ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ବିଶିଷ୍ଟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଭବାନୀପାଟଣା ପୌରପାଳିକାର ଭାରପ୍ରାପ୍ତ ପୌରଧ୍ୟକ୍ଷ ବିଷ୍ଣୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ମହାପାତ୍ର ଓ ପ୍ରଫେସର ଉମେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା କଳାହାଣ୍ଡି ଉତ୍ସବ କବିତା ପାଠୋତ୍ସବର ସ୍ମରଣିକା 'ନିଶାନ' ପୁସ୍ତକର ଉନ୍ମୋଚନ ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ସୁରଜିତ ସିଂହ, ରାହୁଲ ପ୍ରଧାନ, ବିକାଶ ଆବାସିକ ବିଦ୍ୟାଳୟ, ଆରିୟା ନାୟକ, ସବ୍‌ଲେଫ୍ଟନାଣ୍ଟ ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ଦୀପକ ରଞ୍ଜନ ବେହେରା, ପ୍ରେମାଞ୍ଜଳି ନାଗ, ଦିନେଶ ମାଝୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ପ୍ରାରମ୍ଭିକ ସଂଗୀତ, ଘୁମୁରା, ଓଡିଶୀ, ଆସାମର ବିହୁ, ବଲାଙ୍ଗୀର ଦୁଲଦୁଲି କଳାପରିଷଦର ଘୁଡକା, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ମଲ୍ଲୀଫୁଲ, ହରିୟାଣାର ଫାଗ ନୃତ୍ୟ, ବଜାଶାଲ, ଘୋଡା ନାଚ ଆଦି ପରିବେଷଣ ହୋଇଥିଲା। ଉତ୍ସବ ପଡ଼ିଆରେ ୩୩୮ ସରକାରୀ, ବେସରକାରୀ ଷ୍ଟଲ ସ୍ଥାପନ କରାଯାଇଛି।

## ଭବ୍ୟ ମଶାଲ ଶୋଭାଯାତ୍ରା

**ଭବାନୀପାଟଣା, ୧୪।୧ (ଉତ୍ତମ କୁମାର ଦାଶ)**

୨୭ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ମଙ୍ଗଳବାର ଏକ ଭବ୍ୟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ୩୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ସହିତ ଶୋଭାଯାତ୍ରା ମାଣିକେଶ୍ୱରୀ ପୀଠରୁ ଉତ୍ସବ ପଡିଆ ଅଭିମୁଖେ ବାହାରିଥିଲା। ଏହି ସମୟରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶଙ୍କ ସହିତ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ସିଡିଏମ୍‌ଓ ଡା. ସୁଚେତା ପାଣି, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଭବାନୀପାଟଣା ଭାରପ୍ରାପ୍ତ ପୌରଧ୍ୟକ୍ଷ ବିଷ୍ଣୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଏହି ସାମିଲ ହୋଇଥିଲେ। ମଶାଲ ଉପକମିଟି ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ, ଆବାହକ ଯଯାତି କେଶରୀ ନାୟକଙ୍କ ସମେତ ସାଂସ୍କୃତିକ ଉପକମିଟି ଅଧ୍ୟକ୍ଷ ଧ୍ୟାନାନନ୍ଦ ପଣ୍ଡା, ଆବାହକ ସଞ୍ଜୀବ କୁମାର ସିଂହଙ୍କ ନେତୃତ୍ୱରେ ସଦସ୍ୟମାନେ ଶୋଭାଯାତ୍ରା ପରିଚାଳନା କରିଥିଲେ।



ମଶାଲ ଶୋଭାଯାତ୍ରା।

## ଚିଙ୍ଗୁଡ଼ିସର ଲୋକ ମହୋତ୍ସବ ଉଦ୍‌ଯାପିତ

**ଜୁନାଗଡ, ୧୪।୧ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଚିଙ୍ଗୁଡ଼ିସର ଗ୍ରାମରେ ଗତ ୨ଦିନ ଧରି ଚାଲିଥିବା ଚିଙ୍ଗୁଡ଼ିସର ଲୋକ ମହୋତ୍ସବ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବିବେକାନନ୍ଦ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର, ଜିଲା ପରିଷଦ ସଭ୍ୟା ଶାମୁକାରାଣୀ କୁମାର, ଚିଙ୍ଗୁଡିସର ସରପଞ୍ଚ ଲୋପାମୁଦ୍ରା ବାଗ, ସମିତିସଭ୍ୟା କାଞ୍ଚନ ବାଗ, ସାମାଜିକ କର୍ମୀ ବ୍ରଜମୋହନ ହୀରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଗଣ।

କ୍ଲବ୍‌ର ସଭାପତି ବିନୟ କୁମାର ସାହୁ ଓ ସମ୍ପାଦକ ହିମାଂଶୁ ଶେଖର ପୂଜାରୀ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅନୁଷ୍ଠାନର ୧୨ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ର କଳାଜୀବୀ, ମିଚାଗାଁର ଘୁମୁରା, ଚିଙ୍ଗୁଡିସରର ତ୍ରିଲୋଚନ କର ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ମେଲୋଡି ପରିବେଷଣ ହୋଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ଯାଏଁ ବାନ୍ଧି ରଖିଥିଲା।

## ଡାକକୋଟାଠାରେ ବାଲିପଟା ମହୋତ୍ସବ

**ଥୁଆମୂଳ ରାମପୁର, ୧୪।୧(ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକର ଡାକକୋଟାସ୍ଥିତ ଭାରତ ଯାତ୍ରା ପଡ଼ିଆରେ ମଙ୍ଗଳବାର ବାଲିପଟା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ଆଖପାଖ ଅଞ୍ଚଳ ଓ ଗ୍ରାମର ଶତାଧିକ ଯୁବତୀଯୁବକ ସାମିଲହୋଇ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ନାଚଗୀତରେ ମଜ୍ଜିରହିଥିଲେ। ଏହି କାର୍ଯ୍ୟକ୍ରମକୁ ଡାକକୋଟା ଗ୍ରାମର ସ୍ୱାମୀ ବିବେକାନନ୍ଦ ଯୁବକସଂଘ ସଭାପତି ଆଶିଷ କୁମାର ମାଝୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ଡାକକୋଟା ୱାର୍ଡମେମ୍ବର କର୍ମ ସିଂହ ମାଝୀ ସାଂସ୍କୃତିକ ମଞ୍ଚରେ ମୁଖ୍ୟ ଅତିଥି ଓ କଂଗ୍ରେସ ନେତ୍ରୀ ଦ୍ରୌପଦୀ ମାଝୀ, ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ମାଝୀ, ଗୋପାଳପୁର ସମିତି ସଭ୍ୟ ସଂଯୁକ୍ତା ନାୟକ ପ୍ରମୁଖ ଯୋଗଦେଇଥିଲେ। ବୀର ବଜରଙ୍ଗ ଚାରୁ ମଜୁଦାର ନାଏକ, ଦିବାକର ନାଏକ, ଆଶ୍ୱିନ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ୩୫ କଳାକାର ଦଳ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଅତୁଳନୀୟ

**ଭବାନୀପାଟଣା,୧୪।୧(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସହର ତାରିଣୀ ମନ୍ଦିର ନିକଟ ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲର ୨୧ତମ ବାର୍ଷିକ ଉତ୍ସବ ତଥା ରାଷ୍ଟ୍ରୀୟ ଯୁବଦିବସ ପାଳିତ ହୋଇଯାଇଛି। ସ୍କୁଲ କମିଟି ସଭାପତି ବ୍ରାହ୍ମନନ୍ଦ ସାମଲ ସଭାପତିତ୍ୱ କରିଥିବା ବେଳେ ସ୍କୁଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶିବରାମ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁତ୍ତମ କୁମାର ନାୟକ, ଦୁଷ୍ମନ୍ତ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ରଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ସ୍କୁଲର ମୁଖପତ୍ର 'ସ୍ୱାଭିମାନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜିଲାସ୍ତରୀୟ ଚେସ୍, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ, ବୈଷ୍ଣବ ଜାଲ, ସ୍ୱାସ୍ଥ୍ୟକର୍ମୀ ରିୟାଜ ଅଲ୍ଲୀ ଓ ସଙ୍ଗୀତଜ୍ଞ ଦିଲୀପ କୁମାର ଜାନିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ସମ୍ପଦ ମୁଣ୍ଡ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଚନ୍ଦ୍ରପ୍ରଭା ମିଶ୍ର, ସାଧନା ପ୍ରଧାନ, କଲ୍ୟାଣୀ ବାଗ ସହଯୋଗ କରିଥିଲେ।




ସ୍କୁଲର ମୁଖପତ୍ର ଉନ୍ମୋଚନ କରୁଛନ୍ତି ଅତିଥି।

## ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା

**ଧର୍ମଗଡ଼, ୧୪।୧ (ଆକାଶ କୁମାର ଜଗତ)**

କଳାହାଣ୍ଡି ଉତ୍ସବ ଅବସରରେ ପୁରୁଷ ଓ ମହିଳାଙ୍କ ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ବ୍ଲକ ବେହେରା ପଡିଆରୁ କଳାହାଣ୍ଡି ଉତ୍ସବ ପଡିଆ ପର୍ଯ୍ୟନ୍ତ ସାଇକେଲ ଚାଳନା ହୋଇଥିଲା। ଉତ୍ସବ କମିଟି ଅଧ୍ୟକ୍ଷ ତଥା ଧର୍ମଗଡ ଉପଜିଲାପାଳ ଧିମାନ ଚକମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ମୋନିକା ପରଶିରା, ଅର୍ଥ କମିଟି ଉପାଧ୍ୟକ୍ଷ ଇଙ୍ଗିତ ପଣ୍ଡା, କ୍ରୀଡା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ହିମାଂଶୁ ପଣ୍ଡା, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଷ ସାଇକେଲ ଚାଳନା ପ୍ରତିଯୋଗିତାରେ ଜୁନାଗଡ ବ୍ଲକ ଖଲିଆପାଲି ଗ୍ରାମର କୃପାସିନ୍ଧୁ ଖରସେଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମିର୍ଜାପୁର ଗ୍ରାମର କବିଧାନନ୍ଦ ସୁନାନୀ ଓ ରମେଶ ନାଗ ଯଥା କ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳାମାନଙ୍କ ସାଇକେଲ ଚାଳନା ପ୍ରତିଯୋଗିତା ପର୍ଲା ହାଇସ୍କୁଲ ପଡ଼ିଆଠାରୁ ଉତ୍ସବ ପଡିଆ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ପର୍ଲା ହାଇସ୍କୁଲର ଛାତ୍ରୀ ସଂଯୁକ୍ତା ଗୋପାଲ ପ୍ରଥମ, ବୃନ୍ଦାବତୀ ଗୋପାଲ ଦ୍ୱିତୀୟ ଓ ବଡ଼ ବସୁଲର ଯୁଗମଣି ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ।

## କୋମନାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**କୋମନା,୧୪।୧ (ସୋବିନ ଛତ୍ରିଆ)**

କୋମନା ବ୍ଲକ ସଭାଗୃହଠାରେ ନୂଆପଡା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ୪୯ଟି ବ୍ୟକ୍ତିଗତ ୧୮ଟି ଗୋଷ୍ଠୀଗତ ଓ ୨ଟି ରେଡ୍‌କ୍ରସ ସାହାଯ୍ୟ ସମ୍ବନ୍ଧୀୟ ଥିଲା। ଏହିସବୁ ଅଭିଯୋଗର ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଏପିଡି ଯୋଗେଶ୍ୱର ଭୋଇ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୁରୁପ୍ରସାଦ ଜେନା, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

**ଖଡ଼ିଆଳ,୧୪।୧(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସୁଦୀପ୍ତ ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ଧରି ହେବାକୁ ଥିବା ବେଳେ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୩୯ଟି ଟିମ୍ ଭାଗନେଇଛନ୍ତି। ପ୍ରସନ୍ନ କୁମାର ମାହାନା, ଖବରଦାତା କୁନୁ କରୁଆଁ, ନନ୍ଦକୁମାର ନାଗ, ବନବିହାରୀ ବେହେରା, ଆଲୋକ ରଥ, ରିତେଶ ବାବୁ, ବିଜୁ ସେଠୀ, ଅକ୍ଷୟ ପାଢ଼ୀ, ସୌରଭ ପଣ୍ଡା, ତାପସ ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ: ରାସ୍ତାରୋକୋ

**ଭବାନୀପାଟଣା,୧୪।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଡୁରକେଲ ବ୍ରିଜ ନିକଟରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କର୍ଲାସୋଡ଼ା ଗ୍ରାମର ପିଙ୍କୁ ଗହୀର (୩୦)। ଏହାକୁ ନେଇ ମୃତକଙ୍କ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଭବାନୀପାଟଣା–ଖଡିଆଳ ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଖବର ପାଇ ଘଟଣାସ୍ଥଳକୁ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ



ରାସ୍ତାରୋକୋ କରାଯାଇଛି।

ସମାଧାନ ହୋଇନାହିଁ। ସୂଚନା ଅନୁଯାୟୀ, ଅପରାହ୍ନରେ ପିଙ୍କୁ ଏକ ବାଇକରେ ଭବାନୀପାଟଣା ଯାଉଥିବାବେଳେ ଏକ ଟ୍ରକ (ନଂ.ସିଜି ୧୦-ବିଟି ୩୫୨୨) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିକାଶ ଆବାସିକ ବିଦ୍ୟାଳୟରେ ଭି-କନ ୨୦୨୫

**ଭବାନୀପାଟଣା,୧୪।୧(ଉତ୍ତମ କୁମାର ଦାଶ)**

ବର୍ତ୍ତମାନ ଯୁଗକୁ ବିଜ୍ଞାନର ଯୁଗ ବୋଲି କୁହାଯାଏ। ବିଜ୍ଞାନକୁ ବାଦ୍‌ଦେଇ ଉନ୍ନତ ଜୀବନଯାପନ ପରିକଳ୍ପନା କରାଯାଇ ନ ପାରେ। ଶିଶୁ ମନ ନେଇ ଶିକ୍ଷା ଆରମ୍ଭ କରିଥିବା କୁନି ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ, ଉଦ୍ଦୀପନା ଓ ଉଚ୍ଚ ଆକାଂକ୍ଷା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ପକ୍ଷରୁ ବିଜ୍ଞାନ, କଳା, ସାଂସ୍କୃତିକ, ନୈତିକଧର୍ମୀ ପ୍ରଦର୍ଶନୀ 'ଭି-କନ ୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀବିକାଶ ଅନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା,



ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପାଠ୍ୟକ୍ରମ ବ୍ୟତୀତ ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଅନୁଭୂତି ସମ୍ପନ୍ନ ଶିକ୍ଷା ପଦ୍ଧତି ଅବଲମ୍ବନ କରି କଳାତ୍ମକ, ସାଂସ୍କୃତିକ, ବିଭିନ୍ନ ରାଜ୍ୟର ବେଶଭୂଷା, ଖାଦ୍ୟପେୟ ଭିତ୍ତିଭୂମି ମାଧ୍ୟମରେ ଅନେକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ଖାଉଟି ଅଦାଲତରେ ବାଇଜୁସ୍ କର୍ତ୍ତୃପକ୍ଷ ଦଣ୍ଡିତ

**ଚୁକ୍ତିନାମା ରଦ୍ଦ ସତ୍ତ୍ୱେ ଆକାଉଣ୍ଟରୁ କାଟିନେଲେ ଟଙ୍କା**

**ନୂଆପଡ଼ା,୧୪।୧ (ମକାରୁ ବେମାଲ)**

ଅନ୍‌ଲାଇନ କ୍ଲାସ ପାଇଁ ଚୁକ୍ତିନାମା ରଦ୍ଦ ସତ୍ତ୍ୱେ ଆକାଉଣ୍ଟରୁ ଟଙ୍କା କାଟିନେବା ଯୋଗୁ ବିୱାଇଜେୟୁଏସ୍ (ବାଇଜୁସ୍) ଏଜୁକେଶନାଲ କମ୍ପାନୀ ନୂଆପଡ଼ା ଜିଲା ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଜିଲା ଖାଉଟି ଅଦାଲତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପଧାନଙ୍କ ଖଣ୍ଡପୀଠ ମାମଲାର ବିଚାର କରି ବାଇଜୁସ୍ କର୍ତ୍ତୃପକ୍ଷଙ୍କୁ ଦୋଷୀ ସାବ୍ୟସ୍ତ କରି ୬୨ ହଜାର ୫୬୨ ଟଙ୍କାର ବାର୍ଷିକ ୧୨% ଚକ୍ରବୃଦ୍ଧି ସୁଧ ସହିତ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଓ ମୋକଦ୍ଦମା ଖର୍ଚ୍ଚ ୧୦ ହଜାର ଟଙ୍କା ୩୦ଦିନ ଭିତରେ ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି । ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରଦାନ ନ କଲେ ଦୈନିକ ୨ ଶହ ଟଙ୍କା ଦେବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ମୁତାବକ ଖଡିଆଳ ୱାର୍ଡ ନଂ.୧ର ପ୍ରାଚୀ ମହାଲିଙ୍ଗ ଖଡିଆଳ ପବ୍ଲିକ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ଥିଲେ। କୋଭିଡ-୧୯ ସମୟରେ ସ୍କୁଲଗୁଡିକ ବନ୍ଦ ରହିଥିବାବେଳେ ନେଟ୍‌ୱର୍କ ସମସ୍ୟା ଯୋଗୁ ଘରେ ରହି ଏକାକୀ ପଢିବା ସମ୍ଭବ ହୋଇ ନ ଥିଲା। ଏଣୁ ସେ ଆଭାସୀ ମାଧ୍ୟମରେ କ୍ଲାସ ବ୍ୟବସ୍ଥା କରିବାକୁ ବାପା ଏମ୍.କେ. ମହାଲିଙ୍ଗଙ୍କୁ ଅନୁରୋଧ କରିଥିଲେ। ଅଭିଯୋଗକାରୀ ମହାଲିଙ୍ଗ ବାଇଜୁସ୍ ସଂଯୋଜକ ବରଗଡ ଜିଲା ଡବା ଗାଁର ଲମ୍ବୋଦର ପଟେଲଙ୍କ ସହ କଥାବାର୍ତ୍ତା ହୋଇ ଅଗ୍ରିମ ୫ ହଜାର ଟଙ୍କା ଦେଇଥିଲେ। ତାଙ୍କ ସହ ହୋଇଥିବା ଚୁକ୍ତି ଅନୁସାରେ ମାସକୁ ୧୦ ହଜାର ୪୨୭ ଟଙ୍କା ଛାତ୍ରୀଙ୍କ ଜମାଖାତାରୁ କଟୁଥିଲା। ଲର୍ଣ୍ଣିଂ ଆପ ଡାଉନ୍‌ଲୋଡ କରି ପ୍ରତିଦିନ ଆଭାସୀ ମାଧ୍ୟମରେ ପାଠ ପଢିବା ପାଇଁ କୁହାଯାଇଥିଲା। ଯଦି ପାଠ ପଢାରେ ବ୍ୟତିକ୍ରମ ଦେଖାଯାଏ ବା ଶିକ୍ଷାଦାନରେ ଅସନ୍ତୁଷ୍ଟ ଅନୁଭବ ହୁଏ ଚୁକ୍ତିନାମା ରଦ୍ଦ କରି ଜମାରାଶି ଫେରସ୍ତ ହେବ ବୋଲି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଛାତ୍ରୀ ଜଣକ ପାଠ ପଢାରେ ସନ୍ତୁଷ୍ଟ ନ ହେବାରୁ ଚୁକ୍ତିନାମା ରଦ୍ଦ କରି ଦିଆଯାଇଥିଲା। ଏହାପରେ ଜମାରାଶି ଫେରାଇବା ବଦଳରେ ବାଇଜୁସ୍ କର୍ତ୍ତୃପକ୍ଷ ନିରନ୍ତର ୬ ମାସ ପର୍ଯ୍ୟନ୍ତ ମୋଟ ୬୨ ହଜାର ୫୬୨ ଟଙ୍କା ଛାତ୍ରୀଙ୍କ ଜମାଖାତାରୁ କାଟି ନେଇ ଯାଇଥିଲେ। ବାଇଜୁସ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଟଙ୍କା ଫେରସ୍ତ କଲେ ନାହିଁ। ଶେଷରେ ଅଭିଯୋଗକାରୀ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତଙ୍କ ନୋଟିସ ପାଇଲା ପରେ ବାଇଜୁସ୍ କର୍ତ୍ତୃପକ୍ଷ ଅଦାଲତକୁ ଆସି ଜବାବ ଦେଇ ନ ଥିଲେ। ଅଭିଯୋଗକାରୀଙ୍କ ସପକ୍ଷରେ ଶୈତରାମ ଦେବାଙ୍ଗନ ମୋକଦ୍ଦମା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ

ବୌଦ୍ଧ,୧୪।୧(ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ପକ୍ଷରୁ ବଘିଆପଡା ଫାଣ୍ଡି ଅନ୍ତର୍ଗତ ଜାମଖୋଲ ଜଙ୍ଗଲରେ ସୋମବାର ଦିନ ଚଢାଉ କରାଯାଇ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ଜଣାଯାଇଛି। ଏସ୍‌ପି ନାଗରାଜ ଦେଓରକୋଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ପୋଲିସର ଏକ ଟିମ୍ ଉକ୍ତ ଜଙ୍ଗଲରେ ଚଢାଉ କରିଥିବା ବେଳେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ନଷ୍ଟ କରି ଦିଆଯାଇଥିଲା । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ମୂଲ୍ୟବାନ ଶାଗୁଆନ ଗଛ ଚୋରି

ହରଭଙ୍ଗା,୧୪।୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରୁ ଏକ ମୂଲ୍ୟବାନ ଶାଗୁଆନ ଗଛକୁ କେହି କାଟି ନେଇଛି । ଏହାଛଡା ସେଠାରେ ଥିବା ଅନ୍ୟ ଏକ ଗଛକୁ କାଟି ନେବା ଉଦ୍ଦେଶ୍ୟରେ ତାହାର ଛାଲି ଛଡାଇ ଦିଆଯାଇଥିବା ଦେଖିବାକୁ ମିଳିଛି । ସରକାର ଓ ପରିବେଶବିତ୍‌ମାନେ ଗଛ ଲଗାଇବା ଉପରେ ଗୁରୁତ୍ୱ



ଦେଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ଏ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି । ବନବିଭାଗ ଏହାର ତଦନ୍ତ କଲେ ପ୍ରକୃତ ସତ୍ୟ ଜଣାପଡିବ ବୋଲି ସାଧାରଣରେ ଦାବି ହେଉଛି ।

### କାର୍ ସହ ୬୯ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,୧୪।୧(ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ପକ୍ଷରୁ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ବଲାଶିଙ୍ଗା ଛକ ନିକଟରୁ ଏକ କାର୍ ସହିତ ୬୯ କିଲୋ ୫୦୦ ଗ୍ରାମ ଗଞ୍ଜେଇ ସୋମବାର ଦିନ ଜବତ କରାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବୌଦ୍ଧ ଥାନାର ଏକ ଟିମ୍ ବଲାସିଙ୍ଗା ଛକ ନିକଟରେ ଜଗି ରହିଥିଲେ। ବାଉଁଶୁଣୀ ପଟରୁ ଆସୁଥିବା ଏକ କାର୍‌କୁ ଅଟକାଇ ସନ୍ଦେହରେ ଯାଞ୍ଚ କରାଯିବା ପରେ ସେଥିରୁ ଜରି ବ୍ୟାଗରେ ଭର୍ତ୍ତି ହୋଇଥିବା ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ଚାଲାଣ ମାମଲାରେ କାରର ଡ୍ରାଇଭର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ନିମନା ଗ୍ରାମର ସୁଧାଂଶୁ ତରିଆ(୨୨) ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଗ୍ରାମର ସୁଦାମ ଦୀପ(୩୦)ଙ୍କୁ ଗିରଫ କରାଯାଇଥିଲା। ଏନେଇ ବୌଦ୍ଧ ଥାନାରେ ନଂ ୨୨/୨୫ରେ ଏକ ମାମଲା ରୁଜୁ ହୋଇଛି ।

# ରାଜିଙ୍ଗ ପାର୍ଶ୍ୱରେ ରେଲୱେ ପ୍ଲାଟଫର୍ମ, ଫୁଟ ଓଭରବ୍ରିଜ ନିର୍ମାଣ ଦାବି

ହରଭଙ୍ଗା,୧୪।୧( ନରେନ୍ଦ୍ର କୁମାର ସାହୁ)

ପଶ୍ଚିମ ଓଡ଼ିଶାର ଲାଇଫଲାଇନ କୁହାଯାଉଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ସୋନପୁର ପାର୍ଶ୍ୱରୁ ବୌଦ୍ଧ ପର୍ଯ୍ୟନ୍ତ ରେଳପଥ ନିର୍ମାଣ ସହିତ କମିଶନ ଅଫ ରେଳ ସେଫଟି (ସି.ଆର.ଏସ) କାର୍ଯ୍ୟ ସରିଛି । କେବଳ ରେଳ ଚଳାଚଳ ବାକି ରହିଛି। ଏହାସହ ହରଭଙ୍ଗା ବ୍ଲକର ପୁରୁଣାକଟକ ପର୍ଯ୍ୟନ୍ତ ଟ୍ରାଏଲ ରନ ସରିଛି । ଆଗାମୀ ଦିନରେ ପୁରୁଣାକଟକ ଷ୍ଟେଶନ ପର୍ଯ୍ୟନ୍ତ ରେଳ ଗଡିବା ଆଶା ରହିଛି । ମାତ୍ର ପୁରୁଣାକଟକ ରେଳ ଷ୍ଟେଶନ ପାଇଁ ରେଳଲାଇନ ସହିତ ପୁରୁଣାକଟକ ପାର୍ଶ୍ୱରେ ଗୋଟିଏ ପ୍ଲାଟଫର୍ମ ନିର୍ମାଣ ସରିଛି। ଝଜିଆ ବନ୍ଧଠାରୁ ଷ୍ଟେଶନ ପର୍ଯ୍ୟନ୍ତ ଏବଂ ଅପରପାର୍ଶ୍ୱରେ ରାଜିଙ୍ଗ ଏବଂ ଗୁରୁଡିପାଲିକୁ ମଧ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅପରପାର୍ଶ୍ୱରେ ରାଜିଙ୍ଗ ପାର୍ଶ୍ୱରେ ପ୍ଲାଟଫର୍ମ ଏବଂ ଫୁଟ୍ ଓଭରବ୍ରିଜ ନିର୍ମାଣ ହୋଇ ନ ଥିବାରୁ ରେଳ ଚଳାଚଳ ପରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଯାତ୍ରୀମାନଙ୍କ ସୁରକ୍ଷା ଏବଂ ସୁବିଧାକୁ ଦୃଷ୍ଟିରେ ରଖି ରାଜିଙ୍ଗ ପାର୍ଶ୍ୱରେ ଆଉ ଏକ ପ୍ଲାଟଫର୍ମ ନିର୍ମାଣ ସାଙ୍ଗକୁ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯିବାକୁ ପୁରୁଣାକଟକ ସରପଞ୍ଚ ଅଶୋକ କୁମାର ସେଠୀ, ପୀତାମ୍ବରପୁର ସରପଞ୍ଚ ଅଜିତ କୁମାର ବାରିକ, ତିଳେଶ୍ୱର ସରପଞ୍ଚ ଝୁନୁ ବେହେରାଙ୍କ ସହିତ ହରଭଙ୍ଗା ଓକିଲ ସଂଘ ଉପସଭାପତି ରବିନାରାୟଣ ପ୍ରଧାନ ପ୍ରମୁଖ ଏକ ଦାବିପତ୍ର ଜିଲାପାଳଙ୍କୁ ହରଭଙ୍ଗା ବ୍ଲକରେ ସୋମବାର ଅନୁଷ୍ଠିତ ଜନଶୁଣାଣି ଶିବିରରେ ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ରେଲୱେ ମନ୍ତ୍ରୀ, ସ୍ଥାନୀୟ ବିଧାୟକ, କନ୍ଧମାଳ ଏମ୍‌ପିଙ୍କୁ ପ୍ରଦାନ କରାଯାଇଛି । ରାଜିଙ୍ଗ ପାର୍ଶ୍ୱରେ ରେଲଓ୍ୱେ ପ୍ଲାଟଫର୍ମ ଏବଂ ଫୁଟପାଥ ଓଭରବ୍ରିଜ ନିର୍ମାଣ ହେଲେ ହରଭଙ୍ଗା ବ୍ଲକର ପୁରୁଣାକଟକ, ତିଳେଶ୍ୱର, ଧଳପୁର, ପୀତାମ୍ବରପୁର, ହରଭଙ୍ଗା , ଛତ୍ରଙ୍ଗ, କୁଶଙ୍ଗ, କରଞ୍ଜକଟା, ରାମଗଡ ଆଦି ପଞ୍ଚାୟତର ଜନସାଧାରଣ ଉପକୃତ ହୋଇ ପାରିବେ । ଏହାଛଡା ପଡୋଶୀ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ଜନସାଧାରଣ ରେଳରେ ଯାତାୟତ ପାଇଁ ସୁବିଧା ପାଇପାରିବେ ।

# ସ୍ୱେଚ୍ଛାକୃତ ରକ୍ତଦାନ, ଚକ୍ଷୁ ପରୀକ୍ଷା ଶିବିର



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ସୋନପୁର କୋଶଳ ଆବାସିକ ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି। ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଓ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସଞ୍ଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମିତା ରାଣୀ ମିଶ୍ର ସଭା ସଂଯୋଜନା କରିଥିଲେ। ସମ୍ପାଦକ ପିତାମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାନ ଓ ଶିବିର ଆୟୋଜନରେ ଜିଲାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଜିଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା, ରକ୍ତଦାତା ଦେବରାଜ ଦାଶ, ରମିଳା ସାହୁ, ସୁଜାତା ନାୟକ, ପ୍ରତିଭା ନାୟକ ଓ ଲକ୍ଷ୍ମୀ ସାହୁଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୧୩ ୟୁନିଟ ରକ୍ତ ସଂଗ୍ରହ ହୋଇଥଲା। ଡ଼ାକ୍ତର ଚିତ୍ତ ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହାନଦୀ ନେତ୍ର ଚିକିତ୍ସାଳୟ ତଥା ଲେପ୍ରା ସୋସାଇଟି ସିଟି ସେଣ୍ଟରର ମନୋଜ ସାହୁ ମାଗଣା ଚକ୍ଷୁ ପରୀକ୍ଷା କରିଥିଲେ। ଜିଲା ରକ୍ତ ଭଣ୍ଡାର କେନ୍ଦ୍ରର ଜଗତ ଦରୱାନ, ସୁଦାମ ବିଶାଳ, ସୁଶାନ୍ତ ସାହୁ, ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ।

# ‘ସମ୍ମିଳିତ ଉଦ୍ୟମରେ ମହୋତ୍ସବ ଲୋକାଭିମୁଖୀ ହେବ’



## ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବ ଉଦ୍‌ଯାପିତ

ଖୁଣ୍ଟିଗୋର,୧୪।୧(ମକରନ୍ଦ ସାହୁ)

ଅଞ୍ଚଳବାସୀଙ୍କ ପାଇଁ ବରଦାନ ହେଉଛି ଖଡ଼ଙ୍ଗ ନଦୀ। ତେଣୁ ଉକ୍ତ ନଦୀରେ ଏକ ଡ୍ୟାମ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି । ଏହା ଦ୍ୱାରା କୃଷି ଓ କୃଷକର ଉନ୍ନତି ହେବ । ଖଡ଼ଙ୍ଗ ମହୋତ୍ସବ କୌଣସି ଗୁଣରେ କମ ନୁହେଁ। ସମ୍ମିଳିତ ଉଦ୍ୟମରେ ମହୋତ୍ସବ ଆହୁରି ଲୋକାଭିମୁଖୀ ହୋଇ ପାରିବ ବୋଲି ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ କହିଛନ୍ତି ।

କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ଖଡଙ୍ଗ ନଦୀ କୂଳରେ ଆୟୋଜିତ ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବର ପଞ୍ଚମ ଦିବସର ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଲକ୍ଷ୍ମଣ କୁମାର ମେହେର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, କନ୍ଧମାଳ ବ୍ଲକ ସରପଞ୍ଚ ସଂଘ ସଭାପତି ସାର୍ଦ୍ଦୁଳ ନାଗ, ବାଲିଗୁଡା ବିଧାୟକ ପ୍ରାର୍ଥୀ କଳ୍ପନା କହଁର, ପାଟଖଣ୍ଡା ମହୋତ୍ସବ କମିଟି ସମ୍ପାଦକ କୈଳାଶ ଚନ୍ଦ୍ର କର୍ତ୍ତା, ଶୁଳିଆ କମିଟି ସଂଯୋଜକ ରୁପାଧର ପୁଟା, ଶିମିଳିପଦର ପୂର୍ବ ସରପଞ୍ଚ ଯୁବରାଜ ଦଣ୍ଡବାସୀ, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ଓଏଏସ କୃତକାର୍ଯ୍ୟ ଯୁବକ ଆଜାଦ କୁମାର ସାହୁ, ସତ୍ୟ ସନାତନ ପାଣିଗ୍ରାହୀ, ସମୁଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କମିଟି ଉପଦେଷ୍ଟା ସମୀର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁଶାନ୍ତ ବାରିକ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷାବିତ ମନ୍ଦରଧର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପାଟଖଣ୍ଡା ମହୋତ୍ସବ କମିଟି, ମାନବ ସେବା ସଦନ ସଂଗଠନ, ମାହେଶ୍ୱରୀ ସେନା, ଧବଳେଶ୍ୱର ସ୍ୱେଚ୍ଛାସେବୀ ସଂଘ , ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଗଠନକୁ ଖଡ଼ଙ୍ଗ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ଯାଜପୁରର ଘୋଡାନାଚ, ଓ ଜଳିଉଡ ନୃତ୍ୟଶିଳ୍ପୀ ମାନସୀ ପଣ୍ଡାଙ୍କ ନୃତ୍ୟ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଥିଲା । ଅନୁଷ୍ଠିତ କଂସ ଦରବାରରେ ଅକ୍ରୁର ସହିତ କୃଷ୍ଣ ବଳରାମ ମଥୁରା ଆଗମନ, ସ୍ୱପ୍ନ ଦୃଶ୍ୟ, କଂସ ସହିତ ସମସ୍ତ ମଲ୍ଲ ନିଧନ ମଞ୍ଚସ୍ଥ ହେବା ସହିତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଚର୍ଚ୍ଚିତ ମଞ୍ଚ କଳାକାର ସୁଶିଲ କୁମାର ମେହେରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା । ଶୀତ ସତ୍ତ୍ୱେ ମଧ ରାତି ପର୍ଯ୍ୟନ୍ତ ଦର୍ଶକ ମହୋତ୍ସବ, ମୀନାବଜାର ଓ ଚୁଟକୁଲା ଖାଦ୍ୟର ମଜା ନେଇଥିଲେ । ମହୋତ୍ସବ କମିଟି ଆବାହକ ଧିରୋଜ ଭୋଇ, ସଭାପତି ମନୋଜ ଦାଶ, ସମ୍ପାଦକ ଭକ୍ତ ସାହୁ, ସାଂସ୍କୃତିକ ପ୍ରଭାରୀ ଲମ୍ବୋଦର ବେହେରା, କମିଟି ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ପ୍ରତିନିଧି ଓ ପୋଲିସ ବିଭାଗ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

ହରଭଙ୍ଗା,୧୪।୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ସମୁଦାୟ ୯୪ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୯୧ ଗୋଟି ବ୍ୟକ୍ତିଗତ ମାମଲା ଓ ୩ ଗୋଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ୪୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ଜଣଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇଥିବା ବେଳେ ରେଡକ୍ରସ ପକ୍ଷରୁ ୪ ଜଣଙ୍କୁ ୧୬ ହଜାର ଟଙ୍କା , ଦୁଇ ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଶିବିରରେ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା , ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଶିବିରରେ ୮୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ତରଭା, ୧୪।୧(ମାନଭଞ୍ଜନ ମିଶ୍ର)

ବରିଷ୍ଠ ନାଗରିକ କମିଟି ତରଭା ଓ ସ୍ୱରାଜ ହସପିଟାଲ ବଲାଙ୍ଗୀରଙ୍କ ମିଳିତ ସହଯୋଗରେ ବରିଷ୍ଠ ନାଗରିକଙ୍କ ସକାଶେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ମାରୱାଡି ଧର୍ମଶାଳରେ ମଙ୍ଗଳବାର ଆୟୋଜିତ ହୋଉଯାଇଛି। ଶିବିରରେ ୨୫ ଜଣ ମହିଳା ଓ ୬୧ ଜଣ ପୁରୁଷ ଏଭଳି ୮୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଡାକ୍ତର ସୁଜ୍ଞାନେନ୍ଦ୍ର ମିଶ୍ର, ଡାକ୍ତର ଅସ୍ମିତା ଦଲାଲ,ଡାକ୍ତର ପୂଜା ପଟ୍ଟନାୟକ, ଅପଟୋମେଟ୍ରିଷ୍ଟ ଅବିନାଶ ତ୍ରିପାଠୀ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଶ୍ମୀରଞ୍ଜନ ଚୌହାନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବରିଷ୍ଠ ନାଗରିକ କମିଟିର ସଭାପତି ଦେବେନ୍ଦ୍ର ବିଜୟ ସାହୁ,ସମ୍ପାଦକ ବିଚିତ୍ର କୁମାର ସାହୁ ସଭ୍ୟ ବିଜୟ କୁମାର ମେହେର, ଧୀରେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ଜୟକିଶୋର ସାହୁ, ଅକ୍ଷୟ କୁମାର ବାଘ, ଶୈଳେନ୍ଦ୍ର କୁମାର ସାହୁ, ଉପେନ୍ଦ୍ର କୁମାର ପଣ୍ଡା, ରାଜକିଶୋର ସାହୁଙ୍କ ଉପସ୍ଥିତିରେ ଡାକ୍ତର ରଶ୍ମିରଞ୍ଜନ ଚୌହାନ ଶିବିରକୁ ଉଦ୍‌ଘାଟନ କରିଥିଲେ।

# ସାମାଜିକକର୍ମୀ ମାର୍କଣ୍ଡ ତରିଆଙ୍କ ପରଲୋକ

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ସହର ତେନ୍ତୁଳିଘାଟ ଅଞ୍ଚଳର ମାର୍କଣ୍ଡ ତରିଆ(୬୫)ଙ୍କ ପବିତ୍ର ମକର ସଂକ୍ରାନ୍ତିରେ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସହରରେ ସେ ଜଣେ ପରିଚିତ ଲୋକ ଥିଲେ। ସୁବର୍ଣ୍ଣପୁରର ପ୍ରସିଦ୍ଧ ମସଲା ଚାଉଳ ବରା ପ୍ରସ୍ତୁତିରେ ତାଙ୍କର ବେଶ ସୁନାମ ଥିଲା। ଦୁର୍ଗାମଣ୍ଡପ ଛକରେ ଦୀର୍ଘ ବର୍ଷ ଧରି ସ୍ୱାଦିଷ୍ଟ ଚାଉଳ ବରା ପ୍ରସ୍ତୁତ କରି ବିକ୍ରି କରୁଥିଲେ। ତାଙ୍କ ହାତ ତିଆରି ବରା ଖାଇବା ପାଇଁ ଦୂରଦୂରାନ୍ତରୁ ଲୋକମାନେ ଆସି ଭିଡ ଜମାଉ ଥିଲେ। ମାର୍କଣ୍ଡ ଜଣେ ସାମାଜିକକର୍ମୀ ତଥା ଧର୍ମପାରାୟଣ ବ୍ୟକ୍ତି। ସେ ମଧ କୀର୍ତ୍ତନ୍ୟ ଗାୟକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଭାଗବତ ମନ୍ଦିର ଓ ଜିଲା କୈବର୍ତ୍ତ ସମାଜର ସଭାପତି ଭାବରେ ସେ ଦୀର୍ଘ ବର୍ଷ ଧରି ଦାୟିତ୍ୱ ତୁଲାଇ ଥିଲେ। ଭାଗବତ ପାଠାଗାର ଉପସଭାପତି ଓ ଗୁଣ୍ଡିଚା ମନ୍ଦିର ନାମଯଜ୍ଞ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇଥିଲେ। ଭୁବନେଶ୍ୱରରେ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିଛି ଦିନ ପୂର୍ବରୁ ତାଙ୍କୁ ଘରକୁ ଅଣାଯାଇଥିଲା। ମୃତ୍ୟୁ ସମୟରେ ସ୍ତ୍ରୀ ଟୁନି ତରିଆ, ଏକମାତ୍ର ଝିଅ ସରିତା, ପୁଅ ଶ୍ରୀଧର, ହଳଧର ଓ ରାମେଶ୍ୱର ଉପସ୍ଥିତ ଥିଲେ। ରାମେଶ୍ୱର ଶ୍ମଶାନରେ ତାଙ୍କର ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳି ଯାଇଛି। ମାର୍କଣ୍ଡଙ୍କ ମୃତ୍ୟୁରେ ଜିଲା କୈବର୍ତ୍ତ ସମାଜର ସଭାପତି ତଥା ଭାଗବତ ପାଠାଗାର ସମ୍ପାଦକ ପବିତ୍ର କୁମାର ସାହୁ ଶୋକ ପ୍ରକାଶ କରିଛନ୍ତି ।

# ରାମଲୀଳା ଯାତ୍ରା ନେଇ ପ୍ରସ୍ତୁତି ବୈଠକ

ବୌଦ୍ଧ,୧୪।୧(ଅଜିତ କୁମାର ବାରିକ)



ପ୍ରସ୍ତୁତି ବୈଠକରେ ଅତିଥି।

ବୌଦ୍ଧ ଗଡ଼ଜାତର ଗଣପର୍ବ ଭାବରେ ମାନ୍ୟତା ଲାଭ କରିଥିବା ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମକର ସଂକ୍ରାନ୍ତି ଅବସରରେ ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅତିଥି ଭାବରେ ଖବରଦାତା ରଜନୀକାନ୍ତ ଦାଶ, ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, ବୌଦ୍ଧ ପ୍ରେସ କ୍ଲବ ସଂପାଦକ ରଘୁନାଥ ଷଡଙ୍ଗୀ , ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ନାଟ୍ୟକାର ହୃଦାନନ୍ଦ ମେହେର,ନାଟ୍ୟ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି , ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ ଯୋଗଦେଇ ମଞ୍ଚାସୀନ ଥିଲେ । ନାଟ୍ୟ ସଂସଦର ସମ୍ପାଦକ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ପ୍ରମୋଦ କୁମାର ପ୍ରଧାନ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଅତିଥିମାନେ ଜିଲାର ଗଣପର୍ବ ରାମଲୀଳାକୁ ଅଧିକ ଆକର୍ଷଣୀୟ ଭାବରେ ପାଳନ କରିବା ପାଇଁ ମୂଲ୍ୟବାନ ମତାମତ ଦେଇଥିଲେ । ଏହି ଯାତ୍ରା ଜିଲାର ଏକ ପ୍ରମୁଖ ଯାତ୍ରା । କିନ୍ତୁ ପ୍ରସ୍ତୁତି ବୈଠକରେ ଜିଲାର କୌଣସି ପ୍ରଶାସନିକ ଅଧିକାରୀ ଯୋଗ ନ ଦେବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାବ୍ୟତୀତ ରଘୁନାଥ ମନ୍ଦିର ପାଇଁ ନୂତନ ବିଗ୍ରହ ଅଣାଯାଇ ଦୁଇବର୍ଷ ହେଲା କୋଠଘରେ ରହିଥିବାରୁ ତୁରନ୍ତ ନୂତନ ବିଗ୍ରହ ପ୍ରତିଷ୍ଠା କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ୧୦ଗୋଟି ରାମଲୀଳା କମିଟିର ରାବଣ କଳାକାର ଓ ସଂସଦର ଅନ୍ୟ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସଂସଦର ସମସ୍ତ କର୍ମକର୍ତ୍ତା , ବୁଦ୍ଧିଜୀବୀ ଓ ଛୋଟବଡ କଳାକାରମାନେ ସାମିଲ ଥିଲେ।

# ତାରାମଣ୍ଡଳ, ଟେଲିସ୍କୋପ କାର୍ଯ୍ୟକ୍ରମ

ତରଭା, ୧୪।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ନିକଟସ୍ଥ ସିବତୁଲାସ୍ଥିତ ଶ୍ରୀହରି ବିଦ୍ୟାଳୟ ପରିସରରେ ଶ୍ରୀହରି ତଥା ପେସିଫ ଇନଷ୍ଟିଚ୍ୟୁଟ ଆପ କସ୍ମୋଲୋଜି ଓ ସେଲଫୋଲୋଜି ( ପିକ୍ସ) ର ମିଳିତ ଆନକୂଲ୍ୟରେ ତିନିଦିନିଆ ତାରାମଣ୍ଡଳ ପ୍ଲାନେଟୋରିୟମ ଶୋ ଓ ଟେଲିସ୍କୋପ ସ୍କାଏ ୱାଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼. ଶିବେଶ କୁମାର ଜସ୍ ଫେସିଫଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ମହାକାଶ ବିଜ୍ଞାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ଶିକ୍ଷଣୀୟ ବିଷୟ ଜାଣିବାକୁ ପାଇଥିଲେ। ମହାକାଶ, ଛାୟାପଥ, ଆକାଶଗଙ୍ଗାର ସୃଷ୍ଟି, ବ୍ଲାକହୋଲ, ସୌରମଣ୍ଡଳର ସୃଷ୍ଟି, ବିଭିନ୍ନ ଗ୍ରହ ନକ୍ଷତ୍ର ଆଦି ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଏଥିପାଇଁ ବିଦ୍ୟାଳୟ ପରିସରରେ ଏକ ଅସ୍ଥାୟୀ ପ୍ଲାନେଟୋରିୟମ ସ୍ଥାପନ କରାଯାଇଥିଲା। ଟେଲିସ୍କୋପ ମାଧମରେ ଚନ୍ଦ୍ର, ସୂର୍ଯ୍ୟ, ବୃହସ୍ପତି ଓ ତାର ଉପଗ୍ରହକୁ ଛାତ୍ରୀଛାତ୍ର ଅଧ୍ୟୟନ କରିଥିଲେ। ଶ୍ରୀ ହରି ବିଦ୍ୟାଳୟର ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ପରିଚାଳନା ନିର୍ଦ୍ଦେଶକ ଡ଼ ରାଜେଶ କୁମାର ମେହେର ଓ ଅଧକ୍ଷା ଜିନାରାଣୀ ମେହେର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାମଚରିତ ମାନସ, ପାରାୟଣ ଉଦ୍‌ଯାପିତ

ସୋନପୁର,୧୪।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମଝିପଡ଼ାସ୍ଥିତ ଶ୍ରୀ ରାମଜୀ ମନ୍ଦିରଠାରେ ଚାଲିଥିବା ଶ୍ରୀରାମଚରିତ ମାନସ ଓ ପରାୟଣ ଉଦ୍‌ଯାପିତ ହୋଇଯାଇଛି। ଗତ ୫ତାରିଖରୁ ଆରମ୍ଭ ହେଇଥିବା ଏହି ଧାର୍ମିକ କାର୍ଯ୍ୟକ୍ରମ ୯ ଦିନ ଧରି ଚାଲିଥିଲା । ଗତ ୭ ତାରିଖରେ ସୀତା ବିବାହ ଆୟୋଜିତ ହୋଇଥଲା। ଏହି ଅବସରରେ ମହାପ୍ରଭୁଙ୍କ ନିକଟରେ ୫୬ ପ୍ରକାର ଭୋଗ ଲାଗି କରାଯାଇଥିଲା । ଦୀର୍ଘ ୩୦ ବର୍ଷ ଧାରି ମଝିପଡ଼ା ମହିଳା ସମିତି ଦ୍ୱାରା ଏହି ଧାର୍ମିକ ଉତ୍ସବ ମହା ସମାରୋହରେ ଆୟୋଜନ ହୋଇ ଆସୁଥିବା ସମିତିର ବରିଷ୍ଠ ସଦସ୍ୟ କଳ୍ପନା ଭୋଇ, ମଞ୍ଜୁ ପାଣିଗ୍ରାହି ଓ ଅଞ୍ଜଳି ଦାଶ କହିଛନ୍ତି । ମଙ୍ଗଳବାର ସହରରେ ମହାପ୍ରଭୁଙ୍କ ନଗର ପରିକ୍ରମା ପରେ ଉତ୍ସବ ଉଦ୍‌ଯାପିତ ହୋଇଛି। ବ୍ୟାସ ଚୈତନ୍ୟ ମିଶ୍ର ଓ ପୂଜକ ଚୈତନ୍ୟ ପୂଝାରୀଙ୍କ ଦ୍ୱାରା ରୀତିନୀତିରେ ରାମାୟଣ ପଠନ ଓ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। କର୍ତ୍ତାଭାବେ ଅଟଳ ମହାପାତ୍ର ଓ ରୁନି ମହାପାତ୍ର ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ରାମ ମନ୍ଦିରର ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ଭାକୋଡୋ ସ୍ୱାଇଁ, ପଦ୍ମନାଭ ପାଢ଼ୀ, ମନବୋଧ ଭୋଇ, ମାନ ଭଞ୍ଜନ ସାହୁ, ଲଡୁ କିଶୋର ମଲ୍ଲିକ, ପୀୟୂଷ ପଣ୍ଡା, ରଞ୍ଜିତ ସାହୁ ଓ ସନ୍ତୋଷ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟରେ କ୍ଷତିସୂତା ତ୍ରିପାଠୀ, ସୁଭଦ୍ରା ଦଳାଇ, କଳ୍ପନା ତ୍ରିପାଠୀ, ଅନୁସୟା ତ୍ରିପାଠୀ, ସୌଦାମିନୀ ଦାଶ, ସ୍ମରଣିକା ମିଶ୍ର, ସବିତା ସାହୁ, ଲକ୍ଷ୍ମୀ ମଲ୍ଲିକ, ଯମୁନା ମଲ୍ଲିକ, ଭାଗ୍ୟସିନି ରଥ, ଜ୍ୟୋସ୍ନା ମିଶ୍ର ଓ କୁନି ପଣ୍ଡା ପ୍ରମୁଖ ଶତାଧିକ ସକ୍ରିୟ ସହଯୋଗ କରିଥିଲେ।



ଶ୍ରଦ୍ଧାଳୁମାନେ ନଗର ପରିକ୍ରମା କରୁଛନ୍ତି।

# ଟାଙ୍ଗରସାଇକୁ ହରାଇ ବଡ଼ମାଳ ସେମିରେ

## ୨ୟ ଦଧିବାମନ କ୍ରିକେଟ କପ୍

ଅମରପାଲି,୧୪।୧(ପୀତାମ୍ବର ସାହୁ)



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମରେ ଦଧି ବାମନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ଦଧିବାମନ କ୍ରିକେଟ କପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ବାବୁଲାଲ ପ୍ରଧାନ, ଗ୍ରାମର ଗୌନ୍ତିଆ ନାରାୟଣ ଦନ୍ତ, ଅମରପାଲି ୟୁପି ସ୍କୁଲ ଶିକ୍ଷକ ପ୍ରାଣବନ୍ଧୁ ସାହୁ ଓ ବହଳପଦର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଗୁଡୁଗୁଡା ଓ ଆର.ବଡ଼ମାଳ( ରେଢ଼ାଖୋଲ) ମଧ୍ୟରେ ହୋଇଥିଲା। ଗୁଡୁଗୁଡା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ କରିଥିଲା। ଜବାବରେ ଆର.ବଡ଼ମାଳ ଦଳ ଆବଶ୍ୟକରନକୁ ୬.୪ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ ପାଇଁ ବଡମାଳ ଦଳର କପିଳାସ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ ଟାଙ୍ଗରସାଇ ଓ ଜନକପୁର ମଧ୍ୟରେ ହୋଇଥିଲା। ଟାଙ୍ଗରସାଇ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୧୭ ରନ କରିଥିଲା। ଜବାବରେ ଜନକପୁର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୦୯ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ ପାଇଁ ଟାଙ୍ଗରସାଇ ଦଳର ଗୋବିନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ଆର.ବଡ଼ମାଳ ଓ ଦ୍ୱିତୀୟ ମ୍ୟାଚ ବିଜେତା ଟାଙ୍ଗରସାଇ ମଧ୍ୟରେ ହୋଇଥିଲା। ଟାଙ୍ଗରସାଇ ଦଳ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ସମସ୍ତ ଉଇକେଟ ହରାଇ ୫୭ ରନ କରିଥିଲା। ଜବାବରେ ବଡମାଳ ଦଳ ଆବଶ୍ୟକ ରନକୁ ୬.୨ ଓଭରରେ ୭ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷକ ଶଙ୍କର୍ଷଣ ଭୋଇ ଓ ବରୁଣ ସାହୁ ଅତିଥିଭାବେ ଯୋଗଦେଇ ବଡ଼ମାଳର କପିଳାସ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

**ସୁନ୍ଦରଗଡ଼,୧୪।୧(ଜୟ ନାରାୟଣ ମେଣ୍ଟୁଳି):** ସୁନ୍ଦରଗଡ଼ ଧରୁଆଡିହି ଥାନା ଅନ୍ତର୍ଗତ ମଝାପଡା ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ତ୍ରିନୟନ ଦେହୁରୀ(୫୦)। ଧରୁଆଡିହି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ନଂ. ୪/୨୫ ରୁଜୁ କରି ତଦନ୍ତ ଜାରି ରଖିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ତ୍ରୀନୟନ ପୋଖାରୀକୁ ଗାଧୋଇବାକୁ ଯାଇଥିବା ସମୟରେ ପୋଖାରୀରେ ଥିବା ଦଳରେ ଛନ୍ଦି ହୋଇ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ସୁନ୍ଦରଗଡ଼ରୁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବହୁ ଖୋଜା ଖୋଜି କରି ମୃତଦେହକୁ ଉଦ୍ଧାର କରିଥିଲା ।

### ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର: ବିପଦକୁ ଆମନ୍ତ୍ରଣ



**ବନ୍ଧମୁଣ୍ଡା,୧୪।୧(ସୁବ୍ରତ ଦେ):** ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ହରିଦର୍ଶନ କ୍ଲବ ନିକଟ ଖେଳ ପଡ଼ିଆରେ ମୁକୁଳା ଅବସ୍ଥାରେ ଟ୍ରାନ୍ସଫର୍ମର ରହିଛି। ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିପାରେ। ଅଞ୍ଚଳର ପିଲାମାନେ ଏହି ପଡ଼ିଆରେ ସନ୍ଧ୍ୟା ସମୟରେ ଖେଳିବାକୁ ଆସୁଥିବାବେଳେ ଏକ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଏଠି ଖେଳିବାକୁ ଆସିଥାନ୍ତି। ଏଭଳି ପରିସ୍ଥିତିରେ ଛାତ୍ରୀଛାତ୍ରମାନେ ଯେକୌଣସି ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଟ୍ରାନ୍ସଫର୍ମରକୁ ବ୍ୟାରିକେଡ୍ ଦେବାକୁ ଦାବି ହେଉଛି।

### ମହେଶଡିହିରେ ମକର ମେଳା, ହରିହର ଭେଟ

**ସୁନ୍ଦରଗଡ,୧୪।୧(ଜୟ ନାରାୟଣ ମେଣ୍ଟୁଳି):** ସୁନ୍ଦରଗଡ ସହର ମହେଶଡିହିରେ ସବୁ ବର୍ଷ ପରି ଚଳିତ ବର୍ଷ ମଧ ମକରମେଳା ଅନୁଷ୍ଠିତ ହୋଇଯାଇଛି। ମହେଶ ଡିହି ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ଓ ମହାଦେବଙ୍କୁ ରଥାରୂଢ଼ କରାଯିବା ପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣିଥିଲେ। ପରେ ଠାକୁରଙ୍କୁ ପହଣ୍ଡି କରି ମେଲଣ ମଣ୍ଡପକୁ ନିଆଯାଇଥିଲା। ସେଠାରେ ହରିହର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ଲାଭକରି ଥିଲେ। ରଥ ଉପରୁ ମକର ଲଡୁ ଶ୍ରଦ୍ଧାଳୁମାନଙ୍କୁ ଫିଙ୍ଗାଯାଇଥିଲ। ପରେ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ମନ୍ଦିର ଭିତରକୁ ପ୍ରବେଶ କରାଯାଇଥିଲା। ଏହି ମକର ମେଳାରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ, ଦୋକାନ ବଜାର ବସିଥିଲା।

# ନଦୀ ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ ଦାବି

**ବଡ଼ଗାଁ,୧୪।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ ଛାମୁଣ୍ଡା ରାଜସ ଗ୍ରାମ ନିକଟ ସଫେଇ ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ସ୍ଥାନ ନିରୂପଣ ଚୂଡ଼ାନ୍ତ ହୋଇଛି। ନିର୍ମାଣ କାର୍ଯ୍ୟକୁ ବଡ଼ଗାଁ,ଫୁଲବାରୀ,ତୁଡାଲଗା ଓ ଭୋଇପାଲି ଗ୍ରାମ ପଞ୍ଚାୟତର ଚାଷୀମାନେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ସୋମବାର ଜଳସେଚନ ବିଭାଗ ଅନୁସନ୍ଧାନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦାମୋଦର ଦେହୁରୀଆ ବିଭାଗୀୟ ଏସଡିଓ ଏବଂ ବିଭାଗୀୟ ଅଧିକାରୀମାନେ ବ୍ୟାରଜ ନିର୍ମାଣ ସ୍ଥଳୀରେ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସ୍ଥାନୀୟ ଚାଷୀ ଓ ବୁଦ୍ଧିଜୀବିମାନେ ବ୍ୟାରେଜ ନିର୍ମାଣ ସ୍ଥାନକୁ ସାମାନ୍ୟ ୨୫୦ ରୁ ୩୦୦ ମିଟର ନଦୀର ଉପରମୁଣ୍ଡରେ ଆଣିବା ନିମନ୍ତେ ଦାବି କରିଛନ୍ତି। ଏଥିସହ ଏକ ଦାବିପତ୍ର ମଧ ଦେଇଛନ୍ତି। ସ୍ଥାନ ନିରୂପଣ ହୋଇଥିବା ସ୍ଥାନରେ ବ୍ୟାରେଜ ନିର୍ମାଣ ହେଲେ ଛାମୁଣ୍ଡା ଗ୍ରାମର ଶହ ଶହ ଏକର ଚାଷଜମି ଜଳଚର ହେବାର ସମ୍ଭାବନା ରହିଥିବା, ନିର୍ମାଣ ସ୍ଥାନକୁ ଯିବାଆସିବା କରିବାକୁ ସରକାରୀ ଜମି ନ ଥିବାରୁ ରୟତି ଜମି ଅଧିଗ୍ରହଣ କରିବାକୁ ଆବଶ୍ୟକ ଥିବା, ମେଗା ଜଳସେଚନ ବ୍ୟବସ୍ଥା ଅଧିକ ଦୂର ଯୋଗୁ ଏହି ବ୍ୟାରଜ ନିର୍ମାଣ ସ୍ଥାନକୁ ସାମାନ୍ୟ ଉପରକୁ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ବଡ଼ଗାଁର ବରିଷ୍ଠ ନାଗରିକ କମିଟିର ସଭାପତି ଦିଲୀପ ପୁରୋହିତ, ଫୁଲବାରୀ ସରପଞ୍ଚ ଯୋଗେନ୍ଦ୍ର କିଷାନ, ଚାଷୀ ପ୍ରଫୁଲ୍ଲ ବିଶି, ବ୍ରହ୍ମାନନ୍ଦ ପାଣିଗ୍ରାହୀ,ଖଗେଶ୍ୱର କିଷାନ,ତୁଲାରାମ ହୋତା, କ୍ଷେତ୍ରମୋହନ କିଷାନ, ସତ୍ୟନାରାୟଣ ନାୟକ, ଜିତେନ୍ଦ୍ର ବୁଢ଼ା,ବରିଷ୍ଠ ନାଗରିକ ଉପାଧ୍ୟାୟ ପାଣିଗ୍ରାହୀ, ଶଙ୍କର ମହାପାତ୍ରଙ୍କ ସହିତ ଚାଷୀମାନେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।



ଅଧିକାରୀଙ୍କ ସହିତ ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ନିୟନ୍ତ୍ରଣ ହରାଇ ଦୋକାନ ଭିତରକୁ ପଶିଲା କୋଇଲା ବୋଝେଇ ଟ୍ରେଲର

**ସୁନ୍ଦରଗଡ଼,୧୪।୧(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ସଦରଥାନା ଛକ ବନ୍ଧପାଲିରେ ମଙ୍ଗଳବାର ଅପରାହ୍ନରେ ଏକ କୋଇଲା ବୋଝେଇ ଟ୍ରେଲର ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗ୍ୟାରେଜ ଭିତରକୁ ପଶିଯାଇଥିଲା। ଗ୍ୟାରେଜ ମାଲିକ ଓ ହେଲ୍ପର ଦୋକାନ ବନ୍ଦ କରି ଖାଇବାକୁ ଯାଇଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଫଳରେ କାହାରି ଜୀବନ କ୍ଷତି ହୋଇନାହିଁ। ହେଲେ ଗ୍ୟାରେଜ ବାହାରେ ଥିବା ତାର ଟୁଲ ବକ୍ସ ସହିତ ୨ଟି ବାଇକକୁ ଘୋଷାଡି ନେଇ ଦୋକାନ ଭିତରକୁ ପଶି ଯାଇଥିଲା। ଟ୍ରେଲର ଚାଳକ ଓ ଖଲାସୀଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିବା ସହ ସଦର ପୋଲିସକୁ ସୂଚନା ଦେଇଥିଲେ। ସଦର ପୋଲିସ ପହଞ୍ଚି ଚାଳକ ଓ ଖଲାସୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ପୋଲିସ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରି ଟ୍ରେଲରକୁ ଅଟକ ରଖିଛି। ରାଜ୍ୟ ପରିବହନ ବିଭାଗ ତରଫରୁ ବର୍ତ୍ତମାନ ସଡକ ସୁରକ୍ଷା ମାସ ଚାଲିଥିବା ବେଳେ ସୁନ୍ଦରଗଡ଼ରେ ଦୁର୍ଘଟଣା କମୁନାହିଁ। ଅପରପକ୍ଷରେ ସ୍ୱତନ୍ତ୍ର କୋଲ କରିଡର ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଉଛି।

# ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଆର୍‌ଏସ୍‌ପିକୁ ୬ ପୁରସ୍କାର

**ରାଉରକେଲା,୧୪।୧(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପି ଉଦ୍ୟାନକୃଷି ବିଭାଗ, ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର ଦ୍ୱାରା ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ଓ ଓଡିଶା ରୋଜ୍ ସୋସାଇଟି ଆନୁକୂଲ୍ୟରେ ଭୁବନେଶ୍ୱର ଏକାମ୍ର କାନନର ବଟାନିକାଲ ଗାର୍ଡେନରେ ଆୟୋଜିତ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ-୨୦୨୫ରେ ଆରଏସ୍‌ପି ୬ଟି ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ, ଉକ୍ତ ବାର୍ଷିକ ମେଗା ପୁଷ୍ପ ପ୍ରଦର୍ଶନୀକୁ ଗତ ୭ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୭୦ଟି ଏଜେନ୍ସି, କର୍ପୋରେଟ ହାଉସ ଏବଂ ନର୍ସରୀର ଷ୍ଟଲ ସ୍ଥାନ ପାଇଥିଲା। ପ୍ରଦର୍ଶନୀରେ ଗୋଲାପ, ଗେଣ୍ଡୁ, ଡାଲିଆ, ଜିନିଆ ଏବଂ ଲତାଜାତୀୟ ବିଭିନ୍ନ ବୃକ୍ଷ ସମେତ ୫ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ପୁଷ୍ପ ସ୍ଥାନ ପାଇଥିଲା। ପ୍ରକାଶ ଥାଉକି, ଆରଏସ୍‌ପି ୮ଟି ବର୍ଗରେ ଏଥିରେ ଅଂଶଗ୍ରହଣ କରିଥିଲା। ପ୍ରଦର୍ଶନୀରେ କଟ୍ ଫ୍ଲାୱାର ଗ୍ଲାଡିଓଲି ତଥା ବିଭିନ୍ନ ରଙ୍ଗର କଟ୍ ରୋଜ୍ ହାଇବ୍ରିଡ ଟ୍ରି ଏବଂ କଟ୍ ରୋଜ ହାଇବ୍ରିଡ ଟ୍ରି ଅଫ୍ ରେଡ ବର୍ଗରେ ଦ୍ୱିତୀୟ ପୁରସ୍କାର ଏବଂ ଅନ୍ୟ ଦୁଇଟି ବର୍ଗରେ ମେରିଟ ପୁରସ୍କାର ହାସଲ କରିଥିଲା। ଜାନୁଆରୀ ୧୨ତାରିଖରେ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବରେ ଉଦ୍ୟାନ କୃଷି ବିଭାଗର ବରିଷ୍ଠ ପ୍ରବନ୍ଧକ ଡକ୍ଟର ସତ୍ୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଉଦ୍ୟାନ କୃଷି ବିଭାଗର ଟିମ୍ ଏହି ପୁରସ୍କାର ଗ୍ରହଣ କରିଥିଲେ।




ପୁଷ୍ପ ପ୍ରଦର୍ଶନୀରେ ଆରଏସ୍‌ପିକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଉଛି।

### କାର୍ ସହ ୬୯ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ,୧୪।୧(ଅଜିତ କୁମାର ବାରିକ)**

ବୌଦ୍ଧ ପୋଲିସ ପକ୍ଷରୁ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ବଲାଶିଙ୍ଗା ଛକ ନିକଟରୁ ଏକ କାର୍ ସହିତ ୬୯ କିଲୋ ୫୦୦ ଗ୍ରାମ ଗଞ୍ଜେଇ ସୋମବାର ଦିନ ଜବତ କରାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥ ଦେଇ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବୌଦ୍ଧ ଥାନାର ଏକ ଟିମ୍ ବଲାସିଙ୍ଗା ଛକ ନିକଟରେ ଜଗି ରହିଥିଲେ। ବାଉଁଶୁଣୀ ପଟରୁ ଆସୁଥିବା ଏକ କାର୍‌କୁ ଅଟକାଇ ସନ୍ଦେହରେ ଯାଞ୍ଚ କରାଯିବା ପରେ ସେଥିରୁ ଜରି ବ୍ୟାଗରେ ଭର୍ତ୍ତି ହୋଇଥିବା ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ଚାଲାଣ ମାମଲାରେ କାରର ଡ୍ରାଇଭର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ନିମନା ଗ୍ରାମର ସୁଧାଂଶୁ ତରିଆ(୨୨) ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଗ୍ରାମର ସୁଦାମ ଦୀପ(୩୦)ଙ୍କୁ ଗିରଫ କରାଯାଇଥିଲା। ଏନେଇ ବୌଦ୍ଧ ଥାନାରେ ନଂ ୨୨/୨୫ରେ ଏକ ମାମଲା ରୁଜୁ ହୋଇଛି ।

# ଖଡ଼ିଆ ସମାଜ ପକ୍ଷରୁ ପୁଷପୁନି ଭେଟଘାଟ



ରାଜ୍ୟ ସଭାପତି ବକ୍ତବ୍ୟ ଦେଉଛନ୍ତି।

**ବଡ଼ଗାଁ,୧୪।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ଗ୍ରାମ ପଞ୍ଚାୟତର କୁଲଗାଁ ଗ୍ରାମରେ ସୋମବାର ୫ ଶହ ଘର ଡେଲକି ଖଡିଆ ସମାଜ ପକ୍ଷରୁ ପୁଷପୁନି ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଭେଟଘାଟ ମିଳନ ସମାରୋହରେ ସମାଜର ରାଜ୍ୟ ସଭାପତି ନୃପ ଚରଣ ଦଣ୍ଡସେନା ଯୋଗଦେଇ ସମାଜର ପରମ୍ପରା ଚାଲିଚଳନ ରୀତିନୀତି ଉପରେ ସମାଜ ଭାଇମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସେ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ସମସ୍ତ ପରିବାର ତାଙ୍କ ପିଲାଙ୍କୁ ପାଠ ପଢ଼ାଇବାକୁ ବୁଝାଇଥିଲେ। ଭେଟଘାଟରେ ଯୋଗଦେଇଥିବା ଅନ୍ୟତମ ଅତିଥି ଜିଲା ସମ୍ପାଦକ ବିରକିଶୋର ନାଏକ ଓ ସଂଗଠନ ସମ୍ପାଦକ ଗୋପାଲ ପ୍ରଧାନ ଓ ବ୍ୟକ୍ତିମାନେ ଯୋଗଦେଇଥିଲେ। ବଡ଼ଗାଁ, ସବଡେଗା, କୁତ୍ରା, ବାଲିଶଙ୍କରା ବ୍ଲକର ସାମାଜିକ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସୁନ୍ଦରଗଡ଼ ରାଜପୁତ କ୍ଷତ୍ରିୟ ସମାଜର ବାର୍ଷିକ ବନ୍ଧୁମିଳନ

**ସୁନ୍ଦରଗଡ଼,୧୪।୧(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ରାଜପୁତ କ୍ଷତ୍ରିୟ ସମାଜର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ରବିବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମଲେଇ ମନ୍ଦିରରେ ମା' ସମଲେଇଙ୍କୁ ପୂଜାର୍ଚ୍ଚନା କରିବା ପରେ ଏକ ବାଇକ୍ ରାଲିରେ ଅତିଥିମାନଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହି ରାଲି ରିଜେଣ୍ଟ ମାର୍କେଟ, ରଙ୍ଗାଡିପା, ଷ୍ଟେଟ ବ୍ୟାଙ୍କ ଛକ, ହସ୍ପିଟାଲ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ହୋଇ ବିକାଶ ଭବନରେ ପହଞ୍ଚିଥିଲା। ଏହାପରେ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ରଘୁନାଥ ଶେଖର ଦେଓଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ବନ୍ଧୁମିଳନ ସମାରୋହରେ ମୁଖ୍ୟ ଅତିଥିଭାବେ ଛତିଶଗଡ଼ ଯଶପୁର ରାଜା ମହାରାଜା କୁମାର ଶ୍ରୀମନ୍ତ ବିକ୍ରମାଦିତ୍ୟ ସିଂଦେଓ ଯୋଗଦେଇ ଥିବାବେଳେ ତାଙ୍କ ଧର୍ମପତ୍ନୀ ବିଜ୍ଞାନୀ ଦେଓ ମଧ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂ ଓ ତାଙ୍କ ଧର୍ମପତ୍ନୀ ,ସୁନ୍ଦରଗଡ଼ ରାଜା ସମରେନ୍ଦ୍ର ଶେଖର ଦେଓ ଓ ତାଙ୍କ ଧର୍ମପତ୍ନୀ ବିଜ୍ଞାନୀ ଶେଖର ଦେଓ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୀର ବିକ୍ରମ ସିଂଦେଓ ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ କ୍ଷତ୍ରିୟ ସମାଜର ସଭାପତି ରାଜୁ ଠାକୁର, ସମ୍ପାଦକ ଅନିଲ ସିଂ, ଜଗଦୀଶ ପ୍ରତାପ ଦେଓ, ପ୍ରଦୀପ ଶେଖର ଦେଓ, ବିଜୟ କେଶରୀ, ସୌମେନ୍ଦ୍ର ଠାକୁରଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କ୍ଷତ୍ରିୟ ସମାଜର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କ୍ରମରେ ସମାଜର ଅନେକ ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ହାବିଲଦାର କନଷ୍ଟେବଳ ସଂଘର ସମ୍ପାଦକ ମୋହନ ପ୍ରସାଦ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୀର ବିକ୍ରମ ସିଂଦେଓ ମଞ୍ଚ ପରିଚାଳନା କରିଥିବା ବେଳେ ସମରେନ୍ଦ୍ର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।



ଉଭୟ ଟିମ୍ ଖେଳାଳିଙ୍କ ସହ ଅତିଥି।

### ଜିଲାପାଳଙ୍କ ଜନଶୁଣାଣି ଶିବିର

**ହରଭଙ୍ଗା,୧୪।୧ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ସମୁଦାୟ ୯୪ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୯୧ ଗୋଟି ବ୍ୟକ୍ତିଗତ ମାମଲା ଓ ୩ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ୪୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଶିବିରରେ ଜଣଙ୍କୁ ପେନସନ ଯୋଜନାରେ ସାମିଲ କରାଯାଇଥିବା ବେଳେ ରେଡକ୍ରସ ପକ୍ଷରୁ ୪ ଜଣଙ୍କୁ ୧୬ ହଜାର ଟଙ୍କା , ଦୁଇ ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା , ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଗୀତାକାନ୍ତି ବଳିଆରସିଂ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# କ୍ରିକେଟ୍: ଫାଇନାଲରେ ଜିମ୍‌ଖାନା

**ରାଉରକେଲା,୧୪।୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୮ତମ ପ୍ରକାଶ ସ୍ମାରକୀ ଅଲ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଙ୍ଗଳବାର ଶେଷ ହୋଇଛି। ଏହି ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ବାସନ୍ତୀ କଲୋନ ୱାଇସିସି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ୱାଇସିସି ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ବାସନ୍ତୀ କଲୋନି ୟୁଥ୍ କ୍ରିକେଟ୍ କ୍ଲବ (ୱାଇସିସି) ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଯଶୋବନ୍ତ ଚନ୍ଦ୍ରା ୭୮ ବଲ ଖେଳି ସର୍ବାଧିକ ୫୩ ରନ୍ ସଂଗ୍ରହ କରିଥିଲେ। ଜିମ୍‌ଖାନା ଦଳ ପକ୍ଷରୁ ଆଲୋକ ପ୍ରଧାନ ୭ ଓଭର ବୋଲିଂ କରି ୨୮ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଜବାବରେ ରାଉରକେଲା ଜିମ୍‌ଖାନା ଦଳ ୪ ଉଇକେଟ୍ ହରାଇ ୧୪୬ ରନ୍ କରି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦେବରାଜ ମଲ୍ଲିକ ୬୫ ବଲ ଖେଳି ସର୍ବାଧିକ ୪୯ ରନ କରିଥିବାବେଳେ ହେମନ୍ତ ନାୟକ ୩୦ ରନ କରିଥିଲେ। ଜିମ୍‌ଖାନା ଦଳର ଆଲୋକ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାରତ ପରିଡା ଓ ସୌମ୍ୟରଞ୍ଜନ ମ୍ୟାଚ୍ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଡବ୍ଲ୍ୟୁଆଇସି ଓ ରେଲୱେ ଏକାଡେମୀ ସମ୍ବଲପୁର ମଧ୍ୟରେ ଖେଳାଯିବ ବୋଲି ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ଦେଇଛନ୍ତି।

# ସାଲେପାଲି ଫୁଟ୍‌ବଲ ଟୁର୍ନାମେଣ୍ଟ

**ବଡ଼ଗାଁ,୧୪।୧(ଅଶୋକ ଷଡ଼ଙ୍ଗୀ)**

### ଅଲଣ୍ଡା ଟିମ୍ ଚାମ୍ପିୟନ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଫୁଲବାରି ପଞ୍ଚାୟତର ସାଲେପାଲି ଗ୍ରାମରେ ରବିବାର ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ଏହି ଫୁଟ୍‌ବଲ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ରବିବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷକ ଜୟଦେବ ସାହୁ, ଅଚ୍ୟୁତ ସେଠ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ ସାଲେପାଲି ଓ ଅଲଣ୍ଡା ଟିମ୍ ମଧ୍ୟରେ ହୋଇଥିଲା। ପେନାଲ୍ଟି କିକ୍ ଜରିଆରେ ଅଲଣ୍ଡା ଟିମ୍ ୧ ଗୋଲରେ ସାଲେପାଲି ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଫୁଲବାରି ସରପଞ୍ଚ ଜୋଗିନ୍ଦ୍ର କିଷାନ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅମିନ କିଷାନ, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ସାହୁ, ଖେଳ ଶିକ୍ଷକ ବିଜୟ ବାଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିକାଶ ମାଝୀ, ବସନ୍ତ ମାଝୀ ଓ ସୁଶାନ୍ତ ନାଏକ ଖେଳ ପରିଚାଳନା କରିଥିଲାବେଳେ ଆୟୋଜକ କମିଟିର ଅଜୟ କିଷାନ, ଯୋଗେନ କିଷାନ, ଧନୁ ମିଞ୍ଜ, ଗୁଲବଦନ ମାଝୀ ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ୨୦୧୮ ମସିହାରୁ ଏହି ଗ୍ରାମରେ ଫୁଟ୍‌ବଲ ଟୁର୍ନାମେଣ୍ଟ ହୋଇଆସୁଛି।



ଉଭୟ ଟିମ୍ ଖେଳାଳିଙ୍କ ସହ ଅତିଥି।

# ନକ୍ ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ: ରୟାଲ କ୍ଲବ ବିଜୟୀ

**ବନ୍ଧମୁଣ୍ଡା,୧୪।୧(ସୁବ୍ରତ ଦେ)**

ବନ୍ଧମୁଣ୍ଡାର ଡି-କ୍ୟାବିନ ସ୍ଥିତ ଜୟହିନ୍ଦ ସ୍ପୋର୍ଟସ ଗ୍ରାଉଣ୍ଡଠାରେ ଜୟହିନ୍ଦ୍ କ୍ଲବ ଦ୍ୱାରା ଆୟୋଜିତ ଦ୍ୱିତୀୟ ବାବୁଲି ରାଉତରାୟ ମେମୋରିଆଲ ଅଲ ଇଣ୍ଡିଆ ନକ ଆଉଟ ଫୁଟବଲ ଟୁର୍ନାମେଣ୍ଟ ସମ୍ପନ୍ନ ହେଇଯାଇଛି। ଏହି ଅବସରରେ ରାକେଶ ପଣ୍ଡା, ଏଲ.ଡି କୁଶୱାହା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରୟାଲ କ୍ଲବ ବନ୍ଧମୁଣ୍ଡା ଏବଂ ପିଣ୍ଟୁ ବ୍ରଦର ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ରୟାଲ କ୍ଲବ ୧-୦ ଗୋଲରେ ଜିତ ହାସିଲ କରିଛି। ଏହି ଟୁର୍ନାମେଣ୍ଟକୁ ରେଫରି ରୋଶନ ଖାନ, ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ଶେଠ, ସାନାଶି ମୁଣ୍ଡା, ସନିକା ତିର୍କି ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଶେଷ ହେବା ପରେ ଅତିଥିମାନଙ୍କ ଦ୍ୱାରା ବିଜେତା ଦଳକୁ ୭୦ ହଜାର ଟଙ୍କା ସମେତ ଟ୍ରଫି ଏବଂ ଉପ ବିଜେତା ଦଳକୁ ୫୦ ହଜାର ଟଙ୍କା ନଗଦ ଏବଂ ଟ୍ରଫି ପ୍ରଦାନ କରାଯାଇଛି। ଆୟୋଜକ କମିଟିର ଅଧ୍ୟକ୍ଷ ଧୀରନ ମଲ୍ଲିକ, ଉପାଧ୍ୟକ୍ଷ ଅଭିନାଶ ଯାଦବ, ସଚିବ ଭଗବାନ ଜଗଦଲ୍ଲା, ଚେୟାରମେନ ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ଶମ୍ଭୁ ଯୋଶୀ, ସହକୋଷାଧ୍ୟକ୍ଷ ଚୁଡାମଣି ତନ୍ତୀ, ପରାମର୍ଶଦାତା ଆଦେଶ ସୁନା, ନାଗେଶର ଜଗଦଲ୍ଲା, ରାଜା ଚୌଧୁରୀ, ଘନଶ୍ୟାମ ତନ୍ତୀ, ଟିଙ୍କୁ ଗୋପ, ରାଜୀବ ତନ୍ତୀ, ତପନ ନାଗ, ଶିବ, ନାନକୁନ ଯାଦବ, ଟିଙ୍କୁ ଯାଦବ ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।




ଚାମ୍ପିୟନ ଦଳ ସହ ଅନ୍ୟମାନେ।

## ସଂକ୍ଷେପରେ

### ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

ସମ୍ବଲପୁର,୧୪ା୧(ପ୍ରମୋଦ ବହିଦାର)

ସମାଜସେବୀ ନିହାଲ ସିଂଙ୍କୁ ବଦନାମ କରିବା ପ୍ରୟାସ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ସମ୍ବଲପୁର ଜିଲା ଶାଖା। ମଙ୍ଗଳବାର ପୂର୍ବାହ୍ନରେ ପରିଷଦର ଜିଲା ଆବାହକ ହର୍ଦ୍ଧ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଗତ ୨୦୨୪ ଡିସେମ୍ବର ୧ରେ ବଲାଙ୍ଗୀର ଜିଲା ସାଲେଭଟାଠାରେ ଓ ଡିସେମ୍ବର ୨୫ ରେ ସମ୍ବଲପୁର ଜିଲା ଚାଉଁରପୁରଠାରେ ଆୟୋଜିତ ସଭାରେ ଯୋଗଦେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଶିବଶଙ୍କର ପ୍ରଧାନ, ହେମନ୍ତ ଗର୍ଡିଆଙ୍କ ସହିତ ସମାଜସେବୀ ନିହାଲ ସିଂ ବକ୍ତବ୍ୟ ରଖିଥିଲେ। ଏଥିରେ ସେ ବାବାସାହେବ ଡ. ଆମ୍ବେଡକରଙ୍କୁ ଭାରତ ନିର୍ମାଣରେ ପ୍ରମୁଖ ଭୂମିକା ନେଇଥିବା କହିଥିଲେ। ହେଲେ ତାଙ୍କ ବକ୍ତବ୍ୟକୁ କେତେଜଣ ଏହାକୁ ଭିନ୍ନ ଅର୍ଥରେ ଉପସ୍ଥାପନ କରିବା ଅପପ୍ରୟାସ କରୁଛନ୍ତି ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ତେଣୁ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦର ଜିଲା ସହଆବାହକ ଶାନ୍ତି ମାଝି, ଜିଲା ସମ୍ପାଦକ ନାରାୟଣ ବାରିକ, ଉପାଧ୍ୟକ୍ଷ ମହମ୍ମଦ ମୁସ୍ଲିମ୍, ମାମିନା ଖାତୁନ, ସୁରେଶ ବାଗ ପ୍ରମୁଖଙ୍କ ସମେତ ପରିଷଦର ସଦସ୍ୟମାନେ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସୋମବାର ବାବା ସାହେବଙ୍କ ପ୍ରତି ଅସାମ୍ବିଧାନିକ ଭାଷା ପ୍ରୟୋଗ ଜନିତ ଆଶାଳୀନ ମନ୍ତବ୍ୟ ଦେଇ ତାଙ୍କ ସମ୍ମାନହାନୀ କରିଥିବା ଅଭିଯୋଗ କରି ୧୦ରୁ ଅଧିକ ଦଳିତ ସଙ୍ଗଠନ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ।

### ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା,୧୪ା୧(ଆଶିଷ ରଞ୍ଜନ ଦାଶ)

ସ୍ଥାନୀୟ ବୁଡାପଡାଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ସ୍ୱାମୀ ବିବେକାନନ୍ଦ ସମାଜକଲ୍ୟାଣ ସଂଘର ୧୪ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ବୁଡାପଡାଠାରେ ଏକ ସଭାରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ, ବରିଷ୍ଠ ଓକିଲ ସିୟାରାମ ଦାସ, ସାମାଜିକ କର୍ମୀ ଦେବେନ୍ଦ୍ର ବାରିକ, ଅନିନ୍ଦ୍ୟ ରାଜ ଖଡ଼ଙ୍ଗା, ବିବେକାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆୟୋଜିତ ଦୁଇଦିନିଆ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ବିଜୟୀ ଦଳ ଏମ.କେ-୧୧ ଓ ରନର ଅପ ସାଧୁ-୧୧କୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲଆଇସିର ବସନ୍ତ ନାଥ, ଅବସରପ୍ରାପ୍ତ ଅଧ୍ୟାପକ ମାନେଶ୍ୱର ପଣ୍ଡା, ତାପସ ମିଶ୍ର, ଅଶୋକ କୁମାର ପାଟଯୋଶୀ ଖେଳ ଓ ବକ୍ତୃତା ପ୍ରତିଯୋଗିତା ବିଚାରକ ଭାବେ ଯୋଗଦେଇଥିବା ବେଳେ ଶଜେକ ସାର ପ୍ରତିଷ୍ଠାତା, ଜ୍ୟାକ ଡାନ୍ସ ଏକାଡେମୀ ଝାରସୁଗୁଡା ଓ ଶ୍ରୀ ଖାନ ସା ଜୁନିୟର ଡାନ୍ସ ପ୍ରତିଯୋଗିତା ବିଚାରକ ଭାବେ ଯୋଗଦେଇଥିଲେ।

# ହାୱା ମଇଦାନରେ କାଇଟ୍ ଫେଷ୍ଟିଭାଲ




ଫେଷ୍ଟିଭାଲରେ ମଞ୍ଚାସୀନ ଅତିଥିମାନେ। କାଇଟ୍ ଫେଷ୍ଟିଭାଲରେ ବାଳିକାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

- ରଙ୍ଗବେରଙ୍ଗର କାଇଟ୍‌ରେ ନୀଳ ଆକାଶ ହେଲା ରଙ୍ଗିନ
- ମକର ସଂକ୍ରାନ୍ତି ତିକ୍ତତାକୁ ଭୁଲି ବନ୍ଧୁତାର ଭାବ ଜାଗ୍ରତ କରେ

ସମ୍ବଲପୁର,୧୪ା୧(ବି.ଶଙ୍କର)

ପବିତ୍ର ମକର ସଂକ୍ରନ୍ତି ତିଥିରେ ସମ୍ବଲପୁର ୟୁଥ ଅୟୋଜନରେ କାଇଟ୍ ଫେଷ୍ଟିଭାଲ ସ୍ଥାନୀୟ ହାୱା ମଇଦାନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରଙ୍ଗ ବେରଙ୍ଗର କାଇଟ୍‌ରେ ନୀଳ ଅକାଶ ରଙ୍ଗୀନ ହୋଇଥିଲା। ଏହି ସୌନ୍ଦର୍ଯ୍ୟ ଭରା ଦୃଶ୍ୟ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲା। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ପବିତ୍ର ମକର ସଂକ୍ରନ୍ତି ପ୍ରକୃତରେ ମିତ୍ରତାର ପର୍ବ ଅଟେ। ତିକ୍ତତାକୁ ଭୁଲି ପରସ୍ପର ମଧ୍ୟରେ ବନ୍ଧୁତାର ଭାବ ପରିପ୍ରକାଶ କରିବା। ଏଥିସହ ସମାଜ ଓ ପରିବାରକୁ ମିତ୍ରତାର ଗୋଟିଏ ଡୋରିରେ ବାନ୍ଧି ରଖିବା ମକର ସଂକ୍ରନ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ।

ବିଧାୟକ ମିଶ୍ର କହିଥିଲେ, ମକର ସଂକ୍ରାନ୍ତି ମୈତ୍ରର ପର୍ବ। ଏଥିସହ ଯୁବତୀ, ଯୁବକ, ବାଳିକା ଓ ବାଳକମାନେ ପତାଙ୍ଗି (ଗୁଡି) ଉଠାଇଥାନ୍ତି। ଯଦ୍ୱାରା ସମସ୍ତଙ୍କର ମନ ପତାଙ୍ଗି ପରି ଶୀର୍ଷକୁ ଛୁଇଁବାର ଇଚ୍ଛା କରିଥାଏ। କାଇଟ୍ ଫେଷ୍ଟିଭାଲରେ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ପ୍ରାନ୍ତିୟ ବିଚାର ଧାରାରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତେ ସାମିଲ ହୋଇଥିଲେ। ବିଭିନ୍ନ ଭାଷାଭାଷୀ, ସଂସ୍କୃତି, ପରମ୍ପରା ଓ ବିଚାରଧାରାର ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମକର ସଂକ୍ରାନ୍ତି କେବଳ ଓଡ଼ିଆ କିମ୍ବା କୌଣସି ଗୋଟିଏ ଅଞ୍ଚଳର ପର୍ବ ନୁହେଁ। ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ ଏହି ଦିନଟିକୁ ଭିନ୍ନ ନାମରେ ଓ ଢଙ୍ଗରେ ପାଳନ କରାଯାଏ ବୋଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଙ୍ଗଠନ ସଭାପତି ରିକନ ପଟ୍ଟନାୟକ ସୂଚନା ଦେଇଥିଲେ। ପ୍ରେମାନନ୍ଦ ମହାକୁଡ ଓ ଦଶରଥ ମେହେରଙ୍କ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ଭୋଇ, ଅନିରୁଦ୍ଧ ଶର୍ମା, ରାହୁଲ ଗୁପ୍ତା, ପର୍ଶୁରାମ ପଣ୍ଡା, ତାପସ ପଣ୍ଡା, ସ୍ୱାଗତ ଘଡ଼େଇ, ମାନସ ରଞ୍ଜନ ବକ୍ସି, ସ୍ୱାଗତ ପାଢ଼ୀ, ପ୍ରୀତିନନ୍ଦା କର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ସମ୍ମାନିତ ଏବଂ ସଙ୍ଗୀତ ଓ ନୃତ୍ୟ ବିଚିତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜିତ ହୋଇଛି। ଜୁନିୟର, ସିନିୟର ଏବଂ ଦଳଗତ ନୃତ୍ୟ ପ୍ରତିଯୋଗିତା, କାଇଟ୍ କ୍ରାଫ୍ଟ, ରଙ୍ଗୋଲି, ସେଲ୍ଫି ପ୍ରତିଯୋଗିତା ଚଳିତ ବର୍ଷର ଆକର୍ଷଣୀୟ ଥିଲା। ଏଥିସହ ଗତ ଏଚ୍‌ଏସସି, ସିବିଏସସି, ଆଇସିଏସଇ ପରୀକ୍ଷାରେ ସମ୍ବଲପୁର ଜିଲାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷା ଓ ସ୍ୱଚ୍ଛତା ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଙ୍ଗଠନକୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ। କାଇଟ୍ ଫେଷ୍ଟିଭାଲରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଅପରାହ୍ନ ଓ ସନ୍ଧ୍ୟା କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ, ଯୁବନେତା ରାମଦାସ ପଣ୍ଡା ଓ ସୁବ୍ରତ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ରାମାଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉମାଶଙ୍କର ଦାଶ, ଜ୍ୟୋତିରାଦିତ୍ୟ ମହାନ୍ତି, ସ୍ୱାଗତ ବିଶ୍ୱାଳ, ଆଦ୍ୟ ଅନୁଷ୍କା ପାଣି, ଲକ୍ଷ୍ମୀପ୍ରିୟା ପତି, ଅମୃତ ସାଗର ପଣ୍ଡା, ହରଲିନ କୌର, ଅର୍ଚ୍ଚିକା ପ୍ରିୟଦର୍ଶନୀ ପଣ୍ଡା ଉଦ୍‌ଘୋଷକ ଥିଲେ।

## ଅର୍ଚ୍ଚିତା କନିଷ୍ଠ, ବରିଷ୍ଠରେ କରିସ୍ମା ପ୍ରଥମ



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ରେଢ଼ାଖୋଲ, ୧୪ା୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସନ୍ଥକବି ଭୀମ ଭୋଇ ଏକାଡେମୀ ପକ୍ଷରୁ ମଙ୍ଗଳବାର ଭୀମ ଭୋଇଙ୍କ ଭଜନ ପ୍ରତିଯୋଗିତା ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ବାଳିକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରାୟ ୪୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କନିଷ୍ଠ ବିଭାଗରେ ଅର୍ଚ୍ଚିତା କର୍ମୀ ପ୍ରଥମ, ରମାଉତ୍ସର୍ଗିତା ଧଳ ଦ୍ୱିତୀୟ, ସୁକୁମତି ବଙ୍କିରା ତୃତୀୟ ଏବଂ ବରିଷ୍ଠ ବିଭାଗରେ କରିସ୍ମା ପ୍ରଧାନ ପ୍ରଥମ, ତିଲୋତ୍ତମା ସିଂ ଦ୍ୱିତୀୟ ଓ ପଦ୍ମା ହାତୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ସମାରୋହରେ ଗୀତିକାର ରତନ ପୂଜାରୀ, ରୋଖୋଲ ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ, ନାଟ୍ୟକାର ପ୍ରଶାନ୍ତ

**ଭୀମ ଭୋଇଙ୍କ ଭଜନ ପ୍ରତିଯୋଗିତା**

ମାଝୀ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଭୀମ ଭୋଇଙ୍କ ଭଜନ ପ୍ରତିଯୋଗିତା ଆୟୋଜନ ବିରଳ। ସନ୍ଥକବି ଜଣେ ସମାଜ ସଂସ୍କାରକ ଥିଲେ। ସେଥିପାଇଁ ସେ ଲେଖନୀ ଚାଳନା କରିଥିଲେ। କବିତା, ଭଜନ, ଜଣାଣ ମାଧ୍ୟମରେ ଲୋକଙ୍କୁ ପାଖକୁ ସମାଜର ବାର୍ତ୍ତା ପହଞ୍ଚାଉଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏକାଡେମୀ ଅଧ୍ୟକ୍ଷ ମୁରଲୀଧର ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଅନୀଲ ମେହେର ପରିଚାଳନା କରିଥିବା ବେଳେ ଉପଦେଷ୍ଟା ମହାବୀର ସିଂଦେଓ ଧନ୍ୟବାଦ ଦେଇଥିଲେ। ଶକୁନ୍ତଳା ଜେନା ଓ ପୁଷ୍ପାଞ୍ଜଳି ଦୋରା ବିଚାରକ ଥିଲେ। ହିମାଂଶୁ ଶେଖର ପ୍ରଧାନ, ସ୍ମାରକ ବିଶ୍ୱାଳ, ପରୀକ୍ଷିତ ଦାଶ, ସିକୁନ ମହାନ୍ତି, ଆଦିକନ୍ଦ ପ୍ରଧାନ, ସୁଶୀଲ ବାରିକ, ବିକାଶ ଶାସନୀ ଏଥିରେ ସହଯୋଗ କରିଥିଲେ।

## ସାହିତ୍ୟ, ସଙ୍ଗୀତ ଯୋଗର ଅଂଶବିଶେଷ

ସମ୍ବଲପୁର, ୧୪ା୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସିନ୍ଦୁରପଙ୍କସ୍ଥିତ ପୀତାବଳୀ ମନ୍ଦିର ପରିସରରେ ଯୋଗ ପରିବାର ପକ୍ଷରୁ ମଙ୍ଗଳବାର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଗବେଷକ ଅଧ୍ୟାପକ ମୋହନ ସାହୁ କହିଥିଲେ, ସାହିତ୍ୟ ଏବଂ ସଙ୍ଗୀତ ଯୋଗର ଅଂଶବିଶେଷ। ତିନୋଟି ଯାକ ବିଷୟ ସାଧନା ଉପରେ ଆଧାରିତ। ତିନୋଟି ଯାକ କ୍ଷେତ୍ରରେ ସାଧନାରତ ମଣିଷ ହିଁ ସଫଳତା ପାଇଥାଏ। ସମ୍ବଲପୁରୀ ଲୋକ ସଂସ୍କୃତିକୁ ନେଇ ମଞ୍ଚାସୀନ ଅତିଥିମାନେ ସ୍ୱମତ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଆକାଶବାଣୀ ଗୀତିକାର ବିଭୂତି ଭୂଷଣ ନାଥଙ୍କ ଦୁଇଟି ଗୀତିକବିତା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଆକାଶବାଣୀ କଣ୍ଠଶିଳ୍ପୀ ତେଜରାଜ ନାୟକ, ବିଭୂତି ପଟ୍ଟନାୟକ, ମୋତିଲାଲ ଦୋରା, ଫକିର ପୃଷ୍ଟି, ସନ୍ତୋଷ ଦାସ ପ୍ରମୁଖ ବିଭୂତି ଭୂଷଣ ନାଥଙ୍କ ଗୀତି କବିତା ପୁସ୍ତକ ଝାରମଲୀ ଏବଂ ସ୍ୱର ଲହରୀକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସମ୍ବଲପୁରୀ ଗାୟକ ବିଭୂତି ପଟ୍ଟନାୟକ ମକର ମିଳନ ଅବସରରେ ବିଭୂତି ନାଥଙ୍କ ଗୀତିକବିତା ପୁସ୍ତକ ଆକାରରେ ପ୍ରକାଶିତ ହେବା ନେଇ ଖୁସି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ତେଜରାଜ ନାୟକ ଏବଂ ସନ୍ତୋଷ ମିଶ୍ର ମଧ୍ୟ ବିଭୂତି ଭୂଷଣ ନାଥଙ୍କ ରଚିତ ଲୋକପ୍ରିୟ ପୁରୁଣା ଗୀତ ପରିବେଷଣ କରିଥିଲେ। ସମ୍ବଲପୁରୀ ଲୋକସଙ୍ଗୀତ ଭିତରେ ଅନେକ କିଛି ହଜିବାକୁ ବସିଥିବା ବେଳେ ଏଭଳି ପ୍ରୟାସ ଜରିଆରେ ସେହି ପୁରୁଣା ସଂସ୍କୃତିକୁକୁ ପୁନର୍ଜୀବିତ କରାଯାଇ ପାରିବ ବୋଲି ସନ୍ତୋଷ ମିଶ୍ର କହିଥିଲେ। ଅନ୍ୟତମ ଅତିଥି ମୋତିଲାଲ ଦୋରା କହିଥିଲେ, ବିଭୂତି ନାଥ ଛୋଟ ସମୟରୁ ବହୁ ଗୀତି କବିତା ରଚନା କରିଥିବା ସତ୍ତ୍ୱେ ସେଗୁଡିକୁ ବହି ରୂପରେ ପ୍ରକାଶିତ ହୋଇ ପାରିନାହିଁ। ଏବେ ସେଗୁଡିକ ନୂଆ ଗାୟକ ଏବଂ ପାଠକଙ୍କ ପାଖରେ ପହଞ୍ଚି ପାରିବ। ଏହି ଅବସରରେ ଯୋଗ ପରିବାରର ସୁଧୀର ମିଶ୍ର, ଅର୍ପିତା ମିଶ୍ର, ରଘୁମଣି ନାୟକ ସଙ୍ଗୀତ ପରିବେଷଣ କରିଥିଲେ। ସାରସ୍ୱତ ସମାରୋହରେ ଯୋଗ ପରିବାରର ସଦସ୍ୟା ସୁଜାତା ସ୍ୱାଇଁ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଡଲିମା ଭୋଇ, ପ୍ରଜ୍ଞା ହୋତା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶଶିକାନ୍ତ ଜେନା, ରାକ୍ଷୀ ମିଶ୍ର, ବିକାଶ ତ୍ରିପାଠୀ, ବିରଞ୍ଚି ନାରାୟଣ ନାୟକ, ପ୍ରଦୀପ୍ତ କିଶୋର ସୁଶାରୀ, କ୍ଷିତୀଶ କୁମାର ବିଶ୍ୱାଳ, ଉଦୀପ୍ତ ତ୍ରିପାଠୀ, ସଞ୍ଜୀବ ଦାଶ, ନରେନ୍ଦ୍ର ପଟେଲ, ମାନସ ରଞ୍ଜନ ହୋତା, ଉଗ୍ରସେନ ପୋଢ଼, ରାଜେନ୍ଦ୍ର ବାଗ, ହୃଷୀକେଶ ବେହେରା, ହରିହର ମିଶ, ସବ୍ୟସାଚୀ ପଣ୍ଡା ସହଯୋଗ କରିଥିଲେ। ଶେଷରେ ବିଚିତ୍ରାନନ୍ଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।




ଯୋଗ ପରିବାର ପକ୍ଷରୁ ଆୟୋଜିତ ସାରସ୍ୱତ ସମାରୋହରେ ଅତିଥିବୃନ୍ଦ।

## ୬୩ ଗାଁରେ ମୋବାଇଲ ଇଣ୍ଟରନେଟ ସେବା ଅପହଞ୍ଚ

ନାକଟିଦେଉଳ, ୧୪ା୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ୧୪ ଗ୍ରାମ ପଞ୍ଚାୟତର ୬୩ଟି ଗ୍ରାମକୁ ନିରବଚ୍ଛିନ୍ନ ମୋବାଇଲ ଏବଂ ଇଣ୍ଟରନେଟ ସେବା ଅପହଞ୍ଚ ରହିଛି। ପାଣିମୁରା ଏବଂ ଘୋଷରାମାଳ ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମ ଏହି ସେବାରୁ ବଞ୍ଚିତ ରହିଛି। ଫଳରେ ସ୍କୁଲ, କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ଅନଲାଇନ କ୍ଲାସ କରିପାରୁ ନାହାନ୍ତି। ଆଭ୍ୟନ୍ତରୀଣ ଗ୍ରାମ ମାନଙ୍କରେ ମୋବାଇଲ ନେଟୱର୍କ ନ ଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସକୁ ଖବର ଦେବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରୁ ମୋବାଇଲ ଏବଂ ଇଣ୍ଟରନେଟ ସେବା ମିଳି ପାରୁ ନ ଥିବା ଗ୍ରାମକୁ ଯାଇ ସର୍ଭେ ପରେ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଯେଉଁ ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ନାହିଁ ତାହାର ତାଲିକା ସମ୍ବଲପୁର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ।

## ଢୁମେସିଂହାରେ ପୁଷପୁନି ଜୁହାର ଉତ୍ସବ

ସମ୍ବଲପୁର,୧୪ା୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଢୁମେସିଂହା ଗ୍ରାମରେ ପୁଷପୁନି ଜୁହାର ଉତ୍ସବ ଆୟୋଜିତ ହୋଇଯାଇଛି। କମଲ ଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ କମ୍ବଳ ବଣ୍ଟନ




ଆଶ୍ରୟସ୍ଥଳୀରେ ରହୁଥିବା ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

ସମ୍ବଲପୁର, ୧୪ା୧(ଭବାନୀ ଶଙ୍କର ଭୋଇ)

ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସମ୍ବଲପୁର ଏବଂ ଝାରସୁଗୁଡା ଜିଲାର ବିଭିନ୍ନ ଆଶ୍ରୟସ୍ଥଳୀରେ ରହୁଥିବା ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ଲପଙ୍ଗା ପଞ୍ଚାୟତର ଭୂଇଲାଡିହି, ଯୁଯୋମୁରା ବ୍ଲକର ଫୁଲଝରନ ସ୍ଥିତ ଡକ୍ଟର ଆଇଜାକ ସାନ୍ତରା ବାଳନିକେତନ, ରେଡକ୍ରସ ପରିଚାଳିତ ପାର୍ବତୀ ଗିରି ମାତୃଭବନ, ରୁକ୍ମିଣୀ ଲାଠ ବାଳ ନିକେତନ ଶିଶୁ ଯତ୍ନ କେନ୍ଦ୍ର, ସମ୍ବଲପୁରର ସମର୍ଥ ମାନସିକ ଗୃହ ଆଶ୍ରୟସ୍ଥଳ ଏବଂ ଝାରସୁଗୁଡା ଜିଲାର ବଞ୍ଜାରୀ ସମେତ ବିଭିନ୍ନ ଆଶ୍ରମରେ ରହୁଥିବା ଅନ୍ତୋବାସୀଙ୍କୁ ୩୫୦ଟି କମ୍ବଳ ବଣ୍ଟନ କରାଯାଇଛି। ଆଶ୍ରୟସ୍ଥଳରେ ରହୁଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଆଜିଠାରୁ ସମ୍ବଲପୁରୀ ଧନୁଯାତ୍ରା



ଗଙ୍ଗାଧର ମଞ୍ଚର ସୁସଜ୍ଜିତ ମଞ୍ଚ ସମ୍ମୁଖରେ ପ୍ରଚାର ରଥ ସହ ଧନୁଯାତ୍ରା କଳାକାର।

ସମ୍ବଲପୁର, ୧୪ା୧(ଭବାନୀ ଶଙ୍କର ଭୋଇ)

ଆଜିଠାରୁ ଆରମ୍ଭ ହେବ ସମ୍ବଲପୁରୀ ଧନୁଯାତ୍ରା। ବୁଧବାର ସକାଳେ ଇଷ୍ଟଦେବୀ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ସହ ଆରମ୍ଭ ହେବ ଦ୍ୱିତିୟ ବର୍ଷର ସମ୍ବଲପୁରୀ ଧନୁଯାତ୍ରା। ୫ଦିନ ଧରି ହେବାକୁ ଥିବା ଧନୁଯାତ୍ରାରେ କଂସ ଦରବାର, ରଙ୍ଗସଭା ଅନୁଷ୍ଠିତ ହେବା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମହାରାଜ କଂସ ହାତୀରେ ବିରାଜମାନ କରି ନଗର ପରିକ୍ରମା କରିବେ। ଏହା କେବଳ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହଁ, ବରଂ ସମ୍ବଲପୁରୀ ସାଂସ୍କୃତିକ ଆନ୍ଦୋଳନ ବୋଲି ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ କହିଛନ୍ତି। ମ୍ୟୁନିସିପାଲିଟି ଛକ ସ୍ଥିତ ଗଙ୍ଗାଧର ମଣ୍ଡପକୁ କଂସ ବରବାର ଓ ଚାଉଁରପୁରକୁ ଗୋପପୁରଭାବେ ସଜ୍ଜିତ କରାଯାଇଛି। ଫଣିନ୍ଦ୍ର ପଣ୍ଡା କଂସ ଭୂମିକାରେ ଅଭିନୟ କରିବେ।

## ହରିହରଙ୍କ ଅଲୌକିକ ମିଳନ ପାଇଁ ପ୍ରବଳ ଗହଳି

**ବାମରା ମକର ମହୋତ୍ସବ ଉଦ୍‌ଘାଟିତ**

କୁଚିଣ୍ଡା,୧୪ା୧୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରାଠାରେ ୧୧୦ତମ ମକର ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ହରିହର ମିଳନ ନିମନ୍ତେ ଏକ ମଣ୍ଡପ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା ଓ କଲ୍ୟାଣ ମଣ୍ଡପ ପାଇଁ ୯୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। କେଞ୍ଚୁପାଣି ସ୍ଥିତ ଧବଳେଶର ମନ୍ଦିରରୁ ବାବା ଧବଳେଶର ମହାଦେବ ରଥାରୂଢ଼ ହୋଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ୯ କି.ମି ଏକ ଶୋଭାଯାତ୍ରା ମାଧ୍ୟମରେ ବାମରା ମକର ମେଲଣ ପଡିଆରେ ପହଞ୍ଚିଥିଲେ। ଅନ୍ୟ ପକ୍ଷରେ ବାମରା ଶ୍ରୀ ଜଗନ୍ନାଥ ମନ୍ଦିରରୁ ପ୍ରଭୁ ମଦନ ମୋହନ ରଥାରୂଢ଼ ହୋଇ ନଗର ପରିକ୍ରମା କରି ମକର ମେଲଣ ପଡିଆରେ ପହଞ୍ଚି ଥିଲେ। ଯଥା ରୀତି ଅନୁଯାୟୀ ହରି ଓ ହର ମହାପ୍ରଭୁ ମକର ବସିଥିଲେ। ଏହି ଅଲୌକିକ ଓ ଦିବ୍ୟ ଦୃଶ୍ୟକୁ ଦେଖିବା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶୈବ ଓ ବୈଷ୍ଣବ ଧର୍ମାବଲମ୍ବୀଙ୍କ ମଧ୍ୟରେ ସାମଞ୍ଜସ୍ୟ ରଖିବା ଏବଂ ବାମଣ୍ଡା ରାଜକୁମାରୀ ଜେମାଦେଇଙ୍କ କଳାହାଣ୍ଡି ମହାରାଜଙ୍କ ବାହାଘର ସ୍ମୃତିକୁ ସ୍ମରଣିୟ କରିବା ଉଦ୍ଦେଶ୍ୟରେ ତତ୍କାଳୀନ ବାମଣ୍ଡା ରାଜା ବାମରା ମକର ମେଳାର ଶୁଭାରମ୍ଭ କରିଥିଲେ। ୧୯୧୮ ମସିହାରୁ ଆରମ୍ଭ ହୋଇଥିବା ମକର ମେଳାକୁ ଏବେ ମହୋତ୍ସବ ରୂପେ ପାଳନ କରାଯାଉଛି। ମନ୍ତ୍ରୀ ନାଏକଙ୍କ ନିର୍ଦ୍ଦେଶରେ ଚଳିତବର୍ଷ ପ୍ରଥମ ଥରପାଇଁ ପଲ୍ଲୀଶ୍ରୀ ମେଳାର ଆୟୋଜନ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ରଙ୍ଗିଆଟିକିରା ଗୌନ୍ତିଆ ଟଙ୍କଧର ନାଏକ, ଲରିଆପାଲି ଗୌନ୍ତିଆ ସୁରେନ୍ଦ୍ର ପଟେଲ, ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୂରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାଶ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ଭାଜପା ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ, ପାପୁନ ସିଂ, ପ୍ରମୋଦ ନାୟକ, ଦୁର୍ଗା ପ୍ରସାଦ ମିଶ୍ର ଉଦଘାଟନୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଞ୍ଜିବ ପାଲ, ଯୋଗବିହାରି ପରିଡ଼ା, ପଣ୍ଡିତ ଅଜୟ ପୁରୋହିତ, ସୁବ୍ରତ ମିଶ୍ର ହରିହର ମିଳନ ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବ ଆସନ୍ତା ୨୧ରେ ଉଦଯାପିତ ହେବ।



ହରିହରଙ୍କ ଅପୂର୍ବ ମିଳନ ଦେଖିବାକୁ ପ୍ରବଳ ଜନସମାଗମ।

## ରାଜ୍ୟରେ ବଢୁଛି, ସମ୍ବଲପୁରରେ କମୁଛି

**ସମ୍ବଲପୁର ଜିଲାରେ ୩୧ ବର୍ଗ କିମି ଜଙ୍ଗଲ ହ୍ରାସକୁ ନେଇ ପରିବେଶପ୍ରେମୀଙ୍କ ଉଦ୍‌ବେଗ**

ସମ୍ବଲପୁର,୧୪ା୧(ପ୍ରମୋଦ ବହିଦାର)

ସରକାରଙ୍କ ପକ୍ଷରୁ ନୂତନ ବନୀକରଣ ନାମରେ ବନ ବିଭାଗ ଜରିଆରେ ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ଏହା ସମ୍ବଲପୁର ଜିଲାରେ ଫଳପ୍ରଦ ହେବା ଅନୁଭୂତ ହେଉନାହିଁ। ଜିଲାରେ କ୍ରମଶଃ ଜଙ୍ଗଲ ହ୍ରାସ ପାଉଛି। ଏହାକୁ ନେଇ ପ୍ରକୃତିପ୍ରେମୀ ଓ ପରିବେଶ୍‌ବିତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କେନ୍ଦ୍ର ବନ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ଗତ ୨୦୨୪ ଡିସେମ୍ବର ୨୧ରେ ଉନ୍ମୋଚିତ ଭାରତୀୟ ବନ ସର୍ବେକ୍ଷଣ-୨୦୨୩ର ରିପୋର୍ଟ ଅନୁସାରେ ଓଡ଼ିଶାର ବନକ୍ଷେତ୍ର ୧୫୨ବର୍ଗ କିଲୋମିଟର ବୃଦ୍ଧି ପାଇଛି। ମାତ୍ର ସମ୍ବଲପୁର ଜିଲାର ବନକ୍ଷେତ୍ର ୩୧.୨୭ ବର୍ଗ କିଲୋମିଟର ହ୍ରାସ ପାଇଥିବା ଜଣାପଡ଼ିଛି। ତେବେ ସମ୍ବଲପୁର ଜିଲାରେ ବନକ୍ଷେତ୍ର ହ୍ରାସ ପାଇଥିଲେ ହେଁ ବର୍ତ୍ତମାନ ମଧ୍ୟ ଜିଲାର ଆୟତନ ତୁଳନାରେ ୪୯.୮୮ ପ୍ରତିଶତ ଜଙ୍ଗଲ ରହିଛି। ଭାରତୀୟ ବନ ସର୍ବେକ୍ଷଣ(ଏଫ୍‌ଏସଆଇ)ର ରିପୋର୍ଟ ପ୍ରତି ଦୁଇବର୍ଷରେ ଥରେ ପ୍ରକାଶ ପାଇଥାଏ। କେନ୍ଦ୍ର ବନ ଓ ପରିବେଶ ମନ୍ତ୍ରୀ ଯାଦବଙ୍କ ଦ୍ୱାରା ଉନ୍ମୋଚିତ ୨୦୨୩ ମସିହାର ସର୍ବେକ୍ଷଣ ରିପୋର୍ଟରୁ ଭାରତୀୟ ବନ ସର୍ବେକ୍ଷଣ ବିଭାଗ ପକ୍ଷରୁ ସମ୍ବଲପୁର ଜିଲାର ବିଭିନ୍ନ ବନଖଣ୍ଡର ୬୬୫୭ ବର୍ଗ କିଲୋମିଟର ଜଙ୍ଗଲଜମି ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣର ରିପୋର୍ଟ ଅନୁସାରେ ଜିଲାରେ ୩୩୨୦.୨୯ ବର୍ଗ କିଲୋମିଟର ବନକ୍ଷେତ୍ର ଥିବା ଆକଳନ କରାଯାଇଛି। ସେଥିମଧ୍ୟରୁ ୫୩୬.୪୭ ବର୍ଗ କିଲୋମିଟରରେ ଘଞ୍ଚ ଜଙ୍ଗଲ ରହିଛି। ସର୍ବେକ୍ଷଣ ହୋଇଥିବା ସମ୍ବଲପୁର ସଦର ବନଖଣ୍ଡରେ ୨୨୫୪ ବର୍ଗ କିଲୋମିଟର ଜଙ୍ଗଲ ଜମି ମଧ୍ୟରୁ ୭୪୫.୮୭ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଯାହାକି ସମଗ୍ର ବନଖଣ୍ଡର ୩୩.୦୯ ପ୍ରତିଶତ। ତେବେ ଏହି ବନଖଣ୍ଡରେ ପ୍ରାୟ ୧୨ ପ୍ରତିଶତ ଜଙ୍ଗଲ ହ୍ରାସ ପାଇଛି। ରେଢ଼ାଖୋଲ ବନଖଣ୍ଡରେ ହୋଇଥିବା ୨୦୫୦ବର୍ଗ କିଲୋମିଟର ଅଞ୍ଚଳରେ ସର୍ବେକ୍ଷଣରୁ ୧୪୦୨ ବର୍ଗ କିଲୋମିଟର କ୍ଷେତ୍ରରେ ୬୮.୩୯ ପ୍ରତିଶତ ଜଙ୍ଗଲ ରହିଛି। ଏହି ବନଖଣ୍ଡରେ ମଧ୍ୟ ୧.୯୫ ବର୍ଗ କିଲୋମିଟ ଜଙ୍ଗଲ ହ୍ରାସ ପାଇଛି। ସେହିପରି ବାମରା ବନ୍ୟପ୍ରାଣୀ ବନଖଣ୍ଡରେ ହୋଇଥିବା ୨୩୫୧ ବର୍ଗ କିଲୋମିଟର କ୍ଷେତ୍ରରେ ସର୍ବେକ୍ଷଣରୁ ୧୧୭୨ବର୍ଗ କିଲୋମିଟର ତଥା ୪୯.୮୪ ପ୍ରତିଶତ କ୍ଷେତ୍ରରେ ଜଙ୍ଗଲ ରହିଛି। ଏଠାରେ ପୂର୍ବ ସର୍ବେକ୍ଷଣ ତୁଳନାରେ ୧୮ ବର୍ଗକିଲୋମିଟର ଜଙ୍ଗଲ ହ୍ରାସ ପାଇଛି। ବନକ୍ଷେତ୍ର ହ୍ରାସ ପଛରେ ଅନେକ କାରଣ ରହିଛି। ସେଥିମଧ୍ୟରେ ବନାଗ୍ନିକୁ ଏକ ମୁଖ୍ୟ କାରଣ ଭାବେ ଗ୍ରହଣ କରାଯାଇପାରେ। ମିଳିଥିବା ତଥ୍ୟ ଅନୁସାରେ ସମ୍ବଲପୁର ଜିଲାରେ ୨୦୨୨-୨୩ ବର୍ଷରେ ୨୨୪୮ଟି ବନାଗ୍ନି ମାମଲା ରୁଜୁ ହୋଇଥିବା ବେଳେ ୨୦୨୩-୨୪ରେ ଏହି ମାମଲା ଥିଲା ୬୯୨ଟି। ଉକ୍ତ ଦୁଇ ବନାଗ୍ନୀରେ ସମଗ୍ର ଜିଲାରେ ଥିବା ବ୍ୟାପକ ବନକ୍ଷେତ୍ର ନଷ୍ଟ ହୋଇଥିବା ଆକଳନ କରାଯାଇଛି। ଏ ନେଇ ସମ୍ବଲପୁର ମଣ୍ଡଳ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍) ଟି. ଅଶୋକ କୁମାର ଖୋଲା ଜଙ୍ଗଲ ହ୍ରାସକୁ ସ୍ୱୀକାର କରିଥିଲେ। ମାତ୍ର ଜିଲାରେ ଘଞ୍ଚ ଓ ସାମାନ୍ୟ ଜଙ୍ଗଲର ବୃଦ୍ଧି ପାଇବା ଖୁସିର ବିଷୟ। ୨୦୨୧ ମସିହା ତୁଳନାରେ ୨୦୨୩ ମସିହାର ତଥ୍ୟ ଅନୁଯାୟୀ ସମ୍ବଲପୁର ଜିଲାରେ ଘଞ୍ଚ ଜଙ୍ଗଲ ୪୯୨.୬୭ ବର୍ଗ କିଲୋମିର ବୃଦ୍ଧି ପାଇଛି। ସେହିପରି ମଧ୍ୟମ ଜଙ୍ଗଲ ମଧ୍ୟ ବର୍ଷ ୨୦୨୧ ତୁଳନାରେ ୧୫୧୪.୭୦ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ତେବେ ଖୋଲା ଜଙ୍ଗଲରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ଜଙ୍ଗଲ ହ୍ରାସ ପାଇଥାଏ। ବନାଗ୍ନି ମଧ୍ୟ ଏହାର ଅନ୍ୟତମ କାରଣ। ତେଣୁ ଜଙ୍ଗଲ ହ୍ରାସର ସଠିକ କାରଣ କହିବା କଷ୍ଟକର ବୋଲି କହିଛନ୍ତି ମୁଖ୍ୟ ବନ ସଂରକ୍ଷକ କୁମାର।

# ଖରିଫ ଧାନ ଅମଳ କରୁଥିଲେ...



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାରଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (୧ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ ।

# ଫସଲ ଉତ୍ପାଦନରେ ସଲ୍‌ଫରର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ସଫଳ ଫସଲ ଉତ୍ପାଦନ ପାଇଁ ୧୭ ଗୋଟି ଖାଦ୍ୟ ଉପାଦନର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ସଲ୍‌ଫର ବା ଗନ୍ଧକ ଅନ୍ୟତମ । ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପଟାସ୍‌ଠାରୁ ସଲ୍‌ଫରର ଆବଶ୍ୟକତା ଫସଲ ପାଇଁ କମ୍ । କିନ୍ତୁ ଫସଲ ମାଟିରୁ ଯେତେ ପରିମାଣର ଫସ୍‌ଫରସ୍ ଶୋଷଣକରେ, ସେତିକି ପରିମାଣର ସଲ୍‌ଫରକୁ ମାଟିରୁ ଗ୍ରହଣ କରିଥାଏ । ହେଲେ ସଲ୍‌ଫର ଏକ ଗୌଣ ଖାଦ୍ୟ ଉପାଦାନ । ମାଟିରେ ସଲ୍‌ଫରର ସାମାନ୍ୟ ଅଭାବରେ ଫସଲ ଅମଳ ଆଶାନୁରୂପ ମିଳେନାହିଁ।

ସଲ୍‌ଫର ଫସଲର ପତ୍ରରେ ହରିତ୍ କଣିକା ଏବଂ ପ୍ରୋଟିନ୍ ପ୍ରସ୍ତୁତିରେ ସାହାଯ୍ୟକରେ । ଫସଲର ଶକ୍ତି ବୃଦ୍ଧି ପାଇଁ ସଲ୍‌ଫରର ବଡ଼ ଭୂମିକା ଅଛି । ଫସଲର ଫଳ ଏବଂ ମଞ୍ଜିରେ ସଲ୍‌ଫର ଥାଓମିନ୍ ଏବଂ ବାଇଓଟିନ୍ ନାମକ ଦୁଇଟି ଭିଟାମିନ୍ ତିଆରିକରେ । ଫସଲରେ ପ୍ରସ୍ତୁତ ଏନ୍‌ଜାଇମ୍‌କୁ ସକ୍ରିୟକରି ଫସଲର ବିଭିନ୍ନ ଅଙ୍ଗ ବୃଦ୍ଧିରେ ସଲ୍‌ଫର ବଡ଼ ଭୂମିକା ନିଏ । ତୈଳବୀଜ ଫସଲର ମିରେ ତେଲ ଅଂଶ ବଢାଇବା ସଲଫରର କାମ । ସୋରିଷ ତେଲର ବାସନା ସଲଫରରେ ଥିବା ଏକ ରାସାୟକ ପଦାର୍ଥ ଯୋଗୁଁ ହୋଇଥାଏ । ପିଆଜ ଏବଂ ରସୁଣର ତୀବ୍ର ବାସନା ପାଇଁ ସଲ୍‌ଫର ଦାୟୀ ।

ମାଟିରେ ସଲ୍‌ଫରର ଅଭାବରେ ଫସଲର ଉପର ପତ୍ର ହଳଦିଆ ହୁଏ । ତଳ ପତ୍ର ଫିକା ସବୁଜ ଥାଏ । ଯବକ୍ଷାରଯାନ ସାର ପ୍ରୟୋଗରେ ଗଛର ତଳ ପତ୍ର ଗାଢ଼ ସବୁଜ ହୁଏ, କିନ୍ତୁ ଉପର ପତ୍ରର ହଳଦିଆ ରଙ୍ଗର କୌଣସି ପରିବର୍ତ୍ତନ ହୁଏ ନାହିଁ । ଗଛର ଉଚ୍ଚତା କମେ । ଫସଲର ଶାଖା ପ୍ରଶାଖା ନରମ ନ ହୋଇ ଟାଣହୁଏ । ତୈଳବୀଜ ମଞ୍ଜିର ତେଲ ଅଂଶ କମେ । ଡାଲି ଜାତୀୟ ଫସଲର ଚେରରେ ଭାତୁଡ଼ି ବା ଗ୍ରନ୍ଥିକା ପରିମାଣ କମେ । ଏହାଫଳରେ ଯବକ୍ଷାରଯାନ ବିବନ୍ଧନ ଠିକ୍ ରୂପେ ହୋଇ ପାରେ ନାହିଁ । ସଲ୍‌ଫର ଅଭାବରେ ଚିନାବାଦାମ ଗଛର ଉପର ପତ୍ର ସିଧା ନ ରହି ଇଂରାଜୀ ଅକ୍ଷର 'ଭି' ସଦୃଶ ହୁଏ । ଗୋଖାଦ୍ୟର ଅମଳ କମିବା ସହ ଏହାର ଗୁଣ ବା ମାନ କମିଯାଏ ।

ବାଲିଆ, ଦୋରସା ବାଲିଆ, ଦୋରସା ଏବଂ କମ୍ ଜୈବ ଅଙ୍ଗାର ଅଂଶ ଥିବା ମାଟିରେ ସଲ୍‌ଫରର ଅଭାବ ଥାଏ । ଅଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ମାଟିରୁ ସଲ୍‌ଫର ଧୋଇ ନଷ୍ଟହୁଏ । ବହୁ ଫସଲ ଚାଷ ହେଉଥିବା ଜମିର ମାଟିରୁ ସଲ୍‌ଫର ଅଧିକ ପରିମାଣରେ ଫସଲ ଦ୍ୱାରା ଶୋଷଣ ହେଉଥିବାରୁ ଏହି ମାଟିରେ ସଲ୍‌ଫର ଅଭାବ ଥାଏ । ଚାଷୀମାନେ ସଲ୍‌ଫର ବିହୀନ ରାସାୟନିକ ସାର ଯଥା ୟୁରିଆ, ଗ୍ରୋମର, ଡାଇଆମୋନିୟମ ଫସ୍‌ପେଟ୍ ଏବଂ ମ୍ୟୁରେଟ୍ ଅଫ୍ ପଟାସ୍ ଆଦି ଫସଲରେ ପ୍ରୟୋଗ କରୁଥିବାରୁ ଏବଂ ଖତ ପ୍ରୟୋଗ ହେଉ ନ ଥିବାରୁ ମାଟିରେ ସଲ୍‌ଫର ଅଭାବ ହୁଏ ।

> "ବାଲିଆ, ଦୋରସା ବାଲିଆ, ଦୋରସା ଏବଂ କମ୍ ଜୈବ ଅଙ୍ଗାର ଅଂଶ ଥିବା ମାଟିରେ ସଲ୍‌ଫରର ଅଭାବ ଥାଏ । ଅଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ମାଟିରୁ ସଲ୍‌ଫର ଧୋଇ ନଷ୍ଟହୁଏ । ବହୁ ଫସଲ ଚାଷ ହେଉଥିବା ଜମିର ମାଟିରୁ ସଲ୍‌ଫର ଅଧିକ ପରିମାଣରେ ଫସଲ ଦ୍ୱାରା ଶୋଷଣ ହେଉଥିବାରୁ ଉକ୍ତ ମାଟିରେ ସଲ୍‌ଫର ଅଭାବ ଥାଏ । ଚାଷୀମାନେ ସଲ୍‌ଫର ବିହୀନ ରାସାୟନିକ ସାର ଯଥା ୟୁରିଆ, ଗ୍ରୋମର, ଡାଇଆମୋନିୟମ ଫସ୍‌ପେଟ୍ ଏବଂ ମ୍ୟୁରେଟ୍ ଅଫ୍ ପଟାସ୍ ଆଦି ଫସଲରେ ପ୍ରୟୋଗ କରୁଥିବାରୁ ଏବଂ ଖତ ପ୍ରୟୋଗ ହେଉ ନ ଥିବାରୁ ମାଟିରେ ସଲ୍‌ଫର ଅଭାବ ହୁଏ ।"



ମାଟି ପରୀକ୍ଷାରୁ ସୁଲଭ ସଲ୍‌ଫରର ପରିମାଣ ହେକ୍ଟର ପ୍ରତି ୨୦ କି.ଗ୍ରା.ରୁ କମ୍ ହେଲେ ମାଟିରେ ସଲ୍‌ଫର ପ୍ରୟୋଗର ଆବଶ୍ୟକ ଥାଏ। ଓଡ଼ିଶାର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼ିଛି ଯେ ବାଲେଶ୍ୱର, କଟକ, ପୁରୀ ଏବଂ ଗଞ୍ଜାମ ଜିଲାର ସମୁଦ୍ର ଉପକୂଳ ଅଞ୍ଚଳକୁ ବାଦ୍‌ଦେଇ ଅନ୍ୟ ସବୁ ଚାଷଜମିର ମାଟିରେ ସଲ୍‌ଫରର ଅଭାବ ଅଛି । ଏହାଛଡ଼ା ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାର ଜମିର ମାଟିରେ ସଲ୍‌ଫରର ଅଭାବ ଥିବା ସର୍ବେକ୍ଷଣରୁ ଜଣାପଡ଼ିଛି।

ସବୁ ପ୍ରକାର ଫସଲର ସଲ୍‌ଫରର ଆବଶ୍ୟକତା ସମାନ ନୁହେଁ । ବିଭିନ୍ନ କ୍ଷେତ୍ର ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି ଯେ ତୈଳବୀଜ ଫସଲ, ଡାଲିଜାତୀୟ ଫସଲ, ବନ୍ଧାକୋବି, ମୂଳା, ପିଆଜ ଏବଂ ରସୁଣ ହେକ୍ଟରକୁ ୪୦ କିଲୋ ସଲ୍‌ଫର ଆବଶ୍ୟକ କରନ୍ତି । ଶସ୍ୟଜାତୀୟ ଫସଲ ଯଥା ଧାନ, ଗହମ ପାଇଁ ହେକ୍ଟରକୁ ୩୦କିଗ୍ରା ସଲ୍‌ଫର ଆବଶ୍ୟକ ହୁଏ ।

ସଲ୍‌ଫର ଥିବା ବିଭିନ୍ନ ରାସାୟନିକ ସାର ବଜାରରେ ମିଳୁଛି । ସେଥିମଧ୍ୟରୁ ସିଙ୍ଗଲ ସୁପର ଫସ୍‌ପେଟ୍, ପୋଟାସିୟମ ସଲ୍‌ଫେଟ୍, ଆମୋନିୟମ ସଲ୍‌ଫେଟ୍, ଫସ୍‌ପୋଜିପସମ୍, ଖଣିଜ ଜିପ୍‌ସମ୍ ଏବଂ ସଲ୍‌ଫର ଗୁଣ୍ଡ ଆଦି ମୁଖ୍ୟ ସିଙ୍ଗଲ ସୁପର ଫସ୍‌ପେଟ୍‌କୁ ଚାଷୀମାନେ ମୁଖ୍ୟତଃ ଫସ୍‌ପେଟ୍ ସାର ଭାବେ ବ୍ୟବହାର କରନ୍ତି । କିନ୍ତୁ ସେମାନଙ୍କ ଅଜାଣତରେ ଫସଲକୁ ସଲ୍‌ଫର ସାର ମିଳିଥାଏ । ଉକ୍ତ ସାରରେ ସଲ୍‌ଫର ଶତକଡା ୧୨ ଭାଗ ସହ ଫସ୍‌ପେଟ୍ ୧୬ ଭାଗ ଏବଂ କ୍ୟାଲ୍‌ସିୟମ ୨୧ ଭାଗ ଥାଏ । ଉକ୍ତ ସାରକୁ ସବୁ ପ୍ରକାର ଫସଲ ପାଇଁ ମୂଳ ସାର ଭାବେ ପ୍ରୟୋଗ କରାଯାଏ । ଉକ୍ତ ସାର ସଦାସର୍ବଦା ବ୍ୟବହାର ହେଉଥିବା ଜମିରେ ସଲ୍‌ଫର୍ ପ୍ରୟୋଗର ଆବଶ୍ୟକତା ହୁଏ ନାହିଁ । ପୋଟାସିୟମ୍ ସଲ୍‌ଫେଟ୍‌ରେ ଶତକଡ଼ା ୧୮ ଭାଗ ସଲ୍‌ଫର ଏବଂ ୫୩ ଭାଗ ପଟାସ୍ ଥାଏ । ଉକ୍ତ ସାର ବିଦେଶରୁ ଆମଦାନି ହେଉଥିବାରୁ ଏହାର ଦାମ୍ ଅଧିକ । ଚାଷୀ ଉକ୍ତ ସାରକୁ ପ୍ରାୟ ବହୁ କମ୍ ପ୍ରୟୋଗ କରନ୍ତି । କେବଳ ଆଳୁ ଫସଲରେ ଉକ୍ତ ସାର ପ୍ରୟୋଗ ପାଇଁ ଅନୁମୋଦନ କରାଯାଏ । ପୋଟାସିୟମ ସଲ୍‌ଫେଟ୍ ଫସଲରେ ପ୍ରୟୋଗ ହେଉଥିଲେ ସଲ୍‌ଫର ପ୍ରୟୋଗର ଆବଶ୍ୟକତା ନ ଥାଏ । ଆମୋନିୟମ ସଲ୍‌ଫେଟ୍‌ରେ ଶତକଡ଼ା ୨୪ ଭାଗ ସଲ୍‌ଫର ସହ ୨୧ ଭାଗ ଯବକ୍ଷାରଯାନ ଥାଏ । ଉକ୍ତ ସାରକୁ ଚାଷୀମାନେ ମୁଖ୍ୟତଃ ଯବକ୍ଷାରଯାନ ସାରଭାବେ ବ୍ୟବହାର କରନ୍ତି । ଏହି ସାର ଦାମ୍ ଅଧିକ ହୋଇଥିବାରୁ ଉକ୍ତ ସାରର ବ୍ୟବହାର ବହୁତ କମ୍ । ଉକ୍ତ ସାରର ବ୍ୟବହାର ହେଉଥିବା ଜମିରେ ସଲ୍‌ଫର ପ୍ରୟୋଗର ଆବଶ୍ୟକ ନ ଥାଏ । ଫସ୍‌ପୋଜିପସମ୍; ଫସ୍‌ଫରିକ୍ ଅମ୍ଳ ପ୍ରସ୍ତୁତ ହେଉଥିବା କାରଖାନାର ଏହା ଏକ ଉପଜାତ ଦ୍ରବ୍ୟ । ପାରାଦୀପଠାରେ ଫସ୍‌ଫରିକ୍ ଅମ୍ଳ ପ୍ରସ୍ତୁତ ହେଉଥିବା କାରଖାନା ନିକଟରେ ବହୁ ପରିମାଣରେ ଫସ୍‌ଫୋଜିପସମ୍ ଗଚ୍ଛିତ ହୋଇ ରହିଛି । ପାରାଦୀପରେ ଥିବା ପିପିଏଲ୍ ସାର କାରଖାନାରୁ ବର୍ଷକୁ ପ୍ରାୟ ୧୧ ଲକ୍ଷ ଟନ୍ ଫସ୍‌ପୋଜିପ୍‌ସମ ବର୍ଜ୍ୟବସ୍ତୁ ଭାବେ ବାହାରୁଛି । ଏଥିରେ ଶତକଡ଼ା ୧୬ ସଲ୍‌ଫର୍ ଏବଂ କ୍ୟାଲ୍‌ସିୟମ ୨୧ ଶତକଡ଼ା ଥାଏ । ଏହାକୁ ସଲ୍‌ଫର ଅଭାବ ଥିବା ମାଟିରେ ମୂଳ ସାର ଭାବେ ପ୍ରୟୋଗ କରାଯାଏ । ଆମ ରାଜ୍ୟରେ ଫସ୍‌ପୋଜିପସମ୍‌କୁ ଚିନାବାଦାମରେ ପ୍ରୟୋଗ ପାଇଁ ଅନୁମୋଦନ କରାଯାଏ । ଖଣିଜ ଜିପ୍‌ସମ୍ ରାଜସ୍ଥାନରେ ଖଣିରୁ ଉତ୍ତୋଳନ କରାଯାଏ । ଏଥିରେ ଶତକଡ଼ା ୧୩ ଭାଗ ସଲ୍‌ଫର ସହ ୧୬ ଭାଗ କ୍ୟାଲ୍‌ସିୟମ ଥାଏ । ଏହାକୁ ସଲ୍‌ଫର ଅଭାବ ଥିବା ମାଟିରେ ମୂଳ ସାରଭାବେ ବ୍ୟବହାର କରାଯାଏ । ଆମ ରାଜ୍ୟରେ ଏହାର ବ୍ୟବହାର ପ୍ରାୟ କରାଯାଏ ନାହିଁ। ସଲ୍‌ଫର ଗୁଣ୍ଡରେ ଶତକଡ଼ା ୯୦ ଭାଗ ସଲ୍‌ଫର ଥାଏ । ଏହା କେବଳ କର୍ଦ୍ଦମାକ୍ତ, ଖାରୀ ଏବଂ ଚୁନିଆ ମାଟିରେ ହେଉଥିବା ଫସଲରେ ପ୍ରୟୋଗ କରାଯାଏ । ସଲ୍‌ଫର ଗୁଣ୍ଡ ଆମ ରାଜ୍ୟରେ ଅନୁମୋଦନ କରାଯାଏ ନାହିଁ । ସଲ୍‌ଫର ଜାତୀୟ ସାରକୁ ମାଟିରେ ମୂଳସାର ଭାବେ ପ୍ରୟୋଗ କରାଯାଏ । ସମୟେ ସମୟେ ସଲ୍‌ଫରର ଅଭାବ ଫସଲରେ ଦେଖାଦେଲେ ଦ୍ୱିତୀୟ ଥର ସାରଭାବେ ପ୍ରୟୋଗ ହୋଇପାରେ। ଶସ୍ୟଜାତୀୟ ଫସଲରେ ଆମୋନିୟମ ସଲ୍‌ଫେଟ୍ ଏବଂ ପଟାସିୟମ ସଲ୍‌ଫେଟ୍‌କୁ ଦ୍ୱିତୀୟ ଥର ଫସଲର ୨୧ ଦିନରୁ ୩୦ ଦିନ ମଧ୍ୟରେ ପ୍ରୟୋଗ କରାଯାଇପାରେ। ଚିନାବାଦାମ ବୁଣାହେବାର ୨୭ରୁ ୩୦ ଦିନରେ ଖିଲ (ପେଗ୍) ବାହାରିବ ସମୟରେ ଫସ୍‌ପୋଜିପସମ୍‌କୁ ଫସଲର ୨ଧାଡି ମଧ୍ୟରେ ପ୍ରୟୋଗକରି ହୁଡ଼ା ଟେକାଯାଏ। ଏହାଦ୍ୱାର ଚିନାବାଦାମର ମଞ୍ଜି ହୃଷ୍ଟପୁଷ୍ଟ ହୋଇ ତେଲ ଅଂଶ ବଢ଼େ।

-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ଅଳ୍ପରେ...

## କୋବି



କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

## ଶାଗ

ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

## ତରଭୁଜ

ବିହନ ବିଶୋଧନକରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜାହେବା ପାଇଁ ମନ୍ଦା ଉପରେ କିଛିପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ ।

## ଆମ୍ବ

ଆମ୍ବବଉଳ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ ।



# ଚାଷୀଙ୍କ ପାଇଁ...

ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍ଟରନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।





# ପିଆଜରେ ରୋଗ ପୋକ ଦମନ

ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବା ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମି.ଲି. ଡାଇମେଥୋଏଟ୍ କିମ୍ବା ୫୦ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ସଣ୍ଢ ବାହାରିଥାଏ।

# ଆଖୁରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗକରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ପ୍ରାଣୀଙ୍କ ଯତ୍ନ

ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗରୁ ରକ୍ଷା ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ପନିପରିବାରେ ସାର ପ୍ରୟୋଗ

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ଏକ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।



# ଡାଲା ଅଟୋ ଓଲଟି ୧୫ ଆହତ

**ମକର ବୁଡ଼ ପାଇଁ ଆସୁଥିଲେ**

ଆସିକା,୧୪ା୧(ସୁରେନ୍ଦ୍ର ନାଥ ସାହୁ)

ମକରରେ ବୁଡ଼ ପାଇଁ ଶ୍ରଦ୍ଧାଳୁମାନେ ଡାଲା ଅଟୋରେ ଯିବା ବେଳେ ତାହା ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୫ ଜଣ ଆହତ ହୋଇଛନ୍ତି । ଗଞ୍ଜାମ ଜିଲା ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱର ମନ୍ଦିର ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୬ଟାରେ ଏହି ଦୁର୍ଘଟଣା ଘଟିଛି । ପାଟପୁର ଥାନା ଡେଙ୍ଗାଡ଼ିଠାରୁ ଶ୍ରଦ୍ଧାଳୁମାନେ ଡାଲା ଅଟୋରେ ବସି ଆସିକାସ୍ଥିତ ବଡ଼ନଦୀ–ଋଷିକୁଲ୍ୟାର ସଙ୍ଗମସ୍ଥଳରେ ମକର ବୁଡ଼ ପକାଇବା ପାଇଁ ଆସୁଥିଲେ । ପୁଡୁଗେଶ୍ୱର ମନ୍ଦିର ନିକଟରେ ଅଟୋଟି ଓଲଟି ପଡ଼ିବାରୁ ସମସ୍ତ ଶ୍ରଦ୍ଧାଳୁ ଆହତ ହୋଇଥିଲେ । ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଅହଲ୍ୟା ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି । ଶ୍ୟାମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁଫଳା ସ୍ୱାଇଁ, ରଞ୍ଜିତା ପ୍ରଧାନ, ପଞ୍ଚାନନ ସୁଆଁସିଆ, ଯୁଧିଷ୍ଠିର ସୁଆଁସିଆ, ଗୀତାଞ୍ଜଳି ସୁଆଁସିଆ, ସବିତା ସୁଆଁସିଆ, ଶୈଳ ସୁଆଁସିଆ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

# ଘରେ ନିଆଁ ଲାଗି ଅଜା, ନାତି ଗୁରୁତର

**ଲକ୍ଷାଧିକ ଟଙ୍କା ସହ ସମ୍ପତ୍ତି ପୋଡ଼ିଗଲା**

ପାତ୍ରପୁର,୧୪ା୧(ଉମାଚରଣ ନେପାକ)

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଡୁରୁବୁଡ଼ି ଗ୍ରାମ ବସଷ୍ଟାଣ୍ଡ ନିକଟରେ ରହୁଥିବା ଦୁଃଖୀ ଗୌଡ଼ଙ୍କ ଘରେ ମଙ୍ଗଳବାର କୌଣସି ପ୍ରକାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ସହ ଜିନିଷପତ୍ର ପୋଡ଼ିଯାଇଛି । ନିଆଁ ହଠାତ୍ ବ୍ୟାପି ଯିବାରୁ ଚିତ୍କାର କରି ଘରୁ ପଳାଇ ଆସିବା ବେଳେ ଦୁଃଖୀ ଓ ତାଙ୍କ ନାତି ସାଇରାମ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି । ଘରେ ଧୂଆଁ ବାହାରୁଥିବା ଦେଖି ଗ୍ରାମବାସୀ ରୁଣ୍ଡ ହୋଇ ନିଆଁକୁ ଲିଭାଇବାରେ ଲାଗିଥିଲେ । ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଦୁଃଖୀଙ୍କ ଘରେ ରଖିଥିବା ଲକ୍ଷାଧିକ ଟଙ୍କା ସହିତ ଚାଉଳ, ରାଶନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି । ପୋଡ଼ିହୋଇ ଗୁରୁତର ଅଜା, ନାତିଙ୍କୁ ପ୍ରଥମେ ପାତ୍ରପୁର ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି ।


## OFFICE OF THE SUNDARGARH MUNICIPALITY, SUNDARGARH

**EXPRESSION OF INTEREST (EoI)**

**Notice No. 83 Dt.10/01/25**

**No.C-1468** : Executive Officer, Sundargarh municipality Sundargarh invites bid single cover sealed Expression of Interest (EoI) in offline mode from interested/intending eligible contractors/ NGO/ experience firms & any registered animal welfare society working in the state for drive out of bull, cow, buffalo from the road side, colony area, field and other places within Sundargarh municipality. DTCN alongwith terms & conditions can be obtained in the office of the Sundargarh municipality, Sundargarh during office hours on payment of **₹1,000.00** (Rupees :- One thousand) only (not refundable) **from dt.13.01.2025 to dt.22.01.2025**. The quotation also available in the Sundargarh district portal i.e.sundergarh.odisha.gov.in. EoI without payment of paper cost and EMD in original shall not be accepted in any case and will be rejected summarily. The contractors/ NGO/ experience firms & any registered animal welfare society must be accompanied with (i) cost of tender paper, (ii) EMD in original, photo copy of valid (iii) GSTIN (iv) Complete organisation details, authenticated proof of the organisation (v) No Relation certificate (Appendix-A) (vi) Litigation certificate (Appendix-B). The sealed EoI and other documents will be received **offline on or before dt.24.01.2025 upto 1.30 P.M. and will be opened on the same day at 4.30 P.M.** in presence of the bidder or their authorized representatives. The authority reserves the right to accept or cancel any or all EoI without assigning any reason thereof.

Sd./- Executive Officer
Sundargarh Municipality

OIPR-13130/11/0030/2425

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES — No.CAD-2172

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT/E-4543/23-24/90 Date: 09.01.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :- Shifting of 11 KV line in front of Kala Bhumi, Gandamunda under electrical section Khandagiri, Bhubaneswar**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-121/ 2024-25 | 16.01.2025 at 17.00 hrs. | 27.01.2025 at 17.00 hrs. |

Further details can be seen from the e-Procurement Portal **www.tendersorissa.gov.in.** Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect.)
IDCO, Bhubaneswar

OIPR-14003/11/0097/2425

## OFFICE OF THE COLLECTOR & DISTRICT MAGISTRATE, PURI

(Social Welfare Section)
No.29/SW, dated 04.01.2025/

**TENDER CALL NOTICE**

**No.g-156** : Sealed tenders are invited form intending agencies/ firms/ printing press for printing of 47000 nos. Arunima Work Book I & II, Child Assessment card & picture/numeracy book (approximately) and delivery of the same at 12 ICDS Project points of the district. The tender documents should reach in the office of the District Social Welfare Officer, Puri by Registered post or Speed Post by. 05 P.M. on 24.01.2025 and the tender will be opened at 11.30 A.M. on 27.01.2025 in the office chamber of the undersigned in presence of Tender Committee constituted for the purpose and the tenderers or their authorized representative. The tender papers received after due date and time will not be entertained. The undersigned will not be responsible for postal delay.

The details regarding sample, colour/ specification of the Arunima Work Book - I & II & Child Assessment Card should be of exact specifications as per the samples available in https://wcd.odisha.gov.in/ & https://puri.odisha.gov.in/. The selected agency has to supply the printed materials to all the 12 ICDS Project offices of the District at his own cost. The agency has to supply the samples of Arunima Work Book I & II as per specification detailed in terms and conditions in tender meeting to be held on dt. 27.01.2025. The detail tender papers and terms and conditions can be downloaded from the district website https://puri.odisha.gov.in/ or can be seen in the tender notice displayed in the notice board of DSWO, Puri. In no case these books should be redesigned or modified.

The firms/ agencies/ printing press can purchase the tender paper on payment of Rs.3,000.00 (Rupees three thousand) only in cash as non-refundable cost of tender paper from the office of DSWO, Puri and has to enclose the original MR with tender paper. The firms/ agencies/ printing press submitting tender paper by downloading from website have to enclose a non-refundable Bank Draft amounting Rs.3,000/- (Rupees three thousand) only as non-refundable cost of Tender Paper including VAT in favour of DSWO, Puri payable at SBI Main Branch, Puri failing which the tender paper will be rejected. An amount of Rs. 1 lakh (Rupees one lakh) only as EMD has to be paid by the tenderers in favour of DSWO, Puri payable at SBI Main Branch (under pledged to DSWO, Puri). The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.

The decision of the tender committee regarding acceptance / rejection of tender without assigning any reason thereon is binding.

OIPR-24014/11/0014/2425 Sd./- Collector, Puri


See Career Appointment on every Wednesday & Saturday


## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH

E.Mail- rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO.ONLINE-SESNG-24 OF 2024-25**

**No.O-1218:**Name of the Work: Road Works, 2. Total No. of Works: 2 No. Road, 3.Estimated Cost: From Rs.5.04 Lakhs to Rs.36.71 Lakhs. 4. Class of Contractor:- 'B', 'C' & 'D', 5. Period of Completion: 01 Calendar Month. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-24 of 2024-25 | 15.01.2025 10.00 A.M. | 22.01.2025 5.00 P.M. |

Further details can be seen from the website www.tendersorissa.gov.in

Sd./- Superintending Engineer
Rural Works Division, Sundargarh

OIPR-25046/11/0033/2425

## GOVERNMENT OF ODISHA
## OFFICE OF THE BLOCK DEVELOPMENT OFFICER, DASPALLA
## P.R. & D.W. DEPARTMENT

E-Mail: ori-daspalla@nic.in

**"e" Procurement Tender Call Notice for Building Works**
**Tender Call Notice No./02/2024-25 &**
**Bid Identification No.Online Tender-02/2024-25**
**Letter No.92/Date:06.01.2025**

**No.i** -:Name of the Work: Building Work, 2. Total Number of works: 3 Nos., 3. Approx. Estimated Cost: Rs.25.90 Lakh, 4. Class of Contractor: B & C Class of Contractor, 5. Period of Completion: 6 Months, 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Block Development Officer, Daspalla | Online Ten-der/02/2024-25 | Dt.15.01.2025 at 10.00 A.M. | Dt.24.01.2025 at 5.00 P.M. | Dt.24.01.2025 upto 1.00 P.M. | Dt.27.01.2025 at 11.00 A.M. |

Further details can be seen from the website www.tendersodisha.gov.in

OIPR-19119/11/0005/2425 Sd./- Block Development Officer, Daspalla

## OFFICE OF THE COLLECTOR & DISTRICT MAGISTRATE: KHORDHA
## (ST & SC DEVELOPMENT SECTION)

No.110, Date: 13.01.2025

**TENDER CALL NOTICE**

**No.V-44:SEALED TENDERS** are invited from INTENDING MSME UNITS OF ODISHA having VALID DOCUMENTS for supply of MATTRESSES for the OBC & MINORITIES HOSTELS at **GOTHAPATNA, BHUBANESWAR**. For details, please visit official website of Khordha District i.e. **www.khordha.odisha.gov.in.** The Authority reserves the right to cancel / modify the Tender/ Procurement Process without assigning any reason thereof. The Authority also reserves the right to reject any or all the tenders without assigning any reason thereof.

By Order of the Collector, Khordha
Sd./- District Welfare Officer, Khordha

OIPR-24351/11/0045/2425

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, EASTERN CIRCLE-I, CANTONMENT ROAD, CUTTACK

Email id:seeccuttack@gmail.com

**No.A-870: e-Procurement Notice No.ACE, EC-I/09 of 2024-25**

| | | |
|---|---|---|
| 1 | Name of Work | Construction of Cement concrete lining of Karandia Branch Canal from RD 6.30 km to RD 11.00 km. Bid Identification No.ACE, EC-I MND 21 of 2024-25 |
| 2 | Total No. of Work | 1 (One) No. Work |
| 3 | Tender paper Cost (online) (Non-refundable) | Rs.10,000.00 (Ten Thousand) |

**4. Bid details are as follows:**

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (Online) (in Rs.) | Class of Contractor | Period of Completion | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I MND 21 of 2024-25 | 745.00 | 7,45,000.00 | 'A' & 'Special' | 12 (Twelve) Calendar Monhs | 16.01.2025 at 10.00 Hrs. | 30.01.2025 upto 17.30 hrs. | 31.01.2025 at 11.30 hrs. |

Other terms and conditions can be seen from the Govt. website www.tendersodisha.gov.in
All Corrigendum/ Cancellation of tender if any, will only be uploaded in the above website.

Sd./- Additional Chief Engineer,
Eastern Circle-I, Cuttack

OIPR-32370/11/0011/2425

## ODISHA HYDRO POWER CORPORATION LTD.

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT (ODISHA) - 764006
Telephone : 06854-242001, Fax : 06854-242038, E-mail ID : sgmel_ukhep@ohpcltd.com
CIN : U40101OR1995SGC003963

**NOTICE INVITING TENDER No.27/2024-25 date : 09.01.2025**

**No.CAD-2167** : Sealed Tenders are invited in sealed envelopes from the reputed Manufacturers/Authorized Dealers/ Channel Partners/Reputed Suppliers for "Supply of Safety Equipments for Upper Kolab Hydro Electric Project, Bariniput, Dist : Koraput, Odisha"

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | "Supply of Safety Equipments for Upper Kolab Hydro Electric Project, Bariniput, Dist : Koraput, Odisha" | Rs. 708/- (Rs.600/- + 18% GST) | 1% of quoted value |

Sale of tender paper : From 18.01.2025 to 11:00 Hrs. of 04.02.2025
Last date of submission of tender : Up to 12:00 Hrs. of 04.02.2025
Date & Time of opening of tender : At 12:30 Hrs. of 04.02.2025
For details of the tender documents, terms and conditions please visit our website www.ohpcltd.com.

OIPR-04002/11/0046/2425 Sd./- C & P Head, UKHEP, Bariniput

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail i.d : seccbbsr@gmail.com

**E-procurement Tender Call Notice No.14 of 2024-25**
**No.102 (Estg.) Bhubaneswar the 09th Jan2025**

**No.B-834** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number of building work to be received in online bidding, double cover system for construction work as detailed in : **https://tendersodisha.gov.in**. The details of bid documents will be available in the above website from **5.00 P.M. of 16.01.2025 to 5.00 P.M of 30.01.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 31.01.2025** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal **www.tendersodisha.gov.in**. Addendum / Corrigendum, if required, will be available only in the Website.

Sd./- Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0013/2425

## Government of Odisha
## Office of the Executive Engineer, Rural Works Division-II, Nabarangpur, Umerkote

e-mail: eerwukt@gmail.com & eerwukt@ymail.com
Letter No.160, Date:10.01.2025

**e-Procurement Notice**

**No.O-1226:**1. Name of the Work: Road Works, 2. Total No. of Works: 01 (One) No. 3. Approx. Estimated Cost: Rs.24.66 Lakhs. 4. Class of Contractor: "B" & "C" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of Tender on-line for bidding | | Last Date & Time seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Ten-der/11/ RWD-UKT/2024-25 | 16.01.2025 at 11.00 AM | 22.01.2025 upto 5.00 PM | 21.01.2025 at 01.00 PM | 24.01.2025 at 11.00 AM |

Further details can be seen from the Government website www.tendersodisha.gov.in

Sd./- Executive Engineer,
Rural Works Division-II, Nabarangpur, Umerkote

OIPR-25103/11/0015/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION-I, MALKANGIRI

No.O-1228

**NATIONAL COMPETITIVE BIDDING THROUGH e-Procurement**

**IDENTIFICATION NO. ONLINE TENDER 05/RWD-I, MKG/2024-25 DT.10.01.2025**

01. Name of the work : Maintenance of Road works (Detailed in Annexure), 02. Total Number of works : 2 (Two) Numbers, 03. Estimated cost : Rs. 25.21 lakhs to Rs. 30.78 Lakhs, 04. Class of contractor : "C" & "B" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender - 05/RWD-I, MKG/2024-25 | Total 2 nos (Single Cover) | 16.01.2025 from 11.00 A.M. | 22.01.2025 up to 5.00 P.M. | 21.01.2025 up to 5.00 P.M. | Tech Bid opening : (Single Cover) 24.01.2025 at 11.00 A.M. |

Further details can be seen from the website: www.tendersodisha.gov.in.

Sd./- Superintending Engineer
R.W. Division-I, Malkangiri

OIPR-25058/11/0010/2425

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK

E-Mail id:eepwdcuttack@gmail.com, Tel/Fax.No.(0671)-2304128
GOVERNMENT OF ODISHA "e" Procurement Notice
**e-Procurement Notice for Building (E.I.) Works**
**Bid Identification No.S.E. CTC (R&B)-50 of 2024-25**

**No.B-840:**The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building Work (E.I.) as mentioned below.

1. No. of Work : 03 (Three) Nos. of E.I. Works
2. Date & Time of availability of bid document in the portal : From dt.16.01.2025 to 5 PM of dt.28.01.2025
3. Last date/time of receipt of bids in the portal : 5 PM of dt.28.01.2025
4. Date & Time of opening of bids : 11 A.M. of dt.29.01.2025
5. Name and address of the Officer Inviting Bid : Superintending Engineer, Cuttack (R&B) Division No.I Cuttack

Further details can be seen from the e-procurement portal "**https://tendersodisha.gov.in.**

Sd./- (Er. A. K. Nayak)
Superintending Engineer
Cuttack (R&B) Division No.I

OIPR-34091/11/0041/2425

## GOVT. OF ODISHA
## DEPARTMENT OF PANCHAYATIRAJ & DRINKING WATER
## OFFICE OF THE PANCHAYAT SAMITI, Sadar, Sundargarh

No.i-413

Email ID : ori-bsundargarh@nic.in

**'NOTICE NO. : 01 DATED. 08.01.2025**

| Sl. No. | | | Tender Cost | Class of Contractor |
|---|---|---|---|---|
| 1 | Name of Work | Renovation of Zilla Parishad, Sundargarh Building (CDO-cum-EO, ZP office Building) | 1871541/- | C and D class |
| 2 | Period of completion | 6 months | | |
| 3 | Date and time of availability of bid documents in the portal | 13.01.2025 AT 11:00 A.M. | | |
| 4 | Last date/Time for receipt of bids at the block office | 21.01.2025 Upto 05:00 P.M. | | |
| 5 | date and time of opening of bid | 22.01.2025 AT 11:00 A.M. | | |
| 6 | Name and address of the Officer Inviting Bid | Block Development Officer, Sadar, Sundargarh, PIN-770001 | | |

Further details can be seen from the Govt. website www.sundargarh.odisha.gov.in

Sd./- Block Development Officer Sadar, Sundargarh

OIPR-19345/11/0002/2425

## GOVERNMENT OF ODISHA
## OFFICE OF THE PROJECT DIRECTOR, WATERSHEDS, GANJAM

No.L-144

e-mail : pdws.ganjam@gmail.com
Notice No. 68 Dt. 10.01.2025

**NATIONAL COMPETITIVE BIDDING THROUGH e-Procurement**

Identification No. 01/PDWS-Ganjam/2024-25 Dt.

| | | | |
|---|---|---|---|
| 1 | Nos. of work | : | 01 (One) No. |
| 2 | Tendered amount in Rs. | : | Rs. 6,21,572/- |
| 3 | Period of completion | : | 45 days |
| 4 | Date & Time of availability of bid document in the portal | : | From 13.01.2025 at 11.00 A.M. to 24.01.2025 at 17.00 hrs. |
| 5 | Date & Time of receipt of original documents in the tender box at the office of the undersigned | : | From 13.01.2025 at 11.00 A.M. To 24.01.2025 at 17.00 hrs |
| 6 | Date & time of opening of bids | : | Dt. 27.01.2025 at 16.00 hrs. |
| 7 | Name and Address of the officer inviting bid | : | Project Director, Watersheds, Courtpeta, Berhampur, Near Tehsil Office, Ganjam - 760004 |

Further details can be seen from the website : www.tendersodisha.gov.in

Sd./-
Project Director
Watersheds, Ganjam

OIPR-01432/11/0001/2425

## OFFICE OF THE EXECUTIVE ENGINEER (AGRIL.), PURI DIVISION, PURI

E-mail ID: eeag-puri@gov.in

**Govt. of Odisha "e" Procurement Notice**
**BID IDENTIFICATION NO.E.E. (AGRIL.), PURI DIVISION- 07/2024-25**

**No.L-147:**The Executive Engineer (Agril.), Puri Division, Puri, Odisha on behalf of Governor of Odisha, invites **percentage rate** bids in **single cover system** in ONLINE MODE only, for following **01 No. work** as detailed below.

**1.Name of the Work:-**

| Sl. No. | Name of the Work | Approximate Estimated cost put to Tender (Excluding G.S.T.) (Rs.) | Cost of Bid Documents (in Rs.) | Cost of EMD in the form of TDR (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **Construction of Approach Road, Drainage & Irrigation facilities at Govt. Agril. Farm, Pipili, Dist-Puri** | 25,32,536.56/- | 6,000/- | 25,500/- | B & C | 05 (Five Calendar Months) |

2. Estimated Cost:- **Mentioned in Column-03.** 3. Cost of Bid Documents:- **Mentioned in Column-04.** 4. EMD Cost:- **Mentioned in Column-05**. 5. Period of Completion:- **Mentioned in Column-07**. 6. No. of Work (Tender): 01 No. 7. Class of Contractor:- **Mentioned in Column-06**. 8. Date & Time of availability of bid document in the portal:- **15.01.2025 at 11.00 A.M.** 9. Last Date/Time for receipt of bids in the portal:- **24.01.2025 upto 5.00 P.M.** 10. Date of submission of original documents: **Dt.15.01.2025 at 11.00 A.M. to 27.01.2025 upto 5.00 P.M. (working days) only.** 11. Date & time of opening of online bids: **28.01.2025 at 11.00 A.M. & onwards**. 12. Name and address of the officer inviting bid: **Executive Engineer (Agril.), Puri Division, Puri.**

Further details can be seen from the e-procurement portal **http://tendersodisha.gov.in.**

A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting Tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in".** Any addendum/ corrigendum/ cancellation of tender can also be seen in the said website.

OIPR-01479/11/0012/2425 **Sd./- Executive Engineer (Agril.), Puri Division, Puri**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 683 IND–II–PH–୧୧୯୦ ତା.09.01.2025
No. CAD-2159

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗ୍‌ଟା ମେଟାଲ୍‌ସ ପ୍ରାଇଭେଟ ଲିମିଟେଡ, ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା, ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଆନନ୍ଦପୁର ଗ୍ରାମରେ ୧୯୦.୦ ମେଗାୱାଟ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ସହିତ ୧.୦ ଏମ୍‌ଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ସ୍ଥାପନା କରିବା ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪ା୦୯ା୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୧.୦୨.୨୦୨୫ରିଖ ଦିବା ୧୦.୦୦ ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା, ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଆନନ୍ଦପୁର ଗ୍ରାମରେ ବସଷ୍ଟାଣ୍ଡ ନିକଟରେ ଥିବା ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ମୟୂରଭଞ୍ଜ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ମୟୂରଭଞ୍ଜ** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ମୟୂରଭଞ୍ଜ** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

OSPCB-PH-IND-0001-2023/6/2025 OIPR-08012/11/0158/2425 ସ୍ୱା./– ସଦସ୍ୟ ସଚିବ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଙ୍ଗଲ ଟାଇଗର୍ସର ପ୍ରଥମ ବିଜୟ

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ପ୍ରଥମ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ

### ମହିଳା ହକି ଇଣ୍ଡିଆ ଲିଗ୍

ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ବିଜୟୀ ଦଳ ପକ୍ଷରୁ କାଥ୍ରିନ ମୁଲାନ ୨୩ତମ ମିନିଟରେ ସ୍କୋର କରିଥିବା ଫିଲ୍ଡ ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ ପାଇଁ ଦିଲ୍ଲୀ ଦଳ ଦ୍ୱିତୀୟାର୍ଦ୍ଧରେ ଜୋରଦାର ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ବେଙ୍ଗଲ ଦଳର ଅଧିନାୟିକା ଉଦିତା ୪୮ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ। ବେଙ୍ଗଲ ଟାଇଗର୍ସ ନିଜର ପ୍ରଥମ ମ୍ୟାଚରେ ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ନିକଟରୁ ୧-୪ ଗୋଲରେ ପରାସ୍ତ ହୋଇଥିଲା। ୨ ମ୍ୟାଚରୁ ଏହି ଦଳ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ୨ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି। ବୁଧବାର ଓଡ଼ିଶା ୱାରିୟର୍ସ ଓ ସୁର୍‌ମା ହକି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ ଜିତି ୩ ପଏଣ୍ଟ ଲେଖାଏ ପାଇଛନ୍ତି।



ଗୋଲ ହେବାପରେ ଉଲ୍ଲସିତ ବେଙ୍ଗଲ ଟାଇଗର୍ସ ଦଳର ଖେଳାଳି।

# କିସ୍ ସ୍କୁଲ-ବିଜେଇଏମ୍ ଫାଇନାଲ

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ):** ହାଇ-ଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ବିଜେଇଏମ୍ ସ୍କୁଲ ୮ ଉଇକେଟରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଛି। ବିଜେଇଏମ୍ ଓ କିସ୍ ସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହେବ। ଲୋ ସ୍କୋରିଂ ବିଶିଷ୍ଟ ମ୍ୟାଚ୍‌ରେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ସାଇ ଇଣ୍ଟରନ୍ୟାଶନାଲ ୨୨.୫ ଓଭରରେ ୮୩ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଶ୍ରେୟାଂଶ ନାୟକ ୪ଟି ଓ ସ୍ୱାଧୀନ ପରମାଣିକ ୨ଟି ଉଇକେଟ ନେଇଥିଲେ। ଜବାବରେ ବିଜେଇଏମ୍ ୧୬.୩ ଓଭରରେ ୨ ଉଇକେଟ ହରାଇ ୮୭ ରନ ସଂଗ୍ରହ କରି ନେଇଥିଲା। ପ୍ରଣିତ ପ୍ରିୟାଂଶ ନାୟକ ୬୯ ରନରେ ଅପରାଜିତ ରହି ଦଳର ବିଜୟକୁ ସହଜ କରିଥିଲେ। ଅନଙ୍ଗ ପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପ୍ରଣିତଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଶୃଙ୍ଖଳାଗତ ପଦକ୍ଷେପ ନେବ ବିସିସିଆଇ



ସ୍ତ୍ରୀ ରିତିକା ସାଜ୍‌ଦେଙ୍କ ସହ ରୋହିତ ଶର୍ମା।

**ନୂଆଦିଲ୍ଲୀ, ୧୪।୧ (ପି.ଟି.)**

ଅଷ୍ଟ୍ରେଲିଆରେ ନୈରାଶ୍ୟଜନକ ପରାଜୟ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେତେକ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରିବା ଲାଗି ବିଚାର କରୁଛି। ସେଗୁଡ଼ିକ ମଧ୍ୟରେ ଟୁର୍‌ରେ ସ୍ତ୍ରୀଙ୍କ ଉପସ୍ଥିତି ସଂଖ୍ୟା ହ୍ରାସ, ଟିମ୍ ବସ୍‌ରୁ କୋଚ୍ ଏବଂ ଖେଳାଳିମାନଙ୍କ ପରିଚାଳନାଗତ କର୍ମଚାରୀଙ୍କୁ ବାଦ୍ ଦିଆଯିବା ଅନ୍ୟତମ। ଟୁର୍ ଯଦି ୪୫ ଦିନ ଅବା ଏହାଠାରୁ ଅଧିକ ହୁଏ ତେବେ ସ୍ତ୍ରୀ ଓ ଅନ୍ୟ ପରିବାର ସଦସ୍ୟମାନେ ସର୍ବାଧିକ ୪୫ ଦିନ ରହିପାରିବେ। ଟୁର୍ ଯଦି ଏହାଠାରୁ କମ୍ ସମୟ ହୁଏ ତେବେ ସ୍ତ୍ରୀଙ୍କ ଉପସ୍ଥିତିକୁ ଏକ ସପ୍ତାହ ମଧ୍ୟରେ ସୀମିତ କରାଯାଇପାରେ। ଏହାଛଡ଼ା ସମସ୍ତ ଖେଳାଳିଙ୍କୁ ଟିମ୍ ବସ୍ ବ୍ୟବହାର କରିବାକୁ ହେବ, ଅନ୍ୟ କୌଣସି ଯାନ ନୁହେଁ। ଅଧିକାଂଶ ଖେଳାଳି ଏହି ନିୟମକୁ ମାନିଥାନ୍ତି ମାତ୍ର ଅଳ୍ପ କେତେଜଣ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ପରିବହନରେ ଅନ୍ୟ ମାଧ୍ୟମର ସହାୟତା ନେଉଥିବା ଲକ୍ଷ୍ୟ କରାଯାଇଛି। ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଟୁର୍‌ରୁ ଫେରିବା ପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହିସବୁ ଅନୁଶାସନାତ୍ମକ ଉପାୟ ନେଇ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ନିୟମ ତୁରନ୍ତ ଲାଗୁ କରାଯାଇ ନାହିଁ। ଅଷ୍ଟ୍ରେଲିଆ ଟୁର୍ ବେଳେ ଜଣେ ସିନିୟର କୋଚିଂ ଷ୍ଟାଫ୍ ସଦସ୍ୟଙ୍କୁ ଟିମ୍ ବସ୍‌ରେ ଯିବା ଲାଗି କିପରି ଅନୁମତି ଦିଆଗଲା ସେ ନେଇ ଆଲୋଚନା ହୋଇଥିଲା। ଦୁର୍ନୀତି ନିବାରଣ ୟୁନିଟ୍ ପକ୍ଷରୁ ମଧ୍ୟ ଏନେଇ ଆପତ୍ତି ଉଠାଯାଇଛି। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେ ଦିଗରେ ଦୃଷ୍ଟି ଦିଆଯିବ। ଟିମ୍ ବସ୍‌ରେ କେବଳ ଖେଳାଳି ଏବଂ କୋଚ୍‌ମାନେ ଯାତ୍ରା କରିପାରିବେ। ସମୀକ୍ଷା ବୈଠକରେ ଆହୁରି ଏକ ନିୟମ ଉପରେ ଆଲୋଚନା ହୋଇଥିଲା। ଟୁର୍‌ରେ ଖେଳାଳିମାନଙ୍କ ଜିନିଷପତ୍ର ୧୫୦କେଜିରୁ ଅଧିକ ହେବ ନାହିଁ। ଯଦି ଅଧିକ ହୁଏ ତେବେ ସମ୍ପୃକ୍ତ ଖେଳାଳିଙ୍କୁ ଏବାବଦରେ ଅତିରିକ୍ତ ଦେୟ ଦେବାକୁ ପଡ଼ିବ। ସମୀକ୍ଷା ବୈଠକରେ ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସମେତ ଟିମ୍ ମ୍ୟାନେଜମେଣ୍ଟର ସଦସ୍ୟଗଣ ଉପସ୍ଥିତ ଥିଲେ।

# ମୁମ୍ବାଇ ରକେଟ ଏକାଦଶ ଚାମ୍ପିୟନ



ଚାମ୍ପିୟନ ଟିମ୍‌ର ଖେଳାଳି ଏବଂ ଉପସ୍ଥିତ ଅତିଥି।

**ଦେବଗଡ଼, ୧୪।୧ (ଶଶାଙ୍କ ଶେଖର ଝାଙ୍କର)**

### ସର୍ବଭାରତୀୟ ରାଧାକ୍ରିଷ୍ଣ ଟି-୨୦ କ୍ରିକେଟ

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କଣ୍ଟାବାହାଲ ହାଇସ୍କୁଲ ପଡିଆଠାରେ ଗତ ୮ତାରିଖଠାରୁ ଚାଲିଥିବା ୨୧ତମ ସର୍ବଭାରତୀୟ ରାଧାକ୍ରିଷ୍ଣ-ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁରର ଏମ୍‌ଏସ୍ସିକୁ ପରାସ୍ତ କରି ମୁମ୍ବାଇର ରକେଟ ଏକାଦଶ ଚାମ୍ପିୟନ ହୋଇଛି। ମୁମ୍ବାଇ ରକେଟ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ କମଲ ଦୟାଲ ସର୍ବାଧିକ ୩୫ ଓ ଉତ୍କର୍ଷ ୩୦ ରନ ସଂଗ୍ରହ କରିଥିଲେ। ଏମ୍‌ଏସ୍ସିର ବୋଲର ସୁୟାଂଶୁ ପଟ୍ଟନାୟକ ୪ ଓଭର ବୋଲିଂ କରି ୧୮ ରନ ବିନିମୟରେ ସର୍ବାଧିକ ଏକ ଉଇକେଟ ହାସଲ କରିଥିଲେ। ଜବାବରେ ସମ୍ବଲପୁରର ଏମ୍‌ଏସ୍ସି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରି ୪ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ସଂକଳ୍ପ ପଟ୍ଟନାୟକ ସର୍ବାଧିକ ୫୬ ରନ ଓ ସୁୟାଂଶୁ ପଟ୍ଟନାୟକ ୫୨ ରନ ସଂଗ୍ରହ କରିଥିଲେ। ପୂର୍ବାହ୍ନରେ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ଫାଇନାଲ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ରାଧାକ୍ରିଷ୍ଣ କ୍ରିକେଟ କ୍ଲବ ସଭାପତି ବିକାଶ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ସେଠୀ, କଣ୍ଟାବାହାଲ ସରପଞ୍ଚ କୁବେର ପ୍ରଧାନ, ଦେବଗଡ଼ସ୍ଥିତ ଆପ୍ରାଇଜ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ, ବରିଷ୍ଠ ଭାଜପା ନେତା ସତ୍ୟ ନାରାୟଣ ପାଣି ପ୍ରମୁଖ ଯୋଗଦେଇ ଚାମ୍ପିୟନ ମୁମ୍ବାଇ ଓ ରନର ଅପ୍ ସମ୍ବଲପୁରରକୁ ନଗଦ ଅର୍ଥ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଏମ୍‌ଏସ୍ସିର ଖେଳାଳି ସଂକଳ୍ପ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ମୁମ୍ବାଇର ସୁରଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଆୟୋଜକ ରାଧାକ୍ରିଷ୍ଣ କ୍ରିକେଟ କ୍ଲବ ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁମ୍‌ରା ପ୍ଲେୟର ଅଫ୍ ଦି ମନ୍ଥ୍

**ଦୁବାଇ, ୧୪।୧ (ପି.ଟି.)**

ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ୨୦୨୪ ଡିସେମ୍ବର ମାସ ପାଇଁ ମଙ୍ଗଳବାର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ନିକଟରେ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଟୁର୍‌ରେ ଜବରଦସ୍ତ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ସେ ଏକାକୀ ଭାରତ ବୋଲିଂ ଆକ୍ରମଣର ନେତୃତ୍ୱ ନେଇ ଅଷ୍ଟ୍ରେଲୀୟ ବ୍ୟାଟରମାନଙ୍କୁ ଚାପରେ ରଖିପାରିଥିଲେ। ଗତବର୍ଷ ଡିସେମ୍ବରରେ ୩ଟି ଟେଷ୍ଟ ମ୍ୟାଚ ଖେଳି ସେ ୧୪.୨୨ ଆଭରେଜରେ ୨୨ ଉଇକେଟ ଅକ୍ତିଆର କରିଥିଲେ। ଜାନୁଆରୀ ୫ରେ ଶେଷ ହୋଇଥିବା ୫ ମ୍ୟାଚ ବିଶିଷ୍ଟ ସିରିଜରେ ସେ ମୋଟ ୩୨ଉଇକେଟ ନେଇପାରିଥିଲେ। ବ୍ରିସବେନଠାରେ ସେ ମ୍ୟାଚ ବିଜୟୀ ଏକ ୯ଉଇକେଟ ସଫଳତା ପାଇଥିଲେ। ମେଲବୋର୍ନରେ ସେ ୫ଉଇକେଟ ନେଇଥିଲେ। ପୁରସ୍କାର ଦୌଡ଼ରେ ସେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏବଂ ଦକ୍ଷିଣ ଆଫ୍ରିକାର ଡେନ୍ ପାଟରସନଙ୍କୁ ପଛରେ ପକାଇ ଦେଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) କହିଛି। ସେ ଆହୁରି ମଧ୍ୟ ୨୦ରୁ କମ୍ ଆଭରେଜରେ ୨୦୦ ଟେଷ୍ଟ ଉଇକେଟ ଅକ୍ତିଆର କରିବାରେ ପ୍ରଥମ ବୋଲର ବିବେଚିତ ହୋଇ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଭାରତ ବର୍ଡର-ଗାଭାସ୍କର ସିରିଜ ୧-୩ରେ ହାରିଯାଇଥିଲା। ଭାରତୀୟ ଟିମ୍ ପାଇଁ ଏହା ଏକ ଚ୍ୟାଲେଞ୍ଜିଂ ଟୁର୍ ଥିଲା। ବୁମ୍‌ରା ଲଢୁଆ ଖେଳାଳି ଥିଲେ। ଏଥିପାଇଁ ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।



ଯଶପ୍ରୀତ୍ ବୁମ୍‌ରା

# ସେମିଫାଇନାଲରେ ସୋଲାର

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

### ରଜନିକାନ୍ତ ସ୍ମାରକୀ କ୍ରିକେଟ

ଖୋର୍ଦ୍ଧା କଣ୍ଟାବଣିଆସ୍ଥିତ ରାଜୀବ ଷ୍ଟାଡିୟମରେ ଚାଲିଥିବା ରଜନିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ କଟକର ସୋଲାର କ୍ଲବ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସୋଲାର ୧୦୧ ରନରେ କ୍ରିକେଟ ଏକାଡେମୀ ଅଫ୍ ପଠାନ୍‌କୁ ପରାସ୍ତ କରିଛି। ସୋଲାର କ୍ଲବ ୨୯.୧ ଓଭରରେ ୨୨୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଅଧିନାୟକ ପ୍ରଦୀପ୍ତ ଦାଶ ସର୍ବାଧିକ ୭୦ ଓ ସମିର ମହାନ୍ତି ୬୦ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ଅରବିନ୍ଦ ମୁଦୁଲି ସର୍ବାଧିକ ୩ ଉଇକେଟ ନେଇଥିଲେ। ଜବାବରେ କ୍ରିକେଟ ଏକାଡେମୀ ଅଫ୍ ପଠାନ ୨୨ ଓଭରରେ ୧୨୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଧିନାୟକ ପ୍ରତ୍ୟୁଷ ମହାନ୍ତି ସର୍ବାଧିକ ୨୮ ରନ କରିଥିଲେ। ବିଜୟୀ ଦଳର ସମିର ମହାନ୍ତି ୨୩ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ସାମାଜିକକର୍ମୀ ନୀଳକଣ୍ଠ ଛୁଆଲସିଂ ଅତିଥିଭାବେ ଯୋଗଦେଇ ସମିର ମହାନ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।


## Classified Everyday
0674-2580101, 9692975378



MATRIMONIAL

### GROOM WANTED

Dr Saswati rath(36), 5'2"18/8, Md assistant professor in hitech medical College, seeking fair handsome Brahmin groom, qualification Md/MS/IAS/OAS, Early marriage, contact -7978980315. D-2553

Groom wanted for a SC girl, 1988,5'.2", B.Tech, Serving as Project Manager(Purchage) in swiden in a MN Automoblie Company. Caste no bar, Father retired, Class-1 Officer, settled at Bhubaneswar. Contact No-9437100637, 9668623062. D-2516

ବିନା ଜାତି ଯୌତୁକରେ ବିବାହ କରିବାକୁ ଚାହୁଁଥିବା ହିନ୍ଦୁ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ବିବାହ ପ୍ରସ୍ତାବ ଉପଲବ୍ଧ। 8249533663 D-2567



REAL ESTATE

### SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

ଫୁଲନଖରା ନିକଟସ୍ଥ **Sum hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76230

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**Gharabari converted plots available near Hightech Square, Sundarpada, Bhubaneswar. For more details Contact- 7978874990, 9777554170** D- 2565

### GENERAL SALE

**Premium Showroom for sale Evolve- A Multi-Designer Store location.- Mayfair Lagoon Road, Bhubaneswar area: 1200 sq.ft. Prime location with high football. Premium quality interiors, fully furnished, ready-to-use Ideal for a premium brands boutique, designer studio or premium retail. Contact: +91 8117906999 / W/A- 9938855538 evolve846@gmail.com** D-2568

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




1200sqft on main road side close to Damana Square in Chandrasekharpur for commercial uses, Mobile-9438283062. D-2550

Interior Decoration Factory Shed Halltype three phase Chandrasekharpur, Bhubaneswar. 9437008388. D-74722




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

### AFFIDAVIT

By virtue of an Affidavit sworn before dated.-13.01.25 I, Laxmibala Sahoo, Address.- Sabar Sahi, Chintamaniswar, BBSR, declare that I have changed my name from Tuni Sahoo to Laxmibala Sahoo. Henceforth, I shall be known as Laxmibala Sahoo for all purposes.
Laxmibala Sahoo. D-2566

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଲକ୍ଷ୍ମଣ କୁମାର ଦାସ**
ପୁବାଶାସନ, କୌଶଲ୍ୟାଗଙ୍ଗ, ପୁରୀ
ଆବିର୍ଭାବ: ୨୦।୦୧।୧୯୫୩
ତିରୋଧାନ: ୨୭।୦୧।୨୦୨୪
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ନିତୀ, ଅସୀମ ଧୈର୍ଯ୍ୟ, ପ୍ରେରଣା, ସ୍ୱାଭିମାନ, ମାର୍ଗଦର୍ଶନ ଆମ୍ଭମାନଙ୍କର ଆଦର୍ଶ ହୋଇ ରହିବ। ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ଧର୍ମପତ୍ନୀ: ତାରା, ବଡ଼ଭାଇ-ଭାଉଜ, ସାନଭାଇ-ଭାଇବୋହୂ, ପୁଅ, ପୁତୁରା, ଝିଅ, ନାତି, ନାତୁଣୀମାନେ।
ଧ-୭୬୦୩୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଲକ୍ଷ୍ମଣ କୁମାର ଦାସ**
ପୁବାଶାସନ, କୌଶଲ୍ୟଗଙ୍ଗ
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମର ପାଥେୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପୁଅ, ବୋହୂ, ନାତି, ନାତୁଣୀ, ଭଣଜା, ଭାଣିଜୀ, ଭାଣିଜୀବୋହୂ, ଝିଅ, ଜ୍ୱାଇଁ, ସୋନୁ, ଛବିଲି, ଡିଡିଲି, ରିଣି, ଦାସ ପରିବାର, ବନ୍ଧୁ ଓ ପରିଜନ।
ଧ-୨୫୬୯

## ମାଇନ ବିସ୍ଫୋରଣରେ ୬ ଯବାନ ଆହତ

ଶ୍ରୀନଗର, ୧୪।୧

ଜମ୍ମୁ-କଶ୍ମୀରର ରଜୌରି ଜିଲାର ନୌଶେରା ସେକ୍ଟରରେ ମଙ୍ଗଳବାର ମାଇନ ବିସ୍ଫୋରଣ ଘଟି ୬ ଜଣ ଯବାନ ଆହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଯବାନମାନେ ପାଟ୍ରୋଲିଂ କରୁଥିବାବେଳେ ଜଣେ ଯବାନ ଭୁଲବଶତଃ ଏକ ଲ୍ୟାଣ୍ଡମାଇନ ଉପରେ ଚଢ଼ିଯିବାରୁ ବିସ୍ଫୋରଣ ଘଟିଥିଲା। ଆହତ ଯବାନମାନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଛି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## ରହସ୍ୟମୟ ରୋଗ ନେଲାଣି ୧୩ ପିଲାଙ୍କ ଜୀବନ

ଶ୍ରୀନଗର,୧୪।୧

ଜମ୍ମୁ-କଶ୍ମୀରର ରାଜୌରୀ ଜିଲାର ସୀମାନ୍ତ ବଢ଼ାଲ ଗ୍ରାମରେ ରହସ୍ୟଜନକ ରୋଗରେ ଇତିମଧ୍ୟରେ ୧୩ ପିଲାଙ୍କ ଜୀବନ ଗଲାଣି। ରୋଗର କାରଣ ଖୋଜିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ପୃକ୍ତ ଗ୍ରାମରେ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ ଓ ନମୁନା ସଂଗ୍ରହ କାର୍ଯ୍ୟ ଚାଲିଛି। ସୋମବାର ସକାଳେ ମହମ୍ମଦ ମରୁଫ୍ ନାମକ ୧୦ ବର୍ଷର ବାଳକଙ୍କର ଏହି ରୋଗରେ ମୃତ୍ୟୁ ଘଟିଥିବାବେଳେ ସନ୍ଧ୍ୟାରେ ଅନ୍ୟ ଜଣେ ପ୍ରାଣ ହରାଇଥିଲେ। ରବିବାର ମରୁଫଙ୍କର ଜଣେ ଭାଇ ଓ ଜଣେ ଭଉଣୀ ମଧ୍ୟ ମୃତ୍ୟୁମୁଖରେ ପଡ଼ିଥିଲେ। ଡିସେମ୍ବର ୭ରେ ଗୋଟିଏ ପରିବାରର ୫ ଜଣ ଏବଂ ଡିସେମ୍ବର ୧୨ରେ ଅନ୍ୟ ୩ ଜଣ ପ୍ରାଣ ହରାଇଥିଲେ। ସମସ୍ତଙ୍କଠାରେ ଜ୍ୱର ହେବା, ଝାଳ ବୋହିବା, ବାନ୍ତି ହେବା ଏବଂ ଚେତା ହରାଇବା ଆଦି ଲକ୍ଷଣ ଦେଖାଦେଇଥିଲା। ଏହି ରୋଗ ଉକ୍ତ ଗ୍ରାମର ୩ ପରିବାର ମଧ୍ୟରେ ସୀମିତ ରହିଛି। ଅସୁସ୍ଥ ହେବା ପୂର୍ବରୁ ସେମାନେ କିଛି ଖାଇଥିଲେ ବୋଲି ରାଜୌରୀର ମୁଖ୍ୟ ମେଡିକାଲ ଅଫିସର କହିଛନ୍ତି।

# ବୁଡ଼ ପକାଇଲେ ୩.୫ କୋଟି

ମହାକୁମ୍ଭ ନଗର,୧୪।୧

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ସୋମବାରଠାରୁ ଆରମ୍ଭ ହୋଇଥିବା ମହାକୁମ୍ଭର ଦ୍ୱିତୀୟ ଦିନ ତଥା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ମିଳନସ୍ଥଳ ତ୍ରିବେଣୀ ସଙ୍ଗମରେ ୩.୫ କୋଟି ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ପ୍ରଥମ 'ଅମୃତ ସ୍ନାନ'ରେ ସାମିଲ ହେବା ପାଇଁ ବହୁ ଆଖଡ଼ାର ସାଧୁସନ୍ଥ ଆସିଥିଲେ।

ସୋମବାର ପୌଷ ପୂର୍ଣ୍ଣିମାରେ କୋଟିଏ ୬୫ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇଥିବାବେଳେ ମକର ସଂକ୍ରାନ୍ତି ପ୍ରଥମ ଶାହି ସ୍ନାନରେ ଅଧିକାଂଶ ଆଖଡ଼ା ସଦସ୍ୟ ଓ ସନ୍ଥମାନେ ଯୋଗଦେଇଥିଲେ। ଏଥିପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସନ୍ଥ, କଳ୍ପବାସୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ଅମୃତ ସ୍ନାନ ଉତ୍ସବ ସଫଳତାର ସହ



ମକର ସଂକ୍ରାନ୍ତି ଅବସରରେ ସଙ୍ଗମଠାରେ ଜୁନା ଆଖଡ଼ାର ନାଗା ସାଧୁମାନେ ବୁଡ଼ ପକାଉଛନ୍ତି।

ସମ୍ପନ୍ନ ହୋଇଥିବାରୁ ସନାତନ ଧାମର ସବୁ ଆଖଡ଼ା, ମହାକୁମ୍ଭ ମେଳାର ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ପୋଲିସ ପ୍ରଶାସନ, ପରିମଳ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଧର୍ମୀୟ ସଂସ୍ଥା, ନାବିକ ତଥା ମହାକୁମ୍ଭ ସହ ଜଡ଼ିତ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବୁ ବିଭାଗକୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

ମଙ୍ଗଳବାର ଭୋର୍ ୩ଟା ବ୍ରହ୍ମ ମୁହୂର୍ତ୍ତରେ ଅମୃତ ସ୍ନାନ ଆରମ୍ଭ ହୋଇଥିଲା। ମହାକୁମ୍ଭରେ ୧୩ଟି ଆଖଡ଼ା ଭାଗ ନେଇଥିବାବେଳେ ଶ୍ରୀ ପଞ୍ଚାୟତି ଆଖଡ଼ା

### ପ୍ରଥମ ଶାହି ସ୍ନାନ

ମହାନିର୍ବାଣୀ ଏବଂ ଶ୍ରୀ ଶମ୍ଭୁ ପଞ୍ଚାୟତି ଅଟଳ ଆଖଡ଼ା ପ୍ରଥମେ ଅମୃତ ସ୍ନାନରେ ସାମିଲ ହୋଇଥିଲେ। ଦେହରେ ବିଭୂତି ବୋଳିଥିବା ନାଗା ସାଧୁମାନେ ହାତରେ ବର୍ଚ୍ଛା ଓ ତ୍ରିଶୂଳ ଧରି ଶୋଭାଯାତ୍ରାରେ ଶାହି ସ୍ନାନକୁ ଯାଇଥିଲେ। କେତେଜଣ ନାଗା ସନ୍ଥ ଘୋଡ଼ା ଚଢ଼ି ଆସିଥିବା ଦେଖାଯାଇଥିଲା।

'ହର ହର ମହାଦେବ', 'ଜୟ ଶ୍ରୀରାମ' ଏବଂ 'ଜୟ ଗଙ୍ଗା ମୈୟା' ସ୍ଲୋଗାନ ସହ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ବିଭିନ୍ନ ଗୋଷ୍ଠୀରେ ଆସି ଭିନ୍ନ ଭିନ୍ନ ଘାଟରେ ସ୍ନାନ କରିଥିଲେ। ବିଦେଶରୁ ମଧ୍ୟ ଶ୍ରଦ୍ଧାଳୁମାନେ ଶାହି ସ୍ନାନରେ ଭାଗ ନେଇ ବୁଡ଼ ପକାଇଥିଲେ। ଅମୃତ ସ୍ନାନ ବେଳେ ଆକାଶ ମାର୍ଗରୁ ହେଲିକପ୍ଟର ଯୋଗେ ଶ୍ରଦ୍ଧାଳୁମାନଙ୍କ ଉପରେ ପୁଷ୍ପ ବୃଷ୍ଟି କରାଯାଇଥିଲା। ଆକାଶରୁ ଗୋଲାପ ପାଖୁଡ଼ା ପଡୁଥିବାବେଳେ ଶ୍ରଦ୍ଧାଳୁମାନେ ଜୟ ଶ୍ରୀରାମ, ହର ହର ମହାଦେବ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉଦ୍ୟାନ କୃଷି ବିଭାଗ ପୁଷ୍ପ ବୃଷ୍ଟି ଲାଗି ପ୍ରସ୍ତୁତି କରିଥିଲା। ଏଥିପାଇଁ ୨୦ କୁଇଣ୍ଟାଲ ଗୋଲାପ ପାଖୁଡ଼ା ବ୍ୟବହୃତ ହୋଇଥିବା ଜଣାପଡ଼ିଛି। ପବିତ୍ର ମକର ସଂକ୍ରାନ୍ତିରେ ସଙ୍ଗମରେ ବୁଡ଼ ପକାଇଲେ ପାପ କ୍ଷୟ ଯାଇ ଆଧ୍ୟାତ୍ମିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି, ଯେଉଁଥିପାଇଁ ଅଗଣିତ ହିନ୍ଦୁ ତୀର୍ଥଯାତ୍ରୀ ଆକର୍ଷିତ ହୋଇ ମହାକୁମ୍ଭକୁ ଆସିଥାନ୍ତି। ପ୍ରତି ୧୨ ବର୍ଷରେ ଥରେ ମହାକୁମ୍ଭ ପଡୁଥିବାବେଳେ ୧୪୪ ବର୍ଷ ପରେ ଏଥର ବିରଳ ସ୍ୱର୍ଗୀୟ ସଂଯୋଗ ପଡ଼ିଥିବାରୁ ଏହାକୁ ସବୁଠୁ ପବିତ୍ର ଅବସର ବୋଲି କୁହାଯାଉଛି। ଫେବୃଆରୀ ୨୬ ପର୍ଯ୍ୟନ୍ତ ଦୀର୍ଘ ୪୫ ଦିନ ଧରି ମହାକୁମ୍ଭ ଲାଗିରହିବ।

## ଦେଶ ସୁରକ୍ଷାରେ ସମର୍ପିତ ଭାରତୀୟ ସେନା

**ଦେଶର ସୁରକ୍ଷାରେ ଭାରତୀୟ ସେନାଙ୍କ** ବଳିଦାନକୁ କେହି କେବେ ଭୁଲିପାରିବେ ନାହିଁ। ଫିଲ୍ଡ ମାର୍ଶଲ କୋଡାଣ୍ଡେରା ଏମ କାରିଆପ୍ପା ଶେଷ ବ୍ରିଟିଶ କମାଣ୍ଡର ଜେନେରାଲ ଫ୍ରାନ୍ସିସ ବୁଚଙ୍କଠାରୁ ୧୯୪୯ ଜାନୁୟାରୀ ୧୫ରେ ଭାରତୀୟ ସେନାର ପ୍ରଥମ କମାଣ୍ଡର-ଇନ-ଚିଫ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

ଏହାକୁ ସ୍ମରଣ କରି ପ୍ରତିବର୍ଷ ଜାନୁୟାରୀ ୧୫ରେ ଭାରତୀୟ ସେନା ଦିବସ ପାଳନ କରାଯାଇଥାଏ। ଦେଶ ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ଯବାନଙ୍କ ବୀରତ୍ୱକୁ ମନେ ପକାଇବା ଏବଂ ସେମାନଙ୍କୁ ସମ୍ମାନ ଜଣାଇବା

### ଭାରତୀୟ ସେନା ଦିବସ

ପାଇଁ ସେନା ଦିବସ ପାଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ସମଗ୍ର ଦେଶରେ ଉତ୍ସବ ପାଳନ କରାଯାଉଥିବାବେଳେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟର କାରିଆପ୍ପା ଗ୍ରାଉଣ୍ଡରେ ସେନା ଦିବସ ପରେଡ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଗାଲାଣ୍ଟ୍ରି ପୁରସ୍କାର ଏବଂ ସେନା ପଦକ ମଧ୍ୟ ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ସେନା ଦିବସ ପରେଡରେ ପରମ ବୀର ଚକ୍ର ଏବଂ ଅଶୋକ ଚକ୍ର ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ଅଂଶଗ୍ରହଣ କରନ୍ତି।

## ୟୁକ୍ରେନ୍ ପାଇଁ ନୂଆ ଚ୍ୟାଲେଞ୍ଜ ଉତ୍ତର କୋରିଆର ଆତ୍ମଘାତୀ ସୈନ୍ୟ

ସିଓଲ,୧୪।୧

ୟୁକ୍ରେନ୍ ବିରୋଧରେ ରୁଷିଆ ପାଖାପାଖି ୩ ବର୍ଷ ହେଲା ଯୁଦ୍ଧ ଚଳାଇଛି। ରୁଷିଆ ସେନାର ଆକ୍ରମଣ ସାମର୍ଥ୍ୟ ବଢ଼ାଇବା ପାଇଁ ଉତ୍ତର କୋରିଆ ସେନା ଯୁଦ୍ଧରେ ସାମିଲ ହୋଇଛନ୍ତି। ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ପାଇଁ ମରିବାକୁ ଥିବା ଉତ୍ତର କୋରିଆର ଆତ୍ମଘାତୀ ସୈନ୍ୟମାନେ ଏବେ ୟୁକ୍ରେନ୍ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି।

ଚଳିତ ସପ୍ତାହରେ ରୁଷିଆର ବରଫାବୃତ୍ତ କୁର୍ସ୍କରେ ଯୁଦ୍ଧ ପରେ ୟୁକ୍ରେନ୍‌ର ସ୍ୱତନ୍ତ୍ର ବଳ ଉତ୍ତର କୋରିଆର ପ୍ରାୟ ୧୨ ଜଣ ଶତ୍ରୁ ସୈନ୍ୟଙ୍କ ମୃତଦେହ ପାଇଥିଲା। ସେମାନଙ୍କ ମଧ୍ୟରେ ଜଣେ ଜୀବିତ ସୈନ୍ୟ ମୃତ ଭଳି ପଡ଼ିରହିଥିଲେ। ୟୁକ୍ରେନ୍ ସୈନ୍ୟ ତାଙ୍କ ନିକଟରେ ପହଞ୍ଚିବା ପରେ ସେ ଏକ ଗ୍ରେନେଡ୍ ବିସ୍ଫୋରଣ ଘଟାଇଥିଲେ। ବିସ୍ଫୋରଣରୁ ୟୁକ୍ରେନ୍ ସୈନ୍ୟ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଯୁଦ୍ଧକ୍ଷେତ୍ରରେ ଏଭଳି ଏକାଧିକ ଘଟଣା ଦେଖିବାକୁ ମିଳିଛି। ଉତ୍ତର କୋରିଆ ସୈନ୍ୟ ଏଭଳି କେତେକ ଚରମ ପଦକ୍ଷେପ ନେଉଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି।

ଉତ୍ତର କୋରିଆ ସୈନ୍ୟ ନିଜକୁ ବିସ୍ଫୋରଣ କରାଇ ଆତ୍ମହତ୍ୟା କରିବା ଘଟଣାକୁ କିମ୍ ନାମକ ଜଣେ ପୂର୍ବତନ ସୈନ୍ୟ ସ୍ୱୀକାର କରିଛନ୍ତି। ସେ ୨୦୨୨ରେ ସୈନ୍ୟବାହିନୀ ଛାଡ଼ି ଦକ୍ଷିଣ କୋରିଆ ଚାଲିଯାଇଥିଲେ। ଉତ୍ତର କୋରିଆ ସୈନ୍ୟବାହିନୀରେ ସାମିଲ ହେଉଥିବା ଯବାନମାନଙ୍କୁ ଏଭଳି ପ୍ରଶିକ୍ଷଣ ଦିଆଯାଇ ଏଭଳି ପ୍ରଭାବିତ କରାଯାଇଥାଏ ଯେ, ସେମାନେ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ପାଇଁ ବଳିଦାନ ଦେବାକୁ ପ୍ରସ୍ତୁତ ଥାଆନ୍ତି। ୟୁକ୍ରେନ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଆକଳନ ଅନୁଯାୟୀ ଯୁଦ୍ଧରେ ରୁଷିଆକୁ ସହାୟତା କରିବା ପାଇଁ ଉତ୍ତର କୋରିଆ କୁର୍ସ୍କ ଅଞ୍ଚଳରେ ୧୧ ହଜାର ସୈନ୍ୟ ନିୟୋଜିତ କରିଛି। ୟୁକ୍ରେନ୍ ସୈନ୍ୟଙ୍କ ଆକ୍ରମଣରେ ସେମାନଙ୍କ ମଧ୍ୟରୁ ୩,୦୦୦ରୁ ଊର୍ଦ୍ଧ୍ୱ ମୃତାହତ ହେଲେଣି।

## ୨୦୧୩ ବଳାତ୍କାର ମାମଲାରେ ଆଶାରାମଙ୍କୁ ଜାମିନ



ଆଶାରାମ ବାପୁ

ଯୋଧପୁର, ୧୪।୧

ରାଜସ୍ଥାନ ହାଇକୋର୍ଟ ମଙ୍ଗଳବାର ଆତ୍ମଘୋଷିତ ସନ୍ଥ ଆଶାରାମ ବାପୁଙ୍କୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଅସୁସ୍ଥତାକୁ ଦୃଷ୍ଟିରେ ରଖି ଜଷ୍ଟିସ୍ ଦୀନେଶ ମେହେଟ୍ଟା ଏବଂ ଜଷ୍ଟିସ ବିନୀତ କୁମାର ମାଥୁରଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହେ ତଳେ ଅନ୍ୟ ଏକ ବଳାତ୍କାର ମାମଲାରେ ମଧ୍ୟ ସୁପ୍ରିମକୋର୍ଟ ଆଶାରାମଙ୍କୁ ଜାମିନ ପ୍ରଦାନ କରିଥିଲେ। ଶୁଣାଣି ବେଳେ ଉଚ୍ଚ ଅଦାଲତ କହିଛନ୍ତି, ହାଇକୋର୍ଟରେ ଆଶାରାମ ଦାଖଲ କରିଥିବା ଜାମିନ ଆବେଦନ ଅନ୍ୟ ଏକ ମାମଲାରେ ତାଙ୍କ ଦ୍ୱାରା ସୁପ୍ରିମକୋର୍ଟରେ କରାଯାଇଥିବା ଜାମିନ ଆବେଦନ ସହ ଅନୁରୂପ ରହିଛି। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଜଣାଇ ହାଇକୋର୍ଟ ମଧ୍ୟ ଆଶାରାମଙ୍କୁ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ୨୦୧୩ରେ ଯୋଧପୁରସ୍ଥିତ ନିଜ ଆଶ୍ରମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଦୋଷରେ ଆଶାରାମ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ।

DSPL-321

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ
ଅବଧି ୩୧ ଜାନୁୟାରୀ ୨୦୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୪-୨୫

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୧ ଜାନୁୟାରୀ ୨୦୨୫ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।
- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ୨୦୨୫ ରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ।
- ଚାଷୀ ମାନେ ନିଜର ପ୍ରାପ୍ୟ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ପାଇପାରିବେ।
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-01510/13/0032/2425



ମାଣ୍ଡିଆ ଚାଷୀ ପଞ୍ଜିକରଣ ପାଇଁ ଆବଶ୍ୟକତା

- କୃଷକ ଓଡ଼ିଶା(KO) ପଞ୍ଜିକରଣ
- ଆଧାର କାର୍ଡ
- ଆଧାର ସହିତ ସଂଲଗ୍ନ ମୋବାଇଲ ନଂ
- ଆଧାର ସଂଲଗ୍ନ ବ୍ୟାଙ୍କ ଖାତା
- ଭାଗ ଚାଷୀଙ୍କ ସ୍ୱୀକୃତି ପତ୍ର

ପଞ୍ଜିକରଣ ପ୍ରକ୍ରିୟା :

- କୃଷକ ଓଡ଼ିଶା (KO)ରେ ପଞ୍ଜିକୃତ ଚାଷୀମାନେ ହିଁ ମାଣ୍ଡିଆ କ୍ରୟ ଯୋଜନାରେ ନାମ ପଞ୍ଜିକରଣ ପାଇଁ ଯୋଗ୍ୟ ବିବେଚିତ ହେବେ।
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ କୃଷକ ଓଡ଼ିଶା ପୋର୍ଟାଲର ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଭାଗ ଚାଷୀ ଏବଂ ଜଙ୍ଗଲ ଜମିରେ ଚାଷ କରିଥିବା ଚାଷୀ ମଧ୍ୟ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ଚାଷୀଙ୍କ ତଥ୍ୟକୁ ଜାନୁୟାରୀ ମାସ ୩୧ ତାରିଖ ମଧ୍ୟରେ MPAS ପୋର୍ଟାଲରେ ନିର୍ଭୁଲ ଭାବେ ପଞ୍ଜିକୃତ ସୁନିଶ୍ଚିତ କରିବେ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରିବା।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରାଇବା।

ମାଣ୍ଡିଆର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ଟ.୪୨୯୦/-
ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ପ୍ରୋତ୍ସାହନ ରାଶି କୁଇଣ୍ଟାଲ ପ୍ରତି ଟ.୨୧୦/-

ସର୍ବମୋଟ
₹ ୪,୫୦୦/-
କୁଇଣ୍ଟାଲ ପ୍ରତି
(୨୦୨୪-୨୫ ଖରିଫ ଋତୁ ପାଇଁ)

ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।






ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସର ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସାଥୀ ଖେଳାଳି ଆନ୍ ଲୀଙ୍କ ବିପକ୍ଷରେ ବ୍ୟାକ୍‌ହ୍ୟାଣ୍ଡ ରିଟର୍ନ ଶଟ୍ ଖେଳୁଛନ୍ତି ଆମେରିକାର ମାଡିସନ କିଜ୍।

## ଅଲିମ୍ପିକ ପଦକ ବଦଳାଇବାକୁ କହିଲେ ଆଥ୍‌ଲେଟ୍

**ପ୍ୟାରିସ, ୧୪।୧ (ଏପି):** ପ୍ୟାରିସ ଅଲିମ୍ପିକ୍ସ ୨୦୨୪ର କିଛି ପଦକ କ୍ରମେ ଚମକ ହରାଇବାରେ ଲାଗିଥିବା ଦେଖିବାକୁ ମିଳିଛି। ଫଳରେ କେତେଜଣ ଆଥଲେଟ ସେମାନଙ୍କ ପଦକ ବଦଳାଇବାକୁ ନିବେଦନ କରିଛନ୍ତି। କେତେଜଣ ଆଥଲେଟ ସୋସିଆଲ ମିଡିଆରେ ଚମକ ହରାଇଥିବା କେତେକ ପଦକର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଅଭିଯୋଗ ପରେ ପ୍ୟାରିସ ଗେମ୍ସର କିଛି ପଦକ ବଦଳ କରାଯାଇଥିବା ପଦକ ପ୍ରସ୍ତୁତକର୍ତ୍ତା ଫ୍ରେଞ୍ଚ ମିଣ୍ଟ୍ ପ୍ରକାଶ କରିଛି। ଇତି ମଧ୍ୟରେ କେତୋଟି ପଦକ ଫେରସ୍ତ ଆସିଛି ତାହାର ସଂଖ୍ୟା ତାହା ପ୍ରକାଶ କରିବାକୁ ମୋନାଇ ଡି' ପ୍ୟାରିସ ମନା କରିଦେଇଛି। କିନ୍ତୁ ଫ୍ରେଞ୍ଚ ୱେବସାଇଟ ଲା ଲେଟ୍ରେ ଏହାର ସଂଖ୍ୟା ୧୦୦ରୁ ଅଧିକ ହେବ ବୋଲି କହିଛି।

## ଓଡ଼ିଶା ଚାମ୍ପିୟନ ; ମିନା, ସ୍ନେହା ଶ୍ରେଷ୍ଠ

**ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ଉଦ୍‌ଯାପିତ**

ବ୍ରହ୍ମପୁର,୧୪।୧ (ଅଶୋକ କୁମାର ସାହୁ)

ସ୍ଥାନୀୟ ମହାତ୍ମା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ୬ ଦିନ ଧରି ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଯୁବ ଓ ବରିଷ୍ଠ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ଯୁବ ବର୍ଗ (୫୫କେଜି)ରେ ମିନା ସାନ୍ତା (ଏ) ଶ୍ରେଷ୍ଠ ଭାରୋତ୍ତୋଳକ ବିବେଚିତ ହୋଇଛନ୍ତି। ସେ ସ୍ନାଚରେ ୭୮ କେଜି ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ କେଜି ଏଭଳି ମୋଟ ୧୭୯ କେଜି ଉଠାଇ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସେହିପରି କନିଷ୍ଠ ବର୍ଗ(୪୫କେଜି)ରେ ମହାରାଷ୍ଟ୍ରର ଆକାଂକ୍ଷା ଭ୍ୟାଭହାରେ ସ୍ନାଚରେ ୬୯ ଓ କ୍ଲିନ ଆଣ୍ଡ ଜର୍କରେ ୮୦ ଏଭଳି ୧୪୯ କେଜି ଭାରୋତ୍ତୋଳନ କରି ଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚିତ ହୋଇଛନ୍ତି। ବରିଷ୍ଠରେ ଓଡ଼ିଶାର ସ୍ନେହା ସୋରେନ ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୬ କେଜି ଏଭଳି ମୋଟ ୧୮୪ କେଜି ଉଠାଇ ଶ୍ରେଷ୍ଠତ୍ୱ ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଯୁବ ବର୍ଗରେ ଓଡ଼ିଶା ୩ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ, କନିଷ୍ଠ ବର୍ଗରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ, ବରିଷ୍ଠ ବର୍ଗରେ ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ଟିମ୍ ଚାମ୍ପିୟନ ହୋଇଛି। ସେହିପରି ଯୁବବର୍ଗରେ ତାମିଲନାଡୁ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ, କନିଷ୍ଠ ବର୍ଗରେ ବିହାର ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ବରିଷ୍ଠ ବର୍ଗରେ ବିହାର ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ବ୍ରୋଞ୍ଜ ପଦକ ପାଇ ରନର ଅପ୍ ହୋଇଛି। ଓଡ଼ିଶା ଚାମ୍ପିୟନ ହୋଇଥିବାବେଳେ ଯୁବ ବର୍ଗରେ ତାମିଲନାଡୁ, କନିଷ୍ଠ ଓ ବରିଷ୍ଠ ବର୍ଗରେ ବିହାର ରନର ଅପ୍ ହୋଇଛି। ଚାମ୍ପିୟନ ଓ ରନର ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିବା ଓଡ଼ିଶା ଭାରୋତ୍ତୋଳନ ଆସୋସିଏସନର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପ୍ରଥମ ଦ୍ରୋଣାଚାର୍ଯ୍ୟ ସମ୍ମାନପ୍ରାପ୍ତ ପାଲ ସିଂ ଚାନ୍ଧୁ, ଭାରତୀୟ ଭାରୋତ୍ତୋଳକ ଫେଡେରେଶନ ଚୟନ କମିଟି ସଦସ୍ୟ ପ୍ରଦୀପ ଶର୍ମା, ଗଞ୍ଜାମ ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନର ସମ୍ପାଦକ କେ.ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ମେଡଭେଡେଭଙ୍କ କଷ୍ଟସାଧ୍ୟ ବିଜୟ

ମେଲବୋର୍ନ, ୧୪।୧



ଡାନିଲ ମେଡଭେଡେଭ

ମଙ୍ଗଳବାର ଥିଲା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ଦିବସ। ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ଶେଷ ହୋଇଛି। ଏଠାରେ ୩ଥର ରନରଅପ୍ ରୁଷିଆର ଡାନିଲ ମେଡଭେଡେଭ ପରାଜୟ ଏଡାଇ ପାରିଛନ୍ତି। ଏକ ୫ ସେଟ ବିଶିଷ୍ଟ ମ୍ୟାଚରେ ସେ ବିଶ୍ୱର ୪୧୮ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି କାସିଡିଟ୍ ସାମ୍ରେଜଙ୍କୁ ହରାଇ ଦେଇଛନ୍ତି। ସେହିପରି ଦ୍ୱିତୀୟ ରାଉଣ୍ଡକୁ ଯିବା ଲାଗି ୧୩ତମ ସିଡ୍ ହୋଲ୍‌ଗର ରୁନ୍‌ଙ୍କୁ ମଧ୍ୟ ଏକ ୫ ସେଟ ବିଶିଷ୍ଟ ମ୍ୟାଚ ଜିତିବାକୁ ପଡ଼ିଛି। ଟେଲର ଫ୍ରିଜ୍, ହୁବର୍ଟ ହୁର୍କାଜ, ବେନ୍ ଶେଲ୍‌ଟନ ଓ ଆଲେକ୍ସ ଡି' ମିନାଉର ପ୍ରମୁଖ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ମହିଳା ବିଭାଗରେ ଏଲିନା ରିବାକିନା ଓ ଜସ୍ମିନ ପାଓଲିନି ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସହଜ ବିଜୟ ହାସଲ କରିଥିବା ବେଳେ ସେମାନଙ୍କ ଟପ୍ ୧୦ ସାଥୀ ଖେଳାଳି ଆମେରିକାର ଏମା ନାଭାରୋ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ସେ ପେଟନ ଷ୍ଟିଅର୍ନସଙ୍କୁ ୬-୭, ୭-୬, ୭-୫ରେ ହରାଇ ଦେଇଛନ୍ତି। ପୁରୁଷ ଟେନିସରେ ସଦ୍ୟତମ ସ୍ୱଳ୍ପ ବୟସ୍କ ପ୍ରତିଭା ସମ୍ପନ୍ନ ଖେଳାଳି ଭାବେ ଉଭା ହୋଇଛନ୍ତି ବ୍ରାଜିଲର ୧୧୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଜୋଆଓ ଫୋନ୍‌ସେକା। ଏହି ୧୮ ବର୍ଷୀୟ ଖେଳାଳି ୯ମ ସିଡ୍ ଆନ୍ଦ୍ରେ ରୁବ୍ଲେଭଙ୍କୁ ୭-୬ (୧), ୬-୩, ୭-୬ (୫)ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରୁବ୍ଲେଭ ହେଉଛନ୍ତି ୧୦ଥର ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ। ଅନ୍ୟପକ୍ଷରେ ଏଥର ଅଷ୍ଟ୍ରେଲିଆନ ଓପନରେ କେଟି ବୋଲ୍ଟର ୬ଷ୍ଠ ବ୍ରିଟିଶ ଖେଳାଳି ଭାବେ ପ୍ରଥମ ରାଉଣ୍ଡ ସିଙ୍ଗଲ୍ସ ମ୍ୟାଚ ଜିତିଛନ୍ତି। ଓପନ ଯୁଗରେ ଦେଶର ଇତିହାସରେ ଏହା ସର୍ବାଧିକ। ୨୨ତମ ସିଡ୍ ବୋଲ୍ଟର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ କାନାଡାର ୯୮ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ରେବିକା ମାରିନୋଙ୍କୁ ୬-୪, ୩-୬, ୭-୫ରେ ପରାସ୍ତ କରିଛନ୍ତି। କେଟିଙ୍କ ବ୍ୟତୀତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ବ୍ରିଟିଶ ଖେଳାଳିମାନେ ହେଲେ ଏମା ରାଡୁକାନୁ, ଜ୍ୟାକ୍ ଡ୍ରାପର, ଜାକବ ଫିଅର୍ନଲି, ଜୋଡି ବୁରେଜ ଓ ହାରିଟ୍ ଡାର୍ଟ।

## ମୁମ୍ବାଇ ରଣଜୀ ଦଳ ସହ ଅଭ୍ୟାସ କଲେ ରୋହିତ

**ମୁମ୍ବାଇ, ୧୪।୧(ପି.ଟି.):** ସମ୍ପ୍ରତି ଖରାପ ଫର୍ମ ଦେଇ ଗତି କରୁଥିବା ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ମଙ୍ଗଳବାର ଏଠାରେ ମୁମ୍ବାଇ ରଣଜୀ ଟ୍ରଫି ଦଳ ସହ ଅଭ୍ୟାସ କରିଛନ୍ତି। ଚଳିତ ମାସ ୨୩ ତାରିଖରୁ ରଣଜୀ ଟ୍ରଫିର ଅବଶିଷ୍ଟ ମ୍ୟାଚ ପୁଣି ଆରମ୍ଭ ହେବାକୁ ଯାଉଛି। ତେବେ ରୋହିତ ମୁମ୍ବାଇ ଦଳ ପକ୍ଷରୁ ଖେଳିବେ କି ନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ନିକଟରେ ଅଷ୍ଟ୍ରେଲିଆ ଗସ୍ତରେ ଖରାପ ପ୍ରଦର୍ଶନ କରିଥିବା ୩୭ ବର୍ଷୀୟ ରୋହିତ ୱାଙ୍ଖେଡେ ଷ୍ଟାଡିୟମରେ ମର୍ଣ୍ଣିଂ ସେସନରେ ଅଭ୍ୟାସ କରିଥିଲେ। ଆସନ୍ତା ୨୩ତାରିଖରେ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ ପୂର୍ବରୁ ମୁମ୍ବାଇ ଦଳ ଚୟନ ସମୟରେ ରୋହିତଙ୍କ ମତାମତ ନିଆଯିବ।

## ସୁର୍‌ମାକୁ ହରାଇଲା ଗୋନାସିକା



ମଙ୍ଗଳବାର ଗୋନାସିକା ଓ ସୁର୍‌ମା ହକି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଟିମ୍ ଗୋନାସିକା ୨-୧ ଗୋଲରେ ଜେଏସଡବ୍ଲ୍ୟୁ ସୁର୍‌ମା ହକି କ୍ଲବକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗୋନାସିକା ପକ୍ଷରୁ ଓଡ଼ିଶା ଖେଳାଳି ନୀଲମ ସଞ୍ଜୀପ ଖେସ୍ ୩୩ ଓ ଲୀ ମୋର୍ଟନ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସୁର୍‌ମା ପକ୍ଷରୁ ପୱନ ରାଜଭାର ୪୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୬ ମ୍ୟାଚରୁ ଗୋନାସିକାର ଏହାଥିଲା ଦ୍ୱିତୀୟ ବିଜୟ। ୩ ପରାଜୟ ଓ ଗୋଟିଏ ଶୁଟ୍‌ଆଉଟ ପରାଜୟ ସହିତ ଦଳ ୭ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ସୁର୍‌ମା ୬ ମ୍ୟାଚରୁ ତୃତୀୟ ପରାଜୟ ସହ ୮ ପଏଣ୍ଟରେ ସ୍ଥିର ରହିଛି। ବୁଧବାର ୟୁପି ରୁଦ୍ରାସ ଓ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଟିଭି କ୍ୟାମେରା ଭାଙ୍ଗିଲେ ମେଡ୍‌ଭେଡେଭ

**ମେଲବୋର୍ନ, ୧୪।୧ (ଏ.ପି.):** ଅଷ୍ଟ୍ରେଲିଆନ ଓପନ ଟେନିସରେ ମଙ୍ଗଳବାର ଡାନିଲ ମେଡ୍‌ଭେଡେଭ ତାଙ୍କ ର୍‍ୟାକେଟରେ ନେଟ୍‌ରେ ସଂଯୁକ୍ତ ଥିବା ଏକ କ୍ଷୁଦ୍ର କ୍ୟାମେରାକୁ ଭାଙ୍ଗି ଦେଇଛନ୍ତି। ରଡ୍ ଲାଭର ଆରେନାଠାରେ ଖେଳାଯାଇଥିବା ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ଜଣେ ୪୧୮ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି କାସିଡିଟ୍ ସାମ୍ରେଜଙ୍କଠାରୁ ପଛରେ ପଡ଼ିଯିବା ବେଳେ ଉତ୍କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଭିଆଇଛନ୍ତି। ତେବେ ସେ ପରାଜୟକୁ ଏଡାଇବାରେ ସମର୍ଥ ହୋଇଥିଲେ। ମ୍ୟାଚ୍‌କୁ ୬-୨, ୪-୬, ୩-୬, ୬-୧, ୬-୨ରେ ଜିତି ନେଇଥିଲେ। ସୂଚନାଯୋଗ୍ୟ, ୫ମ ସିଡ୍ ପ୍ରାପ୍ତ ମେଡ୍‌ଭେଡେଭ ହେଉଛନ୍ତି ୨୦୨୧ ୟୁଏସ୍ ଓପନ ଟାଇଟଲ ବିଜେତା। ମେଲବୋର୍ନପାର୍କରେ ବର୍ଷକ ତଳେ ସେ ୩ଥର ରନରଅପ୍ ହୋଇଛନ୍ତି। ଥାଇଲାଣ୍ଡର ସାମ୍ରେଜ ହେଉଛନ୍ତି ଜଣେ ୱାଇଲ୍ଡ କାର୍ଡ ପ୍ରାପ୍ତ ଖେଳାଳି। ଏହା ଥିଲା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ।

## ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ବୋପାନ୍ନା, ବାରିଣ୍ଟସ

**ମେଲବୋର୍ନ, ୧୪।୧ (ପି.ଟି.):** ବିଶ୍ୱର ପୂର୍ବତନ ନମ୍ବର ୱାନ୍ ରୋହନ ବୋପାନ୍ନା ଏବଂ ତାଙ୍କ ନୂଆ କଲମ୍ବିଆନ ପାର୍ଟନର ନିକୋଲାସ ବାରିଣ୍ଟସ ଅଷ୍ଟ୍ରେଲିଆନ ଓପନ ପୁରୁଷ ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ଯୋଡ଼ି ସ୍ପାନିଶ ଟିମ୍ ପେଡ୍ରୋ ମାର୍ଟିନେଜ ଓ ଜାଉମି ମୁନାରଙ୍କଠାରୁ ୫-୭, ୬-୭(୫)ରେ ହାରିଯାଇଛନ୍ତି। ମ୍ୟାଚଟି ୨ଘଣ୍ଟା ପାଖାପାଖି ଚାଲିଥିଲା। ୧୪ତମ ସିଡ୍ ଇଣ୍ଡୋ-କଲମ୍ବିଆନ ଯୋଡ଼ିଙ୍କ ଆରମ୍ଭ ଉତ୍ସାହଜନକ ଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସ୍ପାନିଶ ଯୋଡ଼ିଙ୍କ ଆଗରେ ସେମାନେ ପଛରେ ପଡ଼ିଯାଇଥିଲେ। ସୂଚନାଯୋଗ୍ୟ, ୪୪ ବର୍ଷୀୟ ବୋପାନ୍ନା ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବିଡେନ୍‌ଙ୍କ ସହ ୨୦୧୪ ସଂସ୍କରଣ ଟାଇଟଲ ଜିତିଥିଲେ। ସେତେବେଳେ ତାଙ୍କୁ ୪୩ ବର୍ଷ ବୟସ ହୋଇଥିଲା। ଓପନ ଯୁଗରେ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସେ ସବୁଠାରୁ ବୟସ୍କ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ